ଉଦୟ

ସହାୟକ ପୁସ୍ତିକା

(ତାଲିମ୍‌ଦାତା ଓ ପ୍ରଗତିସାଥୀମାନଙ୍କ ନିମନ୍ତେ)

ଉଦୟ
UDAY
Creating Change Makers

KISS
KALINGA INSTITUTE OF SOCIAL SCIENCES

आरईसी
REC
असीमित ऊर्जा, अनन्त संभावनाएं
Endless energy. Infinite possibilities.

REC FOUNDATION
Empowering lives.
Energising future.

UNFPA
United Nations Population Fund

ଉଦୟ

ସହାୟକ ପୁସ୍ତିକା

(ତାଲିମ୍‌ଦାତା ଓ ପ୍ରଗତିସାଥୀ ମାନଙ୍କ ନିମନ୍ତେ)

ପ୍ରଥମ ସଂସ୍କରଣ

୨୦୧୮

କିସ୍, ଭୁବନେଶ୍ୱର

ସଂପାଦନା ମଣ୍ଡଳୀ:

ବି. ଏମ୍. ପଟ୍ଟନାୟକ, Consultant, OLM

ଶିଶିର ପ୍ରଧାନ, Consultant, NRLM

କଳ୍ପନା ମହାପାତ୍ର, Consultant, CYSD

ସୁଚିତ ସାମନ୍ତରାୟ, Consultant, Livelihood, PRADAN

ଦିପ୍ତୀମୟୀ ପଟ୍ଟନାୟକ, Ex-Senior Executive, PRADAN

ଗିରିଶ ପ୍ରଧାନ, APD, Access Livelihood Consulting India

ଜ୍ୟୋର୍ତିମୟୀ ମିଶ୍ର, Freelancer, Gender and Livestock

ସଙ୍ଗୀତା ପରିଡା, Faculty, KISS

ବେଦମତୀ ପଟ୍ଟନାୟକ, Faculty, KISS

ଦେବହୂତୀ ପଟ୍ଟନାୟକ, Faculty, KISS

ମୈତ୍ରୀ ପାଢ଼ୀ, Faculty, KISS

ଡ. ଲୁସି ପ୍ରିୟଦର୍ଶିନୀ ନାୟକ, Faculty, KISS

ଡ. ତୃପ୍ତୀ ମିଶ୍ର, Faculty, KISS

ପବିତ୍ର କୁମାର ଦାସ, Faculty, KISS

ଅଲିଭା ମହାନ୍ତି, Teacher, KISS

ସୌରଭା ଗୋସ୍ୱମୀ, Teacher, KISS

ଗୀତାଞ୍ଜଳୀ ପଣ୍ଡା, Teacher, KISS

ଶାଶ୍ୱତୀ ଜେନା, Faculty, KISS

ସଂଜିତା କୁମାରୀ ଦେବୀ, Faculty, KISS

ନିହାର ମହାରଣା, Project Officer, KISS/UNDP

ମମତା ଶିଶୁଗୋସ୍ୱାମୀ, Asst. Director (Vocational), KISS

ସଙ୍କଳନ:

ପ୍ରଫେସର ବ୍ରଜମୋହନ ଓଡା

ସବ୍ୟସାଚୀ ରାଉତ

ସର୍ବସତ୍ତ୍ୱ ସଂରକ୍ଷିତ: କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍) ଭୁବନେଶ୍ୱର

ମୁଖବନ୍ଧ

ସାଂପ୍ରତିକ ସମୟର ବିବିଧ ପରିବେଶ ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଆଗାମୀ ସମୟର ଯୁବପୀଢ଼ିମାନଙ୍କ ପାଇଁ ଏକ ଶୃଙ୍ଖଳିତ ତଥା ସଂଯୋଜିତ କର୍ମଯୋଜନାର ଆବଶ୍ୟକତା ନିତ୍ୟାନ୍ତ ଜରୁରୀ। କାରଣ ଯୁବପୀଢ଼ି ଆତ୍ମବିଶ୍ୱାସୀ ଓ ସଚେତନ ହୋଇପାରିଲେ ହିଁ ସ୍ୱାବଲମ୍ବନଶୀଳ ହେବାର ଦ୍ୱାର ଉନ୍ମୁକ୍ତ ହୋଇଥାଏ। ପ୍ରତ୍ୟେକ ଦେଶର ଯୁବପୀଢ଼ିର କର୍ମପ୍ରବଣତା ହିଁ ସେହି ଦେଶର ଉନ୍ନତିର ଚାବିକାଠି।

ସାମାଜିକ ପରିବର୍ତ୍ତନର ସ୍ରୋତରେ ଯୁବବର୍ଗକୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଦେବାର ଲକ୍ଷ୍ୟ ପଥରେ "ମିଶନ ଉଦୟ" ଏକ ସଫଳ ପ୍ରୟାସର ଧାରା। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍‌ସେସ୍ (KISS), ଜାତିସଂଘ ଜନସଂଖ୍ୟା ପାଣ୍ଠି (UNFPA) ଏବଂ ଗ୍ରାମୀଣ ବିଦ୍ୟୁତକରଣ ନିଗମ (REC)ର ମିଳିତ ଉଦ୍ୟମରେ, ଓଡିଶାର ଅନୁନ୍ନତ, ଦୁର୍ଗମ ଅଂଚଳର ଯୁବପୀଢ଼ିଙ୍କ ମଧ୍ୟରେ ସେମାନଙ୍କର ଦକ୍ଷତାକୁ ନେଇ ନେତୃତ୍ୱ ବୃଦ୍ଧି, ସରକାରୀ ପ୍ରକଳ୍ପ ତଥା ସାମାଜିକ ସଚେତନତା ସୃଷ୍ଟି କରିବା ହିଁ 'ମିଶନ ଉଦୟ'ର ପ୍ରକୃତ ଉଦ୍ଦେଶ୍ୟ।

ଏହି ପୁସ୍ତିକାଟି ତାଲିମ୍‌ଦାତାଙ୍କ ନିମନ୍ତେ ଏକ ଉପାଦେୟ ସହାୟକ ପୁସ୍ତିକା ହୋଇପାରିବ ବୋଲି ଏହାର ପରିକଳ୍ପନା କରାଯାଇଛି। ଆବଶ୍ୟକ ସ୍ଥଳେ ତାଲିମଦାତା ଅନ୍ୟାନ୍ୟ ସହାୟକ ଉପକରଣଗୁଡ଼ିକର ମଧ୍ୟ ଉପଯୋଗ କରିପାରିବେ।



Dr. Achuyta Samanta
Founder (KIIT & KISS)

ବାର୍ତ୍ତା

ଯୁବାବସ୍ଥା ହେଉଛି ମଣିଷ ଜୀବନର ସୁବର୍ଣ୍ଣ ସମୟ । ଏହି ସମୟରେ ମଣିଷ ନିଜକୁ ଭବିଷ୍ୟତ ଜୀବନ ଗଢ଼ିବା ପାଇଁ ପ୍ରସ୍ତୁତ କରିଥାଏ । ଯୁବାବସ୍ଥାରେ କରିଥିବା ଉଦ୍ୟମ, ପ୍ରୟାସ ଓ ପରିଶ୍ରମ ମଣିଷକୁ ଏକ ସଫଳ ଭବିଷ୍ୟତ ଗଢ଼ିବା ଦିଗରେ ସାହାର୍ଯ୍ୟ କରିଥାଏ । ସମଗ୍ର ଭାରତର ଜନସଂଖ୍ୟାର ଏକ ବୃହତ୍ ଅଂଶ ହେଉଛନ୍ତି ଭାରତୀୟ ଯୁବ ଗୋଷ୍ଠୀ । ତେଣୁ ଯୁବଗୋଷ୍ଠୀର ସର୍ବାଙ୍ଗୀନ ଉନ୍ନତି ଦ୍ୱାରା ହିଁ ଏକ ବିକାଶଶୀଳ ରାଷ୍ଟ୍ରର ପରିକଳ୍ପନା କରାଯାଇ ପାରେ ।

ଏହି ବିକାଶର ଉଦ୍ଦେଶ୍ୟ ନେଇ ରାଜ୍ୟ ତଥା ପୃଥିବୀର ସର୍ବ ବୃହତ୍ ଆଦିବାସୀ ଶିକ୍ଷା ଅନୁଷ୍ଠାନ Kalinga Institute of Social Sciences (KISS), United Nations Population Fund (UNFPA) ଏବଂ Rural Electrification Corporation Foundation (REC) ର ମିଳିତ ଉଦ୍ୟମରେ ମିଶନ ଉଦୟ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଅଛି ।

କିସ୍‌କୁ ଏକ ଶିକ୍ଷାନୁଷ୍ଠାନ କହିଲେ ଯଥେଷ୍ଟ ହେବନାହିଁ। ଆଦିବାସୀମାନଙ୍କୁ ଶିକ୍ଷାମାଧ୍ୟମରେ ସମାଜର ମୁଖ୍ୟସୋତରେ ସାମିଲ କରିବା ଏବଂ ସେମାନଙ୍କ ଜୀବନ ଧାରଣର ମାନଦଣ୍ଡରେ ବ୍ୟାପକ ପରିବର୍ତ୍ତନ ଆଣିବାର ଲକ୍ଷ୍ୟନେଇ ୧୯୯୨ ମସିହାରେ ଆରମ୍ଭ ହୋଇଥିବା ଏହି କ୍ଷୁଦ୍ର ଶିକ୍ଷାନୁଷ୍ଠାନଟି ଆଜି ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି । ଅଧୁନା ଏହି ସଂପୂର୍ଣ୍ଣ ଆବାସିକ ଶିକ୍ଷାଅନୁଷ୍ଠାନ ସମାଜର ୨୭୦୦୦ ଗରିବ ଓ ଅବହେଳିତ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ସହିତ ମାଗଣାରେ ସମସ୍ତ ଆଧୁନିକ ସୁବିଧା ସୁଯୋଗ ଯୋଗାଇ ଦେଇ ସେମାନଙ୍କର ଏକ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱର ବିକାଶ ପାଇଁ ଚେଷ୍ଟାରତ । ଏହି ଦିଗରେ ମିଶନ ଉଦୟ ଅନ୍ୟ ଏକ ବର୍ଦ୍ଧିତ ପ୍ରୟାସ ଅଟେ ।

ଏହି ପ୍ରକଳ୍ପ ଓଡ଼ିଶାର ଅନୁନ୍ନତ ଜିଲ୍ଲାର ଯୁବପିଢ଼ୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ସମାଜ ପରିବର୍ତ୍ତନର ଏକ ସଫଳକାମୀ ଉତ୍ସ ଭାବେ କାର୍ଯ୍ୟ କରିପାରିବ ।

ଡ. ଅଚ୍ୟୁତ ସାମନ୍ତ



Dr. Deepa Prasad
State Programme Co-ordinator
UNFPA, Odisha

ବାର୍ତ୍ତା

ମିଶନ ଉଦୟ ଏପରି ଏକ ଉଦ୍ୟମ ଯାହା ସାମାଜିକ ପରିବର୍ତ୍ତନ ପାଇଁ ଯୁବ ନେତୃତ୍ୱ ସୃଷ୍ଟି କରିବା ସହିତ ଏମାନଙ୍କୁ ଦେଶର ସକ୍ରିୟ ନାଗରିକ ହେବାରେ ସାହାଯ୍ୟ କରିବ।

ଏହି ପ୍ରକଳ୍ପ ମାଧ୍ୟମରେ ଦେଶର ଦୁର୍ଗମ ତଥା ଅନୁନ୍ନତ ଅଞ୍ଚଳର ଯୁବପିଢ଼ୀ, ସାମାଜିକ ବିକାଶ କାର୍ଯ୍ୟରେ ନିୟୋଜିତ ହୋଇ, ନିଜର ଉନ୍ନତି କରିବା ସହିତ ସମ ବୟସ ବ୍ୟକ୍ତିଙ୍କୁ ପ୍ରଭାବିତ କରି ନିଜ ଅଞ୍ଚଳର ଉନ୍ନତି କରିପାରିବେ।

ଏହି କାର୍ଯ୍ୟକ୍ରମ KISS, UNFPA, REC Foundation ଓ ରାଜ୍ୟ ସରକାରଙ୍କର ଏକ ମିଳିତ ଉଦ୍ୟମ।

ମୁଁ ସମ୍ପୂର୍ଣ୍ଣ ଆଶାବାଦୀ ଯେ, ଏହି ମିଶନ୍ ନିଶ୍ଚୟ ଯୁବ ପିଢ଼ୀମାନଙ୍କ ପାଖରେ ପହଞ୍ଚିପାରିବ ଏବଂ ସମାଜର ଅବହେଳିତ ବ୍ୟକ୍ତିମାନଙ୍କ ଉତ୍‌ଥାନରେ ସହାୟକ ହେବ। ଏହି କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ଯେଉଁ ପ୍ରଶିକ୍ଷଣ ପୁସ୍ତିକାଟି ପ୍ରକାଶ କରାଯାଇଛି, ତାହା ପ୍ରଶିକ୍ଷକଙ୍କୁ ସହାୟତା କରିବା ସହିତ ଟ୍ରେନିଂକୁ ଫଳପ୍ରଦ କରିବ। ପୁସ୍ତିକାଟି ପ୍ରସ୍ତୁତ କରିବାରେ ଯେଉଁମାନେ ଅକ୍ଲାନ୍ତ ଉଦ୍ୟମ କରିଛନ୍ତି, ସେମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଏବଂ ଧନ୍ୟବାଦ ଜ୍ଞାପନ କରୁଅଛି।

ଡ. ଦୀପା ପ୍ରସାଦ

କୃତଜ୍ଞତା

ଏକ ସୁସ୍ଥ ମଣିଷ ହିଁ ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହୋଇଥାଏ। ଏକ ସମୃଦ୍ଧ ସମାଜ ଗଠନ ପ୍ରକ୍ରିୟାରେ ଦେଶର ଯୁବବର୍ଗର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏକ ସମର୍ଥ ଜୀବନ ଅତିବାହିତ କରିବାପାଇଁ ଉକ୍ତ ଯୁବବର୍ଗଙ୍କୁ ଜୀବନକୌଶଳ ବିଷୟରେ ଶିକ୍ଷା ଦେବାର ନିତାନ୍ତ ଆବଶ୍ୟକତା ରହିଛି। ପରିବର୍ତ୍ତିତ ପରିବେଶ, ପରିସ୍ଥିତିରେ ସମ୍ପ୍ରତି ସମାଜରେ ଦେଖାଯାଉଥିବା ବିଭିନ୍ନ ପ୍ରତିଯୋଗିତା ଓ ବାଧାବିଘ୍ନକୁ ସଫଳତାର ସହିତ ମୁକାବିଲା କରିବା ପାଇଁ, ସେମାନଙ୍କ ଭିତରେ ନେତୃତ୍ୱ ନେବାର ଦକ୍ଷତା ଓ ସଚେତନ ନାଗରିକ ସୃଷ୍ଟି କରିବା ପାଇଁ 'ଉଦୟ' କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବଗୋଷ୍ଠୀମାନଙ୍କ ଭିତରେ ଜୀବନକୌଶଳ ଶିକ୍ଷା ଏବଂ ପ୍ରଜନନ ଓ ଯୌନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ଏକ ପ୍ରୟାସ। ତା'ଛଡ଼ା, ଗ୍ରାମ୍ୟ ସ୍ତରରେ ସରକାରୀ ଯୋଜନା କିଭଳି କାର୍ଯ୍ୟକାରୀ ହୋଇପାରିବ ତାହାର ସଫଳ ପ୍ରୟାସ ହେଉଛି 'ଉଦୟ' କାର୍ଯ୍ୟକ୍ରମ।

ଏହି ପୁସ୍ତକ ପ୍ରସ୍ତୁତ କରିବା ପାଇଁ କିସ୍‌ର ଶିକ୍ଷକଶିକ୍ଷୟତ୍ରୀ ଓ ସମ୍ପାଦନା ମଣ୍ଡଳୀର ସଦସ୍ୟମାନଙ୍କର ଅବଦାନ ଅତୁଳନୀୟ। ସେମାନଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ।

ଡ. ଅଚ୍ୟୁତ ସାମନ୍ତ (ପ୍ରତିଷ୍ଠାତା କିଟ୍ ଓ କିସ୍) ଓ ଶ୍ରୀ ରବିନ୍ଦ୍ରନାଥ ଦାସ (ସଂପାଦକ କିଟ୍ ଓ କିସ୍)ଙ୍କର ଉତ୍ସାହ ଓ ସହଯୋଗ ପାଇଁ ତାଙ୍କ ନିକଟରେ ଚିରକୃତଜ୍ଞ।

ଡ. ଦୀପା ପ୍ରସାଦ, ରାଜ୍ୟ ସଂଯୋଜକ, ମିଳିତ ଜାତୀସଂଘ ଜନସଂଖ୍ୟା ପାଣ୍ଡି, ଓଡ଼ିଶା ଓ ଶ୍ରୀଯୁକ୍ତ କୁମାର ମନିଷ୍, ମିଳିତ ଜାତୀସଂଘ ଜନସଂଖ୍ୟା ପାଣ୍ଡି, ଓଡ଼ିଶା ଙ୍କୁ ଆମର ଆନ୍ତରିକ ଧନ୍ୟବାଦ। ସେମାନଙ୍କର ନିର୍ଦ୍ଦେଶନା, ମତାମତ ଓ ସମସ୍ତ ପ୍ରକାର ସହଯୋଗ ତଥା ଉତ୍ସାହପୂର୍ଣ୍ଣ ଅଭିବ୍ୟକ୍ତି ଆମମାନଙ୍କୁ ଏହି ପୁସ୍ତକ ପ୍ରସ୍ତୁତି ପାଇଁ ଦିଗଦର୍ଶନ ଦେଇଛି।

ଡ. ପ୍ରଶାନ୍ତ କୁମାର ରାଉତରାୟ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, କିସ୍ ଏହି ପୁସ୍ତକର ସଂରଚନାରେ ତାଙ୍କର ନେତୃତ୍ୱ ଓ ସହଯୋଗ ନିମନ୍ତେ ଆମେ ତାଙ୍କୁ କୃତଜ୍ଞତା ଜଣାଉଅଛୁ।

ଏହି ପୁସ୍ତକର ପ୍ରଥମ ସଙ୍କଳନ ପାଠକମାନଙ୍କଠାରେ ପହଞ୍ଚିପାରିବ ଓ ଏହାର ଆଦୃତ ହୋଇପାରିବ ବୋଲି ଆଶା ଓ ବିଶ୍ୱାସ।

ଆପଣଙ୍କର ସୁଚିନ୍ତିତ ମତାମତ ଅପେକ୍ଷାରେ

ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍, ଉଦୟ
କିସ୍, ଭୁବନେଶ୍ୱର

ସୂଚୀପତ୍ର

ପ୍ରଥମ ଅଧ୍ୟାୟ	**ଜୀବନ କୌଶଳ**	**୧-୨୧**
ଅଧିବେଶନ-୧	କୌଶଳ ଏବଂ କୌଶଳର ପ୍ରକାର ଭେଦ	୦୨
ଅଧିବେଶନ-୨	ଜୀବନ କୌଶଳ ଓ ଏହାର ଗୁରୁତ୍ୱ	୦୫
ଅଧିବେଶନ-୩	ଫଳପ୍ରଦ ଯୋଗାଯୋଗ	୦୯
ଅଧିବେଶନ-୪	ନେତୃତ୍ୱ	୧୨
ଅଧିବେଶନ-୫	ବିବାଦ ପରିଚାଳନା/ନିୟନ୍ତ୍ରଣ	୧୯
ଦ୍ୱିତୀୟ ଅଧ୍ୟାୟ	**ପ୍ରଜନନ ଓ ଯୌନ ସ୍ୱାସ୍ଥ୍ୟ**	**୨୩-୫୨**
ଅଧିବେଶନ-୧	ପ୍ରଜନନ ସ୍ୱାସ୍ଥ୍ୟ, ଗର୍ଭଧାରଣ ଓ ଗର୍ଭ ନିରୋଧକରଣ	୨୪
ଅଧିବେଶନ-୨	ପ୍ରଜନନ ଓ ଯୌନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନ୍ଧବିଶ୍ୱାସ ଓ ଭ୍ରାନ୍ତ ଧାରଣା	୩୦
ଅଧିବେଶନ-୩	ପ୍ରଜନନ ନଳୀ ସଂକ୍ରମଣ ଓ ଯୌନ ସଂକ୍ରମଣ	୩୩
ଅଧିବେଶନ-୪	ଏଚ୍.ଆଇ.ଭି ଏବଂ ଏଡ୍ସ୍	୩୭
ଅଧିବେଶନ-୫	ବାଲ୍ୟ ବିବାହ ଓ ଏହାର ପରିଣାମ	୪୧
ଅଧିବେଶନ-୬	ଲିଙ୍ଗଗତ ବୈଷମ୍ୟ ଓ ହିଂସା	୪୫
ଅଧିବେଶନ-୭	ଯୌନ ନିର୍ଯ୍ୟାତନା	୪୯
ତୃତୀୟ ଅଧ୍ୟାୟ	**ସରକାରୀ ଯୋଜନା, ଅଧିକାର ଓ ସ୍ୱତ୍ତ୍ୱାଧିକାର**	**୫୩-୧୦୨**
ଅଧିବେଶନ-୧	ସାମାଜିକ ନିରାପତ୍ତା / ସୁରକ୍ଷା ଯୋଜନା ସମୂହ (୧)	୫୪
ଅଧିବେଶନ-୨	ସାମାଜିକ ନିରାପତ୍ତା (୨ୟ) ପେନ୍‌ସନ ଓ ବୀମା ଯୋଜନା	୬୨
ଅଧିବେଶନ-୩	ଗ୍ରାମାଞ୍ଚଳ ଭିତ୍ତିଭୂମି ଯୋଜନା	୬୫
ଅଧିବେଶନ-୪	ସ୍ୱାସ୍ଥ୍ୟବିଭାଗୀୟ ଓ ଅନ୍ୟାନ୍ୟ ପରିପୂରକ ଯୋଜନା	୬୯
ଅଧିବେଶନ-୫	ଜୀବିକା ନିର୍ବାହ ଓ ନିଯୁକ୍ତି ଯୋଜନା-୧	୭୭
ଅଧିବେଶନ-୬	ଜୀବିକାନିର୍ବାହ ଓ ନିଯୁକ୍ତି ଯୋଜନା-୨	୮୫

ଅଧିବେଶନ-୭	ଯୋଜନା ସଂପର୍କିତ ନିର୍ଦ୍ଧାରିତ ସ୍ଥାନ / ଅଞ୍ଚଳ	୮୯
ଅଧିବେଶନ-୮	ଜଙ୍ଗଲ ଅଧିକାର	୯୪
ଅଧିବେଶନ-୯	ସୁରକ୍ଷିତ ପଳାୟନ/ସ୍ଥାନାନ୍ତରଣ	୯୯

ଚତୁର୍ଥ ଅଧ୍ୟାୟ ଜୀବନ ଜୀବିକାର ପନ୍ଥା ନିର୍ଦ୍ଧାରଣ ୧୦୩-୧୨୪

ଅଧିବେଶନ-୧	କୃଷି ଓ ଉଦ୍ୟାନୀକରଣ ଜୀବନ ଜୀବିକାର ଏକ ଗୁରୁତ୍ୱପୂର୍ଣ୍ଣ ପନ୍ଥା	୧୦୪
ଅଧିବେଶନ-୨	ପଶୁପାଳନ - ଜୀବନ ଜୀବିକାର ଉତ୍ସ	୧୦୯
ଅଧିବେଶନ-୩	ଅଣକାଠ ବନ୍ୟଜାତ ଦ୍ରବ୍ୟ - ଜୀବନ ଜୀବିକାର ଉତ୍ସ	୧୧୧
ଅଧିବେଶନ-୪	ଆର୍ଥୀକ ପରିଚାଳନା/ସାମର୍ଥ୍ୟ	୧୧୫

ପଞ୍ଚମ ଅଧ୍ୟାୟ ସ୍ଥାନୀୟ ସମସ୍ୟା ଚିହ୍ନଟୀକରଣ ଓ ଉଦ୍ୟୋଗ କୌଶଳ ୧୨୫-୧୪୬

ଅଧିବେଶନ-୧	ସ୍ଥାନୀୟ ସମସ୍ୟା ଚିହ୍ନଟୀକରଣ ଓ ବିଶ୍ଳେଷଣ	୧୨୬
ଅଧିବେଶନ-୨	ସମସ୍ୟା ବିଶ୍ଳେଷଣ	୧୩୦
ଅଧିବେଶନ-୩	ଗୋଷ୍ଠୀ ଜାଗରଣ	୧୩୩
ଅଧିବେଶନ-୪	ଉଦ୍ୟୋଗୀର ଲକ୍ଷଣ	୧୩୭
ଅଧିବେଶନ-୫	ସଫଳ ଉଦ୍ୟୋଗୀର ଲକ୍ଷଣ ଓ ଗୁଣାବଳୀ	୧୪୧
ଅଧିବେଶନ-୬	ଉଦ୍ୟୋଗଭିତ୍ତିକ ବ୍ୟବସାୟିକ ଯୋଜନା ପ୍ରସ୍ତୁତି	୧୪୪

ପ୍ରଥମ ଅଧ୍ୟାୟ

ଜୀବନ କୌଶଳ

ଅଧିବେଶନ-୧

କୌଶଳ ଏବଂ କୌଶଳର ପ୍ରକାର ଭେଦ

ଏକ ସୁସ୍ଥ ମଣିଷ ହିଁ ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହୋଇଥାଏ। ଏକ ସମୃଦ୍ଧ ସମାଜ ଗଠନ ପ୍ରକ୍ରିୟାରେ ଦେଶର ଯୁବବର୍ଗର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏକ ସମର୍ଥ ଜୀବନ ଅତିବାହିତ କରିବାପାଇଁ ଉକ୍ତ ଯୁବବର୍ଗଙ୍କୁ ଜୀବନକୌଶଳ ବିଷୟରେ ଶିକ୍ଷା ଦେବାର ନିତାନ୍ତ ଆବଶ୍ୟକତା ରହିଛି। ପରିବର୍ତ୍ତିତ ପରିବେଶ, ପରିସ୍ଥିତିରେ ସମ୍ପ୍ରତି ସମାଜରେ ଦେଖାଯାଉଥିବା ବିଭିନ୍ନ ପ୍ରତିଯୋଗିତା ଓ ବାଧାବିଘ୍ନକୁ ସଫଳତାର ସହିତ ମୁକାବିଲା କରିବା ପାଇଁ ଜୀବନକୌଶଳ ଶିକ୍ଷା ସେମାନଙ୍କୁ ଜୀବନର ପ୍ରତିଟି ସୋପାନରେ ସାହାଯ୍ୟ କରିଥାଏ।

ଜୀବନ କୌଶଳ ଶିକ୍ଷା କହିଲେ ସାଧାରଣତଃ ମଣିଷ ଭିତରେ ଏକ ସାମର୍ଥ୍ୟ ଓ ମାନସିକତା ସୃଷ୍ଟି କରିବା, ଯାହାଦ୍ୱାରା ଜଣେ ବ୍ୟକ୍ତି ଜୀବନର ସମସ୍ତ ଶାରିରୀକ, ମାନସିକ, ଆବେଗିକ, ବୌଦ୍ଧିକ ଓ ସାମାଜିକ ବିକାଶରେ ସୃଷ୍ଟି ହେଉଥିବା ପ୍ରତିବନ୍ଧକକୁ ସାମ୍ନା କରିବାର ଦକ୍ଷତା ହାସଲ କରିବା ସହିତ ନିଜର ଅନ୍ତର୍ନିହିତ ଗୁଣର ବିକାଶ କରିପାରିବ। ସମାଜରେ ଏକ ଉତ୍ତମ ନାଗରିକ ଭାବରେ ନିଜର ପରିଚୟ ସୃଷ୍ଟି କରିବା ସହିତ ପରିବର୍ତ୍ତନ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ କରିପାରିବ।

ବିବାଦ ଏକ ସ୍ୱାଭାବିକ ପ୍ରକ୍ରିୟା ଓ ମଣିଷ ଜୀବନ ସହିତ ଏହା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଜୀବନର ପ୍ରତିଟି ପର୍ଯ୍ୟାୟରେ ମଣିଷ ବିବାଦର ସାମ୍ନା କରିବା ନିଶ୍ଚିତ। ଏଥିରୁ ମଣିଷ ମୁକ୍ତି ପାଇପାରିବ ନାହିଁ। ବରଂ ବିବାଦର ସାମ୍ନା କରି ତା'ର ପରିଚାଳନା କରିବା ପାଇଁ ନିଜକୁ ସମର୍ଥ କରିପାରିଲେ ସେ ଏକ ସୁସ୍ଥ ଜୀବନ ଅତିବାହିତ କରିବା ସହିତ ସମାଜ ଶୃଙ୍ଖଳାରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରିବ। ଏଣୁ ଏହି ବିଷୟକୁ ତାଲିମ୍‌ର ଏକ ମୁଖ୍ୟ ବିଷୟ ରୂପେ ଅନ୍ତର୍ଭୁକ୍ତ କରାଯାଇଛି।

ସମାଜ ଏବଂ ବ୍ୟକ୍ତି ପରସ୍ପର ପରିପୂରକ। ଉଭୟଙ୍କ ମଧ୍ୟରେ ଏକ ସୁ-ଦୃଢ଼ ସଂପର୍କ ସ୍ଥାପନ କରିବା ପାଇଁ ଉତ୍ତମ ଯୋଗାଯୋଗ ଏକାନ୍ତ ଅପରିହାର୍ଯ୍ୟ। ସମାଜକୁ ସଂସ୍କାରିତ କରିବାକୁ ହେଲେ ଏବଂ ପରିବର୍ତ୍ତିତ ସମାଜ ସହିତ ନିଜକୁ ଖାପଖୁଆଇ ଚଳିବା ପାଇଁ, ବ୍ୟକ୍ତିକୁ ଉତ୍ତମ ଯୋଗାଯୋଗର ଦକ୍ଷତା ହାସଲ କରିବାକୁ ହେବ। "ଯୋଗାଯୋଗ ଯେତେ ସଫଳ ହେବ ବିବାଦ ପରିଚାଳନା ସେତିକି ସହଜ ଓ ସରଳ ହେବ।" ସମାଜ ତଥା ରାଷ୍ଟ୍ରକୁ ଉନ୍ନତି ପଥରେ ଆଗେଇ ନେବାକୁ ହେଲେ ଉତ୍ତମ ଓ ଦକ୍ଷ ନେତୃତ୍ୱର ଆବଶ୍ୟକତା ରହିଛି। ସମାଜକୁ ନେତୃତ୍ୱ ଦେବାକୁ ହେଲେ ବ୍ୟକ୍ତିକୁ ଅନେକ କ୍ଷେତ୍ରରେ ଦକ୍ଷ ହେବାକୁ ପଡ଼େ ଯଥା - ଉତ୍ତମ ଯୋଗାଯୋଗ, ସଂଗଠକ, ସଂସ୍କାରକ ସମାଜରେ ନେତୃତ୍ୱ ସୃଷ୍ଟି କରିବାକୁ ହେଲେ ଯୁବପିଢ଼ୀକୁ ସେ ସମ୍ବନ୍ଧୀୟ ଶିକ୍ଷାରେ ଦକ୍ଷ କରିବାକୁ ପଡ଼ିବ। ଏଣୁ ଏହାର ଗୁରୁତ୍ୱକୁ ଉପଲବ୍ଧି କରି ତାଲିମ୍‌ରେ ଏହାକୁ ଏକ ବିଷୟ ଭାବେ ନିଆଯାଇଛି।

ଉପରୋକ୍ତ ବିଷୟବସ୍ତୁ ଗୁଡ଼ିକରେ ତାଲିମ୍ ପ୍ରଦାନ କରି ଯୁବପିଢ଼ୀଙ୍କୁ ଏକ ସୁ-ଶକ୍ତ ସଂଗଠକ ରୂପେ ଗଢ଼ିତୋଳିବା ପାଇଁ ଆମର ଏକ ପ୍ରୟାସ।

ଉଦ୍ଦେଶ୍ୟ :

୧. ଏହି ଅଧିବେଶନର ଶେଷରେ ଅଂଶଗ୍ରହଣକାରୀମାନେ କୌଶଳ ଏବଂ କୌଶଳର ପ୍ରକାର ବିଷୟରେ ଅବଗତ ହେବେ।

୨. ଅଂଶଗ୍ରହଣକାରୀମାନେ ନିଜ ଭିତରେ ଲୁକକାୟିତ ବିଭିନ୍ନ କୌଶଳ ବା ଦକ୍ଷତାକୁ ଚିହ୍ନିବାରେ ସକ୍ଷମ ହେବେ।

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	କୌଶଳ କ'ଣ ଜାଣିବା	ଚିତ୍ରଅଙ୍କନ, ପ୍ରଶ୍ନୋତ୍ତର ଖେଳ	୩୦ ମିନିଟ୍
୨.	କୌଶଳର ପ୍ରକାରଭେଦ ବିଷୟରେ ଜାଣିବା	ଚିତ୍ରଅଙ୍କନ, ପ୍ରଶ୍ନୋତ୍ତର	୩୦ ମିନିଟ୍
ମୋଟ			୬୦ ମିନିଟ୍

ଆବଶ୍ୟକୀୟ ଉପକରଣ : ପେନ୍‌ସିଲ୍, ରବର, ଡ୍ରଇଂସିଟ୍, କଲରପେପର, ସ୍କେଚ୍, ମାର୍କର

ସୋପାନ-୧ : କୌଶଳ କ'ଣ ଜାଣିବା

ବିଷୟ : କୌଶଳ କ'ଣ ଜାଣିବା

ଉଦ୍ଦେଶ୍ୟ : ଅଂଶଗ୍ରହଣକାରୀଙ୍କୁ ବିଭିନ୍ନ କୌଶଳ ସମ୍ପର୍କରେ ସମ୍ପୂର୍ଣ୍ଣ ବୋଧଗମ୍ୟ କରାଇବା

ପ୍ରଶିକ୍ଷକଙ୍କ ପାଇଁ ସୂଚନା :

- ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ କାଗଜରେ ଗୋଟିଏ ବୃତ୍ତ ଆଙ୍କିବାକୁ କହିବେ ଏବଂ ଏଥିପାଇଁ ୫ ମିନିଟ୍ ସମୟ ଦେବେ।
- ଏହାପରେ ତାଲିମଦାତା ଅଂଶଗ୍ରହଣକାରୀମାନଙ୍କ ଦ୍ୱାରା ଅଙ୍କାଯାଇଥିବା ଚିତ୍ରଗୁଡ଼ିକୁ ସଂଗ୍ରହ କରିବେ ଏବଂ ସେଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ଉପଯୁକ୍ତ ଭାବରେ ଗୋଲ ହୋଇଛି ସେଗୁଡ଼ିକୁ ଅଂଶଗ୍ରହଣକାରୀମାନଙ୍କୁ ଦେଖାଇ, ସେଗୁଡ଼ିକ ଏପରି କାହିଁକି ହୋଇପାରିଛି ବୋଲି ଜାଣିବା ପାଇଁ ନିମ୍ନପ୍ରଶ୍ନଗୁଡ଼ିକ ପଚାରିବେ।

ପ୍ରଶ୍ନ ୧ : ଅନ୍ୟମାନଙ୍କ ତୁଳନାରେ ଏଗୁଡ଼ିକ କାହିଁକି ଭଲ ହୋଇଛି ?

ସମ୍ଭାବ୍ୟ ଉତ୍ତର : ସେମାନେ ଭଲ ଚିତ୍ର କରନ୍ତି, ସେମାନେ ଏଭଳି ଚିତ୍ରକୁ ଆଗରୁ ଅଭ୍ୟାସ କରିଥିବେ।

ପ୍ରଶ୍ନ : ୨ ତା ହେଲେ ସେମାନଙ୍କ ପାଖରେ କ'ଣ ଅଛି, ଯାହା ଫଳରେ ସେମାନେ ଏତେ ଭଲ ଚିତ୍ର କରିପାରିଲେ ?

ସମ୍ଭାବ୍ୟ ଉତ୍ତର : ସେମାନେ ଚିତ୍ର କରିବାରେ ପାରଙ୍ଗମ (ଏହା ସତ୍ତ୍ୱେ ଅଂଶଗ୍ରହଣକାରୀମାନେ ଉତ୍ତର ଦେବାକୁ ସକ୍ଷମ ନହେଲେ ତାଲିମଦାତା ଏହି ସମ୍ପର୍କିତ ଆହୁରି ପ୍ରଶ୍ନ ପଚାରିପାରିବେ)

ପ୍ରଶ୍ନ ୩ : ଦକ୍ଷତା କହିଲେ କ'ଣ ବୁଝ ?

ସମ୍ଭାବ୍ୟ ଉତ୍ତର : ଯେଉଁ କାମଟିକୁ ଆମେ ଠିକ୍ ଭାବରେ କରିପାରୁଛେ

ଯେଉଁ କାମଟିକୁ ଅଳ୍ପ ସମୟରେ କରିପାରୁଛେ, ସେହି କାମ ବିଷୟରେ ଆମେ ଭଲଭାବେ ଜାଣିଛେ।

ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ଜଣାଇବେ :

କୌଶଳ / ଦକ୍ଷତା କାହାକୁ କୁହାଯାଏ ?

- କାର୍ଯ୍ୟ କରିବାର ସାମର୍ଥ୍ୟକୁ ଦକ୍ଷତା କୁହାଯାଏ।

- ଆମେ ନିତିଦିନିଆ କରୁଥିବା କାର୍ଯ୍ୟ ସଂପାଦନର କ୍ଷମତାକୁ ହିଁ ଦକ୍ଷତା କୁହାଯାଏ।
- ସ୍ୱଳ୍ପ ଉପକରଣ, ସ୍ୱଳ୍ପ ଶକ୍ତି ତଥା ସ୍ୱଳ୍ପ ସମୟ ବିନିଯୋଗରେ କାର୍ଯ୍ୟଟିକୁ ସୂଚାରୁ ରୂପେ ସଂପାଦନ କରିବା କ୍ଷମତାକୁ କୌଶଳ ବା ଦକ୍ଷତା କୁହାଯାଏ।

ଏହାପରେ ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କ ମଧ୍ୟରେ ଏପରି କ'ଣ କ'ଣ ଦକ୍ଷତା ଅଛି, କହିବା ପାଇଁ ନିର୍ଦ୍ଦେଶ ଦେବେ।

ପ୍ରଶିକ୍ଷାର୍ଥୀମାନଙ୍କଠାରୁ ସମ୍ଭାବ୍ୟ ଉତ୍ତର ସମୂହ : ପଢ଼ିବା, କହିବା, ନାଚିବା, ସିଲେଇ କରିବା, ହଳକରିବା ଇତ୍ୟାଦି।

ସୋପାନ-୨ : କୌଶଳର ପ୍ରକାରଭେଦ ବିଷୟରେ ଜାଣିବା

ତାଲିମଦାତା ସମସ୍ତ ଉତ୍ତର ଦେଇସାରିବା ପରେ ପ୍ରଶିକ୍ଷକ କୌଶଳଗୁଡ଼ିକୁ ବିଭିନ୍ନ ବିଭାଗରେ ବିଭାଗୀକରଣ କରି ଲେଖିବେ ଏବଂ ଦ୍ୱିତୀୟ ସୋପାନ ଆରମ୍ଭ କରିବେ। (ସାକ୍ଷରତା, ଭାଷା, କାର୍ଯ୍ୟନିର୍ବାହ, ଧନ୍ଦାମୂଳକ, କ୍ରୀଡ଼ାଦକ୍ଷତା)

ବିଷୟ : କୌଶଳର ପ୍ରକାରଭେଦ ବିଷୟରେ ଜାଣିବା।

ଉଦ୍ଦେଶ୍ୟ : ତାଲିମଦାତା ବିଭିନ୍ନ ଦକ୍ଷତା ସମ୍ପର୍କରେ ଅଂଶଗ୍ରହଣକାରୀ କହିବେ।

ପ୍ରଶିକ୍ଷକଙ୍କ ପାଇଁ ସୂଚନା : ତାଲିମଦାତା ଅଂଶଗ୍ରହଣକାରୀ ପ୍ରଶିକ୍ଷାର୍ଥୀମାନଙ୍କୁ ଗୋଟିଏ ପରେ ଗୋଟିଏ ଦକ୍ଷତା ସମ୍ପର୍କରେ ସୂଚନା ଦେବେ।

ସାକ୍ଷରତା ଦକ୍ଷତା : ପଢ଼ିବା, ଲେଖିବା, ଗାଣିତିକ ହିସାବ କରିବା

ଭାଷା ଦକ୍ଷତା : ଭଲଭାବେ କହିପାରିବା, ବୁଝିବା, ଶୁଣିବା, କହିବା

କାର୍ଯ୍ୟ ନିର୍ବାହ କରିବାର ଦକ୍ଷତା : ବ୍ୟାଙ୍କରେ ଟଙ୍କା ଜମା କରାଇବା ଏବଂ ଉଠାଇବା, ଟ୍ରେନ୍‌ରେ ଯାତ୍ରା କରିବା ପାଇଁ ଟ୍ରେନ ଟିକେଟ୍ କରିପାରୁଥିବା ଦକ୍ଷତା, ଫେସ୍‌ବୁକ୍, ୱାଟ୍‌ସ୍‌ଅପ୍, ଅନ୍‌ଲାଇନ୍‌ରେ ଟିକେଟ, ଫର୍ମ ଫିଲଅପ୍, ବୁକିଙ୍ଗ୍, ଚାର୍ଟିଙ୍ଗ କରିବା।

ଧନ୍ଦାମୂଳକ ଦକ୍ଷତା : ଜମିରେ ହଳ କରିବା, କାଠରେ ଖଟ, ଟେବୁଲ ପ୍ରଭୃତି ତିଆରି କରିବା, ସିଲେଇ ଓ ଚାନ୍ଦୁଆକାମ କରିବା ଏବଂ ଆଚାର-ଜାମ୍ ପ୍ରଭୃତି ତିଆରି କରିବା କ୍ରୀଡ଼ା ଦକ୍ଷତା - ଫୁଟବଲ୍ ଖେଳିବା, ହକି ଖେଳିବା ଏବଂ କ୍ରିକେଟ ଖେଳିବା।

ସାଂସ୍କୃତିକ ଦକ୍ଷତା : ନାଚିବା, ଗୀତ ଗାଇବା

ମୁଖ୍ୟ ସନ୍ଦେଶ :

ସ୍ୱଳ୍ପ ଉପକରଣ, ଶକ୍ତି, ସମୟ ବିନିଯୋଗରେ କାର୍ଯ୍ୟଟିକୁ ସୂଚାରୁରୂପେ ସଂପାଦନ କରିବା କ୍ଷମତାକୁ କୌଶଳ ବା ଦକ୍ଷତା କୁହାଯାଏ। ପ୍ରତ୍ୟେକ ମଣିଷ ପାଖରେ କିଛି ନା କିଛି ଦକ୍ଷତା ରହିଛି। ଏଣୁ ବ୍ୟକ୍ତି ଏହାକୁ ଚିହ୍ନି ତା'ର ଉପଯୁକ୍ତ ବିନିଯୋଗ କରିପାରିଲେ ସେ ସଫଳ ହୋଇପାରିବ।

ଅଧିବେଶନ-୨

ଜୀବନ କୌଶଳ ଓ ଏହାର ଗୁରୁତ୍ୱ

ଉଦ୍ଦେଶ୍ୟ :

୧. ଏହି ଅଧିବେଶନର ଶେଷରେ ଅଂଶଗ୍ରହଣକାରୀମାନେ ଜୀବନକୌଶଳ କ'ଣ ଜାଣିପାରିବେ ଏବଂ ଜୀବନରେ ଏହାର ଗୁରୁତ୍ୱ ବୁଝିବେ।

୨. ଅଂଶଗ୍ରହଣକାରୀମାନେ ଜୀବନରେ ଏହାର ପ୍ରୟୋଗ ଶିକ୍ଷା କରିବେ।

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ଜୀବନ କୌଶଳ କ'ଣ ଜାଣିବା	ଗଳ୍ପ କଥନ, ପ୍ରଶ୍ନୋତ୍ତର	୨୦ ମିନିଟ୍
୨.	୧୦ଟି ଜୀବନକୌଶଳ ବିଷୟରେ ଜାଣିବା	ଦଳଗତ ଆଲୋଚନା	୩୦ ମିନିଟ୍
୩.	୧୦ଟି ଜୀବନକୌଶଳର ଗୁରୁତ୍ୱ ଓ ପ୍ରୟୋଗ ସମ୍ପର୍କରେ ଜାଣିବା	ଆଲୋଚନା	୧୦ ମିନିଟ୍
ମୋଟ			୬୦ ମିନିଟ୍

ଆବଶ୍ୟକୀୟ ଉପକରଣ : ଡ୍ରଇଂସିଟ୍, ମାର୍କର, ସ୍କେଚ୍, ରବର, ପେନ୍‌ସିଲ୍, ରଙ୍ଗୀନ କାଗଜ

ଉଦ୍ଦେଶ୍ୟ :

- ଜୀବନ କୌଶଳର ଅର୍ଥ କ'ଣ ସେ ବିଷୟରେ ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରାଇବେ।
- ତାଲିମଦାତାଙ୍କ ପାଇଁ ସୂଚନା : ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ଏକ ଗଳ୍ପ କହିବେ।

ସୋପାନ-୧ : ଜୀବନ କୌଶଳ କ'ଣ ଜାଣିବା

ଗୋଟିଏ ଜଙ୍ଗଲରେ ଏକ କପୋତଦଳ ବାସ କରୁଥିଲେ। ଏହି କପୋତଦଳର ରାଜାଥିଲେ ଚିତ୍ରଗ୍ରୀବ। ଖାଦ୍ୟ ସଂଗ୍ରହ ପାଇଁ ସେମାନେ ପ୍ରତ୍ୟେକ ଦିନ ଜଙ୍ଗଲର ବିଭିନ୍ନ ସ୍ଥାନରେ ଉଡିବୁଲୁଥିଲେ। ଥରେ ସେମାନେ ଏମିତି ଉଡିବୁଲୁଥିବା ବେଳେ ଏକ ନିର୍ଜନ ସ୍ଥାନରେ ଭୂମି ଉପରେ କିଛି ଖୁଦକଣିକା ପଡିଥିବାର ଦେଖିଲେ। ଖୁଦ କଣିକାକୁ ଦେଖି ଦଳରେ ଥିବା ଛୋଟ କପୋତମାନେ ତଳକୁ ଓହ୍ଲାଇ ଖୁଦ କଣିକା ଖାଇବା ପାଇଁ କହିଲେ। ମାତ୍ର ଚିତ୍ରଗ୍ରୀବ ସେମାନଙ୍କୁ ବାରଣ କରି କହିଲେ, ଏଭଳି ନିର୍ଜନ ସ୍ଥାନରେ ଖୁଦକଣିକା ପଡିବା ହୁଏତ ବିପଦର ସୂଚନା ହୋଇପାରେ।

ସବୁ ଛୋଟ କପୋତମାନେ ଜିଦିକରି କଥାନମାନି ତଳକୁ ଓହ୍ଲାଇଲେ। ଫଳରେ ଚିତ୍ରଗ୍ରୀବ ମଧ୍ୟ ବିପଦର ଆଶଙ୍କା କରି ବାଧ୍ୟ ହୋଇ ସେମାନଙ୍କ ସହ ତଳକୁ ଓହ୍ଲାଇଲେ। ଏହାପରେ ସେମାନେ କିଛି ବି ଚିନ୍ତା କରିବା ପୂର୍ବରୁ ଜାଲରେ ଛନ୍ଦି ହୋଇଗଲେ।

ଛୋଟ କପୋତମାନଙ୍କୁ ଅନ୍ୟମାନେ ଦୋଷ ଦେଲେ। କିନ୍ତୁ ଚିତ୍ରଗ୍ରୀବ ବ୍ୟସ୍ତ ନ ହୋଇ ଏଠାରୁ ମୁକୁଳିବା ପାଇଁ ଉପାୟ ଚିନ୍ତା କରିବାକୁ କହିଲେ। କେହି କିଛି ଚିନ୍ତା କରି ନ ପାରି ଭୟରେ କାନ୍ଦିବାକୁ ଲାଗିଲେ। ଶେଷରେ ଚିତ୍ରଗ୍ରୀବ ନିଜେ ଭୟଭୀତ ହୋଇଥିଲେ ମଧ୍ୟ ବ୍ୟସ୍ତ ନ ହୋଇ ସମସ୍ତେ ଏକାସାଙ୍ଗରେ ଜାଲକୁ ନେଇ ତାଙ୍କର ବନ୍ଧୁ ମୂଷିକ ରାଜା ହିରଣ୍ୟକଙ୍କ ନିକଟକୁ ଉଡିଯିବା ପାଇଁ ନିର୍ଦ୍ଦେଶ ଦେଲେ। ତାଙ୍କ ନିର୍ଦ୍ଦେଶ ମାନି ସମସ୍ତେ ଏକା ସାଙ୍ଗରେ ଉଡି ଆସି ହିରଣ୍ୟକଙ୍କ ନିକଟରେ ପହଞ୍ଚିଲେ। ନିଜ ବନ୍ଧୁଙ୍କର ଅବସ୍ଥା ଦେଖି ହିରଣ୍ୟକ ବ୍ୟସ୍ତ ହୋଇ ପ୍ରଥମେ ଚିତ୍ରଗ୍ରୀବଙ୍କୁ ବନ୍ଧନମୁକ୍ତ କରିବାପାଇଁ ଆଗେଇ ଆସିଲେ। ମାତ୍ର ଚିତ୍ରଗ୍ରୀବ ତାଙ୍କୁ ଏଥିପାଇଁ ବାରଣ କରି କହିଲେ, ପ୍ରଥମେ ମୋର ପ୍ରଜାମାନଙ୍କୁ ବନ୍ଧନ ମୁକ୍ତ କର ଏବଂ ଶେଷରେ ମୋତେ ବନ୍ଧନମୁକ୍ତ କରିବ। ଏହାଶୁଣି ହିରଣ୍ୟକ ପ୍ରଥମେ ଅନ୍ୟମାନଙ୍କର ଜାଲ କାଟିବା ପରେ ଶେଷରେ ଚିତ୍ରଗ୍ରୀବଙ୍କୁ ବନ୍ଧନମୁକ୍ତ କଲେ। ଏହାପରେ ଚିତ୍ରଗ୍ରୀବ ଓ ଅନ୍ୟ କପୋତମାନେ ହିରଣ୍ୟକଙ୍କୁ ଧନ୍ୟବାଦ ଦେଇ ମନଖୁସିରେ ଉଡିଗଲେ।

ଗଳ୍ପଟି କହିସାରିବା ପରେ ତାଲିମଦାତା ବିଭିନ୍ନ ଜୀବନ କୌଶଳଗୁଡ଼ିକୁ ଜଣାଇବା ପାଇଁ ଅଂଶଗ୍ରହଣକାରୀମାନଙ୍କୁ ନିମ୍ନ ପ୍ରଶ୍ନଗୁଡ଼ିକ ପଚାରି ଆଲୋଚନା କରିବେ।

ପ୍ରଶ୍ନ : ଗଳ୍ପଟିରୁ ତୁମେ କ'ଣ ଶିଖିଲ ?

ପ୍ରଶ୍ନ : ଚିତ୍ରଗ୍ରୀବର ଅନ୍ୟ କପୋତମାନଙ୍କ ସହ କିପରି ସମ୍ପର୍କ ଥିଲା ?

ପ୍ରଶ୍ନ : ଜାଲରୁ ମୁକୁଳିବା ପାଇଁ ଚିତ୍ରଗ୍ରୀବ କ'ଣ ଉପାୟ ଚିନ୍ତା କରିଥିଲା, ତୁମେ ଚିତ୍ରଗ୍ରୀବ ସ୍ଥାନରେ ଥିଲେ କ'ଣ କରିଥା'ନ୍ତ ?

ପ୍ରଶ୍ନ : ଚିତ୍ରଗ୍ରୀବ ହିରଣ୍ୟକୁ ତା'ର ଫାଶ ପ୍ରଥମେ ଫିଟାଇବା ପାଇଁ କାହିଁକି ମନା କରିଥିଲା ?

ପ୍ରଶ୍ନ : ଏହି ଗପଟିରେ କେଉଁ ଚରିତ୍ର ତୁମକୁ ଭଲ ଲାଗୁଛି ଓ କାହିଁକି ଭଲ ଲାଗୁଛି ?

(ତାଲିମଦାତା ମଧ୍ୟ ଅନ୍ୟ ଗପ କହି ଜୀବନ କୌଶଳ ଗୁଡ଼ିକୁ ଆଣିପାରିବେ।)

ସୋପାନ-୨ : ୧୦ଟି ଜୀବନକୌଶଳ ବିଷୟରେ ଜାଣିବା

ବିଷୟ : ୧୦ଟି ଜୀବନ କୌଶଳ ବିଷୟରେ ଜାଣିବା

ଉଦ୍ଦେଶ୍ୟ : ୧୦ଟି ଜୀବନକୌଶଳର ଅର୍ଥ ଜାଣିବା ସହିତ ତାହାକୁ ହୃଦୟଙ୍ଗମ କରିବା

ତାଲିମଦାତାଙ୍କ ପାଇଁ ସୂଚନା : ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ୨ଟି ଦଳରେ ବିଭକ୍ତ କରି ସେମାନଙ୍କ ଜୀବନରେ ଚିତ୍ରଗ୍ରୀବ ପରି କୌଣସି ଅନୁଭୂତି ଥିଲେ ତାହାକୁ ଆଧାର କରି ଏକ ଅଭିନୟ କରିବା ପାଇଁ କହିବେ।

ତାଲିମଦାତା ଅଭିନୟ ଶେଷରେ ୧୦ଟି ଜୀବନ କୌଶଳକୁ ଆଲୋଚନା କରିବେ।

ତାଲିମଦାତାଙ୍କ ପାଇଁ :

୧. **ଆତ୍ମ ସଚେତନତା :** ଆତ୍ମ ସଚେତନତାର ଅର୍ଥ ନିଜକୁ ଚିହ୍ନିବା ସହିତ ନିଜ ଚରିତ୍ର, ମନବଳ, ସାମର୍ଥ୍ୟ ଓ ଦୁର୍ବଳତା, ଇଚ୍ଛା ଓ ଅନିଚ୍ଛା ସମ୍ପର୍କରେ ନିଜେ ଅବଗତ ହେବା।

୨. **ସମ ଅନୁଭୂତି :** ଏହା ବ୍ୟକ୍ତି ମଧ୍ୟରେ ଏପରି କ୍ଷମତା ସୃଷ୍ଟି କରିଥାଏ, ଯାହା, ଅନ୍ୟ ଏକ ବ୍ୟକ୍ତିର ପରିବେଶ, ପରିସ୍ଥିତି ତଥା ମନୋଭାବକୁ ନିଜ ଭିତରେ ଅନୁଭବ କରିବା ସଙ୍ଗେ ସଙ୍ଗେ ତାହାକୁ ସକରାତ୍ମକ ଭାବେ ପରିଚାଳନା କରିବା।

୩. **ଫଳପ୍ରଦ ଯୋଗାଯୋଗ :** ନିଜର ମନର ଭାବକୁ ଠିକ୍ ଭାବରେ ଉପସ୍ଥାପନା କରିବା ସହିତ ଅପରପକ୍ଷର ଭାବନା ଓ ବକ୍ତବ୍ୟକୁ ଠିକ୍ ଭାବରେ ବୁଝିପାରିବାକୁ ଫଳପ୍ରଦ ଯୋଗାଯୋଗ କୁହାଯାଏ ।

୪. **ପାରସ୍ପରିକ ସମ୍ପର୍କ :** ଏହା ଅନ୍ୟମାନଙ୍କ ସହିତ ଆମର ସମ୍ପର୍କକୁ ବୁଝିବା ପାଇଁ ସାହାଯ୍ୟ କରିଥାଏ ଏବଂ ଅନ୍ୟମାନଙ୍କ ସହିତ ଏକ ଅନୁକୂଳ ପାରସ୍ପରିକ ସହବାସ୍ଥାନ ରକ୍ଷା କରିବାକୁ ପ୍ରେରିତ କରିଥାଏ ।

୫. **ସମସ୍ୟାର ସମାଧାନ :** ଏହା ଆମକୁ ଜୀବନରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ଗଠନମୂଳକ ସମାଧାନ ପାଇବାରେ ସମର୍ଥ କରାଇଥାଏ ।

୬. **ନିଷ୍ପତ୍ତି ନିର୍ଦ୍ଧାରଣ :** ଏହାକୁ ପ୍ରୟୋଗ କରି ଆମେ ଜୀବନରେ ଗଠନମୂଳକ ତଥା ଉପଯୁକ୍ତ ନିଷ୍ପତ୍ତି ନେବାକୁ ସକ୍ଷମ ହୋଇଥାଉ ।

୭. **ବିଶ୍ଳେଷଣାତ୍ମକ ଚିନ୍ତା :** ଏହାର ପ୍ରୟୋଗ ଦ୍ୱାରା ବ୍ୟକ୍ତି ପ୍ରାପ୍ତ ସୂଚନା ତଥ୍ୟର ବିଶ୍ଳେଷଣ ଓ ଅନେକ ପୂର୍ବାନୁଭୂତିର ସଫଳ ପର୍ଯ୍ୟାଲୋଚନା କରିବାରେ ସମର୍ଥ ହୋଇଥାଏ ।

୮. **ସୃଜନାତ୍ମକ ଚିନ୍ତା :** ଏହି କୌଶଳ ପ୍ରୟୋଗ ଦ୍ୱାରା ଆମେ ନିଜ ଅନୁଭବ ଓ ଅନୁଭୂତିଗୁଡ଼ିକୁ ଏକ ନୂତନ ଦୃଷ୍ଟିକୋଣ ଦେଇ ଦେଖିବା ପାଇଁ ସମର୍ଥ ହୋଇଥାଉ ।

୯. **ଆବେଗ ସହିତ ଅବସ୍ଥାନ :** ଏହା ଦ୍ୱାରା ଆମେ ଆମର ଏବଂ ଅନ୍ୟମାନଙ୍କର ଆବେଗ ଅନୁଭବକୁ ଉପଲବ୍ଧି କରିବା ସହିତ ତାକୁ ସୁପରିଚାଳନା କରିବା ପାଇଁ ସମର୍ଥ ହେଉ ।

୧୦. **ମାନସିକ ଚାପର ପରିଚାଳନା :** ଏହାଦ୍ୱାରା ଆମେ ମାନସିକ ଚାପର ପ୍ରଭାବ ଓ ଏହାର ମୂଳ କାରଣଗୁଡ଼ିକୁ ବୁଝି ପରିସ୍ଥିତି ସହ ନିଜକୁ ଖାପ ଖୁଆଇ ଚଳିବାର ସାମର୍ଥ୍ୟ ହାସଲ କରିଥାଉ ।

ସୋପାନ-୩ : ୧୦ଟି ଜୀବନକୌଶଳର ଗୁରୁତ୍ୱ ଓ ପ୍ରୟୋଗ ସମ୍ପର୍କରେ ଜାଣିବା

ବିଷୟ : ୧୦ଟି ଜୀବନ କୌଶଳର ଗୁରୁତ୍ୱ ଓ ପ୍ରୟୋଗ ସମ୍ପର୍କରେ ଜାଣିବା ।

ଉଦ୍ଦେଶ୍ୟ : ଜୀବନ କୌଶଳର ଗୁରୁତ୍ୱ ଓ ଜୀବନରେ ତା'ର ପ୍ରୟୋଗ ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରାଇବା ।

ତାଲିମଦାତାଙ୍କ ପାଇଁ ସୂଚନା : ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ଜୀବନ କୌଶଳ ଶିକ୍ଷା ସମସ୍ତଙ୍କ ପାଇଁ କାହିଁକି ଜରୁରୀ ଜଣାଇବେ ।

ପ୍ରଶ୍ନ : ତୁମେ ଅନୁଭବ କରୁଛ କି ଏହି ଜୀବନ କୌଶଳଗୁଡ଼ିକ ତୁମ ଜୀବନରେ ଆବଶ୍ୟକ କି ?

ପ୍ରଶ୍ନ : ଆଗରୁ ତୁମେ ଏହି କୌଶଳଗୁଡ଼ିକ ଜାଣିନଥିଲ ଏବେ ତୁମେ ଜାଣି କ'ଣ ଅନୁଭବ କରୁଛ ?

ପ୍ରଶ୍ନ : ତୁମେ ଭାବୁଛ କି ଏହା ତୁମକୁ ଜୀବନରେ ସାମର୍ଥ୍ୟ କରାଇବ

ପ୍ରଶ୍ନ : ଏହା କିପରି ତୁମକୁ ସାହାଯ୍ୟ କରିବ ଏକ ଉଦାହରଣ ଦିଅ ?

ତାଲିମଦାତା ଅଂଶଗ୍ରହଣକାରୀମାନଙ୍କଠାରୁ ଉତ୍ତର ପାଇବା ପରେ ନିଜର ମତାମତ ରଖିବେ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦେଇଥିବା ସଂଜ୍ଞାଟିକୁ କହିବେ ।

(ଜୀବନ କୌଶଳର ଅର୍ଥ : ଦୈନନ୍ଦିନ ଜୀବନରେ ଆସୁଥିବା ବିଭିନ୍ନ ସମସ୍ୟାର ସାମନା କରି ଫଳପ୍ରଦ ସମାଧାନ ନିମନ୍ତେ ନିଜ ଭିତରେ ଏକ ସକାରମ୍ଭକ ଚିନ୍ତାଧାରାର ବିକାଶ କରିବା ସହିତ ନିଜ ଭିତରେ ଉପଯୁକ୍ତ ଦକ୍ଷତା ହାସଲ କରିବା)

ମୁଖ୍ୟ ସନ୍ଦେଶ :

ଜୀବନ କୌଶଳ ମଣିଷକୁ ଏପରି ସାମର୍ଥ୍ୟ ପ୍ରଦାନ କରିଥାଏ ଯାହାଦ୍ୱାରା ସେ ଏକ ସୁସ୍ଥ ମାନସିକତା ନେଇ ଅନ୍ୟମାନଙ୍କ ସହିତ ଉଚିତ୍ ବ୍ୟବହାର କରିବା ସଙ୍ଗେ ସଙ୍ଗେ ଏକ ଶୃଙ୍ଖଳିତ ସାମାଜିକ ପ୍ରାଣୀ ଭାବରେ ବଞ୍ଚିପାରିବା ।

ଅଧିବେଶନ-୩

ଫଳପ୍ରଦ ଯୋଗାଯୋଗ

ଉଦ୍ଦେଶ୍ୟ :

ଏହି ଅଧିବେଶନ ଶେଷରେ ଅଂଶଗ୍ରହଣକାରୀମାନେ ସଫଳ ଭାବବିନିମୟ କ'ଣ ଜାଣିବେ।

୧. ସଫଳ ଭାବ ବିନିମୟ କିପରି ଆମର ପାରସ୍ପରିକ ବନ୍ଧୁତ୍ୱ ଓ ସମ୍ପର୍କକୁ ସୁଦୃଢ଼ କରେ ତାହା ଜାଣିବା ସହିତ ଗଠନମୂଳକ ଉପାୟରେ ଆମ ପ୍ରତି ହାନିକାରକ ଓ ଆମେ ଅନିଚ୍ଛା ପ୍ରକାଶ କରୁଥିବା ସମ୍ପର୍କଗୁଡ଼ିକୁ କିପରି ଏଡ଼ାଇବା ସେ ବିଷୟରେ ଧାରଣା ପାଇବେ।

୨. ଭାବବିନିମୟର ବିଭିନ୍ନ ଶୈଳୀ ସମ୍ପର୍କରେ ଜାଣିବେ।

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ଆଇସ୍ ବ୍ରେକିଙ୍ଗ୍	ଖେଳ, ମାନସମନ୍ଥନ, ଆଲୋଚନା	୧୫ ମିନିଟ୍
୨.	ଫଳପ୍ରଦ ଯୋଗାଯୋଗର ଉଦ୍ଦେଶ୍ୟ	ମାନସମନ୍ଥନ, ଦଳଗତ ଆଲୋଚନା	୧୫ ମିନିଟ୍
୩.	ଫଳପ୍ରଦ ଯୋଗାଯୋଗ ଓ ତାର ପ୍ରକାର ଭେଦ	ଅଭିନୟ	୧୫ ମିନିଟ୍
୪.	ଫଳପ୍ରଦ ଯୋଗାଯୋଗ ଓ ତା'ର ଶୈଳୀ	ଦଳଗତ ଆଲୋଚନା	୧୫ ମିନିଟ୍
ମୋଟ			୬୦ ମିନିଟ୍

ଆବଶ୍ୟକୀୟ ଉପକରଣ : ଫ୍ଲିପଚାର୍ଟ, ମାର୍କର ପେନ୍, ଆଖିବନ୍ଧାପଟି, ୪/୫ଟି ପ୍ଲାଷ୍ଟିକ ପାଣି ବୋତଲ

ସୋପାନ-୧ (କ) : ଆଇସ୍ ବ୍ରେକିଙ୍ଗ୍

ଅଂଶଗ୍ରହଣକାରୀମାନଙ୍କୁ ଏକାଠି ଏକ ବୃତ୍ତାକାରରେ ବସାଇ ପ୍ରଥମେ ତାଲିମଦାତା ଏକ ଖେଳ ଖେଳିବା ଉଦ୍ଦେଶ୍ୟରେ ଖେଳର ନିୟମ ସଂପର୍କରେ କିଛି କହିବାକୁ ଯାଇ କହିବେ ଯେ ଏହି ଖେଳରେ ଜଣଙ୍କ କାନରେ କିଛି କଥା କୁହାଯିବ ସେ ତାଙ୍କ ପାଖ ପିଲା କାନରେ ସେହି ଶୁଣିଥିବା କଥାକୁ ଥରେ ମାତ୍ର କହିବେ। ଏହିପରି ଥରେ ମାତ୍ର କୁହାଯିବ, ଦ୍ୱିତୀୟ ଥର କୁହାଯିବ ନାହିଁ। ତା'ପରେ ଖେଳଟିକୁ ଆରମ୍ଭ କରିବାକୁ ଯାଇ ତାଲିମଦାତା କହିବେ - "ରାମର ଭାଇ ଶ୍ୟାମ ତା'ର ସାଙ୍ଗ ଗୋବିନ୍ଦକୁ ନେଇ ତାଙ୍କ ଗାଁକୁ ଗଲା। ତାପରେ ସେହି ପିଲାଟି ତା' ପାଖ ପିଲା ଓ ତା' ପାଖ ପିଲା, ତା'ର ସାଙ୍ଗ ଗୋବିନ୍ଦକୁ ନେଇ ତାଙ୍କ ଗାଁକୁ ଗଲା।" ତାପରେ ସେହି ପିଲାଟି ତା' ପାଖ ପିଲା ଓ ତା' ପାଖ ପିଲା, ତା'ର ପାଖପିଲା ଏଭଳି ଭାବରେ କାନରେ ଫୁସ୍‌ଫୁସ୍ କରି ପ୍ରଥମ ପିଲାଠାରୁ ଶେଷପିଲା ପର୍ଯ୍ୟନ୍ତ କୁହାଯିବ। ସରିଯିବା ପରେ ଶେଷ ପିଲାଟିକୁ ପଚାରିବେ - ସେ କ'ଣ ଶୁଣିଲେ ସମସ୍ତଙ୍କ ଆଗରେ ବଡ଼ ପାଟିରେ କହିବେ, ପ୍ରଥମ ପିଲାଟି ଯାହା କାନରେ କୁହାଯାଇଥିଲା, ତାଙ୍କ ମଧ୍ୟ ଠିଆ କରାଇ କ'ଣ ଶୁଣିଥିଲେ, ସେ କଥା ବଡ଼ ପାଟିରେ କହିବେ। ପ୍ରଥମ ପିଲାଟି ଯାହା କାନରେ କୁହାଯାଇଥିଲା, ତାଙ୍କୁ

ମଧ୍ୟ ଠିଆ କରାଇ କ'ଣ ଶୁଣିଥିଲେ, ସେ କଥା ବଡ଼ ପାଟିରେ ସମସ୍ତଙ୍କୁ ଆଗେ କହିବାକୁ କହିବେ। ମଝିରେ ଥିବା ୨/୩ ପିଲାଙ୍କୁ ମଧ୍ୟ ପଚାରି ବୁଝିବେ ସେମାନେ କ'ଣ ଶୁଣୁଛନ୍ତି।

ସୋପାନ-୧ (ଖ)

ତାଲିମ୍‌ଦାତା ପିଲାମାନଙ୍କୁ ପଚାରି ବୁଝିବେ ଯେ କାହିଁକି ପ୍ରଥମ ବ୍ୟକ୍ତିର କାନରେ କହିଥିବା କଥାଟି ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ଠିକ୍ ରୂପେ ପହଞ୍ଚିପାରିଲା ନାହିଁ ଏବଂ ଉତ୍ତରଗୁଡ଼ିକୁ ଗୋଟି ଗୋଟି କରି କଳାପଟାରେ ଲେଖିବେ। ଶେଷରେ ତାଲିମ୍‌ଦାତା ନିଜର ମତ ପ୍ରଦାନ କରିବେ।

ସୋପାନ-୨ : ଫଳପ୍ରଦ ଯୋଗାଯୋଗର ଉଦ୍ଦେଶ୍ୟ

ଅଂଶଗ୍ରହଣକାରୀଙ୍କୁ ୩ଟି ଦଳରେ ଭାଗ କରାଇ ପ୍ରଥମ ଦଳକୁ ଫଳପ୍ରଦ ଯୋଗାଯୋଗର ଉଦ୍ଦେଶ୍ୟ ଓ ଗୁରୁତ୍ୱ, ୨ୟ ଦଳକୁ "ଫଳପ୍ରଦ ଯୋଗାଯୋଗର ଶୈଳୀ ଓ ପ୍ରକାରଭେଦ" ଏବଂ ତୃତୀୟ ଦଳକୁ "ଫଳପ୍ରଦ ଯୋଗାଯୋଗର ଉପକାରିତା ବିଷୟରେ ଆଲୋଚନା କରି ଲେଖିବାକୁ କହିବା।

ତାଲିମ୍‌ଦାତାଙ୍କ ପାଇଁ

- ତାଲିମ୍‌ଦାତା ଅଂଶଗ୍ରହଣକାରୀଙ୍କୁ ଜଣାଇବା ଉଦ୍ଦେଶ୍ୟରେ କହିବେ ଯେ, ଯୋଗାଯୋଗ ଦ୍ୱାରା ଆମେ ଆମର ଭାବନା, ଚିନ୍ତାଧାରା, ସମସ୍ୟା, ଅନୁଭୂତି ଆଦି ଅନ୍ୟକୁ ଜଣାଇବା ସଙ୍ଗେ ସଙ୍ଗେ, ଅନ୍ୟର ଭାବନା, ଚିନ୍ତାଧାରା, ଅନୁଭୂତିକୁ ଜାଣିପାରିଥାଉ ଏବଂ ବୁଝିପାରିଥାଉ।
- ସଫଳ ଯୋଗାଯୋଗ ଦ୍ୱାରା ଆମେ କିପରି କହିବା, କ'ଣ କହିବା, କେତେବେଳେ କହିବା ତାହା ଭଲଭାବରେ ହୃଦୟଙ୍ଗମ କରିପାରିଥାଉ।
- ଯୋଗାଯୋଗ ଦ୍ୱାରା ଆମର ଯେ କୌଣସି ପରିସ୍ଥିତି ଉପରେ ସୁନିୟନ୍ତ୍ରଣ ରହେ ଏବଂ ସବୁପ୍ରକାର ଘଟଣାକୁ ସୂଚାରୁରୂପେ ପରିଚାଳନା କରିବାର ସାମର୍ଥ୍ୟ ସୃଷ୍ଟି ହୁଏ।
- ଉତ୍ତମ ଯୋଗାଯୋଗଦ୍ୱାରା ସମାଜ ଏବଂ ଗୋଷ୍ଠୀରେ ବିକାଶମୂଳକ କାର୍ଯ୍ୟ ସଂପାଦନା କରିବା ସହଜ ହୋଇଥାଏ।

ସୋପାନ-୩ : ଫଳପ୍ରଦ ଯୋଗାଯୋଗ ଓ ତାର ପ୍ରକାର ଭେଦ

ବିଷୟ : ଯୋଗାଯୋଗର ପ୍ରକାରଭେଦ।

ତାଲିମ୍‌ଦାତା ଅଂଶଗ୍ରହଣକାରୀଙ୍କୁ ଯୋଗାଯୋଗର ୩ଟି ପ୍ରକାର ସଂପର୍କରେ ବୁଝାଇବେ। ସେଗୁଡ଼ିକ ହେଲା –

ବାଚନିକ (Verbal Communication), ଅଣବାଚନିକ (Non-Verbal Communication), ଦୃଶ୍ୟମାନ (Visual Communication)

୧. **ବାଚନିକ ଯୋଗାଯୋଗ :** ବାଚନିକ ଯୋଗାଯୋଗ ହେଉଛି ଉତ୍ତମ ରୂପେ କହିବା, ଶୁଣିବା ଓ ବୁଝିବାର ମାଧ୍ୟମ।

୨. **ଅଣ-ବାଚନିକ ଯୋଗାଯୋଗ :** ଅଣବାଚନିକ ଯୋଗାଯୋଗ ହେଉଛି ଶବ୍ଦର ବ୍ୟବହାର ନକରି ନିଜର ଶରୀରର ଭାବଭଙ୍ଗୀ ମାଧ୍ୟମରେ ମନର ଭାବକୁ ପରିପ୍ରକାଶ କରିବାର ମାଧ୍ୟମ।

୩. **ଦୃଶ୍ୟମାନ ଯୋଗାଯୋଗ :** ଦୃଶ୍ୟମାନ ଯୋଗାଯୋଗ ଏକ ମାଧ୍ୟମ ଯେଉଁଥିରେ ଆମେ ଚଳଚ୍ଚିତ୍ର, ଛବି... ଇତ୍ୟାଦି ମାଧ୍ୟମରେ ନିଜର ଚିନ୍ତାଧାରାକୁ ପରିପ୍ରକାଶ କରିବା ।

ସୋପାନ-୪ : ଫଳପ୍ରଦ ଯୋଗାଯୋଗ ଓ ତା'ର ଶୈଳୀ

ବିଷୟ : ଫଳପ୍ରଦ ଯୋଗାଯୋଗ ଓ ତା'ର ଶୈଳୀ

ତାଲିମ୍‌ଦାତା ଅଂଶଗ୍ରହଣକାରୀମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଡକାଇବେ । ଜଣଙ୍କୁ କହିବେ : ସେ ଅନ୍ୟ ୩ଜଣଙ୍କୁ ଗୋଟିଏ କଥା କହିବେ "ଚା' ନିଅନ୍ତୁ ପିଇବେ" । ଅନ୍ୟ ୩ଜଣ ଅଂଶଗ୍ରହଣକାରୀଙ୍କୁ ସୂଚନା ଦେଇଥିବେ ଯେ, ତାଙ୍କ ଭିତରୁ ଜଣେ କହିବେ "ନା, ମୋର ଚା' ଦରକାର ନାହିଁ, ଆପଣ ପିଅନ୍ତୁ ।" ୨ୟ ଜଣଙ୍କୁ କହିବେ - ନିରବ ରହି ନ ଶୁଣିଲା ପରି ଭାବଭଙ୍ଗୀ ଦେଖାଇବେ । ୩ୟ ଜଣକ କହିବେ - "ଆଜ୍ଞା ! ପିଇଥା'ନ୍ତି, କଥା କ'ଣ କି ମୋର ପେଟ ଖରାପ ଅଛି । ତେଣୁ ଆଜି ଭାବୁଚି ପିଇବିନି, କିନ୍ତୁ କାଲି ନିଶ୍ଚୟ ଆପଣଙ୍କ ସାଙ୍ଗେ ପିଇବି ।"

ଏହି ୩ଟି ଯାକ ଉତ୍ତର ଶୈଳୀରୁ ଅଂଶଗ୍ରହଣକାରୀଙ୍କୁ ତାଲିମ୍‌ଦାତା ବୁଝାଇବେ ଯେ, ପ୍ରଥମ ଶୈଳୀଟିର ଉତ୍ତର ଆକ୍ରମଣାତ୍ମକ ଶୈଳୀର (Aggressive style) ଥିଲା ଏବଂ ୨ୟଟି ନୀରବ ରହି ନ ଶୁଣିଲା ପରି ଭାବଭଙ୍ଗୀ ନିଷ୍କ୍ରିୟ ଶୈଳୀର (Passive Style) ଏବଂ ୩ୟ ଶୈଳୀଟି ସକାରାତ୍ମକ ଶୈଳୀର (Assertive Style) ଥିଲା ।

ବର୍ତ୍ତମାନ ସେମାନଙ୍କୁ ପଚାରିବେ - ପ୍ରକୃତରେ କେଉଁଟି ତୁମକୁ ଭଲ ଲାଗିଲା ? ୩/୪ ଜଣଙ୍କଠାରୁ ଉତ୍ତର ପାଇବା ପରେ ତାଲିମ୍‌ଦାତା ଜଣାଇବେ ଯେ, ୩ୟ ଶୈଳୀ (ସକରାତ୍ମକ) ହେଉଛି ସର୍ବୋତ୍ତମ ଏବଂ ଏହିଭଳି ଶୈଳୀ ଆମର ପାରସ୍ପରିକ ସମ୍ପର୍କକୁ ସୁସ୍ଥ ଓ ମଜବୁତ କରାଇଥାଏ ।

ମୁଖ୍ୟ ସନ୍ଦେଶ :

ସଫଳ ଯୋଗାଯୋଗ ଦ୍ୱାରା ଆମେ ନିଜ ନିଜ ମଧ୍ୟରେ ସୁ-ସମ୍ପର୍କ ସୃଷ୍ଟି କରିବା ସହିତ ସମାଜ ଏବଂ ଗୋଷ୍ଠୀର ଉନ୍ନୟନମୂଳକ କାର୍ଯ୍ୟକୁ ସହଜ ଏବଂ ସରଳରେ ସମ୍ପାଦନ କରିପାରିବା ।

ଅଧିବେଶନ-୪

ନେତୃତ୍ୱ

ଉଦ୍ଦେଶ୍ୟ

ଏହି ପଦ୍ଧତି ଶେଷ ହେବାପରେ ଅଂଶଗ୍ରହଣକାରୀମାନେ ନିମ୍ନ ବିଷୟରେ ସକ୍ଷମ ହୋଇପାରିବେ ।

୧. ନେତୃତ୍ୱ ବିଷୟରେ ବୁଝିପାରିବେ ।

୨. ଜଣେ ଉତ୍ତମ ନେତାର ଗୁଣାବଳୀଗୁଡ଼ିକୁ ବର୍ଣ୍ଣନା କରିପାରିବେ ।

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ଖେଳ : ବସ୍ତୁକୁ ଧରିବା	ଛୋଟ ଛୋଟ ଦଳ ମଧ୍ୟରେ କାର୍ଯ୍ୟକ୍ରମ	୧୦ ମିନିଟ୍
୨.	ନେତୃତ୍ୱର ଅର୍ଥ	ମାନସ ମନ୍ଥନ	୦୫ ମିନିଟ୍
୩.	ନେତାଚିହ୍ନଟ ଓ ଗୁଣାବଳୀ	ସମସ୍ତ ସଭ୍ୟ ଉପସ୍ଥିତ ଥିବା ପ୍ରତିଫଳନ	୩୫ ମିନିଟ୍
୪.	ବ୍ୟକ୍ତିଗତ ପ୍ରତିଫଳନ / ଆକ୍ଷେପ	ସମସ୍ତ ସଭ୍ୟ ଉପସ୍ଥିତ ଥିବା ପ୍ରତିଫଳନ	୧୦ ମିନିଟ୍
ମୋଟ			୬୦ ମିନିଟ୍

ଆବଶ୍ୟକୀୟ ଉପକରଣ :

୧. ମାର୍କର ସହ ଧଳାବୋର୍ଡ଼, ପ୍ରୋଜେକ୍ଟର ଓ ଲାପଟପ୍, ସାଧା କାଗଜ, ୨ଟି ପ୍ଲାଷ୍ଟିକ ବଲ,

୨. ୨/୩ ଟି ସେଟ୍‌ର ରଙ୍ଗୀନ ସ୍କେଚ ପେନ୍, କେତେଖଣ୍ଡ ଚକ୍‌ଖଡ଼ି, ଭିଡିଓ, କାଗଜ / କଲମ

ସୋପାନ-୧ : ଖେଳ : ବସ୍ତୁକୁ ଧରିବା

ସହାୟକଙ୍କ ନିମନ୍ତେ ସୂଚନା :

ଅଂଶଗ୍ରହଣକାରୀଙ୍କୁ ଜଣାଇଦେବା ଯେ ଆମେ ଏକ ଖେଳ ଖେଳିବାକୁ ଯାଉଛେ । ଏହାର ନାମ ଦେବା "ବଲ ପକାଇବା" । ଅଂଶଗ୍ରହଣକାରୀଙ୍କୁ ୨ଟି ଦଳରେ ଭାଗ ହୋଇ ନିଜ ଦଳର ନେତା ବାଛିବାକୁ କହିବେ । ପ୍ରତ୍ୟେକ ଦଳକୁ ୨ଖଣ୍ଡ ସାଧାକାଗଜ ଓ ଗୋଟିଏ ବଲ ଦେବା ପରେ ଖେଳର ନିୟମ ବୁଝାଇ ଦେବା । ବଲ୍‌ଟି କୌଣସି ସଭ୍ୟଙ୍କୁ ଛୁଇଁବ ନାହିଁ କିନ୍ତୁ ସମସ୍ତ ସଭ୍ୟଙ୍କ ମାଧ୍ୟମରେ ଯାଇ ଝୁଡ଼ି ମଧ୍ୟରେ ପହଞ୍ଚିବ । ପିଲାମାନେ ଗୋଟିଏ ଧାଡ଼ିରେ ପାଖକୁ ପାଖ ଲାଗି ଠିଆହେବେ ଓ ଧାଡ଼ିର ଶେଷରେ ଥିବା ସଭ୍ୟପାଖରେ ବଲ ରହିବ । ଏବେ ଖେଳ ଆରମ୍ଭ କରିବେ । ଖେଳ ଶେଷ ହେବା ପରେ ସେମାନଙ୍କୁ ନିମ୍ନଲିଖିତ ପ୍ରଶ୍ନ ପଚାରିବେ –

୧. ଖେଳରେ କ୍ରମାନ୍ୱୟରେ କ'ଣ ଘଟିଲା ତାହା ବର୍ଣ୍ଣନା କରିବାକୁ ପ୍ରତ୍ୟେକ ଦଳକୁ ନିର୍ଦ୍ଦେଶ ଦେବେ ।

୨. କେଉଁ ଦଳର ସଂପାଦନ / ଖେଳ ଅଧିକ ଭଲ ହେଲା ଓ କାହିଁକି ?

୩. ଦୁଇ ଦଳ ମଧ୍ୟରେ କ'ଣ ପାର୍ଥକ୍ୟ ରହିଲା ?

ବୁଝାଇ ଦେବେ ଯେ ଦଳର ନେତା କାର୍ଯ୍ୟକୁ ସୂଚାରୁ ରୂପେ ବାଣ୍ଟିବା ସହ ଉପଯୁକ୍ତ ନିର୍ଦ୍ଦେଶ ଦେବା ଯୋଗୁ ଦଳଗତ ସଫଳତା ଭଲ ହୋଇଥାଏ।

ସୋପାନ-୨ : ନେତୃତ୍ୱର ଅର୍ଥବୋଧକ

ସହାୟକ ନେତୃତ୍ୱର ଅର୍ଥ ବୁଝାଇବା ପାଇଁ ବ୍ରିଟିଶ ମେଡ଼ିକାଲ ଅଫିସର ଲର୍ଡ଼ ମୋରଗାନଙ୍କ ବିଷୟରେ ବର୍ଣ୍ଣନା କରିବେ। ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଲର୍ଡ଼ ମୋରଗାନ ବ୍ରିଟିଶ ପଦାତିକ ସୈନ୍ୟଦଳରେ ଭାଗ ନେଇଥିଲେ। ସେ ବ୍ରିଟିଶ ମେଡ଼ିକାଲ ପରିଷଦର ସଭାପତି ତଥା ୱିନ୍‌ଷ୍ଟନ ଚର୍ଚ୍ଚିଲଙ୍କ ବ୍ୟକ୍ତିଗତ ଚିକିତ୍ସକ ଥିଲେ। ତାଙ୍କ ମତରେ ସଫଳତା ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ଏବଂ ତାହାକୁ ସମସ୍ତ ବାଧାବିଘ୍ନ ସତ୍ତ୍ୱେ କାର୍ଯ୍ୟକାରୀ କରିବାକୁ ଅନ୍ୟମାନଙ୍କୁ ପ୍ରୋତ୍ସାହିତ ଓ ପ୍ରେରିତ କରିବାର ସାମର୍ଥ୍ୟ ଓ ଦକ୍ଷତା ହେଉଛି ନେତୃତ୍ୱ।

ସଂଜ୍ଞାନିରୂପଣ କରିବାର ଦୁଇଟି ବିଭାଗ ଅଛି, "କ'ଣ କରିବାକୁ ହେବ ଜାଣିବା ଏବଂ କାର୍ଯ୍ୟକାରୀ କରିବା ସଂଜ୍ଞାର ଏହି ଦୁଇଟି ବିଭାଗ ଉପରେ ବିସ୍ତୃତ ବର୍ଣ୍ଣନା କରିବା।

ସୋପାନ-୩ : ନେତାଙ୍କୁ ଚିହ୍ନଟକରିବା ଓ ସେମାନଙ୍କର ଗୁଣାବଳୀ

ସର୍ବଦା ପୃଥିବୀର ସବୁଠାରୁ ଡେଙ୍ଗା ନେତାଙ୍କ ବିଷୟରେ ମତପ୍ରଦାନ କରିବାକୁ ଅଂଶଗ୍ରହଣକାରୀଙ୍କୁ ସହାୟକ ନିର୍ଦ୍ଦେଶ ଦେବେ। ସଭ୍ୟମାନେ ପ୍ରକାଶ କରୁଥିବା ନାମକୁ ଧଳାବୋର୍ଡ଼ରେ ଲେଖି ରଖିବେ। ତିନି-ଚାରିଜଣଙ୍କ ନାମ ପାଇବା ପରେ ସଭ୍ୟମାନଙ୍କୁ ପ୍ରଶ୍ନ କରିବେ ଯେ କାହିଁକି ସେମାନଙ୍କୁ ନେତା ବୋଲି ବିଚାର କରୁଛନ୍ତି, ତାହା ବର୍ଣ୍ଣନା କରନ୍ତୁ। କିଛି ସମୟ ସେମାନେ ଚିନ୍ତା କରିବା ପରେ ସେମାନଙ୍କ ମତାମତ ପ୍ରଦାନ କରିବେ। ସେମାନେ ପ୍ରକାଶ କରୁଥିବା କାରଣ ବା ଗୁଣଗୁଡ଼ିକୁ ବୋର୍ଡ଼ରେ ଲେଖିବେ, ସେମାନଙ୍କ ମତ ପ୍ରଦାନ ଶେଷ ହେବା ପରେ ନେତାଙ୍କର ସାର୍ବଜନୀନ ଗୁଣାବଳୀ ବିଷୟରେ ଆଲୋଚନା କରାଯିବ।

ଆମେ ସେମାନଙ୍କୁ ନେତା କହୁଛୁ, କାରଣ ସେମାନଙ୍କର କେତେକ ସାର୍ବଜନୀନ ଗୁଣ ରହିଛି। ଏହା ସହାୟକ ସଭ୍ୟମାନଙ୍କୁ କହି ଜଣେ ସଫଳ ନେତାଙ୍କ ସାର୍ବଜନୀନ ଗୁଣାବଳୀ ସଂପର୍କରେ ଆଲୋଚନା କରିବେ। ଏହିସବୁ ଗୁଣ ସବିଶେଷ / ସଂପୂର୍ଣ୍ଣ ନୁହେଁ କିନ୍ତୁ ନିଶ୍ଚିତ ଭାବରେ ଅତି ଗୁରୁତ୍ୱପୂର୍ଣ୍ଣ।

୧. ନିଃସ୍ୱାର୍ଥପର ସହ ଦୂରଦୃଷ୍ଟିସଂପନ୍ନ

ଜଣେ ନେତା ସର୍ବଦା ନିଜର ବ୍ୟକ୍ତିଗତ ସ୍ୱାର୍ଥ ଚିନ୍ତା ନ କରି ସର୍ବସାଧାରଣଙ୍କ ନିମନ୍ତେ ଉଚ୍ଚ ଆଶା ପୋଷଣ କରି ଉଚ୍ଚମନା ହୋଇ ଉଚ୍ଚତର ଲକ୍ଷ୍ୟ ପୋଷଣ କରିଥା'ନ୍ତି। ବୋର୍ଡ଼ରେ ସ୍ୱାମୀ ବିବେକାନନ୍ଦଙ୍କ ଉକ୍ତିକୁ ଲେଖି ତାକୁ ବର୍ଣ୍ଣନା କରିବେ - ମାନବ ସମାଜର ହିତସାଧନ ଚିନ୍ତା ଉଚ୍ଚତର ଲକ୍ଷ୍ୟ ହେବାବେଳେ ନିଜର ବା ପରିବାର ଚିନ୍ତା ନିମ୍ନଦୃଷ୍ଟିସଂପନ୍ନ ହୋଇଥାଏ।

ସ୍ୱାମୀ ବିବେକାନନ୍ଦ କହିଛନ୍ତି - ଯଦି ତୁମେ ସମଗ୍ର ମାନବ ସମାଜ ବିଷୟରେ ଚିନ୍ତା କରିପାରିବ ନାହିଁ, ତେବେ ନିଜଗୋଷ୍ଠୀ ଚିନ୍ତା କର "ଯଦି ତୁମେ ନିଜ ଦେଶର ହିତ ଚିନ୍ତା କରିପାରୁ ନାହଁ, ତେବେ ନିଜ ଗୋଷ୍ଠୀ ବିଷୟରେ ଚିନ୍ତା କର। ଯଦି ଗୋଷ୍ଠୀ ହିତ ଚିନ୍ତା କରିପାରୁ ନାହଁ, ତେବେ ନିଜ ପତ୍ନୀ / ସ୍ତ୍ରୀ ବିଷୟରେ ଚିନ୍ତା କର।"

୨. ଦୃଷ୍ଟାନ୍ତ ମାଧ୍ୟମରେ ମହାନ୍ ନେତାମାନେ ପଥପ୍ରଦର୍ଶନ କରାଇଥା'ନ୍ତି।

ସମସ୍ତ ନେତାଙ୍କର ନିଶ୍ଚିତ ଭାବରେ ଚିନ୍ତା, ବଚନ ଓ କାର୍ଯ୍ୟ ମଧ୍ୟରେ ସମନ୍ୱୟ ଥାଏ। ଏବେ ରାମକୃଷ୍ଣ ପରମହଂସଙ୍କ ଜୀବନରୁ ଗୋଟିଏ ଜୀବନ୍ତ/ବାସ୍ତବ ଦୃଷ୍ଟାନ୍ତ ଶୁଣାଇବେ ବୋଲି କହିବେ।

ଦିନେ ଜଣେ ବୟସ୍କା ମହିଳା ତାଙ୍କର ୧୦ ବର୍ଷ ବୟସର ନାତିକୁ ସାଙ୍ଗରେ ଆଣି ରାମକୃଷ୍ଣଙ୍କ ନିକଟକୁ ଆସିଲେ। ମହିଳା ଜଣଙ୍କ ରାମକୃଷ୍ଣଙ୍କୁ ସାଷ୍ଟାଙ୍ଗ ପ୍ରଣାମ ଜଣାଇ କହିଲେ – ମହାଭାଗ / ସ୍ୱାମୀ ମୁଁ ଆପଣଙ୍କ ଉପଦେଶ ପାଇଁ ଏଠାକୁ ଆସିଛି। ଏହି ବାଳକଟି ମାଆ ବାପ ଛେଉଣ୍ଡ ଓ ମୋର ନାତି। ୫ବର୍ଷ ବୟସରେ ସେ ତାର ପିତାମାତାଙ୍କୁ ହରାଇଛି। ତେଣୁ ସେ ମୋ ଦାୟିତ୍ୱରେ ଅଛି। ସେ ଭାରି ମିଠାପ୍ରିୟ। ଏତେ ପରିମାଣର ମିଠାଖାଉଛି ଯେ ତାର ସ୍ୱାସ୍ଥ୍ୟ ଦିନକୁ ଦିନ ଅବନ୍ନତି କରିବାରେ ଲାଗିଛି। ଚିକିତ୍ସକମାନେ ତାକୁ ମିଠା ନ ଖାଇବା ପାଇଁ ପରାମର୍ଶ ଦେଇଛନ୍ତି ହେଲେ ସେ ସେଥିପ୍ରତି ଧ୍ୟାନ ଦେଉନାହିଁ। ସେ ଯାହାହେଉ, ତା'ର କିନ୍ତୁ ଆପଣଙ୍କ ପ୍ରତି ଗଭୀର ସମ୍ମାନ ଓ ବିଶ୍ୱାସ ରହିଛି। ସେ ଆପଣଙ୍କର ଜଣେ ବଡ଼ ପ୍ରଶଂସକ।

"ତେଣୁ ମୁଁ ଆପଣଙ୍କ ପାଖକୁ ଆସିଛି ଓ ଅନୁରୋଧ କରୁଛି ଦୟାକରି ତା'ର ମିଠା ଖାଇବା ଅଭ୍ୟାସ ବନ୍ଦ କରାଇ ଦିଅନ୍ତୁ। ମୁଁ ଦୃଢ଼ ନିଶ୍ଚିତ ଯେ ଏ କାମ ଏକମାତ୍ର ଆପଣ ହିଁ କରିପାରିବେ। ରାମକୃଷ୍ଣ କହିଲେ – ମାଆ, ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ। ଆପଣ ନାତିକୁ ଧରି ମାସକ ପରେ ଆସନ୍ତୁ, ସେତେବେଳକୁ ମୁଁ କିଛି ଗୋଟାଏ ଉପାୟ ସ୍ଥିର ପିଲାକୁ ସ୍ୱାସ୍ଥ୍ୟ ବିଷୟରେ ବୁଝାଇଦେବି। ଧନ ସଂପଦ ଅପେକ୍ଷା ସ୍ୱାସ୍ଥ୍ୟ ଅତି ଗୁରୁତ୍ୱପୂର୍ଣ୍ଣ। ମହିଳା ଜଣକ ରାମକୃଷ୍ଣଙ୍କୁ ଧନ୍ୟବାଦ ଜଣାଇ ସେଠାରୁ ବିଦାୟ ନେଲା।

ଠିକ୍ ଏକମାସ ପରେ ବୃଦ୍ଧା ଓ ତା'ର ନାତି ଆଶ୍ରମକୁ ଆସିଲେ ଓ ଉଭୟେ ରାମକୃଷ୍ଣଙ୍କୁ ପ୍ରଣାମ କଲେ। ରାମକୃଷ୍ଣ ପିଲାଟିକୁ ପାଖରେ ବସାଇ ତାକୁ ବୁଝାଇଲେ। "ହେ ପ୍ରିୟବାଳକ, ମନେରଖ ଯେ ଜଣଙ୍କର ପ୍ରକୃତ ସଂପଦ ହେଉଛି ସ୍ୱାସ୍ଥ୍ୟ / ସ୍ୱାସ୍ଥ୍ୟ ହିଁ ସଂପଦ।" ଯଦି ତୁମେ ତୁମର ସ୍ୱାସ୍ଥ୍ୟ ସଂପର୍କରେ ସଚେତନ ହେବନାହିଁ ଓ ଉପଯୁକ୍ତ ଯତ୍ନ ନେବ ନାହିଁ, ତେବେ ଭବିଷ୍ୟତରେ କିପରି ଜଣେ ଶକ୍ତିଶାଳୀ ତଥା ସ୍ୱାସ୍ଥ୍ୟବାନ୍ ଯୁବକ ହୋଇପାରିବ ? ତୁମେ ଦୁର୍ବଳ ହେଲେ ଜୀବନରେ କିଛି ଭଲ ବା ବଡ଼ କାମ କରିବାକୁ ସକ୍ଷମ ହୋଇପାରିବ ନାହିଁ। ଯେତେବେଳେ କୌଣସି ଜିନିଷ ଖାଇଲେ ତାହା ଆମ ଶରୀର ପାଇଁ ଉପଯୋଗୀ ହୋଇ ନ ଥାଏ ଓ ତଦ୍ଦ୍ୱାରା ସ୍ୱାସ୍ଥ୍ୟହାନି ଘଟିଥାଏ, ତେବେ ଆମେ ତାହା ଖାଇବା ଛାଡ଼ିଦେବା ଆବଶ୍ୟକ। ଆସନ୍ତା କାଲିଠାରୁ ତୁମେ ଆଉ ମିଠା ଖାଇବ ନାହିଁ। ତୁମେ ଜଣେ ସୁନ୍ଦର ପିଲା ଓ ମୋ କଥା ମାନିବ। କ'ଣ ମାନିବ ନାହିଁ ? ପିଲାଟି ମୁଣ୍ଡ ହଲାଇ ସମ୍ମତି ଜଣାଇ ପ୍ରତିଜ୍ଞା କଲା ଆଉ ମିଠା ଖାଇବ ନାହିଁ।

ରାମକୃଷ୍ଣଙ୍କ ସହ କିଛି ବିଶ୍ୱାସନୀୟ ଗୁପ୍ତ ଆଲୋଚନା ପାଇଁ ମହିଳା ତାଙ୍କର ନାତିକୁ ଅନ୍ୟ କିଛି କାମରେ ସେଠାରେ ଅନ୍ୟତ୍ର ପଠାଇଦେଲେ। ସେ ପଚାରିଲେ – ପ୍ରଭୁ ! ମୁଁ କିଛି ପ୍ରଶ୍ନ କରିପାରେ କି ? ମାଆ ନିଶ୍ଚିତ ଭାବରେ ପଚାରିପାର ବୋଲି ରାମକୃଷ୍ଣ କହିଲେ। ମୋ ନାତିକୁ ଆଜି ଯେଉଁ ଉପଦେଶ ଦେଲେ, ତାହାତ ମାସକ ପୂର୍ବରୁ ଦେଇପାରିଥା'ନ୍ତେ ! ସେତେବେଳେ କାହିଁ ଦେଲେ ନାହିଁ ଓ ମୋତେ ମାସକ ପରେ ଆସିବାକୁ କହିଲେ ? ଏକଥା ମୁଁ କିଛି ବୁଝିପାରୁନାହିଁ।

ରାମକୃଷ୍ଣ ବୁଝାଇବା ଭଙ୍ଗୀରେ ସ୍ମିତ ହସି ଉତ୍ତର ଦେଲେ – ମାଆ, ମୁଁ ନିଜେ ବହୁତ ମିଠା ଖାଉଥିଲି। ଯେଉଁ କାମ ମୁଁ ନିଜେ କରୁନାହିଁ, ସେ କାମ କରିବାକୁ ପିଲାଟିକୁ କିପରି ଉପଦେଶ ଦେଇଥା'ନ୍ତି ? ନିଜେ ଅଭ୍ୟାସ କରି ନ ଥିବା କୌଣସି ବିଷୟରେ ଅନ୍ୟକୁ ଉପଦେଶର ଅଧିକାର ନାହିଁ। ତେଣୁ କିଛିଦିନ ସମୟ ନେଲି ଓ ସେ ମାସକ ସାରା ମୁଁ କେବେ ମିଠା ଖାଇଲି ନାହିଁ। ତାହା ଅଭ୍ୟାସ କରି ସାରିବା ପରେ ଏବେ ଉପଦେଶ ଦେବାର ଅଧିକାର ପାଇ ଆପଣଙ୍କ ନାତିକୁ ଉପଦେଶ ଦେଲି।

୩. ସାହସ :

ଜଣେ ନେତାଙ୍କର ନିଷ୍ପତ୍ତି ନେବା କ୍ଷେତ୍ରରେ ଅଧିକ ଗୁରୁତ୍ୱପୂର୍ଣ୍ଣ ସାହସ ରହିବା ଆବଶ୍ୟକ। ସାଧାରଣତଃ ଆମେ ନିଷ୍ପତ୍ତିକୁ ବାତିଲ କରିଦେଉ ବା ଅନ୍ୟମାନଙ୍କୁ ନିଷ୍ପତ୍ତି ନେବାପାଇଁ ଛାଡ଼ି ଦେଇଥାଉ। ତା'ର କାରଣ ନିଷ୍ପତ୍ତି ନେଇପାରିବା ନୁହେଁ। ବରଂ ତାହା କରିବାକୁ ଆମେ ସାହସ କରିପାରୁନାହିଁ। ବିଫଳ ହେବାର ଭୟ ରହିଥାଏ। କାହିଁକି ଆମମାନଙ୍କ ମଧ୍ୟରୁ ଅଧିକାଂଶ ବିଫଳତାକୁ ଭୟ କରିଥାଉ ବୋଲି ପଚାରିବା ଓ ଆମେ କେବଳ ଆମ ଶରୀର ମଧ୍ୟରେ ସୀମିତ ରହି ନିଜକୁ ପରିଚିତ କରୁ। ତେଣୁ ସର୍ବସାଧାରଣ କାର୍ଯ୍ୟ ପାଇଁ ନିର୍ଣ୍ଣୟାତ୍ମକ ପରିସ୍ଥିତିରେ ସାହସ ତୁଟାଇ ନ ପାରି ଓହରି ଯାଇଥାଉ।

୪. ଇଚ୍ଛାଶକ୍ତି :

ବ୍ରିଟିଶ ପ୍ରଧାନମନ୍ତ୍ରୀ ୱିନଷ୍ଟନ୍ ଚର୍ଚ୍ଚିଲଙ୍କ ଜୀବନର ଏକ ସତ୍ୟଘଟଣା ଆପଣମାନଙ୍କୁ କହିବି ବୋଲି ସହାୟକ ସୂଚନା ଦେବେ।

ମିଳିତ ଶକ୍ତିର ରାଷ୍ଟ୍ରମାନେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବିଜୟୀ ହେବା ପରେ, ଚର୍ଚ୍ଚିଲଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ତାଙ୍କ ବିଦ୍ୟାଳୟ ତାଙ୍କୁ ନିମନ୍ତ୍ରଣ କରିଲା। ଚର୍ଚ୍ଚିଲ ଉପଦେଶାତ୍ମକ କିଛି କଥା ସ୍କୁଲର ଛାତ୍ରଛାତ୍ରୀଙ୍କୁ କହିବା ପାଇଁ ଅଧ୍ୟକ୍ଷଙ୍କୁ ଅନୁମତି ମାଗିଲେ। ଅନୁମତି ପାଇ ଚର୍ଚ୍ଚିଲ ପିଲାମାନଙ୍କୁ ମାତ୍ର ଛଅଟି ଶବ୍ଦ କହି ତାଙ୍କର ବକ୍ତବ୍ୟ ଶେଷ କରିଦେଲେ - "କେବେ ନୁହେଁ, କେବେ ନୁହେଁ, କେବେ ନୁହେଁ, ସର୍ବଦା ଚେଷ୍ଟା କରିବା ବନ୍ଦ କରିଦେଇ ବିଫଳ ହୋଇଥିବା କାର୍ଯ୍ୟକୁ ଗ୍ରହଣ କରିବା।" ଅଂଶଗ୍ରହଣକାରୀଙ୍କୁ ପଚାରିବା - ସେମାନେ କିପରି ଇଚ୍ଛାଶକ୍ତିର ବିକାଶ କରିପାରିବେ !

୫. କ୍ରିୟାଶୀଳ ହେବା ବା ସ୍ୱାଧୀନ ଭାବରେ ନୂତନ କାର୍ଯ୍ୟ / ପଦକ୍ଷେପ ନେବାର ଦକ୍ଷତା :

ଗୋଟିଏ ଛୋଟ ଭିଡ଼ିଓ ଚିତ୍ର ଦେଖାଇବା ବିଷୟରେ ଅଂଶଗ୍ରହଣକାରୀଙ୍କୁ ଜଣାଇଦେବେ। ପ୍ରଦର୍ଶନ ସରିବା ପରେ ସେମାନଙ୍କୁ ପ୍ରଶ୍ନ ପଚାରିବେ - ପିଲାଟିର କେଉଁ ଭଲଗୁଣ ଥିଲା ? ପାଣି ବୁଡ଼ିଯାଉଥିବା ଜଣେ ଲୋକକୁ ସମସ୍ତେ ଦେଖି ପାଟିକରି ଦୃଶ୍ୟକୁ ଉପଭୋଗ କରୁଥିବା ବେଳେ କେବଳ କେତେଜଣ ପାଣିକୁ ଡେଇଁ ସେ ଲୋକକୁ ଉଦ୍ଧାର କରିବାକୁ ଚେଷ୍ଟା କରିଥାନ୍ତି। କାରଣ ସେମାନେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାକୁ ଆଗ୍ରହୀ ହୋଇଥାନ୍ତି।

୬. ଜ୍ଞାନ ଗରିମା :

ଜଣେ ଉତ୍ତମ ନେତା ହେବାପାଇଁ ଜ୍ଞାନର ଆବଶ୍ୟକତା ଅପରିହାର୍ଯ୍ୟ। ସାଧାରଣତଃ ତିନିପ୍ରକାର ଜ୍ଞାନ ରହିଛି। ଯଥା

(୧) ନିଜର ଜ୍ଞାନ

(୨) ଦଳର ସମଷ୍ଟିଗତ ଜ୍ଞାନ :

(କ) ନିଜ ଦଳର ସଭ୍ୟଙ୍କୁ ଭଲଭାବରେ ଜାଣିବାର ଜ୍ଞାନକୌଶଳ (ମହାମନ୍ତ୍ର = ଜଣେ ଭଲ ନେତା ତା' ଲୋକମାନଙ୍କୁ ଜଣେ ମା' ତାର ସନ୍ତାନକୁ ଜାଣିବା ଠାରୁ ଅଧିକ ଭଲଭାବରେ ଜାଣିଥାଏ

(ଖ) ଯେକୌଣସି ଦିଗରୁ ସହକର୍ମୀଙ୍କର ସହଯୋଗ ଓ ବିଜୟ ଲାଭର ସହାୟତ ଲାଭ କରିବା।

(ଗ) ଉଚ୍ଚପଦାଧିକାରୀଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କ ସ୍ଥାପନ କରିବା

(୩) ନିଜ ପାଖରେ ଥିବା ଚାକିରୀ / କାର୍ଯ୍ୟ ସଂପର୍କୀୟ ଜ୍ଞାନ।

୭. ସହଜ ଲଭ୍ୟତା

ନିଜ ଦଳର ସଭ୍ୟ ବା ସର୍ବସାଧାରଣଙ୍କ ନିମନ୍ତେ ନେତା ସହଜରେ ଉପଲବ୍ଧ ହେବା ଆବଶ୍ୟକ। ଜଣଙ୍କର ପୋଷାକ ପରିଧାନ ଓ ଜୀବନଶୈଳୀ ବହୁଳ ଭାବରେ ସହଜ ପ୍ରାପ୍ତିକୁ ନିର୍ଦ୍ଧାରିତ କରିଥାଏ।

୮. ଯୋଗାଯୋଗ ବା ସଂପର୍କ ସ୍ଥାପନ ଦକ୍ଷତା

(କ) ନିଜକୁ ଉପସ୍ଥାପନ କରିବାର ଦକ୍ଷତା - ବାଚନିକ / କଥାବାର୍ତ୍ତା ଦ୍ୱାରା (୩୦% ଦକ୍ଷତା) ଓ ଶାରୀରିକ ଅଙ୍ଗଭଙ୍ଗୀ (ଆଖି, ବସିବା / ଠିଆ ହେବା ଭଙ୍ଗୀ ଓ ସ୍ୱର) ନିଜକୁ ଉପସ୍ଥାପିତ କରିବା।

(ଖ) ଶ୍ରବଣ ଦକ୍ଷତା = ଶୁଣିବାର ୩ଟି ଦିଗ (କ) ମନଯୋଗୀ / ସତର୍କ ଭାବ (୨) ବୋଧଗମ୍ୟ ହେବା / ଭଲ ଭାବରେ ବୁଝିପାରିବା (ଗ) ସ୍ମରଣ ରଖିବା / ମନେ ରଖିବା (ଜଣେ ନେତା ପକ୍ଷରେ ଲୋକମାନଙ୍କ ନାମ ମନେରଖିବା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ।

ସୋପାନ-୪ : ବ୍ୟକ୍ତିଗତ ପ୍ରତିଫଳନ / ଆକ୍ଷେପ

ବ୍ୟକ୍ତିଗତ ପ୍ରତିଫଳନ

ଜଣେ ନେତାଙ୍କର ଗୁଣାବଳୀକୁ ବୋର୍ଡ଼ରେ ଲେଖିଦେବେ ବା ସ୍ଲାଇଡ଼ ମାଧ୍ୟମରେ ଦେଖାଇବେ। ତାପରେ ଅଂଶଗ୍ରହଣକାରୀଙ୍କୁ ସେ ସମ୍ବନ୍ଧରେ ନିଜର ପ୍ରତିକ୍ରିୟା ରଖିବାକୁ ନିର୍ଦ୍ଦେଶ ଦେବେ। ସେମାନେ କାର୍ଯ୍ୟ କରିବା ପାଇଁ କେଉଁ ଗୁଣାବଳୀ ଆବଶ୍ୟକ କରିବେ ଓ କିପରି ତାହା ଚିହ୍ନଟ କରିବେ, ଏ ସମ୍ବନ୍ଧରେ ଜଣେ / ଦୁଇଜଣ ସଭ୍ୟଙ୍କୁ ଡାକି ନିଜର ପ୍ରତିଫଳନ ସର୍ବ ସମ୍ମୁଖରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେବେ।

ଅଂଶଗ୍ରହଣକାରୀ ସଦସ୍ୟମାନଙ୍କୁ ଏ ପରିସ୍ଥିତିରେ ସେମାନଙ୍କ ପ୍ରତିକ୍ରିୟା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେବେ। ସେମାନେ ସେମାନଙ୍କ ଉତ୍ତର ଦେବା ପରେ ଆପଣ ନିମ୍ନଲିଖିତ ୫ଟି ଜବାବ ମଧ୍ୟରୁ ଯେକୌଣସି ଉତ୍ତର ହୋଇପାରିବ ବୋଲି କହିବେ।

(କ) ଆପଣ ସାଙ୍ଗ ଉପରେ ରାଗିଯାଇ ବଡ଼ପାଟିରେ କହିବେ "ଏହି ଏକ ବିଫଳତା ତୁମ ଦୋଷରୁ ହେଲା ! ସାଙ୍ଗେ ସାଙ୍ଗେ ପ୍ରଶିକ୍ଷଣ ଦାୟିତ୍ୱରେ ଥିବା ମୁଖ୍ୟଙ୍କ ନିକଟକୁ ଯାଇ ସାଙ୍ଗ ବିରୋଧରେ ଅଭିଯୋଗ କରିବେ ଏବଂ ତାହା ସହିତ ପୁନର୍ବାର କାମ କରିବାକୁ ଅଗ୍ରାହ୍ୟ କରିଦେବେ।

(ଖ) ପ୍ରସ୍ତାବରେ ଆପଣ ଏକମତ ନ ହେଲେ ବି ମନେ ମନେ ଚିନ୍ତା କରିବେ ଯେ ଏହାଠାରୁ ଆଉ ଭଲ ପ୍ରଦର୍ଶନ ହୋଇପାରିଥାନ୍ତା। ଭବିଷ୍ୟତରେ ପୁଣି ଥରେ ସେ ସାଥୀ ସହ ମିଶି କାମ କରିବାକୁ ଆଗ୍ରହୀ ହେବେ। (ସମସ୍ୟାର ସମାଧାନ କରିବା)

(ଗ) ନିଜେ ଅନ୍ୟକାମ ପାଇଁ ବ୍ୟସ୍ତ ଅଛନ୍ତି କହି ସେଠାରୁ ଶୀଘ୍ର ପଳାଇ ଆସିବେ। ସାଙ୍ଗକୁ କିଛି ସମୟ ପାଇଁ ନ ଦେଖିବାପାଇଁ ତୁମେ ପଳାୟନ କରିବାକୁ ଚେଷ୍ଟା କରିବ।

(ଘ) ନିଜର ମତପାର୍ଥକ୍ୟକୁ ପ୍ରକାଶ କରିଲେ ମଧ୍ୟ କହିବେ ଯେ ଆମେ ଏକାଠି କାମ ଯଦି କେବେ କରିବା ତେବେ କାମର ବିଭାଗୀକରଣ କରିବା ଉପରେ ଗୁରୁତ୍ୱ ଦେବେ (ସହାୟତା କରିବା / ସୌଜନ୍ୟ ପ୍ରଦର୍ଶନ ନ କରିବା)।

(ଙ) ତୁମର ଦାୟିତ୍ୱ ସଂପାଦନ କରିବା ଦକ୍ଷତାକୁ ଅନ୍ୟମାନେ କିପରି ଭାବରେ ଜାଣିବେ – ପ୍ରଶଂସା କରିବେ। ସାଙ୍ଗର ଅସୁବିଧାକୁ ହୃଦୟଙ୍ଗମ କରି ପରବର୍ତ୍ତୀ ଯୋଜନାରେ ତାଙ୍କର ସହାୟତା ନେଇ କାମ କରିବା ପାଇଁ କହି ନିଜର ମତଭେଦକୁ ପ୍ରକାଶ କରିବେ। (ସମସ୍ୟା ସମାଧାନ / ମିଳିମିଶି କାମ କରିବା)।

ଏହାପରେ ସହାୟକ ୫ଟି ଜବାବ / ପ୍ରତିକ୍ରିୟା ପ୍ରକାଶ କରିବାର କୌଶଳକୁ ଲିଖିତ ଆକାରରେ ଅଂଶଗ୍ରହଣକାରୀଙ୍କୁ ପ୍ରଦାନ କରିବେ ଓ ସେସବୁ ବିଷୟରେ ବିଶଦ୍ ଭାବରେ ନିମ୍ନମତେ ବୁଝାଇଦେବେ।

ପ୍ରତିକ୍ରିୟା କୌଶଳର ଅର୍ଥ	ପ୍ରତ୍ୟାଶାମୂଳକ ବ୍ୟବହାର	ବିଶ୍ଳେଷଣ
ଦୂରେଇ ରହିବା	ସଂପୃକ୍ତ ସ୍ଥାନ ଛାଡ଼ି ଚାଲିଯିବା	ପ୍ରତିବାଦ କରିବା କେତେବେଳେ ବିପଦଜନକ ହେବା ସବୁଠାରୁ ଭଲ।
ସମସ୍ୟାକୁ ଅଗ୍ରାହ୍ୟ କରିବା	ଅନୁଭବ ଓ ମତାମତ	ପ୍ରସ୍ତୁତି ପାଇଁ କେତେବେଳେ ଅଧିକ ସମୟ ଆବଶ୍ୟକ କରିବ।
କିଛି ତ୍ରୁଟି ନଥିବା ଭଳି ଛଳନା କରିବା	ପ୍ରକାଶ କରିବାକୁ ପଛଘୁଞ୍ଚା ଦେବା / ସଂଶୟାକୁଳ ହେବା	ସମସ୍ୟାଟି କେବେ ପୁନଃସମାଧିତ ହୋଇ ନ ପାରେ। ମାନସିକ ଉତ୍ତେଜନା ପରେ ମତାମତକୁ ଅବଜ୍ଞା କରିପାରେ।
ପ୍ରତିରୋଧ / ପ୍ରତିବାଦ କରିବା	ବାଧାଦେବା	କେତେବେଳେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ହୋଇଥାଏ।
କ'ଣ ପାଇବାକୁ ଇଚ୍ଛା କରୁଛନ୍ତି	ଅନ୍ୟମାନଙ୍କ ଚିନ୍ତାଧାରା ଓ ଆବେଗକୁ ଅବଜ୍ଞା କରିବା।	ଅନ୍ୟ କୌଣସି ବିକଳ୍ପକୁ ନ ଦେଖି, କେତେବେଳେ ନିଜର କାର୍ଯ୍ୟକଳାପକୁ ଠିକ୍ ବୋଲି ବିଶ୍ୱାସ କରିବ।
କେତେଜଣ ବିଜୟୀ ହେବାବେଳେ ଅନ୍ୟମାନେ ହରାଇଥା'ନ୍ତି	ଉଚ୍ଚସ୍ୱରରେ କଥାବାର୍ତ୍ତା କରିବା ବେଳେବେଳେ ମାରପିଟ ଭଳି ଶାରୀରିକ ସଂଘର୍ଷ ଘଟିବା।	ଏହା ଲୋକମାନଙ୍କୁ ଆକ୍ରମଣାତ୍ମକ କରିଦେଇପାରେ ଏବଂ ବିବାଦକୁ ଅଧିକ ଜଟିଳ କରିପାରେ।
ସୌଜନ୍ୟ ପ୍ରଦର୍ଶନ ଅନ୍ୟମାନଙ୍କ ବିଚାର ଚିନ୍ତାଧାରାକୁ ଗ୍ରହଣ କରିବା	ବିବାଦକୁ ଶେଷ କରିବା ପାଇଁ ଏକମତ ହେବା ; କ୍ଷମା ପ୍ରାର୍ଥନା କରିବା।	ନିଜେ ଭୁଲ କରିଛ କିମ୍ବା ପରିସ୍ଥିତିକୁ ଭଲଭାବରେ ବୁଝିପାରିନାହଁ ବୋଲି କେତେବେଳେ ଚିନ୍ତା କରିବ।
ନିଜର ସୁବିଧା ନ ଦେଖି ଅନ୍ୟମାନଙ୍କ ପ୍ରତି ଧ୍ୟାନ ଦେବା	ନିଜର ଆବେଗ / ଉତ୍ତେଜନା ଓ ଚିନ୍ତାଧାରାକୁ ଅନ୍ୟମାନେ ପ୍ରତିବାଦ କରିବାକୁ ସୁଯୋଗ ଦେବା।	ବନ୍ଧୁତା ବଜାୟ ରଖିବାପାଇଁ ସମସ୍ୟା ସମାଧାନ କରିବା କେତେବେଳେ ଗୁରୁତ୍ୱପୂର୍ଣ୍ଣ ହେବ। ଅନ୍ୟମାନଙ୍କୁ ଖୁସି କରିବା ପାଇଁ କଠିନ ପରିଶ୍ରମ କରିଲେ ମଧ୍ୟ ନିଜେ ସନ୍ତୁଷ୍ଟ ହୋଇପାରିନାହିଁ। ସବୁ ଠିକ୍ ଥିଲେ ବି ସର୍ବଦା ସମସ୍ୟାର ସମାଧାନ ହୁଏନାହିଁ।
ଆପୋଷ ସମାଧାନ	ସମସ୍ୟା ସମାଧାନ କରିବାରେ ଆଗ୍ରହୀ	ଏକ ଛୋଟ ସମସ୍ୟା ନିମନ୍ତେ କେବେ ତୁରନ୍ତ ନିଷ୍ପତ୍ତି ନେବା ଆବଶ୍ୟକ କରିଥାଅ।

ପ୍ରତ୍ୟେକ ବ୍ୟକ୍ତି କିଛି ଲାଭ କରିବା	ସମସ୍ୟା ସମ୍ବନ୍ଧୀୟ ଆଲୋଚନା ନିମନ୍ତେ ଇଚ୍ଛା ପ୍ରକାଶ କରିବା	କେତେବେଳେ କିଛିହେଲେ କାର୍ଯ୍ୟ କରେନାହିଁ ସହସା ଘଟୁଥିବା ବିବାଦକୁ ଆପଣ ସମାଧାନ କରିଦେଇପାରିବେ। ମାତ୍ର ବଡ଼ବଡ଼ ସମସ୍ୟାକୁ କରିପାରିବେ ନାହିଁ। ପ୍ରତ୍ୟେକ ବ୍ୟକ୍ତି ଆନନ୍ଦର ଶେଷ ସୀମାରେ ପହଞ୍ଚିପାରନ୍ତି ନାହିଁ
ସମସ୍ୟା ସମାଧାନ ପ୍ରତ୍ୟେକ ବ୍ୟକ୍ତି ଆନନ୍ଦିତ ହେବାଭଳି ଏକ ସମାଧାନର ପନ୍ଥା ବାହାର କରିବାକୁ ହେବ।	ନିଜର ଆବେଗ, ଆବଶ୍ୟକତା, ଏବଂ କାମନା ଇତ୍ୟାଦିକୁ ସିଧା ସଳଖ / ପ୍ରତ୍ୟକ୍ଷ ଭାବରେ ଉପସ୍ଥାପନ କରିବା	ଗୋଟିଏ ସମସ୍ୟାର ସମାଧାନ ନିମନ୍ତେ ଜଣକୁ ସେଥିପାଇଁ ଦୃଢ଼ପ୍ରତିଜ୍ଞ କରିପାରିବା। କିନ୍ତୁ ଏଥିପାଇଁ ସମୟ ଓ ଉତ୍ତମ ଭାବର ଆଦାନପ୍ରଦାନ କୌଶଳ ଆବଶ୍ୟକ।

ଏହି ୫ଟି କୌଶଳରୁ ପ୍ରତ୍ୟେକ ଦଳ ମଧ୍ୟରେ ବାଣ୍ଟିଦେଇ, ତତ୍‌ସମ୍ବନ୍ଧୀୟ ବାସ୍ତବ ଘଟଣା ବର୍ଣ୍ଣନା କରିବାପାଇଁ ନିର୍ଦ୍ଦେଶ ଦେବେ ଓ ପ୍ରସ୍ତୁତ ହେବାପାଇଁ ୧୦ମିନିଟ ଏବଂ ଉପସ୍ଥାପନ କରିବାକୁ ୨ମିନିଟ ସମୟ ଦେବେ। ସମସ୍ତଙ୍କ ଉପସ୍ଥାପନା ଶେଷ ହେବାପରେ ଅଂଶଗ୍ରହଣକାରୀଙ୍କୁ କାହିଁକି ସେମାନେ ଗୋଟିଏ ନିର୍ଦ୍ଦିଷ୍ଟ କୌଶଳ ଅବଲମ୍ବନ କରିଲେ ସେ ବିଷୟରେ ବର୍ଣ୍ଣନା କରିବାକୁ କହିବେ।

ମୁଖ୍ୟ ସନ୍ଦେଶ :

ଏକ ସମୃଦ୍ଧି ସମାଜ ଗଠନ ଦିଗରେ ନିଜକୁ ତଥା ଅନ୍ୟମାନଙ୍କୁ ସଂଗଠିତ କରାଇ ଏକ ଉତ୍ତମ ଲକ୍ଷ୍ୟପ୍ରାପ୍ତି ଦିଗରେ ପରିଚାଳନା କରିବା ହେଉଛି ଦକ୍ଷ ନେତୃତ୍ୱର ପରିଚାୟକ।

ଅଧିବେଶନ-୫

ବିବାଦ ପରିଚାଳନା/ନିୟନ୍ତ୍ରଣ

ଉଦ୍ଦେଶ୍ୟ :

ଏହି ଅଧିବେଶନ ଶେଷରେ ଅଂଶଗ୍ରହଣକାରୀମାନେ ମତପାର୍ଥକ୍ୟ ଜନିତ ବିବାଦର ପ୍ରଭାବ ଓ ତା'ର ନିୟନ୍ତ୍ରଣ କରିବାର ଉପାୟ ବିଷୟରେ ଜାଣିବାକୁ ସକ୍ଷମ ହୋଇପାରିବେ ।

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ବିବାଦ ସମ୍ବନ୍ଧୀୟ ବୁଝିବା ଦକ୍ଷତା	ପାୱାର ପଏଣ୍ଟ ମାଧ୍ୟମରେ ଶିକ୍ଷାଦାନ	୧୦ ମିନିଟ୍
୨.	ବିବାଦୀୟ ପରିସ୍ଥିତି	ଭୂମିକା ଅଭିନୟ (ଛୋଟିଆ ଦଳର)	୨୦ ମିନିଟ୍
୩.	ବିବାଦର ଅନ୍ୟ ପାର୍ଶ୍ୱ / ଅପର ପାର୍ଶ୍ୱ	ପାୱାର ପଏଣ୍ଟ ମାଧ୍ୟମରେ ଶିକ୍ଷାଦାନ	୧୦ ମିନିଟ୍
୪.	ବିବାଦର ପ୍ରତିବାଦ କରି ଜବାବ ଦେବା	ବାସ୍ତବ ଘଟଣାର ପର୍ଯ୍ୟାଲୋଚନା	୨୦ ମିନିଟ୍

ସର୍ବମୋଟ

ସହାୟକ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଆହ୍ୱାନ କରି ଆଜିର ପ୍ରସଙ୍ଗ ସମ୍ପର୍କରେ ଅବଗତ କରାଇବାକୁ ଯାଇ ଆମେ ବିବାଦ ସଂପର୍କରେ ଓ ତାର ପରିଚାଳନା ବିଷୟରେ ଶିଖିବା ବୋଲି ସୂଚାଇ ଦେବେ ।

ଆନୁଷ୍ଠାନିକ ଆବଶ୍ୟକତା

- ମାର୍କର ପେନ୍ ସହ ଧଳାବୋର୍ଡ଼
- ପ୍ରୋଜେକ୍ଟର ଓ ଲାପଟପ୍

ସୋପାନ-୧ : ବିବାଦକୁ ବୁଝିବା

କୌଣସି ସମାଜ ବା ସଂଗଠନ ବିବାଦମୁକ୍ତ ନୁହଁନ୍ତି

ଅଂଶଗ୍ରହଣକାରୀଙ୍କୁ ପ୍ରଶ୍ନକରିବା "ଏମିତି କେହି ଜଣେ ଅଛନ୍ତି, ଯେ କି ତାଙ୍କ ଭାଇ / ଭଉଣୀ ସହ ବିବାଦ ବା କଳହ କରିନାହାଁନ୍ତି ? ଖୁସିର କଥା, ଏପରି କେହି ନାହାଁନ୍ତି ଯେ କି କେବେ ନିଜ ସଂପର୍କୀୟ ଭାଇଭଉଣୀଙ୍କ ସହ କଳି କରି ନାହାଁନ୍ତି । ଛୋଟ ହେଉ ବା ବଡ଼ ହେଉ କୌଣସି ସମାଜ ବିବାଦମୁକ୍ତ ନୁହଁନ୍ତି ବୋଲି ଅଂଶଗ୍ରହଣକାରୀଙ୍କୁ କହିବେ । କାରଣ ବିବାଦମୁକ୍ତ ସମାଜ ଗଠନ କରିବା ଅସମ୍ଭବ । ବିବାଦ ଦ୍ୱାରା ସମାଜରେ ସହଯୋଗ ବିଭାଜିତ ହୋଇଥାଏ । ତେଣୁ ଆମେ ବିବାଦ ସହିତ ଚଳିବା ଓ ତା'ର ନିୟନ୍ତ୍ରଣ କରିବାକୁ ନିଶ୍ଚୟ ଶିକ୍ଷାକରିବା ।

ସଂଜ୍ଞା : ବିଭିନ୍ନ ଦଳ ବା ବ୍ୟକ୍ତିମାନଙ୍କ ମଧ୍ୟରେ ହେଉଥିବା ମତପାର୍ଥକ୍ୟକୁ ବିବାଦ ବୋଲି ବର୍ଣ୍ଣନା କରାଯାଇପାରେ । ଯାହାକି ସମୟେ ସମୟେ ଶତ୍ରୁତା / ବୈରତା ଓ ପ୍ରତିକୂଳ ପରିସ୍ଥିତିରୁ ସୃଷ୍ଟି ହୋଇଥାଏ ।

ବିବାଦର ସ୍ତର : ମତପାର୍ଥକ୍ୟ କିମ୍ବା ଭିନ୍ନତା ବିଭିନ୍ନ ସ୍ତରରେ ସୃଷ୍ଟି ହୋଇଥାଏ ବୋଲି ଅଂଶଗ୍ରହଣକାରୀଙ୍କୁ କହିବା -

୧. ଆଭ୍ୟନ୍ତରୀଣ ବିବାଦ : ନିଜ ମଧ୍ୟରେ ହେଉଥିବା ମତପାର୍ଥକ୍ୟ

୨. ପାରସ୍ପରିକ ବିବାଦ : ଦୁଇ ବା ଅଧିକ ବ୍ୟକ୍ତିଙ୍କ ମଧ୍ୟରେ ହେଉଥିବା ବିବାଦ

୩. ଦଳମଧ୍ୟସ୍ଥ ବିବାଦ : ଦଳମଧ୍ୟରେ ହେଉଥିବା ବିବାଦ

୪. ଏକାଧିକ ଦଳମଧ୍ୟସ୍ଥ ବିବାଦ : ଦୁଇ ବିଭିନ୍ନ ଦଳ ମଧ୍ୟରେ ହେଉଥିବା ବିବାଦ

୫. ଆନ୍ତର୍ଜାତୀୟ ବିବାଦ : ଦୁଇ ବା ଅଧିକ ଦେଶ ମଧ୍ୟରେ ହେଉଥିବା ମତପାର୍ଥକ୍ୟ

ବିବାଦର କାରଣ :

- ମାନବ ସମ୍ବଳ, ଭୂସଂପତ୍ତି, ପ୍ରାକୃତିକ ସମ୍ବଳ, ଅନ୍ୟାନ୍ୟ ଜିନିଷ ପାଇଁ ବିବାଦ ସୃଷ୍ଟି ହୋଇପାରେ।
- ମୂଲ୍ୟବୋଧ ଓ ବିଶ୍ୱାସକୁ ନେଇ ମତପାର୍ଥକ୍ୟ ସୃଷ୍ଟି ହୋଇପାରେ
- ଅତ୍ୟାବଶ୍ୟକ ଜିନିଷ ଯଥା - କ୍ଷମତା ଓ ନିୟନ୍ତ୍ରଣ, ଆବେଗିକ ଆବଶ୍ୟକତା ଯଥା ସମ୍ମାନ, ପ୍ରେମ, ବଂଧୁତା ଆଦି ଯୋଗୁ ବିବାଦ ସୃଷ୍ଟି ହୋଇପାରେ।

ସୋପାନ-୨ : ବିବାଦୀୟ ପରିସ୍ଥିତି (ଭୂମିକା ଅଭିନୟ)

ସହାୟକ ଅଂଶଗ୍ରହଣକାରୀଙ୍କୁ ୫ ବା ୬ ଜଣିଆ ଦଳରେ ଭାଗ କରି ପ୍ରତ୍ୟେକ ଦଳକୁ ବିବାଦର ଗୋଟିଏ ସ୍ତର ଦେବାକୁ ସ୍ଥିର କରିବେ। ସେହି ବିଷୟକୁ ଆଧାର କରି ପ୍ରତ୍ୟେକ ଦଳ ଅଭିନୟ କରିବେ, ପ୍ରସ୍ତୁତି ପାଇଁ ୧୦ ମିନିଟ୍ ଓ ଅଭିନୟ ପ୍ରଦର୍ଶନ କରିବା ପରେ ବିବାଦର କାରଣ, ସେଥିରେ ସଂପୃକ୍ତ ବ୍ୟକ୍ତି ବା ଦଳ ଏବଂ ବିବାଦର ପ୍ରଭାବ ସଂପର୍କରେ ଆଲୋଚନା କରିବେ।

ସୋପାନ-୩ : ବିବାଦର ଅପରପାର୍ଶ୍ୱ

ବିବାଦ ସକରାତ୍ମକ ବା ନକରାତ୍ମକ ସେ ସମ୍ବନ୍ଧରେ ମତବ୍ୟକ୍ତ କରିବାପାଇଁ ଅଂଶଗ୍ରହଣକାରୀଙ୍କୁ ନିର୍ଦ୍ଦେଶ କରିବେ। ସେମାନଙ୍କ ମଧ୍ୟରୁ ଜଣକୁ ଆଲୋଚନାକୁ ଆଗେଇ ନେବାପାଇଁ ଆହ୍ୱାନ କରିବେ। ସେ ବିବାଦକୁ ନକରାତ୍ମକ କାହିଁକି କୁହାଯିବ ସେ ସମ୍ବନ୍ଧରେ ଆଲୋଚନା କରିବେ, ବିବାଦର ନକରାତ୍ମକ ପ୍ରଭାବ ପଡ଼ିଥିବା ଏକ ବାସ୍ତବ ପରିସ୍ଥିତି ସଂପର୍କରେ କହିବାକୁ ଅଂଶଗ୍ରହଣକାରୀଙ୍କୁ ନିର୍ଦ୍ଦେଶ ଦେବେ। ତାପରେ ଆଉ ଜଣେ ଅଂଶଗ୍ରହଣକାରୀ ବିବାଦର ସକରାତ୍ମକ ପ୍ରଭାବ ସମ୍ବନ୍ଧରେ ମତବ୍ୟକ୍ତ କରିବାକୁ ଆହ୍ୱାନ କରିବେ ଏବଂ ଅଂଶଗ୍ରହଣକାରୀଙ୍କୁ ବିବାଦର ସକରାତ୍ମକ ପ୍ରଭାବ ପକାଇ ନଥିବା ବାସ୍ତବ ଜୀବନ ସଂପର୍କରେ କହିବାକୁ ନିର୍ଦ୍ଦେଶ ଦେବେ। ତାପରେ ଆଲୋଚନାର ନିଷ୍କର୍ଷରେ କହିବା ଯେ ବିବାଦ ମଧ୍ୟରେ ଆମେ ସକରାତ୍ମକ ଚିନ୍ତାଧାରାକୁ ଦେଖିବା ପାଇଁ ସମର୍ଥ ହେବା ଆବଶ୍ୟକ।

ସହାୟକଙ୍କ ନିମନ୍ତେ ସୂଚନା : ବିବାଦର ବାହ୍ୟ ହାନିକାରିତା ଓ ବିଭାଜନତା ଏତେ ତ୍ରୀବ ହୋଇଥାଏ ଯେ ଆମେ ତାହାର ସକରାତ୍ମକ ପ୍ରଭାବ ବିଷୟକୁ ଅଣଦେଖା କରିଥାଉ। ବିବାଦ ନିମ୍ନଲିଖିତ ବିଷୟକୁ କରିଥାଏ। ପ୍ରଥମେ ଏହା ଦଳ ମଧ୍ୟରେ ଆନୁଗତ୍ୟ ତଥା ବିଶ୍ୱସ୍ତତା ପ୍ରବର୍ତ୍ତନ କରିଥାଏ। ଗୋଟିଏ ସର୍ବସାଧାରଣ ଶତ୍ରୁତା ପାଇଁ ଦଳ ମଧ୍ୟରେ ଏକାଠି ହୋଇ ତାର ବିରୋଧରେ କାର୍ଯ୍ୟ କରିବା ଦ୍ୱାରା ଦଳ ମଧ୍ୟରେ ଥିବା ବିରୋଧାତ୍ମକ ଚିନ୍ତାଧାରା ଦୂରେଇ ଯାଇଥାଏ ଓ ଶାନ୍ତିଶୃଙ୍ଖଳାର ସହ ବିରୋଧିମାନେ ମଧ୍ୟ ଏକାଠି କାମ କରିଥା'ନ୍ତି। ତେଣୁ, ବିବାଦ କେବଳ ବିଭାଜନ କରି ନ ଥାଏ, ବରଂ ଏହା ଦଳକୁ ଏକତ୍ର କରିବାରେ ସହାୟକ ହୋଇଥାଏ।

ଦ୍ୱିତୀୟ ସକରାତ୍ମକ କାର୍ଯ୍ୟ ହେଉଛି ଏହା ସମାଜର ସମସ୍ୟାଥିବା ବିଷୟରେ ଗୋଷ୍ଠୀକୁ ସଚେତନ ଓ ସତର୍କ କରାଇଥାଏ। ତୃତୀୟତଃ, ମାନବ ଇତିହାସରେ ଯୁଦ୍ଧ ପ୍ରତି ଅଧିକ ଗୁରୁତ୍ୱ ଦିଆଯିବାର ପ୍ରବୃତ୍ତି ଲକ୍ଷ୍ୟ କରାଯାଇଥାଏ। କାରଣ ଏହି ବିବାଦକୁ ଦେଶ ବିକାଶ କରିବାପାଇଁ ପ୍ରାଥମିକ କୌଶଳ ଭାବରେ ଗ୍ରହଣ କରିଥା'ନ୍ତି। ଅନ୍ୟ ଅର୍ଥରେ କହିଲେ, ଯୁଦ୍ଧ ଏକ ପ୍ରକାର ଉପାୟ ଯାହା ଛୋଟ ଛୋଟ ତଥା ବିକ୍ଷିପ୍ତ ଦୁର୍ବଳ ସମାଜକୁ ଏକାଠି କରି ବୃହତ୍ ଓ ଶକ୍ତିଶାଳୀ ସମାଜ ଗଠନ କରିବାକୁ ପ୍ରବର୍ତ୍ତାଉଥିଲା।

ସୋପାନ-୪ : ବିବାଦକୁ ପ୍ରତିବାଦ କରି ଜବାବ ଦେବା

ସହାୟକ ବୁଝାଇ ଦେବେ ଯେ ଲୋକମାନେ ବିଭିନ୍ନ ଉପାୟରେ ବିବାଦର ପ୍ରତ୍ୟୁତ୍ତର ଦେଇଥାନ୍ତି। ମାତ୍ର ସେଥି ମଧ୍ୟରୁ ଗୋଟିଏ ହେଲେ ଉପାୟ ସଠିକ୍ ହୋଇ ନଥାଏ।

ଉପାୟଗୁଡ଼ିକ ହେଉଛି :

୧. ପରିସ୍ଥିତିକୁ ନିଜ ଅନୁରୂପ ବନେଇବା, ୨. ଟାଳିବା / ଏଡ଼ାଇଯିବା, ୩. ସହଯୋଗରେ ସମାଧାନ କରିବା ୪. ପ୍ରତିଯୋଗିତା, ୫. ସାଲିସ୍ କରିବା (ପରିସ୍ଥିତି ସହିତ)

ତାଲିମ ଅଧିବେଶନ ଆରମ୍ଭ ଦିନର ଘଟଣାକୁ ଆଧାର କରି ଆପଣ ଓ ଆପଣଙ୍କ ତାଲିମ ସାଥୀ ମିଳିତ ଭାବରେ ଏକ ପ୍ରସ୍ତାବ ସଂପାଦନ କରି ଆସନ୍ତା ଦିନ ଅଧିବେଶନରେ ଉପସ୍ଥାପନ କରିବାକୁ ସ୍ଥିର କରାଯାଇଛି। ଆପଣଙ୍କ ସାଥି ଏଥିପାଇଁ ବିଶେଷ ସଚେତନ ନୁହଁନ୍ତି। ଆପଣ ଯେତେଥର ତାଙ୍କୁ ଭେଟିବା ପାଇଁ ଯୋଗାଯୋଗ କରିଲେ ମଧ୍ୟ ସେ ଅନ୍ୟକାର୍ଯ୍ୟରେ ବ୍ୟସ୍ତରହି ଆପଣଙ୍କୁ ସାକ୍ଷାତ କରିବା କାମକୁ ସ୍ଥଗିତ ରଖି ସମୟ ଅତିବାହିତ କରୁଛନ୍ତି। ଫଳରେ ଉପସ୍ଥାପନ କାର୍ଯ୍ୟ ଅଧୁରା ହେଲା, ମାଇକ୍ରୋଫୋନ୍ ମଧ୍ୟ କାମ କଲାନି, ଉପସ୍ଥାପନର ମଧ୍ୟବର୍ତ୍ତୀ ସମୟରେ ସେ ଆପଣଙ୍କ ସହ ଏକମତ ହେଲେ ନାହିଁ ଓ ଆପଣ କେତେକ ମୁଖ୍ୟ ପଏଣ୍ଟ ଯୋଗ କରିବା ପାଇଁ ଆବଶ୍ୟକ କରୁଥିବା ସମୟ ମଧ୍ୟ ନଷ୍ଟ କରିଦେଲେ। ଆପଣ ଯେତେବେଳେ ଛାଡ଼ି ଚାଲିଆସିଲେ, ସେ ଏହା ଭଲ ହେଲା ଓ ମୁଁ ଭାବୁଛି ଲୋକମାନେ ଏହାକୁ ଭଲପାଇବେ ବୋଲି କହିଲେ।

ମୁଖ୍ୟ ସନ୍ଦେଶ

ବିବଦର କାରଣରୁ ଅନୁସନ୍ଧାନ କରି ଠିକ୍ ସମୟରେ ତା'ର ସୁପରିଚାଳନା କରିପାରିଲେ ଆମେ ନିଜ ଭିତରେ ଏବଂ ସମାଜରେ ଏକ ଶାନ୍ତିପୂର୍ଣ୍ଣ ବାତାବରଣ ସୃଷ୍ଟି କରିପାରିବା।

ଦ୍ୱିତୀୟ ଅଧ୍ୟାୟ

ପ୍ରଜନନ ଓ ଯୌନ ସ୍ୱାସ୍ଥ୍ୟ

ଅଧିବେଶନ-୧

ପ୍ରଜନନ ସ୍ୱାସ୍ଥ୍ୟ, ଗର୍ଭଧାରଣ ଓ ଗର୍ଭ ନିରୋଧିକରଣ

ସମାଜର ବିକାଶରେ ଯୁବପିଢ଼ିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯୁବ ସମାଜ ଶାରୀରିକ, ମାନସିକ ଏବଂ ସାମାଜିକ ସ୍ତରରେ ସୁସ୍ଥ ରହିଲେ ହିଁ ସେ ସମାଜ ପ୍ରତି ଥିବା ନିଜର କର୍ତ୍ତବ୍ୟକୁ ଠିକ୍ ଭାବରେ ବୁଝିପାରିବ ଏବଂ ସମ୍ପାଦନ କରିପାରିବ। ସୁସ୍ଥ ଶରୀର ହିଁ ସୁସ୍ଥ ମନୁଷ୍ୟ ଭିତରେ କର୍ମ ପ୍ରବଣତା ସୃଷ୍ଟି କରେ। ସୁସ୍ଥ ଶରୀର କହିଲେ କେବଳ ଶାରିରୀକ, ମାନସିକ ସ୍ୱାସ୍ଥ୍ୟକୁ ବୁଝାଏ ନାହିଁ ବରଂ ଯୌନଗତ ସ୍ୱାସ୍ଥ୍ୟ ମଧ୍ୟ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଯୁବାବସ୍ଥାରେ ଶରୀରରେ ଦେଖାଯାଉଥିବା ବିଭିନ୍ନ ପ୍ରକାର ପରିବର୍ତ୍ତନ ଯୋଗୁଁ ଯୁବକମାନଙ୍କ ମନରେ ବିଭିନ୍ନ ଭ୍ରମାତ୍ମକ ଧାରଣା ସୃଷ୍ଟି ହୋଇଥାଏ। ଏହିସବୁ ଭ୍ରମାତ୍ମକ ଧାରଣାରୁ ନିଜକୁ ଦୂରେଇ ରଖି ସେମାନଙ୍କ ମଧ୍ୟରେ ଯୌନ ଚେତନାର ବିକାଶ ଘଟାଇବା ନିମନ୍ତେ ସେମାନେ ପ୍ରଜନନ ସ୍ୱାସ୍ଥ୍ୟ ଓ ତାହାର କାର୍ଯ୍ୟକାରିତା, ପ୍ରଜନନ ନଳୀ ବିଭିନ୍ନ ଯୌନ ନିଯ୍ୟାତନା, ବାଲ୍ୟ ବିବାହର କୁପରିମାଣ, ଲିଙ୍ଗଗତ ବୈଷମ୍ୟତା ଇତ୍ୟାଦି ବିଷୟଗୁଡିକ ସମ୍ବନ୍ଧରେ ଜାଣିବା ଉଚିତ୍।

ସେମାନଙ୍କୁ ପ୍ରବର୍ତ୍ତାଇବା ଆମ ତାଲିମ୍‌ର ମୁଖ୍ୟ ଉଦ୍ଦେଶ୍ୟ। ଏଣୁ ଯୌନଶିକ୍ଷାକୁ ଏକ ବିଷୟ ଭାବରେ ଆମ ତାଲିମ୍‌ର ଅନ୍ତର୍ଭୁକ୍ତ କରାଯାଇଛି।

ଉଦ୍ଦେଶ୍ୟ : ଏହି ଅଧିବେଶନ ଶେଷରେ ଅଂଶଗ୍ରହଣକାରୀମାନେ ଜାଣିପାରିବେ :

୧. ପ୍ରଜନନ ସ୍ୱାସ୍ଥ୍ୟ ଓ ତାହାର ଗଠନ ଓ କାର୍ଯ୍ୟକାରିତା
୨. ଗର୍ଭଧାରଣ ପ୍ରକ୍ରିୟା
୩. ଗର୍ଭ ନିରୋଧିକରଣ କ'ଣ, ଏହାର ଆବଶ୍ୟକତା ଏବଂ ଏହାର ବିଭିନ୍ନ ପଦ୍ଧତି

ଅଧିବେଶନ ସାରଣୀ :

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ପ୍ରଜନନ ସ୍ୱାସ୍ଥ୍ୟ, ତାହାର ଗଠନ ଓ କାର୍ଯ୍ୟକାରିତା	ପ୍ରଶ୍ନୋତ୍ତର, ଭିଡ଼ିଓ ପ୍ରଦର୍ଶନ ଆଲୋଚନା	୪୫ ମିନିଟ୍
୨.	ଗର୍ଭଧାରଣ ପ୍ରକ୍ରିୟା	ଭିଡ଼ିଓ ପ୍ରଦର୍ଶନ ଓ ଆଲୋଚନା	୪୫ ମିନିଟ୍
୩.	ଗର୍ଭ ନିରୋଧିକରଣ, ଏହାର ଆବଶ୍ୟକତା	ପ୍ରଶ୍ନୋତ୍ତର, ଭିଡ଼ିଓ ପ୍ରଦର୍ଶନ ଓ ଆଲୋଚନା	୩୦ ମିନିଟ୍
ମୋଟ			**୧୨୦ ମିନିଟ୍**

ଆବଶ୍ୟକୀୟ ଉପକରଣ : ମାର୍କର ପେନ୍, ହ୍ୱାଇଟ ବୋର୍ଡ, ଡ୍ରଇଂ ସିଟ, ପାୱାର ପଏଣ୍ଟ

ପଦ୍ଧତି : ପ୍ରଦର୍ଶନ, ଦଳଗତ ଆଲୋଚନା, ପ୍ରଶ୍ନୋତ୍ତରର କାର୍ଯ୍ୟକ୍ରମ, ଅଭିଜ୍ଞତାର ଆଦାନ ପ୍ରଦାନ।

ସୋପାନ-୧ : ପ୍ରଜନନ ସ୍ୱାସ୍ଥ୍ୟ, ତାହାର ଗଠନ ଓ କାର୍ଯ୍ୟକାରିତା

ତାଲିମଦାତା ଅଂଶଗ୍ରହଣକାରୀଙ୍କୁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ପଚାରିବେ ।

(କ) ପ୍ରଜନନ କ'ଣ (ଖ) ମହିଳା ପ୍ରଜନନ ଅଙ୍ଗଗୁଡ଼ିକ କ'ଣ

(ଗ) ସ୍ୱାସ୍ଥ୍ୟ କହିଲେ କ'ଣ ବୁଝ (ଘ) ପୁରୁଷ ପ୍ରଜନନ ଅଙ୍ଗଗୁଡ଼ିକ କ'ଣ ?

ତାଲିମଦାତାଙ୍କ ନିମନ୍ତେ

ପ୍ରଜନନ ସ୍ୱାସ୍ଥ୍ୟ କହିଲେ ବ୍ୟକ୍ତି ତା'ର ଜୀବନର ବିଭିନ୍ନ ସ୍ତରରେ ପ୍ରଜନନ ପ୍ରକ୍ରିୟା, ପ୍ରଜନନ କାର୍ଯ୍ୟକାରିତା ଏବଂ ପ୍ରଜନନ ପଦ୍ଧତିକୁ ବୁଝାଏ ।


ପ୍ରଜନନ ଏବଂ ଯୌନ ସ୍ୱାସ୍ଥ୍ୟ କହିଲେ କେବଳ ଯୌନଅଙ୍ଗ ଜନିତ ଅସୁସ୍ଥତା ବା ଏଠାରେ ସୃଷ୍ଟି ହୋଇଥିବା କୌଣସି କ୍ଷତଜନିତ ଯନ୍ତ୍ରଣାକୁ ବୁଝାଏ ନାହିଁ । ଏହା ମଧ୍ୟରେ ଯୌନ ଅଭ୍ୟାସ ଏବଂ ଯୌନ ଇଚ୍ଛାଜନିତ ଶୃଙ୍ଖଳିତ ବ୍ୟବହାର ପ୍ରଦର୍ଶନ ବିଷୟ ମଧ୍ୟ ଅନ୍ତର୍ଭୁକ୍ତ ।

ସର୍ବୋପରେ ବ୍ୟକ୍ତି ତା'ର ଯୌନ ଇଚ୍ଛାଗତ ଆବଶ୍ୟକତାକୁ ନେଇ ଶାରୀରିକ, ମାନସିକ ଏବଂ ସାମାଜିକ ସ୍ୱାସ୍ଥ୍ୟରେ ଉତ୍ତମ ପରିଚାଳନା ଏବଂ ଏହାର ସୁରକ୍ଷାକୁ ବୁଝାଏ ।

ସୋପାନ-୨ : ଗର୍ଭଧାରଣ ପ୍ରକ୍ରିୟା


ତାଲିମଦାତା ଚିତ୍ର / ଭିଡିଓ ପ୍ରଦର୍ଶନ ମାଧ୍ୟମରେ ପୁରୁଷ ଓ ସ୍ତ୍ରୀ ପ୍ରଜନନ ଅଙ୍ଗ ଏବଂ ସେମାନଙ୍କର ଗଠନ ଓ କାର୍ଯ୍ୟକାରିତା ସମ୍ବନ୍ଧରେ ସୂଚନା ଦେବେ ।

ପୁରୁଷ ପ୍ରଜନନ ପ୍ରଣାଳୀ :



- ପୁରୁଷ ଗୁପ୍ତାଙ୍ଗ (Penis) : ଏହା ଯୌନ କ୍ରିୟାପାଇଁ ଉଦ୍ଦିଷ୍ଟ । ଏଥିରେ ଥିବା ସୂକ୍ଷ୍ମନଳୀ (Urethra) ଦ୍ୱାରା ଶୁକ୍ରାଣୁ ଏବଂ ଶୁକ୍ରାଣୁବାହୀ ଏକ ତରଳ ପଦାର୍ଥ (Semen) ସ୍ତ୍ରୀ ଶରୀରକୁ ପ୍ରବେଶ କରିଥାଏ ।
- ଅଣ୍ଡକୋଷ (Scrotum) : ଏହା ଏକ ଛୋଟ ଥଳୀ ସଦୃଶ, ଏଥିରେ ଶୁକ୍ରାଣୁ ପ୍ରସ୍ତୁତ ହୁଏ । ଏହା ସେମାନଙ୍କୁ ଉପଯୁକ୍ତ ଉତ୍ତାପ ମଧ୍ୟ ପ୍ରଦାନ କରେ ।
- Testes ଅଣ୍ଡକୋଷ ମଧ୍ୟରେ ଦୁଇଟି Testes ଥାଏ ଯାହା ଗୋଲାକାର ଅଟେ । କିଶୋରାବସ୍ଥାରେ ଶୁକ୍ରାଣୁ ପ୍ରସ୍ତୁତ ହେବା ଆରମ୍ଭ ହୁଏ ।
- ଶୁକ୍ରବାହୀ ନଳୀ (Vas Deferens) : ଉଭୟ testesରୁ ଅତିସୂକ୍ଷ୍ମ ଓ ଲମ୍ବା ନଳୀ ଦେଇ ଶୁକ୍ରାଣୁ ଯୌନାଙ୍ଗ ନଳୀକୁ ପ୍ରବାହ କରନ୍ତି ।
- Seminal Vesicles ପୁରୁଷ ମୂତ୍ରନଳୀ ବା ପଛଭାଗରେ ଦୁଇଟି ଥଳି ଆକାରର ଅଂଶକୁ Seminal Vesicles କୁହାଯାଏ । ଏହା Semen କୁ ସୁରକ୍ଷିତ ରଖେ ।
- Prostate Gland ଏହା ମଧ୍ୟରେ ସିମେନ୍ (Semen) ପ୍ରସ୍ତୁତ ଓ ପ୍ରବାହ ହୋଇଥାଏ ।

ମହିଳା ପ୍ରଜନନ ପ୍ରଣାଳୀ :



- ଗର୍ଭାଶୟ ଗ୍ରୀବା : ଏହା ଗର୍ଭାଶୟର ତଳ ଅଂଶ ଓ ଯୋନିର ମଧ୍ୟବର୍ତ୍ତୀ ଅଂଶକୁ ବୁଝାଏ।
- ଡିମ୍ବ (Egg) : ସ୍ତ୍ରୀ ପ୍ରଜନନ କୋଷରୁ ସୃଷ୍ଟି ହେଉଥିବା ଏହି ଡିମ୍ବ ପ୍ରତି ମାସରେ ବାହାରିଥାଏ।
- ଡିମ୍ବବାହୀ ନଳୀ (Fallopian Tube) : ଡିମ୍ବାଣୁରୁ ସ୍ଥାନାନ୍ତରିତ କରିଥାଏ।
- ଯୋନିଦ୍ୱାରା ପରଦା (Hymen) : ଏହା ଯୋନିର ଖୋଲା ଦ୍ୱାରକୁ ଆବୃତ କରିବାରେ ସହାୟକ ହୁଏ।
- ଡିମ୍ବାଶୟ (Ovaries) - ଏହା ଗର୍ଭାଶୟର ଦୁଇପଟରେ ଥିବା ଦୁଇଟି ଗ୍ଲାଣ୍ଡ୍। ଏହା ହରମୋନ ଓ ଡିମ୍ବ ସବୁ ପ୍ରସ୍ତୁତ କରେ।
- ଗର୍ଭାଶୟ (Uterus) ଏହା ସ୍ତ୍ରୀ ଶରୀରର ମୁଖ୍ୟ ଅଂଶ ଯେଉଁଠି ଗର୍ଭଧାରଣ ହେଲାପରେ ଶିଶୁର ସମ୍ପୂର୍ଣ୍ଣ ବିକାଶ ହୁଏ। ଋତୁସ୍ରାବ ସମୟରେ ଏଠାରୁ ରକ୍ତକ୍ଷରଣ ହୋଇଥାଏ।
- ଯୋନିଦ୍ୱାରା (Vagina) : ଏହା ଗର୍ଭାଶୟ ମଧ୍ୟରୁ ଶରୀରର ବାହାରକୁ ଦ୍ୱାର ଅଟେ। ଏହା ସନ୍ତାନ ପ୍ରସବ, ଋତୁସ୍ରାବର ରକ୍ତ ନିର୍ଗତ ହେବାପାଇଁ ଓ ଯୌନ କ୍ରିୟା ପାଇଁ ପଥ ଅଟେ।

ସୋପାନ-୩ : ଗର୍ଭ ନିରୋଧିକରଣ, ଏହାର ଆବଶ୍ୟକତା

ତାଲିମଦାତା ଋତୁସ୍ରାବ ଓ ଗର୍ଭଧାରଣ ସମ୍ବନ୍ଧରେ ସୂଚନା ଦେବେ।

ଋତୁସ୍ରାବ ହେଉଛି ଏକ ମାସିକ ପ୍ରକ୍ରିୟା ଯାହାକୁ ସାଧାରଣତଃ ପିରିୟଡ୍ ବା ମାସିକିଆ ବୋଲି କୁହାଯାଏ। ପ୍ରାୟ ୧୦ ରୁ ୧୯ ବର୍ଷ ବୟସ ମଧ୍ୟରେ ଅର୍ଥାତ୍ କିଶୋରୀ ଅବସ୍ଥାରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥାଏ। ପ୍ରତି ମାସରେ ଗୋଟିଏ ଡିମ୍ବାଣୁ ଡିମ୍ବକୋଷରୁ ବାହାରି ଡିମ୍ବବାହୀ ନଳୀ ମଧ୍ୟଦେଇ ଜରାୟୁ / ଗର୍ଭାଶୟରେ ପହଞ୍ଚେ। ପ୍ରତି ମାସରେ ଡିମ୍ବାଣୁ ଯେତେବେଳେ ଡିମ୍ବାଶୟ ଛାଡ଼େ ଗର୍ଭାଶୟରେ, ତା ପୂର୍ବରୁ ରକ୍ତ ଓ ଲାଳର ଏକ ଆସ୍ତରଣ ସୃଷ୍ଟି ହୁଏ। ସମୟ ଅତିବାହିତ ହେବା ସଙ୍ଗେ ସଙ୍ଗେ ଏହି ଆସ୍ତରଣ ମୋଟା ହେବାକୁ ଲାଗେ। ଡିମ୍ବାଣୁ କ୍ଷରତୀ ସମ୍ବନ୍ଧରେ ଯଦି ସହବାସ କରାଯାଏ, ମହିଳା ଜଣକ ଗର୍ଭବତୀ ହେବାର ସମ୍ଭାବନା ଅଧିକ ଥାଏ। ଗର୍ଭଧାରଣ କହିଲେ ଡିମ୍ବାଣୁ ଓ ଶୁକ୍ରାଣୁର ମିଳନରେ ଗର୍ଭଧାରଣ ପ୍ରକ୍ରିୟାକୁ ବୁଝାଇଥାଏ, ଯାହା ଡିମ୍ବବାହୀ ନଳୀରେ ସଂଗଠିତ ହୋଇଥାଏ। ଏଇ ଗର୍ଭଧାରିତ ଡିମ୍ବାଣୁ ଯାହାକୁ ଭ୍ରୂଣ କୁହାଯାଏ, ଡିମ୍ବବାହୀ ନଳୀ ମଧ୍ୟ ଦେଇ ଗର୍ଭାଶୟରେ ପହଞ୍ଚିଥାଏ ଏବଂ ଗର୍ଭାଶୟ ଗହ୍ୱରରେ ରୋପିତ ହୋଇ ବିକଶିତ ହୁଏ। ମାତ୍ର ଯଦି ଗର୍ଭବତୀ ନ ହୁଏ ତେବେ ଏହି ଆସ୍ତରଣଟି ଲାଳ ଏବଂ ଋତୁସ୍ରାବ ମିଶା ରକ୍ତ ଯୋନିଦ୍ୱାର ଦେଇ ବାହାରି ଆସେ। ପ୍ରତି ମାସରେ ଘଟୁଥିବା ଏହି ପ୍ରକ୍ରିୟାକୁ ମାସିକ ଋତୁସ୍ରାବ କୁହାଯାଏ।

ଋତୁସ୍ରାବ ୩ - ୭ ପର୍ଯ୍ୟନ୍ତ ଲାଗିରହେ ଏବଂ ଏହା ୨୧ - ୩୫ ଦିନ ମଧ୍ୟରେ ହୋଇଥାଏ।

ତାଲିମଦାତା ଜଣାଇବା ନିମନ୍ତେ

ଏକ ପ୍ରାକୃତିକ, ସ୍ୱାଭାବିକ ଏବଂ ଜୈବିକ ପ୍ରକ୍ରିୟା ଅଟେ। ଏହି ସମୟରେ ବ୍ୟକ୍ତିଗତ ପରିଷ୍କାର ପରିଚ୍ଛନ୍ନତା ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ଏବଂ ଅଧିକ ପରିମାଣରେ ଲୌହସାର ଓ ପୁଷ୍ଟିସାରଯୁକ୍ତ ଖାଦ୍ୟ ଖାଇବା ଉଚିତ୍।

- ପ୍ରତ୍ୟେକ ଦିନ ପରିଷ୍କାର ଜଳରେ ସ୍ନାନ କରିବା ଉଚିତ୍ ।
- ପ୍ରଜନନ ଅଙ୍ଗକୁ ଧୋଇ ସଫା ରଖିବା ଦରକାର ।
- ଋତୁସ୍ରାବ ସମୟରେ ଅତି କମ୍‌ରେ ଦିନକୁ ପ୍ରତି ୩-୪ ଘଣ୍ଟା ଅନ୍ତରରେ କପଡ଼ା ବଦଳାଇବା ଦରକାର ।
- ଏହି ସମୟରେ ସାନିଟାରୀ ପ୍ୟାଡ୍ ବ୍ୟବହାର କରିବା ଉଚିତ୍ । ଯଦି ଏହା ସମ୍ଭବ ନୁହେଁ, ଏଥିପାଇଁ ପରିଷ୍କାର ହାଲ୍‌କା ରଙ୍ଗର ସୂତା ଶୁଖିଲା କପଡ଼ା ବ୍ୟବହାର କରିବା ଉଚିତ୍ ।
- କପଡ଼ାକୁ ସାବୁନ୍ ଓ ପରିଷ୍କାର ଜଳରେ ଧୋଇ ସୂର୍ଯ୍ୟକିରଣ ଓ ପବନରେ ଶୁଖାଇବା ଉଚିତ୍ ।
- ଏହି ସମୟରେ ପ୍ରଜନନ ଅଙ୍ଗ ବିପଦପୂର୍ଣ୍ଣ ଥାଏ । ତେଣୁ ଜୀବାଣୁ ସଂକ୍ରମଣର ସମ୍ଭାବନା ଅଧିକ ଥାଏ । ଏଥିପ୍ରତି ସଚେତନ ହେବା ଆବଶ୍ୟକ ।

ପ୍ରଶ୍ନ :

୧) ଗର୍ଭଧାରଣ କ'ଣ ?

୨) ସାଧାରଣତଃ ଗର୍ଭଧାରଣ କିପରି ରୋକାଯାଇପାରିବ ?

ସମ୍ଭାବ୍ୟ ଉତ୍ତର :

ଗର୍ଭଧାରଣ କହିଲେ ଡିମ୍ବାଣୁ ଓ ଶୁକ୍ରାଣୁର ମିଳନରେ ଗର୍ଭଧାରଣର ପ୍ରକ୍ରିୟାକୁ ବୁଝାଇଥାଏ, ଯାହା ଡିମ୍ବବାହୀ ନଳୀରେ ସଂଗଠିତ ହୋଇଥାଏ । ଏହି ଗର୍ଭଧାରିତ ଡିମ୍ବାଣୁ ଯାହାକୁ ଭ୍ରୂଣ କୁହାଯାଏ, ଡିମ୍ବବାହୀ ନଳୀ ମଧ୍ୟ ଦେଇ ଗର୍ଭାଶୟରେ ପହଞ୍ଚିଯାଏ ଏବଂ ଗର୍ଭାଶୟ ଗହ୍ୱରରେ ରୋପିତ ହୋଇ ବିକଶିତ ହୁଏ ।

ତାଲିମ୍‌ଦାତାଙ୍କ ପାଇଁ : ଗର୍ଭ ନିରୋଧର ବିଭିନ୍ନ ପଦ୍ଧତି ସମ୍ବନ୍ଧରେ ଅଂଶଗ୍ରହଣକାରୀମାନଙ୍କଠାରୁ ଆଦାୟ କରିବେ ।

ପଦ୍ଧତି : ଗର୍ଭନିରୋଧିକରଣର ଦୁଇଟି ପଦ୍ଧତି ଅଛି



ସ୍ଥାୟୀ ପଦ୍ଧତି (Permanent)

ଅସ୍ତ୍ରୋପଚାର

ପୁରୁଷ ବନ୍ଧ୍ୟାକରଣ (Vasectomy)

ସ୍ତ୍ରୀ ବନ୍ଧ୍ୟାକରଣ (Tubectomy)

ଅସ୍ଥାୟୀ ପଦ୍ଧତି (Temporary)

- ପ୍ରତିବନ୍ଧକ ପଦ୍ଧତି ନିରୋଧ (ପୁରୁଷ ଓ ମହିଳା କଣ୍ଡମ)
- ଗର୍ଭ ନିରୋଧକ ବଟିକା
- ଅନ୍ତଃ ଗର୍ଭାଶୟ ପଦ୍ଧତି (କପର-ଟି)
- ଇନ୍‌ଜେକ୍‌ସନ (୫ ବର୍ଷିୟା ଓ ୧୦ ବର୍ଷିୟା)
- ନିବୃତ୍ତ ରହିବା (ଯୌନକ୍ରିୟାଠାରୁ)
- ଜରୁରୀ କାଳିନ ଗର୍ଭ ନିରୋଧକ ବଟିକା (ECP) Emergency Contraceptive Pills

- ସ୍ତନପାନ ଜନିତ ଗର୍ଭନିରୋଧକ ପଦ୍ଧତି

୧. ପ୍ରତିବନ୍ଧକ / Barrier Method

ଏହି ପଦ୍ଧତିରେ ଉଭୟ ପୁରୁଷ ଓ ମହିଳା ପ୍ରତିବନ୍ଧକ ବା କଣ୍ଡୋମ (ପୁରୁଷ ଓ ମହିଳା) ବ୍ୟବହାର କରିପାରିବେ। ଏହା ଡିମ୍ବାଣୁକୁ ଶୁକ୍ରାଣୁ ସହ ମିଶିବାକୁ ଦିଏ ନାହିଁ ଏବଂ ଗର୍ଭସଂଚର ଓ ଯୌନ ସଂକ୍ରମଣରୁ ରକ୍ଷା କରେ।

୩. ଅନ୍ତଃ ଗର୍ଭାଶୟ ପଦ୍ଧତି (ଆଇ.ୟୁ.ସି.ଡି)

କପର - ଟି ୩୮୦ ଏବଂ କପର-ଟି ୩୭୫ କ୍ରମାଗତ ଭାବେ ୧୦ ବର୍ଷ ଓ ୫ ବର୍ଷ ପର୍ଯ୍ୟନ୍ତ ବ୍ୟବହାରକାରୀଙ୍କୁ ସୁରକ୍ଷା ଦେଇଥାଏ। ଏହାକୁ ସନ୍ତାନ ପ୍ରସବର ୪୮ ଘଣ୍ଟା ମଧ୍ୟରେ ଲଗାଯାଇପାରେ। ନଚେତ୍ ଗର୍ଭପାତ ପରେ ପରେ ତୁରନ୍ତ ମହିଳାମାନେ ଲଗାଇ ପାରିବେ। ଏହାକୁ ଯେ କୌଣସି ତାଲିମ୍‌ପ୍ରାପ୍ତ ସେବାପ୍ରଦାନକାରୀ କରିଥାନ୍ତି। ଏହାର ହର୍‌ମୋନ୍ ଜନିତ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇ ନଥାଏ। ଏହା ଏକ୍‌ଟୋପିକ୍ ଗର୍ଭଧାରଣରୁ ମଧ୍ୟ ସୁରକ୍ଷା ଦେଇଥାଏ।

ଋତୁସ୍ରାବର ୪ ରୁ ୫ ଦିନ ମଧ୍ୟରେ ପ୍ରସବ ପରବର୍ତ୍ତୀ / ଗର୍ଭପାତ ପରବର୍ତ୍ତୀ / ଆଇ.ୟୁ.ସି.ଡି ଲଗାଇବା ପୂର୍ବରୁ ପରାମର୍ଶ ମାଧ୍ୟମରେ ମହିଳାଙ୍କର କୌଣସି ପ୍ରକାର ଯୌନ ସଂକ୍ରମଣ କିମ୍ବା ଏଚ୍.ଆଇ.ଭି ଅଛି କି ନାହିଁ ଜାଣିବା ଅତ୍ୟନ୍ତ ଆବଶ୍ୟକ।

LAM ଶିଶୁକୁ ତରଳ ଝାଡ଼ା ଓ ନିମୋନିଆ ପରି ରୋଗରୁ ସୁରକ୍ଷା ଦେଇଥାଏ। ମା' ଏବଂ ଶିଶୁ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନରେ ସହାୟକ ହୋଇଥାଏ।

୪. ଇନ୍‌ଜେକ୍‌ସନ୍ :

ଏହା ହର୍‌ମୋନ୍ ଯୁକ୍ତ ଓ ମାସିକ ଦ୍ୱିମାସିକ କିମ୍ବା ୪ ମାସିଆ ହୋଇଥାଏ ଓ ଗର୍ଭ ନିୟନ୍ତ୍ରଣରେ ସାହାଯ୍ୟ କରେ।

୫. ନିବୃତ୍ତ ରହିବା :

ଏହା କିଶୋର କିଶୋରୀମାନଙ୍କ ପାଇଁ ଉଦ୍ଦିଷ୍ଟ। ଏଥିରେ ସେମାନଙ୍କୁ ବିବାହ ପୂର୍ବରୁ ଯୌନ ସମ୍ପର୍କ ରଖିବାଠାରୁ ନିବୃତ୍ତ ରହିବାକୁ ପରାମର୍ଶ ଦିଆଯାଏ।

୬. **ଡିମ୍ବାଣୁ ଗର୍ଭାଧାନ** (Fertilisation) ପାଇଁ ପ୍ରସ୍ତୁତ ଥିବା ସମୟରେ ସହବାସଠାରୁ ଦୂରେଇ ରହିବା ଏବଂ ଶୁକ୍ରାଣୁକୁ ଯୋନି ଗହ୍ୱରରେ ଜମା ହେବାକୁ ନ ଦେବା

୭. ସ୍ତନ୍ୟପାନ ଜନିତ ଗର୍ଭ ନିରୋଧକ ପଦ୍ଧତି - LAM (Lactational Amerorrhoea Method)

ଏହା ଏକ ପ୍ରାକୃତିକ ଉପାୟ ଯାହା ଉଭୟ ମା' ଓ ଶିଶୁ ପାଇଁ ହିତକର। କେବଳ ନିମ୍ନଲିଖିତ ୩ଟି ସର୍ତ୍ତକୁ ପୂରଣ କଲେ ଏହା ଫଳପ୍ରଦ ହୋଇଥାଏ। ଯଥା :

୧) କେବଳ ସ୍ତନ୍ୟପାନ, ରାତି ଏବଂ ଦିନ (ଅତି କମ୍‌ରେ ଦିନକୁ ୮ ରୁ ୧୦ ଥର ଏବଂ ଅନ୍ତତଃ ରାତିରେ ଥରେ ଏବଂ ପରବର୍ତ୍ତୀ ଖୁଆଇବାର ଅନ୍ତର ୬ ରୁ ୮ ଘଣ୍ଟା ମଧ୍ୟରେ ହୋଇଥିବା ଆବଶ୍ୟକ।

୨) ପ୍ରସବ ପରେ ମା'ର ମାସିକ ଋତୁସ୍ରାବ ଫେରିନଥିବ।

୩) ଶିଶୁ ୬ ମାସରୁ କମ୍ ବୟସର ହୋଇଥିବା ଆବଶ୍ୟକ।

୪) OCP (Oral Contraceptive Pills) (ଗର୍ଭ ନିରୋଧକ ବଟିକା)

ଏହା ମଧ୍ୟ ହର୍‌ମୋନ୍ ଯୁକ୍ତ ଯାହା ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ।

୬. ଜରୁରୀକାଳୀନ ଗର୍ଭ ନିରୋଧକ ବଟିକା (Emergency Contraceptive Pills - ECP)

ଏହାକୁ କେବଳ ଜରୁରୀକାଳୀନ ପରିସ୍ଥିତି ଯଥା : ଅସୁରକ୍ଷିତ ଯୌନ ସମ୍ପର୍କ, ଗର୍ଭ ନିରୋଧକ ପଦ୍ଧତିର ବିଫଳତା ଇତ୍ୟାଦି ସମୟରେ ଅନିଚ୍ଛାକୃତ ଗର୍ଭଧାରଣକୁ ଏଡ଼ାଇବା ପାଇଁ ବ୍ୟବହାର କରାଯାଇଥାଏ । ଏହାକୁ ନିୟମିତ ପରିବାର ନିୟୋଜନ ପଦ୍ଧତି କିମ୍ବା ଗର୍ଭନିରୋଧକ ଭାବେ ବ୍ୟବହାର କରିବା ମନା । ଏହାର ନିୟମିତ ବ୍ୟବହାର ଶରୀରରେ ଋତୁସ୍ରାବ ଜନିତ ସମସ୍ୟା ସୃଷ୍ଟି କରିଥାଏ । ଡାକ୍ତରଙ୍କ ବିନା ପରାମର୍ଶରେ ଇ.ସି.ପି ବ୍ୟବହାର କରିବା ଅନୁଚିତ୍ ।

ସ୍ଥାୟୀ ପଦ୍ଧତି :

(କ) ପୁରୁଷ ବନ୍ଧ୍ୟାକରଣ : Vasectomy or Male Sterilisation

ଏହା ପୁରୁଷମାନଙ୍କ ପାଇଁ ଏକ ସହଜ ସ୍ଥାୟୀ ପରିବାର ନିୟୋଜନ ପଦ୍ଧତି । ଏହା ଏକ ସରଳ ଯାହା ୫ ରୁ ୧୦ ମିନିଟ୍ ସମୟ ନେଇଥାଏ । ଏଥିରେ ପୁରୁଷର ଅଣ୍ଡକୋଷରେ ଏକ ଛୋଟ ଛିଦ୍ର କରି ଶୁକ୍ରବାହୀ ନଳୀକୁ ଦୁଇପଟରୁ ବନ୍ଦ କରିଦିଆଯାଏ । ଏହି ଅସ୍ତ୍ରୋପଚାରର ୩ ମାସ ପର୍ଯ୍ୟନ୍ତ ନିରୋଧ କିମ୍ବା ଅନ୍ୟ କୌଣସି ଗର୍ଭ ନିରୋଧକ ବ୍ୟବହାର କରିବା ଆବଶ୍ୟକ ।

(ଖ) ମହିଳା ବନ୍ଧ୍ୟାକରଣ : Tubectomy or Female Sterilisation

ଏହା ଏକ ପ୍ରମୁଖ ପରିବାର ନିୟୋଜନ ପଦ୍ଧତି । ଏହା ଅପେକ୍ଷାକୃତ ସହଜ ଓ ସରଳ ଯାହା ସ୍ଥାୟୀ ଭାବରେ ମହିଳାଙ୍କ ଡିମ୍ବବାହୀ ନଳୀର ବାଟକୁ ବନ୍ଦ କରି ଗର୍ଭଧାନ (Fertilisation)ରେ ବାଧା ସୃଷ୍ଟି କରିଥାଏ । ଏହି ଅସ୍ତ୍ରୋପଚାର ପ୍ରସବର ୭ଦିନ ମଧ୍ୟରେ କରାଯାଇପାରେ ।

ଗର୍ଭ ନିରୋଧକ ପଦ୍ଧତି ସେବା ଗ୍ରହଣ ପାଇଁ ପରାମର୍ଶ ସନ୍ତାନଜନ୍ମ ପୂର୍ବରୁ ବା ପରେ ମହିଳାଙ୍କୁ ଦିଆଯିବା ଆବଶ୍ୟକ କିନ୍ତୁ କୌଣସି ପରିସ୍ଥିତିରେ ଏହା ପ୍ରସବ ସମୟରେ କିମ୍ବା ପ୍ରସବ ବେଦନା ସମୟରେ କରାଯିବା ଅନୁଚିତ୍ । ସେହିପରି ଗର୍ଭପାତ ପ୍ରକ୍ରିୟା ସମୟରେ ଏହି ପଦ୍ଧତି ସମ୍ପର୍କରେ ମହିଳାମାନଙ୍କୁ ପରାମର୍ଶ ଦିଆଯିବାକୁ ବାରଣ କରାଯାଇଛି ।

ମୁଖ୍ୟ ସନ୍ଦେଶ:

- ଋତୁଚକ୍ର ଏକ ପ୍ରାକୃତିକ, ସ୍ୱାଭାବିକ ଏବଂ ଜୈବିକ ପ୍ରକ୍ରିୟା ଅଟେ । ଏହି ସମୟରେ ବ୍ୟକ୍ତିଗତ ପରିଚ୍ଛନ୍ନତା ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ଏବଂ ଅଧିକ ପରିମାଣରେ ଲୌହସାର ଓ ପୁଷ୍ଟିସାରଯୁକ୍ତ ଖାଦ୍ୟ ଖାଇବା ଉଚିତ୍ ।
- ଗର୍ଭଧାରଣ କହିଲେ ଡିମ୍ବାଣୁ ଓ ଶୁକ୍ରାଣୁର ମିଳନରେ ଗର୍ଭଧାରଣର ପ୍ରକ୍ରିୟାକୁ ବୁଝାଇଥାଏ, ଯାହା ଡିମ୍ବବାହୀ ନଳୀରେ ସଂଗଠିତ ହୋଇଥାଏ । ଏହି ଗର୍ଭଧାରିତ ଡିମ୍ବାଣୁ ଯାହାକୁ ଭ୍ରୂଣ କୁହାଯାଏ ଡିମ୍ବବାହୀ ନଳୀ ମଧ୍ୟ ଦେଇ ଗର୍ଭାଶୟରେ ପହଞ୍ଚିଥାଏ ଏବଂ ଗର୍ଭାଶୟ ଗହ୍ୱରରେ ରୋପିତ ହୋଇ ବିକଶିତ ହୁଏ ।
- ଗର୍ଭ ନିରୋଧକ ପଦ୍ଧତି ସ୍ଥାୟୀ ଏବଂ ଅସ୍ଥାୟୀ ହୋଇଥାଏ । ଏହି ସେବା ଗ୍ରହଣ ପାଇଁ ପରାମର୍ଶ ସନ୍ତାନଜନ୍ମ ପୂର୍ବରୁ ବା ପରେ ମହିଳାଙ୍କୁ ଦିଆଯିବା ଆବଶ୍ୟକ ।

ଅଧିବେଶନ-୨

ପ୍ରଜନନ ଓ ଯୌନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନ୍ଧବିଶ୍ୱାସ ଓ ଭ୍ରାନ୍ତ ଧାରଣା

ଉଦ୍ଦେଶ୍ୟ : ଏହି ଅଧିବେଶନ ପରିଶେଷରେ ଅଂଶଗ୍ରହଣକାରୀମାନେ ପ୍ରଜନନ ଓ ଯୌନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଓ ଭ୍ରାନ୍ତଧାରଣା ବିଷୟରେ ଅବଗତ ହେବେ ।

ଅଧିବେଶନ ସାରଣୀ

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ପ୍ରଜନନ ଓ ଯୌନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନ୍ଧବିଶ୍ୱାସ ଓ ଭ୍ରାନ୍ତ ଧାରଣା	ପ୍ରଶ୍ନୋତ୍ତର ଓ ଆଲୋଚନା	୩୦ ମିନିଟ୍

ଆବଶ୍ୟକୀୟ ଉପକରଣ :

ମାର୍କର ପେନ୍, ଚାର୍ଟ ପେପର, ପ୍ଲେଇଙ୍ଗ୍ କାର୍ଡ

ପଦ୍ଧତି : ଦଳଗତ ଆଲୋଚନା, ପ୍ରଶ୍ନୋତ୍ତରର କାର୍ଯ୍ୟକ୍ରମ, ନାଟକ ।

କାର୍ଯ୍ୟକ୍ରମ -୧ :

ଏହି ସମ୍ବନ୍ଧୀୟ ସମସ୍ତ ଅନ୍ଧବିଶ୍ୱାସ ଓ ଭ୍ରାନ୍ତଧାରଣା ଉପରେ ଆଲୋକପାତ

(ସମାଜରେ ପ୍ରଚଳିତ ପ୍ରଜନନ ଓ ଯୌନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନ୍ଧବିଶ୍ୱାସ ଓ ଭ୍ରାନ୍ତ ଧାରଣାଗୁଡ଼ିକ କ'ଣ, ତାହା ଉପରେ ଆଧାରିତ କେତେଗୁଡ଼ିଏ ପ୍ରଶ୍ନ ତାଲିମ୍‌ଦାତା ଅଂଶଗ୍ରହଣକାରୀଙ୍କୁ ପଚାରି ବୁଝିବେ । ତା'ର ଉତ୍ତର ପାଇସାରିବା ପରେ ରତୁସ୍ରାବ ସମ୍ବନ୍ଧୀୟ ପରିଚ୍ଛନ୍ନତା ବିଷୟରେ ଜ୍ଞାନ ପ୍ରଦାନ କରିବେ ଏବଂ ଅନ୍ୟାନ୍ୟ ଅନ୍ଧବିଶ୍ୱାସ ଓ ଭ୍ରାନ୍ତଧାରଣାଗୁଡ଼ିକ ଉପରେ ଆଲୋକପାତ କରିବେ ।

ସୋପାନ-୧ : ପ୍ରଜନନ ଓ ଯୌନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନ୍ଧବିଶ୍ୱାସ ଓ ଭ୍ରାନ୍ତ ଧାରଣା

ଠିକ୍ ନା ଭୁଲ୍ :

୧. ରତୁସ୍ରାବ ଏକ ରୋଗ ।

୨. ରତୁସ୍ରାବ ସମୟର ରକ୍ତ ଅପରିଷ୍କାର

୩. ଏହି ସମୟରେ ଗାଧୋଇବା ଶରୀର ପାଇଁ ଅହିତକର ।

୪. ଗୋଟିଏ ଝିଅର ପ୍ରଥମ ରତୁସ୍ରାବ ପରେ ସେ ଗର୍ଭବତୀ ହୋଇପାରିବ ।

୫. ଋତୁସ୍ରାବ ଆରମ୍ଭ ନ ହୋଇଥିବା ଗୋଟିଏ ଝିଅ ଗର୍ଭବତୀ ହୋଇପାରିବ ।

୬. ଋତୁସ୍ରାବ ସମୟରେ ଅଧିକ ଖାଇବା ଓ ଅଧିକ କାମ କରିବା ଶରୀର ପାଇଁ କ୍ଷତିକାରକ ।

୭. ଏହି ସମୟରେ ଜଣେ ପହଁରିପାରିବ ନାହିଁ ଏବଂ ଖେଳ କସରତ କରିପାରିବ ନାହିଁ ।

୮. ଏହି ସମୟରେ ସେ ରୋଷେଇ ଘର କିମ୍ବା ଠାକୁର ଘରକୁ ଯିବା ଉଚିତ୍ ନୁହେଁ ।

୯. ଜିନିଷପତ୍ର ଛୁଇଁବା ଦ୍ୱାରା ଓ ପନିପରିବା ଓ ଶସ୍ୟକୁ ଛୁଇଁବା ଦ୍ୱାରା ସେଥିରେ ପୋକ ଲାଗିଯାଏ କି ?

୧୦. ଯୌନକ୍ରିୟାଠାରୁ ନିବୃତ୍ତ ରହିବା ହିଁ ଏକମାତ୍ର ଗର୍ଭ ନିରୋଧକରଣ ପଦ୍ଧତି ।

୧୧. ଗୋଟିଏ ଝିଅ ଥରେ କିମ୍ବା ଦୁଇଥର ଯୌନ କ୍ରିୟା କଲେ ଗର୍ଭବତୀ ହୋଇପାରିବ ନାହିଁ ।

୧୨. ଜଣେ ଝିଅ ଋତୁସ୍ରାବ ସମୟରେ ଯୌନ କ୍ରିୟା କଲେ ଗର୍ଭବତୀ ହୋଇପାରିବ ।

୧୩. ପ୍ରଜନନ ନଳୀ ସଂକ୍ରମଣ କିମ୍ବା ଯୌନ ସଂଚରିତ ସଂକ୍ରମଣ ଥରେ ଆରୋଗ୍ୟ ହେଲା ପରେ ଦ୍ୱିତୀୟ ଥର ହୁଏ ନାହିଁ

୧୪. କୌଣସି ପୁରୁଷର ପୁରୁଷତ୍ୱ ତା'ର ଯୌନାଙ୍ଗର ଆକାର ଉପରେ ନିର୍ଭର କରେ ।

୧୫. କୌଣସି କୁମାରୀ ଝିଅ ସହ ସମ୍ପର୍କ ରଖିଲେ ଯୌନ ସଂଚରିତ ସଂକ୍ରମଣ ଆରୋଗ୍ୟ ହୋଇଥାଏ ।

୧୬. ହସ୍ତ ମୈଥୁନ ଓ ଧାତୁକ୍ଷୟ ପୁରୁଷକୁ ଦୁର୍ବଳ କରିଦିଏ ।

୧୭. ହସ୍ତ ମୈଥୁନ ଏକ ସ୍ୱାଭାବିକ ପ୍ରକ୍ରିୟା

୧୮. ସମଲିଙ୍ଗୀ ଯୌନ ସମ୍ପର୍କ ଏକ ଅସ୍ୱାଭାବିକ ଅପ୍ରାକୃତିକ ପ୍ରକ୍ରିୟା ।

୧୯. ଗୋଟିଏ ବୁନ୍ଦା ସିମେନ୍ ୨୦ ବୁନ୍ଦା ରକ୍ତ ସହିତ ସମାନ ।

୨୦. ସମଲିଙ୍ଗୀ ଯୌନ ସମ୍ପର୍କ କେବଳ ପୁରୁଷମାନଙ୍କଠାରେ ଦେଖାଯାଏ ।

୨୧. ଗୋଟିଏ ଝିଅ ଗର୍ଭ ନିରୋଧକ ବଟିକା / ଔଷଧ ବ୍ୟବହାର କରିବା ଦ୍ୱାରା ତା'ର କୁମାରୀତ୍ୱ ହରାଏ ।

୨୨. ଗର୍ଭ ନିରୋଧକ ପଦ୍ଧତି ବ୍ୟବହାର କରିବା ଦ୍ୱାରା ମାନବ ଜାତି ଭଗବାନଙ୍କ ନିକଟରେ ଦଣ୍ଡ ପାଏ ।

୨୩. ଆଇରନ୍ ବଟିକା ଖାଇବା ଦ୍ୱାରା ଋତୁସ୍ରାବ ଶୀଘ୍ର ହୋଇଥାଏ ।

୨୪. ଋତୁସ୍ରାବ ସମୟରେ ଜଣେ ଝିଅ ଗୋବର ପାଣିରେ ଗାଧୋଇବା ଉଚିତ୍ ।

୨୫. ଜନ୍ମିତ ଶିଶୁକୁ ଚେଙ୍ଗ ଦେଲେ ତା'ର ସମସ୍ତ ପ୍ରକାର ବିକାଶ ହୁଏ ।

୨୬. କୌଣସି ପ୍ରକାର ରୋଗାଗ୍ରସ୍ତ ଶିଶୁକୁ ଚେଙ୍ଗ ଦେଲେ ତା'ର ଶରୀର ସୁସ୍ଥ ହୋଇଯାଏ ।

୨୭. ଜନ୍ମିତ ଶିଶୁକୁ ଓଜନ କଲେ ତା'ର ଓଜନ କମିଯାଏ ।

୨୮. ବିଭିନ୍ନ ଜଡ଼ିବୁଟି ପ୍ରୟୋଗ ଦ୍ୱାରା ଗର୍ଭପାତ କରାଇବା ସୁରକ୍ଷିତ ।

୨୯. କେବଳ ମହିଳା ଡାକ୍ତର ପ୍ରସବ କରାଇବା ଉଚିତ ।

୩୦. ମହିଳାମାନଙ୍କର ପ୍ରଜନନ ବୟସ ସୀମା ପୁରୁଷମାନଙ୍କ ପ୍ରଜନନ ବୟସ ସୀମା ତୁଳନାରେ ଯଥେଷ୍ଟ କମ୍ ।

୩୧. ଗର୍ଭବତୀ ମହିଳା ପୁଷ୍ଟିକର ଖାଦ୍ୟ ଖାଇବା ଦ୍ୱାରା ତାର ଗର୍ଭସ୍ଥ ଶିଶୁଟିର ଓଜନ ବଢ଼ିବା ସହ ମା' ଓ ଶିଶୁ ମୃତ୍ୟୁବରଣ ସମ୍ଭାବନା ଅଧିକ।

୩୨. ଋତୁସ୍ରାବ ସମୟରେ ପୁରୁଷ କିମ୍ବା ଗୁରୁଜନ ବ୍ୟକ୍ତିଙ୍କର ମୁହଁ ଚାହିଁବା ମନା। ଏହାଦ୍ୱାରା ସେମାନଙ୍କର ଅମଙ୍ଗଳ ହୋଇଥାଏ।

ଫଳାଫଳ : ଉପରୋକ୍ତ ଦଳଗତ ଆଲୋଚନା ମାଧ୍ୟମରେ ତାଲିମ୍‌ଦାତା ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ / ଭ୍ରାନ୍ତଧାରଣା ଓ ସ୍ୱାସ୍ଥ୍ୟ ପ୍ରତିକୂଳ ସମସ୍ତ ସୂଚନା ପ୍ରଦାନ କରି ପ୍ରଜନନ ଓ ଯୌନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରିଷ୍କାର ପରିଚ୍ଛନ୍ନତା ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ଅବଗତ କରାଇବେ।

ସୋପାନ - ୨

ଅଂଶଗ୍ରହଣକାରୀଙ୍କୁ ୨ଟି ଭାଗରେ ବିଭକ୍ତ କରି ପ୍ରଥମ ଦଳକୁ ଋତୁସ୍ରାବ ସମୟର ବର୍ତ୍ତମାନ ଚଳଣି ଓ ସ୍ଥିତି (ପରିବାର ଦୃଶ୍ୟପଟ) ଉପରେ ଚରିତ୍ର ଅଭିନୟ କରିବାକୁ ତାଲିମ୍‌ଦାତା ପରାମର୍ଶ ଦେବେ।

- ଦ୍ୱିତୀୟ ଦଳକୁ ସ୍ୱାସ୍ଥ୍ୟ ଅନୁକୂଳ ଚଳଣି / କାର୍ଯ୍ୟକଳାପ ପାଇଁ ପ୍ରବର୍ତ୍ତାଇବା ପାଇଁ ଚରିତ୍ର ଅଭିନୟ କରିବା ପାଇଁ କହିବେ। ଚରିତ୍ର ଅଭିନୟ ପରେ ଋତୁସ୍ରାବ ସମୟର ଚଳଣି, ପରିଷ୍କାର ପରିଚ୍ଛନ୍ନତା ସମ୍ପର୍କରେ ଆଲୋଚନା କରିବେ।
- ସଫାକନା କିମ୍ବା ସାନିଟାରୀ ପ୍ୟାଡ୍ ବ୍ୟବହାର କରିବା
- ସଫା ସୁତୁରା କପଡ଼ା ବ୍ୟବହାର ସହ ସୂତା ଓ ହାଲ୍‌କା ରଙ୍ଗର କପଡ଼ା ବ୍ୟବହାର କରିବା
- ବ୍ୟବହୃତ କପଡ଼ା / ପ୍ୟାଡକୁ ଦଳରେ ୨/୩ ଥର ବଦଳାଇବା
- ବ୍ୟବହୃତ କନାକୁ ସାବୁନ୍‌ରେ ଭଲ ଭାବରେ ଧୋଇ ଖରାରେ ଶୁଖାଇବା
- ଯୌନାଙ୍ଗକୁ ପରିଷ୍କାର ପରିଚ୍ଛନ୍ନ ରଖିବା
- ପ୍ରତିଦିନ ଭଲି ସବୁ ଖାଦ୍ୟ ଖାଇବେ ଓ ଯଥେଷ୍ଟ ପରିମାଣରେ ପାଣି ପିଇବେ
- ସବୁ କାର୍ଯ୍ୟ କରିପାରିବେ

ଅଧିବେଶନ-୩

ପ୍ରଜନନ ନଳୀ ସଂକ୍ରମଣ ଓ ଯୌନ ସଂକ୍ରମଣ

ଉଦ୍ଦେଶ୍ୟ : ଏହି ଅଧିବେଶନ ଶେଷରେ ଅଂଶଗ୍ରହଣକାରୀମାନେ ଜାଣିପାରିବେ

- ପ୍ରଜନନ ନଳୀ ସଂକ୍ରମଣ ଓ ଯୌନ ସଂକ୍ରମଣ କ'ଣ ?
- ଏହାର କାରଣ, ଲକ୍ଷଣ ଓ ନିରାକରଣ
- ଏହାର ଚିକିତ୍ସା ଏବଂ ପରିଷ୍କାର ପରିଚ୍ଛନ୍ନତା

ଅଧିବେଶନ ସାରଣୀ

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ପ୍ରଜନନ ନଳୀ ସଂକ୍ରମଣ ଓ ଯୌନ ସଂକ୍ରମଣ କ'ଣ	କେସ୍ ଷ୍ଟଡି, ପ୍ରଶ୍ନୋତ୍ତର ଓ ଆଲୋଚନା	୧୫ ମିନିଟ୍
୨.	ପ୍ରଜନନ ନଳୀ ସଂକ୍ରମଣ ଓ ଯୌନ ସଂକ୍ରମଣର କାରଣ, ଲକ୍ଷଣ ଓ ନିରାକରଣ	ଅଡିଓ ଭିଜୁଆଲ୍ସ ସ୍ଲାଇଡ୍	୨୫ ମିନିଟ୍
୩.	ପ୍ରଜନନ ନଳୀ ସଂକ୍ରମଣ ଓ ଯୌନ ସଂକ୍ରମଣର ଚିକିତ୍ସା ଏବଂ ପରିଷ୍କାର ପରିଚ୍ଛନ୍ନତା	ଦଳଗତ ଆଲୋଚନା	୨୦ ମିନିଟ୍
ମୋଟ			**୬୦ ମିନିଟ୍**

ଆବଶ୍ୟକୀୟ ଉପକରଣ :

- ଫ୍ଲିପ୍ ଚାର୍ଟ
- ମାର୍କର ପେନ୍
- ପ୍ରଜନନ ସଂକ୍ରମଣ ଜନିତ ସୂଚନା ପତ୍ର
- ସାପ ଶିଡ଼ି ଖେଳ

କାର୍ଯ୍ୟକ୍ରମ -୧ : ପ୍ରଜନନ ନଳୀ ସଂକ୍ରମଣ ଓ ଯୌନ ସଂକ୍ରମଣ କ'ଣ

ସୋପାନ-୧ : ପ୍ରଜନନ ନଳୀ ସଂକ୍ରମଣ ଓ ଯୌନ ସଂକ୍ରମଣ କ'ଣ

ତାଲିମ୍‌ଦାତା ଅଂଶଗ୍ରହଣକାରୀମାନଙ୍କୁ ଚାରୋଟି ଦଳରେ ବିଭକ୍ତ କରିବେ। ସେମାନଙ୍କୁ ଏକ କେସ୍ ଷ୍ଟଡି ଦେବେ ଯାହାକୁ ପଢ଼ି ବୁଝିବା ପାଇଁ ୫ ମିନିଟ୍ ସମୟ ଦେବେ।

କେସ୍ ଷ୍ଟଡି : ସେବତୀ ଏକ ଗାଉଁଲି ଝିଅ । ସେ ତାହାର ସାଙ୍ଗ ସହିତ ସହରକୁ ଚାକିରୀ ଅନ୍ୱେଷଣରେ ଯାଇଥିଲା । ସେଠାର ବସ୍‌ଷ୍ଟାଣ୍ଡରେ ଥିବା ଏକ ଶୌଚାଳୟରେ ସେ ନିଜର ଶୌଚକାର୍ଯ୍ୟ କରିଥିଲା । ସହରକୁ ଫେରିବା ପରେ ସେ ଅସୁସ୍ଥ ହୋଇପଡିଥିଲା ।

ତାଲିମ୍‌ଦାତାଙ୍କର ଅଂଶଗ୍ରହଣକାରୀଙ୍କୁ ପ୍ରଶ୍ନ :

ପ୍ରଶ୍ନ ୧ : ସେବତୀର ଦେହ ଅସୁସ୍ଥ ହେବାର କାରଣ କ'ଣ ?

ସମ୍ଭାବ୍ୟ ଉତ୍ତର : ବାହାର ଖାଦ୍ୟ ଖାଇବା ଯୋଗୁଁ, ଯଥେଷ୍ଟ ପରିମାଣରେ ପାଣି ନ ପିଇ ଥିବାରୁ, ଅପରିଷ୍କାର ଶୌଚାଳୟ ବ୍ୟବହାର କରିବା ଯୋଗୁଁ, ଅନ୍ୟାନ୍ୟ ।

- ତାଲିମ୍‌ଦାତା ଅଂଶଗ୍ରହଣକାରୀମାନଙ୍କୁ ଏହାର ଉତ୍ତରଗୁଡ଼ିକ ବ୍ଲାକ୍ ବୋର୍ଡରେ ଲେଖିବା ପାଇଁ କହିବେ ।
- ପରିଶେଷରେ ତାଲିମ୍‌ଦାତା ଅଂଶଗ୍ରହଣକାରୀମାନଙ୍କୁ ବିଭିନ୍ନ ସଂକ୍ରମଣ ଯଥା – ବାୟୁବାହିତ, ଜଳବାହିତ, ଭୂତାଣୁଜନିତ ସଂକ୍ରମଣ ବିଷୟରେ ବୁଝାଇବେ ।
- ଏହା ପରେ ତାଲିମ୍‌ଦାତା ପ୍ରଜନନ ନଳୀ ସଂକ୍ରମଣ ଓ ଯୌନ ସଂକ୍ରମଣ ସମ୍ବନ୍ଧରେ ସୂଚନା ଦେବେ ।

ତାଲିମ୍‌ଦାତାଙ୍କ ପାଇଁ

୧. ପ୍ରଜନନ ନଳୀରେ ହେଉଥିବା ବିଭିନ୍ନ ପ୍ରକାର ସଂକ୍ରମଣରୁ ପ୍ରଜନନ ନଳୀ ସଂକ୍ରମଣ (RTI) କୁହାଯାଏ । (RTI - Reproductive Tract Infection)

୨. ଯୌନ ସମ୍ପର୍କ ଦ୍ୱାରା ସଞ୍ଚାରିତ ଯୌନ ସଂକ୍ରମଣରୁ ଏସ୍.ଟି.ଆଇ (STI - Sexually Transmitted Infection) କୁହାଯାଏ ।

୩. ଏହା (STI & RTI) ନାରୀର ଯୋନି, ପୁରୁଷର ଲିଙ୍ଗ ଓ ଉଭୟଙ୍କର ମୂତ୍ରାଶୟରେ ବ୍ୟାପୁଥିବା ବିଭିନ୍ନ ସଂକ୍ରମଣ ଅଟେ ।

୪. ପ୍ରଜନନ ନଳୀର ସମସ୍ତ ସଂକ୍ରମଣ (RTI) ଯୌନ ସଂକ୍ରମଣ ନୁହଁ (STI) ସେଗୁଡ଼ିକ ମଧ୍ୟରୁ କିଛି ସଂକ୍ରମଣ ଆମ ପ୍ରଜନନ ନଳୀରେ ଥିବା କ୍ଷତିକାରକ ଜୀବାଣୁ ଦ୍ୱାରା ହୋଇଥାଏ ।

ସୋପାନ – ୨ : ପ୍ରଜନନ ନଳୀ ସଂକ୍ରମଣ ଓ ଯୌନ ସଂକ୍ରମଣର କାରଣ, ଲକ୍ଷଣ ଓ ନିରାକରଣ

ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ଏସ୍.ଟି.ଆଇ ଓ ଆର୍.ଟି.ଆଇର ଲକ୍ଷଣଗୁଡ଼ିକ ଆଲୋଚନା କରିବେ ।

ତାଲିମଦାତାଙ୍କ ପାଇଁ :

- ପରିସ୍ରା କରିବା ସମୟରେ ଯନ୍ତ୍ରଣା ତଥା ଜଳାପୋଡ଼ା ହେବା
- ସାମାନ୍ୟ ଜ୍ୱର ଲାଗି ରହିବା
- ଯୌନାଙ୍ଗ ଓ ତାହାର ଚତୁଃପାର୍ଶ୍ୱରେ କୁଣ୍ଡାଇ ହେବା ଓ ଫୁଲିଯିବା
- ତଳି ପେଟରେ ବ୍ୟଥା ହେବା

- ଦୁର୍ଗନ୍ଧଯୁକ୍ତ ଧଳାସ୍ରାବ ନିର୍ଗତ ହେବା ।

ପୁଅମାନଙ୍କଠାରେ ଦେଖାଯାଉଥିବା ଲକ୍ଷଣ

- ପରିସ୍ରା କରିବା ସମୟରେ ଯନ୍ତ୍ରଣା ତଥା ଜ୍ୱାଳା ଅନୁଭବ କରିବା ।
- ସାମାନ୍ୟ ଜ୍ୱର ଲାଗି ରହିବା
- ଯୌନାଙ୍ଗ କୁଣ୍ଡାଇ ହୋଇ ଲାଲ୍ ପଡ଼ିବା ଓ ଫୁଲିବା

ସୋପାନ ।-୩ :

ଆର୍.ଟି.ଆଇ ଓ ଏସ୍.ଟି.ଆଇର ନିମ୍ନଲିଖିତ କାରଣ ଓ ନିରାକରଣ ସମ୍ପର୍କରେ ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରାଇବେ । (ପିପିଟି ମାଧ୍ୟମରେ)

କାରଣ :

- ଅପରିଷ୍କାର ଓ ଅପରିଚ୍ଛନ୍ନ ସ୍ଥାନରେ ଶୌଚ କରିବା ଓ ପରିସ୍ରା କରିବା ଦ୍ୱାରା
- ରତୁସ୍ରାବ ସମୟରେ ପରିଷ୍କାର ପରିଚ୍ଛନ୍ନ ନ ରହିବା ଦ୍ୱାରା
- ଅସୁରକ୍ଷିତ ଗର୍ଭପାତ କରାଇବା
- ଏକାଧିକ ବ୍ୟକ୍ତିଙ୍କ ସହିତ ଅସୁରକ୍ଷିତ ଯୌନ ସମ୍ପର୍କ ରଖିବା ଦ୍ୱାରା
- ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ଦ୍ୱାରା
- ସର୍ବଦା ଯୌନାଙ୍ଗ ପରିଷ୍କାର ପରିଚ୍ଛନ୍ନ ନ ରଖିବା ଦ୍ୱାରା
- ସଠିକ୍ ଭାବରେ କଣ୍ଡୋମ୍ ବ୍ୟବହାର ନ କରିବା ଦ୍ୱାରା
- ସଂକ୍ରମିତ ବ୍ୟକ୍ତିଙ୍କ ସହ ଯୌନ ସମ୍ପର୍କ ରଖିବା ଦ୍ୱାରା

ନିରାକରଣ :

- ସଂକ୍ରମଣର ପ୍ରାଥମିକ ଅବସ୍ଥାରେ ଡାକ୍ତରଙ୍କ ପରାମର୍ଶ ନେବା ଦ୍ୱାରା
- ପ୍ରାଥମିକ ଅବସ୍ଥାରୁ ସଚେତନ ରହିବା ଦ୍ୱାରା
- ପରିସ୍ରା ନଳୀରେ ସଂକ୍ରମଣର ଚିକିତ୍ସା ପ୍ରାରମ୍ଭରୁ କରିବା
- ଲକ୍ଷଣ ଦେଖାଯିବା ମାତ୍ରେ କୌଣସି ଅବହେଳା ନ କରିବା ଏବଂ ଗୁପ୍ତ ନ ରଖିବା ।
- ଏକାଧିକ ସାଥିଙ୍କ ସହିତ ଯୌନ ସମ୍ପର୍କ ନ ରଖିବା
- ସୁରକ୍ଷିତ ଉପାୟରେ କଣ୍ଡୋମ୍ ବ୍ୟବହାର କରି ଯୌନ ସମ୍ପର୍କ ରଖିବା
- ନିଜେ ନିଜର ଯୌନ ସାଥି ପ୍ରତି ବିଶ୍ୱସ୍ତ ରହିବା ।
- ବାରମ୍ବାର ଗର୍ଭପାତ ନ କରାଇ ଅଭିଜ୍ଞ ଓ ସ୍ୱୀକୃତିପ୍ରାପ୍ତ ଡାକ୍ତରଙ୍କ ପାଖରେ ଗର୍ଭପାତ କରାଇବା ।

କାର୍ଯ୍ୟକ୍ରମ-୩

ପ୍ରଜନନ ନଳୀ ସଂକ୍ରମଣ ଓ ଯୌନ ସଂକ୍ରମଣର ଚିକିତ୍ସା ଏବଂ ପରିଷ୍କାର ପରିଚ୍ଛନ୍ନତା।

ସୋପାନ - ୧

ତାଲିମ୍‌ଦାତା ଅଂଶଗ୍ରହଣକାରୀମାନଙ୍କୁ ପ୍ରଜନନ ନଳୀ ସଂକ୍ରମଣର ଚିକିତ୍ସା ଏବଂ ପରିଷ୍କାର ପରିଚ୍ଛନ୍ନତା ସମ୍ପର୍କିତ ନିମ୍ନଲିଖିତ ତଥ୍ୟ ପ୍ରଦାନ କରିବେ।

- ଦୁର୍ଗନ୍ଧଯୁକ୍ତ ଧଳାସ୍ରାବ ଓ ଯୌନାଙ୍ଗ କୁଣ୍ଡାଇ ହେଲେ ତୁରନ୍ତଙ୍କ ଡାକ୍ତରଙ୍କୁ ପରାମର୍ଶ କରି ଚିକିତ୍ସା କରାଇବା ଉଚିତ୍ ନହେଲେ ସଂକ୍ରମଣ ଅଧିକରୁ ଅଧିକତର ସ୍ତରକୁ ବ୍ୟାପିପାରିବ।
- ଯୌନ ସଂକ୍ରମଣ ପାଇଁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସରକାରୀ ଡାକ୍ତରଖାନାରେ ଉପଲବ୍ଧ ମାଗଣା ଔଷଧ (ଏସ୍.ଟି.ଆଇ କିଟ୍ / STI KIT) ବ୍ୟବହାର କରି ଏହାର ଚିକିତ୍ସା କରାଇବେ। ନଚେତ୍ STI ସଂକ୍ରମଣରୁ HIV ର ସମ୍ଭାବନା ଥାଏ।

ମୁଖ୍ୟ ସନ୍ଦେଶ:

- ସର୍ବଦା ଯୌନାଙ୍ଗକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଉଚିତ୍।
- ଅପରିଷ୍କାର ଅପରିଚ୍ଛନ୍ନ ସ୍ଥାନରେ ପରିସ୍ରା କିମ୍ବା ଶୌଚ ନ କରିବା ଉଚିତ୍।
- ଋତୁସ୍ରାବ ସମୟରେ ପରିଷ୍କାର ପରିଚ୍ଛନ୍ନତା ରଖିବ ବାଞ୍ଛନୀୟ।
- ସୁଲଭ ମୂଲ୍ୟରେ ମିଳୁଥିବା ସାନିଟାରୀ ନାପ୍‌କିନ୍ ବ୍ୟବହାର କରିବା ଉଚିତ୍।
- ପରିସ୍ରା ପୋଡ଼ା ହେବା ଓ ତଳିପେଟରେ ଦରଜ ଅନୁଭବ କରିବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କରାଇବା ଉଚିତ୍।
- ଗର୍ଭବତୀ ମହିଳାଙ୍କଠାରୁ ଏହି ସଂକ୍ରମଣ ଶିଶୁ ନିକଟକୁ ସଂକ୍ରମିତ ହେବାର ସମ୍ଭାବନା ଅଧିକ ଥାଏ। ତେଣୁ ଶିଶୁ (ଗର୍ଭସ୍ଥ) ଉପରେ କୌଣସି ପ୍ରଭାବ ନ ପଡ଼ିବା ପାଇଁ ପ୍ରତିକାର ସହ ଚିକିତ୍ସା କରିବା ଉଚିତ୍।
- ରକ୍ତ ସଂକ୍ରମଣ ଦ୍ୱାରା ଗ୍ରୀବା କ୍ୟାନ୍‌ସର (Cervical Cancer) ହେବାର ସମ୍ଭାବନା ଅଧିକ ଥାଏ।
- ବାରମ୍ବାର ଗର୍ଭପାତ କରାଇବା ଦ୍ୱାରା ସଂକ୍ରମଣ ଅଧିକ ହୋଇଥାଏ ଓ ବନ୍ଧ୍ୟାଦୋଷ ଦେଖାଦେଇଥାଏ।

ଅଧିବେଶନ-୪

ଏଚ୍.ଆଇ.ଭି ଏବଂ ଏଡ୍ସ୍

ଉଦ୍ଦେଶ୍ୟ : ଏହି ଅଧିବେଶନ ଶେଷରେ ଅଂଶଗ୍ରହଣକାରୀମାନେ ଜାଣିପାରିବେ

- ଏଚ୍.ଆଇ.ଭି ଏବଂ ଏଡ୍ସ୍‌ର ଅର୍ଥ କ'ଣ
- ଏହାର ଲକ୍ଷଣ, କାରଣ ଏବଂ ନିରାକରଣ
- ଏଚ.ଆଇ.ଭି ଏବଂ ଏଡ୍ସ୍ ସଂକ୍ରମିତ ବ୍ୟକ୍ତି ସମାଜରେ କିପରି ସକାରାତ୍ମକ ମନୋଭାବ ସୃଷ୍ଟି କରିପାରିବେ।
- ଏଚ୍.ଆଇ.ଭି ଏବଂ ଏଡ୍ସ୍ ପ୍ରତି ଥିବା ଅନ୍ଧବିଶ୍ୱାସ ଓ ଭ୍ରାନ୍ତଧାରଣା

ଅଧିବେଶନ ସାରଣୀ

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ଏଚ୍.ଆଇ.ଭି ଏବଂ ଏଡ୍ସ କ'ଣ ?	କେସ୍ ଷ୍ଟଡି ଓ ଆଲୋଚନା	୧୫ ମିନିଟ୍
୨.	ଏଡ୍ସ୍‌ର କାରଣ, ଲକ୍ଷଣ ଓ ନିରାକରଣ	ଖେଳ, ଦଳଗତ ଆଲୋଚନା ଓ ପ୍ରଶ୍ନୋତ୍ତର	୧୫ ମିନିଟ୍
୩.	ଏଚ୍.ଆଇ.ଭି ଏବଂ ଏଡ୍ସ୍ ପ୍ରତି ଥିବା ଅନ୍ଧବିଶ୍ୱାସ ଓ ଭ୍ରାନ୍ତଧାରଣା, ସଂକ୍ରମିତ ବ୍ୟକ୍ତି ପ୍ରତି	ଖେଳ, ନାଟକ ଓ ଆଲୋଚନା	୩୦ ମିନିଟ୍
ମୋଟ			୬୦ ମିନିଟ୍

ଆବଶ୍ୟକୀୟ ଉପକରଣ :

ମାର୍କର ପେନ୍, ଚାର୍ଟ ପେପର, ଗ୍ଲୁସ୍, ପାଣି, ନୀଳରଙ୍ଗ ଶାଢ଼ୀ / ଓଢ଼ଣୀ, ସେଲୋଟେପ୍, କଇଁଚି, ସ୍କେଲ, ପେନ୍‌ସିଲ୍

ଜୀବନ କୌଶଳ : ଆତ୍ମ ସଚେତନତା, ନିଷ୍ପତ୍ତି ନିର୍ଦ୍ଧାରଣ, ସମସ୍ୟାର ସମାଧାନ, ବିଶ୍ଳେଷଣାତ୍ମକ ଚିନ୍ତା

ସୋପାନ-୧ : ଏଚ୍.ଆଇ.ଭି ଏବଂ ଏଡ୍ସ କ'ଣ ?

ତାଲିମ୍‌ଦାତା ଅଂଶଗ୍ରହଣକାରୀମାନଙ୍କୁ ଏକ କେସ୍ ଷ୍ଟଡି ଦେବେ ଯାହାକୁ ପଢ଼ି ବୁଝିବା ପାଇଁ ୫ ମିନିଟ୍ ସମୟ ଦେବେ।

କେସ୍ ଷ୍ଟଡି :

ମାନସ ଓ ପ୍ରିୟା ଦୀର୍ଘ ତିନିବର୍ଷ ଦାମ୍ପତ୍ୟ ଜୀବନ ଅତିବାହିତ କରିବା ପରେ ତାଙ୍କର ଏକ କନ୍ୟାସନ୍ତାନ ଜନ୍ମ ହେଲା। ଅଳ୍ପ କିଛି ଦିନ ପରେ ହଠାତ୍ ତାଙ୍କ ଜୀବନରେ ଝଡ ସୃଷ୍ଟି ହେଲା। ପ୍ରିୟାର ଗଳାରେ ଏକ ଘା' ହେଲା। ଫଳରେ କ୍ରମଶଃ ସେ ଖାଦ୍ୟ ଖାଇବାକୁ କଷ୍ଟ ଅନୁଭବ କରିଲା। ତା'ପରେ ଧୀରେ ଧୀରେ ତା'ର ଓଜନ ୬୦ କି.ଗ୍ରାରୁ ୩୮ କି.ଗ୍ରାକୁ ହ୍ରାସ ହେଲା। ତା'କୁ ବହୁତ ଜ୍ୱର ହେଲା ଏବଂ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହେଲା। ସେଠାରେ ତା'ର ସମସ୍ତ ପ୍ରକାର ପରୀକ୍ଷା

ହେଲା ପରେ ତାକୁ ଡାକ୍ତର ଯାହା କହିଲେ ତାହା ଶୁଣି ସେ ଦୁଃଖରେ ଭାଙ୍ଗି ପଡିଲା । ଏହାର କିଛି ଦିନ ପରେ ପ୍ରିୟାର ମୃତ୍ୟୁ ଘଟିଲା । ତା'ପରେ ଡାକ୍ତର ମାନସ ଓ ତାଙ୍କ ଝିଅ ପିଙ୍କିର ରକ୍ତ ପରୀକ୍ଷା ପାଇଁ ପରାମର୍ଶ ଦେଲେ । ଉକ୍ତ ପରୀକ୍ଷାରୁ ଜଣାପଡ଼ିଲା ପ୍ରିୟା ଯେଉଁ ରୋଗରେ ପୀଡିତ ଥିଲେ, ମାନସ ଓ ଝିଅ ପିଙ୍କି ମଧ୍ୟ ସେହି ରୋଗରେ ପୀଡିତ ଏବଂ ଏହା ମାନସକୁ ବହୁତ ଦ୍ୱନ୍ଦ୍ୱରେ ପକାଇଥିଲା ।

ପ୍ରଶ୍ନ ୧ : ପ୍ରିୟାର ମୃତ୍ୟୁ ପରେ ଡାକ୍ତର ମାନସ ଓ ତା' ଝିଅ ପିଙ୍କିର ରକ୍ତପରୀକ୍ଷା ପାଇଁ କାହିଁକି କହିଲେ ?

ପ୍ରଶ୍ନ ୨ : ମାନସ କାହିଁକି ଦ୍ୱନ୍ଦରେ ପଡ଼ିଲା ?

ପ୍ରଶ୍ନ ୩ : ସେମାନଙ୍କୁ କେଉଁ ରୋଗ ହୋଇଥାଇପାରେ ?

ସମ୍ଭାବ୍ୟ ଉତ୍ତର : ଟିବି, ସ୍ୱାଇନ୍ ଫ୍ଲୁ, ଏଡ୍ସ୍, ମ୍ୟାଲେରିଆ, ଏଚ୍.ଆଇ.ଭି, ଗଳଗଣ୍ଡ, ଜଣ୍ଡିସ୍, କ୍ୟାନ୍ସର୍

ସୋପାନ - ୨

ତାଲିମ୍‌ଦାତା ଅଂଶଗ୍ରହଣକାରୀମାନଙ୍କୁ ଏଚ.ଆଇ.ଭି କ'ଣ । ଏହା କିପରି ବ୍ୟାପିଥାଏ ଏବଂ ଏଡ୍ସ୍ ଓ ଏଚ୍.ଆଇ.ଭି ମଧ୍ୟରେ ପ୍ରଭେଦ ବିଷୟରେ ଧାରଣା ଦେବେ ।

ତାଲିମ୍‌ଦାତାଙ୍କ ପାଇଁ :

୧. ଏଡ୍ସ୍ ଏକ ରୋଗ ନୁହେଁ । ଏହା କେତେଗୁଡ଼ିଏ ରୋଗର ଲକ୍ଷଣର ସମୂହ ।

୨. ଏହା ଏଚ୍.ଆଇ.ଭି ନାମ ଭୂତାଣୁ ଦ୍ୱାରା ବ୍ୟାପିଥାଏ ।

୩. ଏଚ୍.ଆଇ.ଭିର ପୂରା ନାମ

H - Human (ମନୁଷ୍ୟ)

I - Immuno deficiency (ରୋଗ ପ୍ରତିରୋଦ ଶକ୍ତିର ଅଭାବ)

V - Virus (ଭୂତାଣୁ)

୪. ଏଡସ୍‌ର ପୂରା ନାମ

A - Acquired (ଅର୍ଜିତ)

I - Immuno (ରୋଗ ପ୍ରତିରୋଧ ଶକ୍ତି)

D - Deficiency (ଅଭାବ)

S - Syndrome (ଲକ୍ଷଣର ସମୂହ)

ସୋପାନ - ୧ : ଏଡ୍ସ୍‌ର କାରଣ, ଲକ୍ଷଣ ଓ ନିରାକରଣ

ତାଲିମ୍‌ଦାତା ଅଂଶଗ୍ରହଣକାରୀମାନଙ୍କୁ ନେଇ ଏକ ଖେଳ ଖେଳାଇବେ । ପ୍ରଥମେ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଗୋଟିଏ ଲେଖାଏଁ ପାଣିଗ୍ଲାସ୍ ଦେବେ । ନିଜେ ଏକ ନୀଳରଙ୍ଗ ମିଶା ପାଣିଗ୍ଲାସ୍ ରଖିବେ । ଅଂଶଗ୍ରହଣକାରୀମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ଏକାନ୍ତରେ ଡାକି କହିବେ ଯେ ସେମାନେ କୌଣସି ପରିସ୍ଥିତିରେ ମଧ୍ୟ ପାଣିରେ କିଛି ମିଶିବାକୁ ଦେବେ ନାହିଁ । ତା'ପରେ ଅଂଶଗ୍ରହଣକାରୀମାନଙ୍କୁ ନୀଳରଙ୍ଗ ପାଣି ନିଜ ନିଜ ପାଣିଗ୍ଲାସ୍‌ରେ ମିଶାଇବାକୁ କହିବେ । କିଛି ସମୟ ପରେ ଦେଖାଯିବ ଯେ କେବଳ ଦୁଇଜଣଙ୍କୁ ଛାଡି ଅନ୍ୟ ସମସ୍ତଙ୍କ ଗ୍ଲାସ୍‌ର ପାଣି ନୀଳରଙ୍ଗ ହୋଇଯାଇଛି । ଏହାପରେ ତାଲିମ୍‌ଦାତା

ଅଂଶଗ୍ରହଣକାରୀମାନଙ୍କୁ ପ୍ରଶ୍ନ କରିବେ :

ପ୍ରଶ୍ନ ୧ : ତାଲିମ୍‌ଦାତା ଦୁଇଜଣ ସ୍ୱଚ୍ଛପାଣି ଗ୍ଲାସ ଧରିଥିବା ଅଂଶଗ୍ରହଣକାରୀଙ୍କୁ ଦେଖାଇ ପଚାରିବେ କାହିଁକି ସେମାନଙ୍କର ଗ୍ଲାସର ପାଣି ନୀଳରଙ୍ଗର ହେଲାନି ?

ସମ୍ଭାବ୍ୟ ଉତ୍ତର : ମୁଁ କାହାକୁ ପାଣି ଦେଇନି କି କାହାଠାରୁ ପାଣି ନେଇନି, ନିଜକୁ ନିୟନ୍ତ୍ରଣରେ ରଖିଛି ।

ଏଠାରେ ତାଲିମ୍‌ଦାତା ଅଂଶଗ୍ରହଣକାରୀମାନଙ୍କୁ ଏକାଧିକ ବ୍ୟକ୍ତିଙ୍କ ସହ ଅସୁରକ୍ଷିତ ଯୌନ ସମ୍ପର୍କ ରଖିବା ଦ୍ୱାରା ଏଚ୍.ଆଇ.ଭି ଓ ଏଡ୍‌ସ୍ ବ୍ୟାପିଥାଏ ବୋଲି କହିବେ ।

ତାଲିମ୍‌ଦାତା କ'ଣ ଜଣାଇବେ :

A- Abstinence (ଯୌନ କ୍ରିୟାରୁ ନିବୃତ୍ତ ରହିବା)

B- Be faithful towards your partner (ଏକକ ସାଥୀ ପ୍ରତି ବିଶ୍ୱସ୍ତ ରହିବା)

C- Correct and Consistent use of Condom (ଯୌନକ୍ରିୟା ସମୟରେ Condom ର ସଠିକ୍ ଓ ସର୍ବଦା ବ୍ୟବହାର)

ଏହାପରେ ତାଲିମଦାତା ଏଡ୍‌ସ୍ ବ୍ୟାପିବାର କାରଣଗୁଡିକ ଜଣାଇବେ କିପରି ବ୍ୟାପିଥାଏ ?

୧. ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା
୨. ଅପରୀକ୍ଷିତ ରକ୍ତ ନେବା ଦ୍ୱାରା
୩. ସଂକ୍ରମିତ ମା'ଠାରୁ ଶିଶୁକୁ ସ୍ତନ୍ୟପାନ ଦ୍ୱାରା
୪. ସଂକ୍ରମିତ ଛୁଞ୍ଚି ଦ୍ୱାରା
୫. ଗର୍ଭଧାରଣ ସମୟରେ ମା'ଠାରୁ ଶିଶୁକୁ






ସୋପାନ - ୨

ତାଲିମ୍‌ଦାତା ଏଡ୍‌ସ୍‌ର ଲକ୍ଷଣଗୁଡ଼ିକ ଜଣାଇବେ :

ଏଡ୍‌ସ୍‌ର ଲକ୍ଷଣ

୧. ପ୍ରାଥମିକ ଅବସ୍ଥାରେ କୌଣସି ସ୍ଥାୟୀ ଲକ୍ଷଣ ଜଣାପଡେ ନାହିଁ ।
୨. ମୂଳ ଶରୀରର ଓଜନ ଅପେକ୍ଷା ୧୦% ଅଧିକ ଓଜନ ହ୍ରାସ ପାଇଥାଏ ।
୩. ଏକ ମାସରୁ ଅଧିକ ସମୟ ଧରି ଶରୀରରେ ଜ୍ୱର ଲାଗି ରହିବା ।
୪. ଏକ ମାସରୁ ଅଧିକ ସମୟ ଧରି ତରଳ ଝାଡା ଲାଗି ରହିବା ।
୫. ସବୁବେଳେ କ୍ଲାନ୍ତି ଅନୁଭବ କରିବା ।
୬. ଏକ ମାସରୁ ଅଧିକ କାଶ ଲାଗି ରହିବା ।
୭. ରାତିରେ ପ୍ରଚୁର ଝାଳ ବହିବା ।
୮. ଚର୍ମରେ ଚେକା ଚେକା ହୋଇ ଫଳିଯିବା ।
୯. ପାଟି ଘା', ଗ୍ରନ୍ଥି ଫୁଲିଯିବା ।
୧୦. ହରପିସ୍ ସଂକ୍ରମଣ ହେବା ।

ଏଡ୍‌ସ୍‌ର ନିରାକରଣ ପାଇଁ ଥିବା ବ୍ୟବସ୍ଥାଗୁଡ଼ିକ ଜଣାଇବେ । ଏଡ୍‌ସ୍‌ର ନିରାକରଣ ପାଇଁ ନିମ୍ନଲିଖିତ ବ୍ୟବସ୍ଥା

୧. ଏଚ୍.ଆଇ.ଭି ଓ ଏଡ୍‌ସ୍ ଜାଣିବା ପାଇଁ ଆଇ.ସି.ଟି.ସି (Integrated Counselling Testing Centre) ରେ ରକ୍ତପରୀକ୍ଷା କରାଇବା । ELISA Test, Western Blotting, CD4 test.

୨. ସଠିକ୍ ଓ ସର୍ବଦା କଣ୍ଡୋମର ବ୍ୟବହାର ।

୩. Price ଏ.ଆର୍.ଟି (ଆଣ୍ଟି ରିଟ୍ରୋଭାଇରାଲ୍ ଥେରାପି)

କାର୍ଯ୍ୟକ୍ରମ - ୩

ସୋପାନ - ୧

ତାଲିମ୍‌ଦାତା ଅଂଶଗ୍ରହଣକାରୀମାନଙ୍କୁ ନିଜ ଅଞ୍ଚଳରେ ଘଟୁଥିବା ଘଟଣା ଆଧାରିତ ତଥା ଏଡ୍‌ସ୍ ସମ୍ପର୍କିତ ଅନ୍ଧବିଶ୍ୱାସକୁ ନେଇ ନାଟକ ପରିବେଷଣ କରିବାକୁ ପ୍ରବର୍ତ୍ତାଇବେ ।

(NB - ICTC – ସମନ୍ୱିତ ପରାମର୍ଶ ଏବଂ ରକ୍ତପରୀକ୍ଷା କେନ୍ଦ୍ର)

ତାଲିମ୍‌ଦାତା ଅଂଶଗ୍ରହଣକାରୀମାନଙ୍କୁ ଏଚ୍.ଆଇ.ଭି ଓ ଏଡ୍‌ସ୍ ସମ୍ପର୍କିତ ଭ୍ରାନ୍ତଧାରଣା ଏବଂ ଅନ୍ଧବିଶ୍ୱାସ ସମ୍ବନ୍ଧରେ ଧାରଣା ଦେବେ ।

ଏଚ୍.ଆଇ.ଭି ଓ ଏଡ୍‌ସ୍ କିପରି ବ୍ୟାପେ ନାହିଁ

୧. ମଶା କାମୁଡ଼ିବା ଦ୍ୱାରା

୨. ଏଚ.ଆଇ.ଭି ସଂକ୍ରମିତ ବ୍ୟକ୍ତି ସଙ୍ଗେ ଖାଇବା ଓ ରହିବା ଦ୍ୱାରା

୩. ତାଙ୍କ ସହ ଆଲିଙ୍ଗନ କରିବା ଦ୍ୱାରା

୪. କରମର୍ଦ୍ଦନ କରିବା ଦ୍ୱାରା

୫. କାଶିବା ଓ ଛିଙ୍କିବା ଦ୍ୱାରା

୬. ଏକା ଲୁଗା ଓ ଗାମୁଛା ବ୍ୟବହାର କରିବା ଦ୍ୱାରା

୭. ଗୋଟିଏ ଶୌଚାଳୟ ବ୍ୟବହାର କରିବା ଦ୍ୱାରା

୮. ଗୋଟିଏ ପୋଖରୀରେ ଗାଧୋଇବା ଦ୍ୱାରା



ମୁଖ୍ୟ ସନ୍ଦେଶ :

ବ୍ୟକ୍ତି ଏଚ୍.ଆଇ.ଭି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ଶରୀରରେ ସୃଷ୍ଟି ହେଉଥିବା ରୋଗପ୍ରତିରୋଧକ ପ୍ରକ୍ରିୟାକୁ ବାଧାପ୍ରାପ୍ତ କରାଇଥାଏ । ଫଳସ୍ୱରୂପ ବିଭିନ୍ନ ପ୍ରକାର ରୋଗର ଲକ୍ଷଣ ଏକ ସମୟରେ ଦେଖା ଦେଇଥାଏ ।

ଅଧିବେଶନ-୫

ବାଲ୍ୟ ବିବାହ ଓ ଏହାର ପରିଣାମ

ଉଦ୍ଦେଶ୍ୟ : ଏହି ଅଧିବେଶନର ଶେଷରେ ଅଂଶଗ୍ରହଣକାରୀମାନେ ଜାଣିପାରିବେ

- ବାଲ୍ୟବିବାହ କ'ଣ ଓ ଏହାର କୁପ୍ରଭାବ
- ବ୍ୟବହାର ଉପଯୁକ୍ତ ବୟସ ବିଷୟରେ ସଚେତନତା
- ବାଲ୍ୟବିବାହ ଆଇନ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ

ଅଧିବେଶନ ସାରଣୀ

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ବାଲ୍ୟବିବାହ ଓ ଏହାର କୁପ୍ରଭାବ	ନାଟକ ଓ ଦଳଗତ ଆଲୋଚନା	୨୫ ମିନିଟ୍
୨.	ବିବାହର ଉପଯୁକ୍ତ ବୟସ ବିଷୟରେ ସଚେତନତା, ଅପ୍ରାପ୍ତ ବୟସରେ ଗର୍ଭଧାରଣ	କେସ୍‌ଷ୍ଟଡି ଓ ଦଳଗତ ଆଲୋଚନା	୨୦ ମିନିଟ୍
୩.	ବାଲ୍ୟବିବାହ ଆଇନ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ	ଦଳଗତ ଆଲୋଚନା ତଥା ଉପସ୍ଥାପନା	୧୫ ମିନିଟ୍
ମୋଟ			୬୦ ମିନିଟ୍

ଆବଶ୍ୟକୀୟ ଉପକରଣ : ଚାର୍ଟ ପେପର, ମାର୍କର ପେନ୍, ସ୍କେଚ୍ ପେନ୍

ସୋପାନ-୧ : ବାଲ୍ୟବିବାହ ଓ ଏହାର କୁପ୍ରଭାବ

ତାଲିମ୍‌ଦାତା ଅଂଶଗ୍ରହଣକାରୀମାନଙ୍କୁ ନେଇ ଏକ ନାଟକ ପରିବେଷଣ କରାଇବେ।

ନିମ୍ନରେ ଦିଆଯାଇଥିବା ବିଷୟବସ୍ତୁଗୁଡ଼ିକୁ ନେଇ ନାଟକଟିକୁ ସୁନ୍ଦର ଓ ସରଳ ଭାବରେ ତିଆରି କରାଇବେ।

ନାଟକ : ଲୀନା ଏକ ଗରିବ ଝିଅ। ବୟସ ତା'ର ପନ୍ଦର ବର୍ଷ। ତା'ର ପାଞ୍ଚଭଉଣୀ ଓ ଗୋଟିଏ ଭାଇ, ପରିବାରର ଅବସ୍ଥା ମଧ୍ୟ ସ୍ୱଚ୍ଛଳ ନୁହେଁ। ଅର୍ଥ ଅଭାବରୁ ଏତେ ବଡ଼ ପରିବାର ଚଳାଇବା ତା'ର ବାପା ମା'ଙ୍କ ପକ୍ଷେ କଷ୍ଟସାଧ୍ୟ ହେଉଥିଲା। ତେଣୁ ସେ ନବମ ଶ୍ରେଣୀରୁ ପାଠପଢ଼ା ଛାଡ଼ି ଘରକାମରେ ମା'କୁ ସାହାଯ୍ୟ କରିବାରେ ଲାଗିଲା। ତା'ର ମା' ଓ ବାପା ଉଭୟ କାମ କରିବାକୁ ବାହାରକୁ ଯାଆନ୍ତି। ଲୀନାର ବାପା ମା' ଅଠର ବର୍ଷର ଜଣେ ଯୁବକ ରବି ସହ ତା'ର ବିବାହ କରାଇଲେ। ବିବାହର ଏକ ବର୍ଷ ପରେ ଲୀନା ଶାଶୁଘରେ ଏକ ଅପରିପକ୍ୱ କନ୍ୟା ସନ୍ତାନକୁ ଜନ୍ମ ଦେଲା ଏବଂ ସେଇ କନ୍ୟା ସନ୍ତାନଟିର କିଛିଦିନ ପରେ ମୃତ୍ୟୁ ହୋଇଗଲା। ସେହିଦିନଠାରୁ ଲୀନାର ଦେହ ମଧ୍ୟ ଭୀଷଣ ଖରାପ ରହିଲା ଓ ସେ ବାପଘରକୁ ଚାଲିଗଲା। ବାପା ମା'ଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଲୀନାର ଭରଣପୋଷଣକୁ ଏକ ବୋଝ ଭାବି ସେମାନେ ସବୁବେଳେ ଚିନ୍ତା ଓ ମନଦୁଃଖରେ ରହୁଥିଲେ।

ସୋପାନ -୨ : ବିବାହର ଉପଯୁକ୍ତ ବୟସ ବିଷୟରେ ସଚେତନତା, ଅପ୍ରାପ୍ତ ବୟସରେ ଗର୍ଭଧାରଣ

ଏହି ନାଟକଟି ସରିବାପରେ ତାଲିମ୍‌ଦାତା ଅଂଶଗ୍ରହଣକାରୀମାନଙ୍କୁ କିଛି ପ୍ରଶ୍ନ ପଚାରିବେ।

ପ୍ରଶ୍ନ ୧ : ତୁମେ ଏ ନାଟକରୁ କ'ଣ ବୁଝିଲ ?

ପ୍ରଶ୍ନ ୨ : ତୁମ ଅଞ୍ଚଳରେ ଏପରି କିଛି ଘଟୁଛି କି ? ଯଦି ହଁ, ଏହାର କାରଣ ଦର୍ଶାଅ।

ପ୍ରଶ୍ନ ୩ : ଲୀନାର ଶୀଘ୍ର ବିବାହ ହେବା ଦ୍ୱାରା କି କି ଅସୁବିଧା ହେଲା ?

ପ୍ରଶ୍ନ ୪ : ତୁମେ ଲୀନା ସ୍ଥାନରେ ଥିଲେ କ'ଣ କରିଥା'ନ୍ତି ?



ତାଲିମଦାତାଙ୍କ ପାଇଁ :

୧. ଆଇନ୍ ଅନୁଯାୟୀ ପୁଅର ବିବାହ ବୟସ ୨୧ ବର୍ଷ ଓ ଝିଅର ବିବାହ ବୟସ ୧୮ ବର୍ଷ ହେବା ଉଚିତ୍।

୨. ବାଲ୍ୟବିବାହ ହେବା ଦ୍ୱାରା ଶାରିରୀକ ଓ ମାନସିକ ଅପରିପକ୍ୱତା ଥିବା ଝିଅ ମାତୃତ୍ୱ ଲାଭ କଲେ ମା' ଓ ଶିଶୁ ଉଭୟଙ୍କ ଜୀବନ ପ୍ରତି ବିପଦ ଦେଖା ଦେବାର ସମ୍ଭାବନା ଥାଏ।

୩. କମ୍ ବୟସର ମା'ଠାରେ ଶାରିରୀକ ଦୁର୍ବଳତା, ରକ୍ତହୀନତା ଓ ସଂକ୍ରମଣର ସମ୍ଭାବନା ଥାଏ।

୪. ସେଭଳି ମା' ଶିଶୁର ଉପଯୁକ୍ତ ଯତ୍ନ ନେଇପାରି ନ ଥାନ୍ତି।

୫. ଅପରିପକ୍ୱ ବୟସରେ ପିତାମାତା ହେଲେ ଶିକ୍ଷାରେ ବ୍ୟାଘାତ ସୃଷ୍ଟି ହୋଇ ଶିକ୍ଷା ଅସମ୍ପୂର୍ଣ୍ଣ ରହିଯାଏ।

୬. ସେଭଳି ପିତାମାତା ସମାଜରେ ନିଜକୁ ଖାପଖୁଆଇ ଚଳିପାରନ୍ତି ନାହିଁ ଏବଂ ଅନେକାଂଶରେ ପାରିବାରିକ ହିଂସା ଓ ଭୁଲ୍ ବୁଝାମଣା ଦେଖା ଦେଇଥାଏ।

କାର୍ଯ୍ୟକ୍ରମ-୨ : ବିବାହର ଉପଯୁକ୍ତ ବୟସ ବିଷୟରେ ସଚେତନତା ଓ ଅପ୍ରାପ୍ତ ବୟସରେ ଗର୍ଭଧାରଣ

ସୋପାନ-୧

ତାଲିମ୍‌ଦାତା ଅଂଶଗ୍ରହଣକାରୀମାନଙ୍କୁ ଦୁଇଟି ଦଳରେ ବିଭକ୍ତ କରି ଦଳପତିଙ୍କୁ ମନୋନୀତ କରିବେ। ସେମାନଙ୍କୁ ନିମ୍ନଲିଖିତ କେସ୍ ଷ୍ଟଡି ଦେଇ ତାହା ପଢ଼ିବାକୁ ୫ ମିନିଟ୍ ସମୟ ଦେବେ ଏବଂ ସେଥିରେ ପ୍ରଶ୍ନର ଉତ୍ତର ଦେବାକୁ ଦଳପତିଙ୍କୁ କହିବେ। ଉଭୟ ଦଳ ଅଲଗା ଅଲଗା ଚାର୍ଟ ପେପର୍‌ରେ ସେମାନଙ୍କର ମତାମତ ଲେଖି ସମସ୍ତଙ୍କ ସାମ୍ନାରେ ଉପସ୍ଥାପନ କରିବେ।

କେସ୍ ଷ୍ଟଡି :

ଷୋହଳ ବର୍ଷର ଝିଅ ମିନତିର ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ। ତେଣୁ ସେ ସପ୍ତମ ଶ୍ରେଣୀ ଅଧାରୁ ପାଠପଢ଼ା ଛାଡ଼ି ଘରେ ରହିଲା। ଘରେ ମା'ଙ୍କୁ ଘରକାମରେ ସାହାଯ୍ୟ କରିବା ସହିତ ତା'ର ଛୋଟ ଛୋଟ ପାଞ୍ଚ ଭାଇ ଭଉଣୀମାନଙ୍କର

ଦେଖାଶୁଣା କରିଲା। ସେହି ସମୟରେ ମିନତିର ଜଣେ ଦୂର ସମ୍ପର୍କୀୟ ଭାଇ ମୁନା ତା' ଘରକୁ ଯିବା ଆସିବା କରୁଥା'ନ୍ତି। ଧୀରେ ଧୀରେ ମୁନା ସହିତ ମିନତିର ସମ୍ପର୍କ ଘନିଷ୍ଠ ହେବାକୁ ଲାଗିଲା। ମୁନା ତା' ସହିତ ଶାରିରୀକ ସମ୍ପର୍କ ମଧ୍ୟ ରଖି ବିବାହ କରିବାକୁ ପ୍ରତିଶ୍ରୁତି ଦେଲା। କିଛିଦିନ ପରେ ଜଣାପଡ଼ିଲା ଯେ ମିନତି ଗର୍ଭବତୀ ଅଛି ଏବଂ ମୁନା ସୁରଟ୍ ପଳାଇଛି।

ପ୍ରଶ୍ନ ୧. ଏହି ପରିସ୍ଥିତିରେ ମିନତି କ'ଣ କରିବା ଉଚିତ୍ ?

ପ୍ରଶ୍ନ ୨. ଏହି ପରିସ୍ଥିତିରେ ବାପା ମା'ଙ୍କର ଭୂମିକା କ'ଣ ହେବା ଦରକାର ?

ପ୍ରଶ୍ନ ୩. ତୁମେ ମିନତିର ଜଣେ ସାଙ୍ଗ ହୋଇଥିଲେ କ'ଣ କରିଥାନ୍ତ ?

ତାଲିମ୍‌ଦାତାଙ୍କ ପାଇଁ :

୧. ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମ ଅନୁଯାୟୀ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ବାଧ୍ୟତାମୂଳକ ଶିକ୍ଷାଦାନର ବ୍ୟବସ୍ଥା ବିଷୟରେ ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରାଇବେ।

୨. ବିନା ତାଲିମପ୍ରାପ୍ତ ଧାଈ / ବଇଦ ଦ୍ୱାରା ଗର୍ଭପାତ କରାଇବା ଆଇନସମ୍ମତ ନୁହେଁ।


୩. ଅପ୍ରାପ୍ତ ବୟସରେ ଗର୍ଭଧାରଣ ଦ୍ୱାରା ସାମାଜିକ ତଥା ପାରିବାରିକ ହିଂସାତ୍ମକ ଘଟଣାମାନ ଘଟିଥାଏ।

କାର୍ଯ୍ୟକ୍ରମ-୩: ବାଲ୍ୟବିବାହ ଆଇନ୍ ସମ୍ବନ୍ଧୀୟ ତଥ୍ୟ

ସୋପାନ - ୧

ବାଲ୍ୟବିବାହ ଓ ଅପ୍ରାପ୍ତ ବୟସରେ ଗର୍ଭଧାରଣର କୁପ୍ରଭାବମାନ କ'ଣ, ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ପଚାରି ବୁଝିବେ। ଆଲୋଚନା ମାଧ୍ୟମରେ ବାଲ୍ୟବିବାହ, ଗର୍ଭଧାରଣ, ଗର୍ଭପାତ ଆଇନ୍ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିବେ।

୧. ଆମ ଦେଶରେ ୨୧ ବର୍ଷରୁ କମ୍ ଯୁବକ ଓ ୧୮ ବର୍ଷରୁ କମ୍ ଯୁବତୀଙ୍କର ବିବାହ କରାଇବା ଆଇନ୍ ସମ୍ମତ ନୁହେଁ ଏବଂ ଏହା ଏକ ଦଣ୍ଡନୀୟ ଅପରାଧ ବୋଲି ନିୟମ କରାଯାଇଛି। ତେଣୁ ନାରୀଶିକ୍ଷାକୁ ଉତ୍ସାହିତ କରିବା ଏବଂ ଆଇନ୍‌ସମ୍ମତ ବିବାହ ବୟସକୁ ବଳବତ୍ତର ରଖିବା ଉଚିତ୍।



୨. ଜାତୀୟ ଓ ରାଜ୍ୟ ମହିଳା କମିଶନ୍ ଅନୁଯାୟୀ ଯଦି କୌଣସି ମହିଳା ଉଦ୍ଦିଷ୍ଟ ଥିବା ଅଧିକାର ଓ ସ୍ୱାଧୀନତାରୁ ବଞ୍ଚିତ ହୁଅନ୍ତି କିମ୍ବା ସେମାନଙ୍କର ଉନ୍ନତିରେ ବାଧା ସୃଷ୍ଟି ହୁଏ ତେବେ ଏହି ପରିପ୍ରେକ୍ଷୀରେ ସେମାନେ ଆଇନ୍‌ର ଆଶ୍ରୟ ନେଇପାରିବେ।

୩. ଗର୍ଭପାତ ଆଇନ୍ ୧୯୬୧ ଅନୁଯାୟୀ

୪. ବାଲ୍ୟବିବାହ କରାଇଲେ ଦୁଇ ବର୍ଷ ସଶ୍ରମ କାରାଦଣ୍ଡ କିମ୍ବା ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ।

୫. ପିତାମାତାଙ୍କ ବିନା ଅନୁମତିରେ ୨୦ ବର୍ଷରୁ କମ୍ ବୟସର ପୁରୁଷ କିମ୍ବା ୧୮ ବର୍ଷ ବୟସର କମ୍ ମହିଳାଙ୍କୁ ପ୍ରଲୋଭନ ଦେଖାଇ ନେଲେ ଦଣ୍ଡିତ ହେବେ।

୬. କୌଣସି ଝିଅଙ୍କୁ ପିତାମାତାଙ୍କ ବିନା ଅନୁମତିରେ ବିବାହ ପ୍ରଲୋଭନ ଦେଖାଇପାରିବେ ନାହିଁ।

ମୁଖ୍ୟ ସନ୍ଦେଶ :

୧. ଆଇନ ଅନୁଯାୟୀ ପୁଅର ବିବାହ ବୟସ ୨୧ ଏବଂ ଝିଅର ବିବାହ ବୟସ ୧୮ ହେବା ଉଚିତ୍।

୨. ୧୮ ବର୍ଷରୁ କମ ବୟସରେ ମାତୃତ୍ୱ ଲାଭ କଲେ ନିମ୍ନଲିଖିତ ଅସୁବିଧାର ସମ୍ମୁଖୀନ ହେବେ।

(କ) ମାଆ ଓ ପିଲା ଉଭୟଙ୍କର ସ୍ୱାସ୍ଥ୍ୟର ଅବନତି ହେବ।

(ଖ) କମ୍ ଓଜନର ପିଲା ଜନ୍ମ ହେବ ଏବଂ ଶିଶୁମୃତ୍ୟୁହାର ବୃଦ୍ଧି ହେବ।

(ଗ) ଶାରିରୀକ, ମାନସିକ ବିକଳାଙ୍ଗ ପିଲା ଜନ୍ମ ହେବା।

(ଘ) ମାଆ ଓ ଶିଶୁ ଉଭୟଙ୍କର ରକ୍ତହୀନତା ଦେଖା ଦେବ।

(ଙ) ଅଧିକ ସନ୍ତାନ ଓ କମ ବ୍ୟବଧାନରେ ପିଲା ଜନ୍ମହେବା ଦ୍ୱାରା ଅଳ୍ପ ବୟସରେ ବାର୍ଦ୍ଧକ୍ୟ ତଥା ମାତୃ ମୃତ୍ୟୁହାର ବୃଦ୍ଧି ହେବାର ସମ୍ଭାବନା ଥାଏ।

(ଚ) କମ ବୟସର ଓ କମ ଓଜନର ମାଆଠାରୁ ଜନ୍ମିତ ଶିଶୁଟି ଅସୁସ୍ଥ ଏବଂ ରୋଗୀଣା ହୋଇଥାଏ।

(ଛ) ମାଆଠାରୁ ସଠିକ୍ ପରିମାଣରେ କ୍ଷୀର ନ ପାଇ ଶାରିରୀକ ବୃଦ୍ଧି ଓ ରୋଗ ପ୍ରତିରୋଧ ଶକ୍ତି କମ୍ ହୋଇଥାଏ ତଦ୍ୱାରା ଶିଶୁଟି ଦୁର୍ବଳ ଓ ରୋଗୀଣା ହୋଇଥାଏ।

୩. ଅପ୍ରାପ୍ତ ବୟସରେ ଗର୍ଭଧାରଣ ଦ୍ୱାରା ଜଣେ ମହିଳାର ଶାରିରୀକ, ମାନସିକ, ପାରିବାରିକ ଓ ସମାଜିକ ସ୍ଥିତି ଉପରେ କୁପ୍ରଭାବ ପଡ଼ିଥାଏ।

୪. ଅସୁରକ୍ଷିତ ଯୌନକ୍ରିୟା, ଅଜ୍ଞତା, ମିଥ୍ୟାପ୍ରତିଶ୍ରୁତି, ପ୍ରଲୋଭନ, ଅସୁରକ୍ଷିତ ଗର୍ଭପାତ ଇତ୍ୟାଦିକୁ ଏଡ଼ାଇ ଦାୟିତ୍ୱ ସମ୍ପନ୍ନ ନିଷ୍ପତ୍ତି ନେବା ପାଇଁ ଜୀବନକୌଶଳ ଶିକ୍ଷା ତଥା ପରାମର୍ଶ ଦ୍ୱାରା ସଚେତନ କରାଇବା।

ଅଧିବେଶନ-୬

ଲିଙ୍ଗଗତ ବୈଷମ୍ୟ ଓ ହିଂସା

ଉଦ୍ଦେଶ୍ୟ : ଅଂଶଗ୍ରହଣକାରୀମାନେ ଅଧିବେଶନ ଶେଷରେ ଜାଣିପାରିବେ

- ମହିଳା ଓ ପୁରୁଷ ମଧ୍ୟ ଶାରିରୀକ ବିଭେଦତା (Sex) ଓ ସାମାଜିକ କର୍ମରେ ଲିଙ୍ଗଗତ ବୈଷମ୍ୟତା ।
- ଲିଙ୍ଗଗତ ହିଂସା ଓ ଏହାର କାରଣ
- ଲିଙ୍ଗଗତ ଅଧିକାର ଓ ପ୍ରଜନନ ଅଧିକାର

ଅଧିବେଶନ ସାରଣୀ

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ଲିଙ୍ଗଗତ ବୈଷମ୍ୟତା	ପ୍ରଶ୍ନୋତ୍ତର	୨୦ ମିନିଟ୍
୨.	ଲିଙ୍ଗଗତ ହିଂସା ଓ ଏହାର କାରଣ	ପ୍ରଶ୍ନୋତ୍ତର	୨୦ ମିନିଟ୍
୩.	ଲିଙ୍ଗଗତ ଅଧିକାର ଓ ପ୍ରଜନନ ଅଧିକାର	ଦଳଗତ ଆଲୋଚନା	୨୦ ମିନିଟ୍
ମୋଟ			୬୦ ମିନିଟ୍

ଆବଶ୍ୟକୀୟ ଉପକରଣ :

ଚାର୍ଟ ପେପର, ମାର୍କର ପେନ୍, ଧଳା ପଟା / କଳା ପଟା, ସ୍କେଚ୍ ପେନ୍, ପ୍ରୋଜେକ୍ଟର, ଲାପ୍‌ଟପ୍

ପଦ୍ଧତି : ଦଳଗତ ଆଲୋଚନା, ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ, ଅଭିଜ୍ଞତାର ଆଦାନପ୍ରଦାନ, ନାଟକ, ପି.ପି.ଟି. ପ୍ରଦର୍ଶନ

କାର୍ଯ୍ୟକ୍ରମ - ୧ : ଶାରିରୀକ ବିଭେଦତା (Sex) ଓ ଲିଙ୍ଗଗତ କାର୍ଯ୍ୟ ବୈଷମ୍ୟତା (Gender)

ସୋପାନ - ୧

ତାଲିମ୍‌ଦାତା ଅଂଶଗ୍ରହଣକାରୀଙ୍କୁ ଏକ ଦଳଗତ ଆଲୋଚନାରେ ଭାଗନେବା ପାଇଁ କହିବେ ଏବଂ ସେମାନଙ୍କୁ କେତେଗୁଡ଼ିଏ ବାକ୍ୟ ଲେଖାଥିବା ଏକ ଚାର୍ଟ ଦେଖାଇ ଏହି ପ୍ରଶ୍ନ ପଚାରିବେ ।

ପ୍ରଶ୍ନ : ନିମ୍ନଲିଖିତ ସମସ୍ତ ବାକ୍ୟରେ ଥିବା 'ସେ' ଜଣକ କିଏ ? 'ସେ' ସ୍ଥାନରେ ଯେ କୌଣସି ଗୋଟିଏ ନାମ ଦିଅ ।

୧. ସେ ବିଦ୍ୟାଳୟରୁ ଫେରି କ୍ରିକେଟ୍ ଖେଳନ୍ତି ।

୨. ସେ ଋତୁସ୍ରାବଜନିତ କଷ୍ଟ ଭୋଗ କରନ୍ତି ।

୩. ସେ ନିଜ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ୩ଜଣ ବୁଡ଼ିଯାଉଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରିଲେ ।

୪. ସେ ସନ୍ତାନ ପ୍ରସବକାଳୀନ ଯନ୍ତ୍ରଣା ଭୋଗ କରନ୍ତି ।

୫. ସେ ଜଣେ ଦକ୍ଷ ପୋଲିସ୍ ଅଫିସର।

୬. ସେ ଖୁବ୍ ଭଲ ରୋଷେଇ କରନ୍ତି।

୭. ସେ ବହୁତ ଭଲ ମନ୍ତ୍ର ଉଚ୍ଚାରଣ କରନ୍ତି।

୮. ସେ ଯତ୍ନ ସହକାରେ ପିଲାମାନଙ୍କର ଲାଳନପାଳନ କରନ୍ତି।

୯. ସେ ଜଣେ ଦକ୍ଷ ଡାକ୍ତର।

ଏହା ପରେ ତାଲିମଦାତା ଅଂଶଗ୍ରହଣକାରୀମାନଙ୍କ ସହିତ ନିମ୍ନଲିଖିତ ପ୍ରଶ୍ନ ପଚାରି ଆଲୋଚନା କରିବେ।

ଉଦାହରଣ ସ୍ୱରୂପ : ୮ ନମ୍ବର କ୍ରମରେ ଥିବା ପ୍ରଶ୍ନଟି ନିଆଯାଉ। ଯଦି ଅଂଶଗ୍ରହଣକାରୀ 'ସେ' ସ୍ଥାନରେ ଗୋଟିଏ ଝିଅ କିମ୍ବା ମହିଳାର ନାମ କୁହନ୍ତି ତା' ହେଲେ ତାଲିମଦାତା ପଚାରିବେ।

ପ୍ରଶ୍ନ ୧ : ଏଠାରେ ପୁରୁଷର ନାମ କାହିଁକି ବ୍ୟବହାର କରାଯାଇପାରିବ ନାହିଁ।

ପ୍ରଶ୍ନ ୨ : ଛୁଆର ଲାଳନପାଳନ କରିବା କେବଳ ନାରୀର ଦାୟିତ୍ୱ କି ?

ପ୍ରଶ୍ନ ୩ : ଏହି ଦାୟିତ୍ୱ ଯଦି ପୁରୁଷ ନିଏ କିଛି ଅସୁବିଧା ଅଛି କି ?

ପ୍ରଶ୍ନ ୪ : ଶିଶୁର ଲାଳନପାଳନ ଦାୟିତ୍ୱ ଉଭୟ ପୁରୁଷ (ବାପା), ସ୍ତ୍ରୀ (ମାଆ)ଙ୍କର ଅଟେ। ଏ ସମ୍ପର୍କରେ ତୁମର ମତାମତ କ'ଣ ?

(ଏହିପରି ଭାବରେ ତାଲିମ୍‌ଦାତା ଉପରୋକ୍ତ ଅନ୍ୟ ଯେକୌଣସି ପ୍ରଶ୍ନକୁ ନେଇ ମଧ୍ୟ ଆଲୋଚନା କରିପାରିବେ।

ତାଲିମ୍‌ଦାତାଙ୍କ କାର୍ଯ୍ୟ : ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଆଲୋଚନା ମାଧ୍ୟମରେ ଶାରୀରିକ ବିଭେଦ (Sex) ଓ ସମାଜ କ୍ରମରେ ଲିଙ୍ଗଗତ ବିଭେଦତା (Gender) ବିଷୟରେ ସେମାନଙ୍କୁ ଜଣାଇ ଦିଆଯିବ।

ତାଲିମ୍‌ଦାତା ଜଣାଇବା ନିମନ୍ତେ :

- ଲିଙ୍ଗ ହେଉଛି ଏକ ଶରୀରଗତ ବିଭେଦତା।
- ଲିଙ୍ଗଗତ ବିଭେଦତା (Gender) ହେଉଛି ଉଭୟ ପୁରୁଷ ଓ ମହିଳାଙ୍କୁ ସମାଜ ଓ ସଂସ୍କୃତି ଦ୍ୱାରା ଦିଆଯାଇଥିବା ଭୂମିକା।
- ଶାରିରୀକ ବିଭେଦତା ପ୍ରକୃତିଦତ୍ତ ଏବଂ ଲିଙ୍ଗଗତ ବିଭେଦତା ସମାଜ ପ୍ରଦତ୍ତ।

ସୋପାନ - ୨

ତାଲିମ୍‌ଦାତା ଅଂଶଗ୍ରହଣକାରୀଙ୍କୁ ନେଇ ଏକ ଅଭିନୟ ଆୟୋଜନ କରିବେ।

ସାଇନା ଏକ ଗାଁ ଝିଅ। ତା'ର ବାପା ଜଣେ ଅଟୋ ଚାଳକ। ସେ ଦଶମଶ୍ରେଣୀରେ ପଢ଼ିବା ସମୟରେ ତା'ର ବାପା ମୃତ୍ୟୁବରଣ କଲେ। ତା'ର ଘରେ ତା'ର ଅସୁସ୍ଥ ମା' ଏବଂ ତା'ର ଗୋଟିଏ ଛୋଟ ଭାଇର ଦାୟିତ୍ୱ ସାଇନାକୁ ନେବାକୁ ପଡିଲା। ସେ ଘରେ ଥିବା ଅଟୋକୁ ଶିଖି ଚଳାଇବା ସହିତ ଟ୍ରାକ୍ଟର ଦ୍ୱାରା ଚାଷକାମ କରିବା, ନିଜ ଘର ତିଆରି କରିବାରେ ଶ୍ରମଦାନ କରିବା, ବାଡିବଗିଚାରେ ଫୁଲଫଳ ଲଗାଇବା ଇତ୍ୟାଦି ସମସ୍ତ କାର୍ଯ୍ୟ କରିଲା। ସନ୍ଧ୍ୟା ସମୟରେ ଛୋଟ ଛୋଟ ପିଲାମାନଙ୍କୁ ଟିଉସନ୍ ମଧ୍ୟ କରି ପରିବାର ଚଳାଇଲା। କିଛି ବର୍ଷ ପରେ ତା'ର ସାନଭାଇର ବାହାଘର ମଧ୍ୟ ସେ କରାଇଲା।

ଅଭିନୟ ଶେଷରେ ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ନିମ୍ନଲିଖିତ ପ୍ରଶ୍ନ ପଚାରିବେ ।

ପ୍ରଶ୍ନ ୧ : ତୁମେ ସାଇନା ସ୍ଥାନରେ ଥିଲେ କ'ଣ କରିଥାନ୍ତ ?

ପ୍ରଶ୍ନ ୨ : ଏହି ଅଭିନୟଟି ସମାଜ ନିମନ୍ତେ କେଉଁ ବାର୍ତ୍ତା ବହନ କରୁଛି ?

ତାଲିମଦାତା ଅଂଶଗ୍ରହଣକାରୀଙ୍କଠାରୁ ଉତ୍ତର ପାଇ ସାରିବା ପରେ ଲିଙ୍ଗଗତ କାର୍ଯ୍ୟ ବିଭେଦତାରେ ମଣିଷ ଓ ସମାଜ ବୈଷମ୍ୟତା ସୃଷ୍ଟି କରିଛି କିନ୍ତୁ ସବୁ କାର୍ଯ୍ୟ ସମସ୍ତେ କରିପାରିବେ, ଏ ସମ୍ପର୍କରେ ସୂଚନା ଦେଇ ଆଲୋଚନା କରିବେ ।

କାର୍ଯ୍ୟକ୍ରମ - ୨ : ଲିଙ୍ଗଗତ ହିଂସା ଓ ଏହାର କାରଣ

ସୋପାନ - ୧

ତାଲିମ୍‌ଦାତା ଅଂଶଗ୍ରହଣକାରୀଙ୍କୁ ୪ଟି ଦଳରେ ବିଭକ୍ତ କରି ପ୍ରତ୍ୟେକଟି ଦଳକୁ ସମାନ କେସ୍ ଷ୍ଟଡି ପ୍ରଦାନ କରିବେ ଏବଂ ଏହାକୁ ପଢ଼ିବା ପାଇଁ ୫ ମିନିଟ୍ ସମୟ ଦେବେ ।

ସୁନିତା ଏକ ଗରିବ ପରିବାରର ଝିଅ । ମୁନି ତାର ଇଚ୍ଛା ନ ଥାଇ ମଧ୍ୟ ତା'ର ବାପା, ମା' ଶୁଭକାନ୍ତ ନାମକ ଜଣେ ଯୁବକଙ୍କ ସହିତ ତା'ର ବିବାହ କରାଇଥିଲେ । ବିବାହର କିଛିବର୍ଷ ପରେ ତା'ର ୨ଟି ଝିଅ ହେବା ଯୋଗୁଁ ତା'ର ଶାଶୁଘର ଲୋକେ ତାକୁ ଓ ତା'ର ଝିଅମାନଙ୍କୁ ଅତ୍ୟାଚାର କରିବା ସହ ତାକୁ ବାରମ୍ବାର ବାପଘରକୁ ଚାଲିଯିବା ପାଇଁ ଧମକ ଦେଉଥିଲେ । ଲୋକଙ୍କ ପରିବାର .... ଚାପରେ ପଡି ପୁଅଟେ ପାଇବା ଆଶାରେ ଇଚ୍ଛା ନ ଥାଇ ମଧ୍ୟ ସୁନିତା ପୁନର୍ବାର ଗର୍ଭବତୀ ହୋଇଥିଲା । ତୃତୀୟ ସନ୍ତାନଟି ପୁଣି ଝିଅ ହେବା ପରେ ତା'ର ପରିବାରର ଅତ୍ୟାଚାର ତା' ପ୍ରତି ବଢ଼ିଯାଇଥିଲା । ତାକୁ ଭଲ କରି ଖାଇବାକୁ ନ ଦେବା ସହ ତାକୁ ଘରୁ ବାହାରି ଯିବା ପାଇଁ ବାଧ କରାଗଲା । ତା'ର ସାଇପଡିଶା ଓ ବାପଘର ଲୋକେ ମଧ୍ୟ ତାକୁ ଏଥିପାଇଁ ଅନେକ କଟୁକଥା କହିଲେ ।

ତାଲିମ୍‌ଦାତା ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ପଚାରି ଆଲୋଚନା କରିବେ ।

ପ୍ରଶ୍ନ ୧ : ବିବାହ ପରେ ସୁନିତାର ଶାଶୁଘର ଲୋକେ ତା' ପ୍ରତି କିପରି ବ୍ୟବହାର କରୁଥିଲେ ?

ପ୍ରଶ୍ନ ୨ : ସୁନିତା କାହିଁକି ପୁଣି ତୃତୀୟଥର ଗର୍ଭବତୀ ହୋଇଥିଲା ?

ପ୍ରଶ୍ନ ୩ : କାହିଁକି ସୁନିତାର ନିଜ ପରିବାର, ଶାଶୁଘର ଲୋକେ ଓ ସାଇପଡିଶା ତା' ପ୍ରତି ଭଲ ବ୍ୟବହାର ଦେଖାଉ ନ ଥିଲେ ?

ତାଲିମ୍‌ଦାତା ସମାଜରେ ହେଉଥିବା ବିଭିନ୍ନ ହିଂସା ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ଅବଗତ କରାଇବେ ଏବଂ ସେମାନଙ୍କଠାରୁ ତାଙ୍କ ଅଞ୍ଚଳରେ ଘଟୁଥିବା ଘରୋଇ ହିଂସା ସମ୍ପର୍କିତ ଉଦାହରଣଗୁଡ଼ିକ ବିଷୟରେ ପଚାରି ଆଲୋଚନା କରିବେ ।

ତାଲିମ୍‌ଦାତା ଜଣାଇବେ

ଲିଙ୍ଗଗତ ହିଂସାର ପ୍ରକାରଭେଦ :

- କନ୍ୟାଭ୍ରୂଣ ହତ୍ୟା
- ଯୌନ ନିର୍ଯ୍ୟାତନା

- ଝିଅମାନଙ୍କୁ ଓ ତାଙ୍କର ସ୍ୱାସ୍ଥ୍ୟକୁ ଖୁବ୍ କମ୍ ପ୍ରାଧାନ୍ୟ ଦେବା ।
- ପୁତ୍ରସନ୍ତାନ ଜନ୍ମ ନ କରିବା କ୍ଷେତ୍ରରେ ମହିଳାଙ୍କୁ ଦାୟୀ କରିବା
- ଯୌତୁକ ନିର୍ଯ୍ୟାତନା ଦେବା
- ମହିଳାମାନଙ୍କ ଉପରେ ଯୌନ ବ୍ୟଭିଚାର, ଯୌନ ହିଂସା, ବଳପୂର୍ବକ ବେଶ୍ୟାବୃତ୍ତି କରିବାକୁ ଚାପ ପକାଇବା, ଘରୋଇ ହିଂସା, ଇଚ୍ଛା ବିରୁଦ୍ଧରେ ଶାରିରୀକ ସମ୍ବନ୍ଧ ରଖିବା ତଥା ପତ୍ନୀ ଅତ୍ୟାଚାର ରୂପରେ ହିଂସାଭାବ ପ୍ରଦର୍ଶନ କରିବା ଇତ୍ୟାଦି ।

(ଲିଙ୍ଗଗତ ହିଂସା ସମ୍ବନ୍ଧୀୟ ଭିଡିଓ, ଅଂଶଗ୍ରହଣକାରୀମାନଙ୍କୁ ପ୍ରୋଜେକ୍ଟର ଦେଖାଇ ଦିଆଯିବ)

ମୁଖ୍ୟ ସନ୍ଦେଶ :

- ଲିଙ୍ଗଗତ ବିଭେଦତା ହେଉଛି ଉଭୟ ପୁରୁଷ ଓ ମହିଳାଙ୍କୁ ସମାଜ ଓ ସଂସ୍କୃତି ଦ୍ୱାରା ଦିଆଯାଇଥିବା ଭୂମିକା ।
- ଶାରିରୀକ ବିଭେଦତା ପ୍ରକୃତି ଦତ୍ତ ଏବଂ ଲିଙ୍ଗଗତ ବିଭେଦତା ସମାଜ ପ୍ରଦତ୍ତ ।
- ପୁରୁଷ ଓ ସ୍ତ୍ରୀ ମଧ୍ୟରେ ତାରତମ୍ୟ ସୃଷ୍ଟି ନକରି ସବୁ କ୍ଷେତ୍ରରେ ସମାନ ଭାବ ପ୍ରଦର୍ଶନ କରିବା ଉଚିତ୍ ।

ଅଧିବେଶନ-୭

ଯୌନ ନିର୍ଯ୍ୟାତନା

ଉଦ୍ଦେଶ୍ୟ : ଏହି ଅଧିବେଶନ ଶେଷରେ ଅଂଶଗ୍ରହଣକାରୀମାନେ ଜାଣିପାରିବେ

- ଯୌନ ନିର୍ଯ୍ୟାତନା କ'ଣ
- ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ଯୌନ ନିର୍ଯ୍ୟାତନାର କୁପ୍ରଭାବ
- ଯୌନ ନିର୍ଯ୍ୟାତନାରୁ ନିଜକୁ କିପରି ସୁରକ୍ଷିତ ରଖିବା

ଅଧିବେଶନ ସାରଣୀ

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ଯୌନ ନିର୍ଯ୍ୟାତନା କ'ଣ ଓ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ଯୌନ ନିର୍ଯ୍ୟାତନାର କୁପ୍ରଭାବ	କେସ୍ ଷ୍ଟଡି ଓ ଦଳଗତ ଆଲୋଚନା	୪୦ ମିନିଟ୍
୨.	ଯୌନ ନିର୍ଯ୍ୟାତନାରୁ ସୁରକ୍ଷିତ ରହିବାର ଉପାୟ	କେସ୍‌ଷ୍ଟଡି, ଆଲୋଚନା	୨୦ ମିନିଟ୍
ମୋଟ			୬୦ ମିନିଟ୍

ଆବଶ୍ୟକୀୟ ଉପକରଣ :

ଫ୍ଲିପ୍ ଚାର୍ଟ, ମାର୍କର ପେନ୍, ସ୍କେଚ୍ ପେନ୍, ଲାପ୍‌ଟପ୍

କାର୍ଯ୍ୟକ୍ରମ -୧ : ଯୌନ ନିର୍ଯ୍ୟାତନା ଏବଂ ମାନସିକ ତଥା ଶାରୀରିକ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ

ସୋପାନ -୧

ତାଲିମ୍‌ଦାତା ଅଂଶଗ୍ରହଣକାରୀମାନଙ୍କୁ ଚାରୋଟି ଦଳରେ ବିଭକ୍ତ କରି ପ୍ରତ୍ୟେକ ଦଳକୁ ଗୋଟିଏ କେସ୍ ଷ୍ଟଡି ଦେବେ ଓ ଏହାକୁ ପଢ଼ିବା ପାଇଁ ୫ ମିନିଟ୍ ସମୟ ଦେବେ ।

କେସ୍ ଷ୍ଟଡି : ଫୁଲମଣି ୧୫ବର୍ଷର ଏକ ଗାଉଁଲି ଝିଅ । ତା'ର ବାପା ଜଣେ ଶାରିରୀକ ଅକ୍ଷମ ବ୍ୟକ୍ତି । ତେଣୁ ଫୁଲମଣି ଏକ କମ୍ପାନୀରେ ଦିନ ମଜୁରିଆ ରୂପେ କାମ କରେ । ଦିନେ ଫୁଲ କିଛି ଟଙ୍କା ପାଇଁ କମ୍ପାନୀର ସୁପରଭାଇଜର ରୁମ୍‌କୁ ଯାଇଥିଲା । କିନ୍ତୁ ସୁପରଭାଇଜର ଫୁଲର ଦୁର୍ବଳତାର ସୁଯୋଗ ନେଇ ତା' ସହିତ ଦୁର୍ବ୍ୟବହାର କରି ଏ ବିଷୟରେ କାହାକୁ ନ କହିବାକୁ ଓ ଜୀବନରେ ମାରିଦେବାକୁ ଧମକ ଦେଇଥିଲା । ଫୁଲ ଭୟଭୀତ ହୋଇ ସୁପରଭାଇଜର ସହ ବାରମ୍ବାର ସମ୍ପର୍କ ରଖୁଥିଲା ।

ତାଲିମ୍‌ଦାତା ଅଂଶଗ୍ରହଣକାରୀମାନଙ୍କୁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ପଚାରିବେ

ପ୍ରଶ୍ନ ୧ : ଫୁଲ ସହିତ ସୁପରଭାଇଜର କି ପ୍ରକାର ଦୁର୍ବ୍ୟବହାର କରିଥିବ ବୋଲି ତୁମେ ଭାବୁଛ ?

ପ୍ରଶ୍ନ ୨ : ଏପରି ଘଟଣାରେ ଫୁଲମଣିର ସ୍ୱାସ୍ଥ୍ୟ କିପରି ପ୍ରଭାବିତ ହେବ ?

ପ୍ରଶ୍ନ ୩ : ଏପରି ପରିସ୍ଥିତିରେ ତୁମେ କ'ଣ କରିଥାନ୍ତ ?

ପ୍ରଶ୍ନ ୪ : ଏମିତି ଘଟଣା କିଛି ତୁମେ ଜାଣିଛ କି ?

ଏହା ପରେ ତାଲିମ୍‌ଦାତା ଆଲୋଚନା ମାଧ୍ୟମରେ ଯୌନ ନିର୍ଯ୍ୟାତନା କ'ଣ ଓ ଏହାର ପ୍ରଭାବଗୁଡ଼ିକ ସମ୍ବନ୍ଧରେ ଅଂଶଗ୍ରହଣକାରୀମାନଙ୍କୁ ଜଣାଇବେ ।

ତାଲିମଦାତାଙ୍କ ପାଇଁ :

- ପରିବାରରେ, କର୍ମକ୍ଷେତ୍ରରେ ତଥା ବିଭିନ୍ନ ସାମାଜିକ ପରିବେଶରେ ଅବାଞ୍ଛିତ ଭାବରେ ବ୍ୟକ୍ତିର ଲିଙ୍ଗ, ଯୌନ ସମ୍ପର୍କିତ କାୟିକ, ଆଙ୍ଗୀକ, ବାଚନିକ ଆକ୍ଷେପ, ଉକ୍ତି ଓ କାର୍ଯ୍ୟକଳାପ ଦ୍ୱାରା କୌଣସି ବ୍ୟକ୍ତିର ଶାରିରୀକ, ମାନସିକ ସ୍ୱାର୍ଥକୁ ଆହତ କରିବାକୁ ଯୌନ ନିର୍ଯାତନା କୁହାଯାଏ ।
- ଯୌନ ନିର୍ଯ୍ୟାତନାର ପ୍ରଭାବ

ଶାରିରୀକ ପ୍ରଭାବ

୧. ଶରୀରରେ ବିଭିନ୍ନ ସ୍ଥାନରେ କ୍ଷତ, ମୁହଁ ଓ ହାତଗୋଡ଼ ଫୁଲିବା

୨. କାମୁଡା ଓ ପୋଡା ଚିହ୍ନ

୩. ଗଳା ଓ ପରିସ୍ରା ଦ୍ୱାରା ସଂକ୍ରମଣ ଲାଗି ରହିବା

୪. ତଳିପେଟରେ ଯନ୍ତ୍ରଣା

୫. ଚର୍ମର ରଙ୍ଗ ଫିକା ପଡିଯିବା

ମାନସିକ ପ୍ରଭାବ

- ନିର୍ଦ୍ଦିଷ୍ଟ ପ୍ରାପ୍ତବୟସ୍କ ବ୍ୟକ୍ତିଙ୍କଠାରୁ ଦୂରେଇ ଯିବା
- ବିଦ୍ୟାଳୟରେ ଅନୁପସ୍ଥିତ ରହିବା
- ଭ୍ରାନ୍ତି, ଭୟ ଓ ମୂର୍ଚ୍ଛା ଯିବା
- ଖରାପ ମିଜାଜ, ଆକ୍ରମଣାତ୍ମକ ବ୍ୟବହାର
- ଅଭିଯୋଗ ପରାୟଣ, ଲାଜକୁଳା, ନିଷ୍କ୍ରିୟ କିମ୍ବା ଭୟଭୀତ ହେବା
- ଉଦାସ ରହିବା
- ନିଶାର ଅପବ୍ୟବହାର, ଯୌନ ଆଚରଣରେ ଅପରିପକ୍ୱତା
- ଅନ୍ୟ ଶିଶୁମାନେ କାନ୍ଦିଲେ ଡରିଯିବା

କାର୍ଯ୍ୟକ୍ରମ - ୨ : ଯୌନ ନିର୍ଯ୍ୟାତନାରୁ ନିଜକୁ ସୁରକ୍ଷିତ ରଖିବାର ଉପାୟ ।

ସୋପାନ - ୧

ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ଏକ କେସ୍ ଷ୍ଟଡି ଦେଇ ଏହାକୁ ପଢ଼ି ବୁଝିବା ପାଇଁ ୫ ମିନିଟ୍ ସମୟ ଦେବେ ।

କେସ୍ ଷ୍ଟଡି :

ଷଷ୍ଠ ଶ୍ରେଣୀରେ ପାଠ ପଢୁଥିବା ସୀମା ବାପା ମା'ଙ୍କ ସହ ଗାଁରେ ରହୁଥିଲା । ସୀମା, ଦୂର ଗାଁର ସ୍କୁଲରେ ପଢୁଥିଲା । ପ୍ରତିଦିନ ସ୍କୁଲକୁ ଯିବାବେଳେ କିଛି ପିଲା ହୁଇସିଲ୍ ମାରି ତାକୁ ଅଶ୍ଳୀଳ ଇଙ୍ଗିତ କରୁଥିଲେ । ଜଣେ ଦୂର ସମ୍ପର୍କୀୟ ମାମୁଁ ମଧ୍ୟ ପଢ଼ାଇବା ବାହାନାରେ ପ୍ରତିଦିନ ସୀମା ଘରକୁ ଆସି ସୀମାର ହାତ ଧରିବା ସହ ତାହାର ସମ୍ବେଦନଶୀଳ ଅଙ୍ଗକୁ ସ୍ପର୍ଶ କରୁଥିଲେ । ଏହା ତାକୁ ଭଲ ଲାଗୁ ନଥିଲା । ସେ ଭୟଭୀତ ରହୁଥିଲା ଓ ଲୁଚି ଲୁଚି କାନ୍ଦୁଥିଲା । କିଛିଦିନ ପରେ ସେ ପାଠ ପଢ଼ା ପାଇଁ ଓ ସ୍କୁଲକୁ ଯିବା ପାଇଁ ଅମଙ୍ଗ ହେଲା । ମା'ଙ୍କର ଅନେକ ପଚାରିବା ସତ୍ତ୍ୱେ ସେ ଏହାର କାରଣ ସମ୍ପର୍କରେ କିଛି କହୁ ନଥିଲା ।

ତାଲିମ୍‌ଦାତା ଅଂଶଗ୍ରହଣକାରୀମାନଙ୍କୁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ପଚାରିବେ ଏବଂ ଆବଶ୍ୟକସ୍ଥଳେ ଉତ୍ତରଗୁଡ଼ିକ ବୋର୍ଡରେ ଲେଖିବେ ।

ପ୍ରଶ୍ନ ୧ : ସମ୍ପର୍କୀୟ ମାମୁଁ ଓ ଗାଁ ପିଲା ସୀମା ପ୍ରତି କିପରି ବ୍ୟବହାର କରୁଥିଲେ ?

ପ୍ରଶ୍ନ ୨ : ସୀମାର ମାନସିକ ସ୍ଥିତି କିପରି ଥିଲା ?

ପ୍ରଶ୍ନ ୩ : ସୀମା ସ୍କୁଲକୁ ଯିବା ପାଇଁ କାହିଁକି ଡରୁଥିଲା ?

ପ୍ରଶ୍ନ ୪ : ସୀମା ତା'ର ମା'ଙ୍କୁ କାହିଁକି କିଛି କହିପାରୁ ନଥିଲା ?

ସୋପାନ - ୨

ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ଯୌନ ନିର୍ଯ୍ୟାତନାରୁ ସୁରକ୍ଷିତ ରହିବାର ଉପାୟ ବିଷୟରେ ଆଲୋଚନା କରିବେ ।

୧. ସର୍ବଦା ଦଳରେ କାର୍ଯ୍ୟ କରନ୍ତୁ ।

୨. ଅପରିଚିତ ବ୍ୟକ୍ତିଙ୍କୁ ଗୃହରେ ପ୍ରବେଶ କରିବାକୁ ଅନୁମତି ଦିଅନ୍ତୁ ନାହିଁ ।

୩. ଅଶାଳୀନ ଟିପ୍‌ପଣୀକୁ ସଙ୍ଗେ ସଙ୍ଗେ ପ୍ରତିରୋଧ କରନ୍ତୁ ।

୪. କିଏ ଯଦି ଆପଣଙ୍କୁ ଅନୁଧାବନ କରେ ସଙ୍ଗେ ସଙ୍ଗେ ଗତିପଥ ବଦଳାଇ କୌଣସି ଦୋକାନ, ଗୃହ କିମ୍ବା ଗହଳି ଥିବା ସ୍ଥାନକୁ ଚାଲିଯାନ୍ତୁ ।

୫. ରାତିରେ ଏକୁଟିଆ ବାହାରକୁ ଯାଆନ୍ତୁ ନାହିଁ ।

୬. ଆବଶ୍ୟକ ସ୍ଥଳେ ବଡପାଟିରେ ସାହାଯ୍ୟ ମାଗନ୍ତୁ କିମ୍ବା ବାଡି, ସେଫ୍‌ଟିପିନ୍, ଲଙ୍କାଗୁଣ୍ଡ, ସ୍ପ୍ରେ ଇତ୍ୟାଦିର ସାହାଯ୍ୟ ନିଅନ୍ତୁ ।

୭. ଆତ୍ମସୁରକ୍ଷା କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ।

୮. ବିଦ୍ୟାଳୟମାନଙ୍କରେ ଯୌନ ନିର୍ଯ୍ୟାତନା ସମ୍ବନ୍ଧିତ ସଚେତନତାର କର୍ମଶାଳା ଆୟୋଜନ କରନ୍ତୁ ।

୯. ଆବଶ୍ୟକସ୍ଥଳେ ନିଜର ପିତାମାତା, ଅଭିଭାବକ, ସାଙ୍ଗସାଥୀ, ବରିଷ୍ଠ ଅଧିକାରୀ ଏବଂ ସେଥିରେ ସଂଶ୍ଳିଷ୍ଟ ଥିବା ବ୍ୟକ୍ତିମାନଙ୍କୁ ସେ ବିଷୟରେ ଜଣାନ୍ତୁ।

୧୦. ନିଜ ସହ ହୋଇଥିବା ଯୌନ ନିର୍ଯ୍ୟାତନାର ଏକ ବିବରଣୀ ବା ରେଫରେନ୍ସ ନୋଟ ନିଜ ପାଖରେ ରଖନ୍ତୁ ଏବଂ ଆବଶ୍ୟକସ୍ଥଳେ ପୋଲିସ୍‌ର ସହାୟତା ନିଅନ୍ତୁ।

ମୁଖ୍ୟ ସନ୍ଦେଶ :

- ପରିବାରରେ, କର୍ମକ୍ଷେତ୍ରରେ ତଥା ବିଭିନ୍ନ ସାମାଜିକ ପରିବେଶରେ ଅବାଞ୍ଛିତ ଭାବରେ ବ୍ୟକ୍ତିର ଲିଙ୍ଗ, ଯୌନ ସମ୍ପର୍କିତ କାୟିକ, ଆଙ୍ଗୀକ, ବାଚନିକ ଆକ୍ଷେପ, ଭକ୍ତି ଓ କାର୍ଯ୍ୟକଳାପ ଦ୍ୱାରା କୌଣସି ବ୍ୟକ୍ତିର ଶାରିରୀକ, ମାନସିକ ସ୍ୱାର୍ଥକୁ ଆହତ କରିବାକୁ ଯୌନ ନିର୍ଯ୍ୟାତନା କୁହାଯାଏ।

ଯୌନ ନିର୍ଯ୍ୟାତନା ସମ୍ବନ୍ଧୀୟ ଆଇନ୍

- ୧୮ ବର୍ଷରୁ କମ୍ ବୟସର ପିଲାମାନଙ୍କର ସୁରକ୍ଷା ନିମନ୍ତେ "ପୋକସୋ ଆକ୍ଟ" ୨୦୧୨ ଏକ ସ୍ୱତନ୍ତ୍ର ଆଇନର ବ୍ୟବସ୍ଥା ରହିଛି ଯାହାକି କିଶୋର ପିଲାମାନଙ୍କୁ ଯୌନ ଉତ୍ପୀଡନ, ଯୌନ ନିର୍ଯ୍ୟାତନା ତଥା ଅଶ୍ଳୀଳ ଇଙ୍ଗିତ ଆଦିରୁ ସୁରକ୍ଷା ପ୍ରଦାନ କରିଥାଏ। ଉକ୍ତ ଆଇନ ଅନୁଯାୟୀ ୧୮ ବର୍ଷରୁ କମ୍ ପିଲାଙ୍କ ସହିତ ଘଟିଥିବା ଧର୍ଷଣ, ଯୌନ ନିର୍ଯ୍ୟାତନା, ଯୌନ ଉତ୍ପୀଡ଼ନ ତଥା କୌଣସି ପ୍ରକାର ଅଶ୍ଳୀଳ ଇଙ୍ଗିତ ହୋଇଥିଲେ, ଅଭିଯୁକ୍ତ ବ୍ୟକ୍ତି ନିମିତ୍ତ ସ୍ୱତନ୍ତ୍ର ଭାବରେ ଦଣ୍ଡବିଧାନ ବ୍ୟବସ୍ଥା ରହିଛି।
- ୨୦୦୦ ଅନୁସାରେ ୧୮ ବର୍ଷରୁ କମ୍ ପିଲାମାନଙ୍କୁ ସୁରକ୍ଷା ଦେବା ଓ ଯତ୍ନ ନେବାରୁ କେହି ବଞ୍ଚିତ କରିପାରିବେ ନାହିଁ।
- ଏହା ସହିତ ଯୌନ ନିର୍ଯ୍ୟାତିତ ବ୍ୟକ୍ତି ପଞ୍ଚାୟତ ସ୍ତରରେ ପୋଲିସ, ଗୋଷ୍ଠୀ ସହାୟକ କେନ୍ଦ୍ର ଓ ସ୍ୱାସ୍ଥ୍ୟ ସେବା ସଂଗଠନ ଆଦିର ସହାୟତା ନେଇପାରିବେ। ଏହା ବ୍ୟତୀତ ସରକାର ଶିଶୁ ଓ ମହିଳାମାନଙ୍କର ସୁରକ୍ଷା ନିମନ୍ତେ ହେଲପ୍ ଲାଇନ୍ ମଧ୍ୟ ଜାରି କରିଛନ୍ତି।
- ଶିଶୁ ସୁରକ୍ଷା ପାଇଁ ସହାୟତା ନମ୍ବର - ୧୦୯୮
- ମହିଳାଙ୍କ ପାଇଁ ସହାୟତା ନମ୍ବର - ୧୮୧

ତୃତୀୟ ଅଧ୍ୟାୟ

ସରକାରୀ ଯୋଜନା, ଅଧିକାର ଓ ସ୍ୱତ୍ୱାଧିକାର

ଅଧିବେଶନ-୧

ସାମାଜିକ ନିରାପତ୍ତା / ସୁରକ୍ଷା ଯୋଜନା ସମୂହ (୧)

ତାଲିମ ପାଠ୍ୟକ୍ରମର ଏହି ଅଂଶ ସରକାରୀ ଯୋଜନା ଗୁଡ଼ିକର ଉପାଦେୟତାକୁ ଆଦିବାସୀ ଓ ଅସୁରକ୍ଷିତ ଅଞ୍ଚଳର ଯୁବ ନେତୃବର୍ଗଙ୍କୁ ଜଣାଇ ଦେବା ନିମନ୍ତେ ପ୍ରସ୍ତୁତ କରାଯାଇଛି । ସେମାନେ ନିଜ ଅଞ୍ଚଳର / ଗୋଷ୍ଠୀର କ୍ଷମତାପ୍ରାପ୍ତ ବ୍ୟକ୍ତିବିଶେଷ ତଥା କର୍ମକର୍ତ୍ତାଙ୍କୁ ପରିବର୍ତ୍ତନ କରିବାକୁ ସକ୍ଷମ ହୋଇପାରିବେ । ସେ ସବୁ ଯୋଜନାରେ ଅତ୍ୟଧିକତା ଓ ଗୋଷ୍ଠୀ ସଂପୃକ୍ତିର ବିବାଦ ମୁଖ୍ୟ ସମସ୍ୟା ରହିଛି । ତେଣୁ ଏହି ବିଭାଗ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ଉଭୟ କର୍ମକର୍ତ୍ତା ଓ ଜନସାଧାରଣଙ୍କ ଦାୟିତ୍ୱ, କର୍ତ୍ତବ୍ୟ, ଯୋଗ୍ୟତା ମାନଦଣ୍ଡ, ଯୋଜନାରେ ତାଲିକାଭୁକ୍ତ ହେବା ପ୍ରଣାଳୀ, ତାହାର ଉପକାରିତା ଇତ୍ୟାଦି ବିଷୟକୁ ସ୍ପଷ୍ଟ ଭାବରେ ବୁଝାଇ ଦେବାକୁ ଲକ୍ଷ୍ୟ କରି ପ୍ରସ୍ତୁତ କରାଯାଇଛି ।

ଏହି ବିଭାଗରେ ରହିଥିବା ଯୋଜନାଗୁଡ଼ିକୁ ବହୁଳ ଭାବରେ ଆଲୋଚନା କରାଯାଇଛି । ନିର୍ଦ୍ଧାରିତ ସ୍ୱଳ୍ପ ସମୟସୀମା ମଧ୍ୟରେ ଯୋଜନାଗୁଡ଼ିକର ସମସ୍ତ ଉପାଦାନ ବିଭାଗକୁ ଜଣାଇବା ପାଇଁ ଚେଷ୍ଟା କରାଯାଇନାହିଁ । ଲୋକମାନଙ୍କ ଜୀବନରେ କେତେକ ପ୍ରଭାବ ପକାଇବା ଭଳି ମୁଖ୍ୟ ଯୋଜନା ସଂପର୍କରେ ସଚେତନ କରାଇବା ପାଇଁ ପ୍ରୟାସ କରାଯାଇଛି । ତାଲିମପ୍ରାପ୍ତ ଯୁବଗୋଷ୍ଠୀ ଯୋଜନାର ମୌଳିକ ବିଷୟକୁ ଭଲଭାବରେ ବୁଝି ତାହାକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତ୍ୱକୁ ଦୂର କରିବାରେ ସକ୍ଷମ ହେବେ, ଏହା ଆମେ ଆଶା କରୁଅଛୁ ।

ଏହି ବିଭାଗରେ ଯୋଜନାକୁ ଚାରୋଟି ମୁଖ୍ୟ ଭାଗରେ ବର୍ଗୀକରଣ କରାଯାଇଛି । ସେଗୁଡ଼ିକ ହେଲା –

- ସାମାଜିକ ସୁରକ୍ଷା ଯୋଜନା
- ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ଯୋଜନା ଓ ସେବା
- ଜୀବିକା ନିର୍ବାହ ଓ ଉଦ୍ୟୋଗଭିତ୍ତିକ ଯୋଜନା
- ସଂରକ୍ଷିତ ଅଞ୍ଚଳ ସଂପର୍କିତ ଯୋଜନା (ଜଙ୍ଗଲ ଅଧିକାର ଓ ନିରାପଦ ସ୍ଥାନକୁ ସ୍ଥାନାନ୍ତରୀକରଣ ବ୍ୟବସ୍ଥା ସହ)

କେବଳ ବିଷୟବସ୍ତୁକୁ ସୁଗମ କରି ସୁବିଧାରେ ଶିକ୍ଷାଦାନ କରିବା ଉଦ୍ଦେଶ୍ୟରେ ଏହି ବର୍ଗୀକରଣ / ବିଭାଗୀକରଣ କରାଯାଇଛି ।

ଆଞ୍ଚଳିକ ବିବାଦର ମନ୍ଥରତା ବ୍ୟତୀତ ଅନ୍ୟାନ୍ୟ କେତେକ ସମସ୍ୟା ମାନବିକ ବିକାଶର ଅଗ୍ରଗତି ପଥରେ ମୁଖ୍ୟ ପ୍ରତିବନ୍ଧକ ଭଳି କାର୍ଯ୍ୟ କରିଥାନ୍ତି । ଫଳରେ ଏହିସବୁ ଯୋଗୁଁ ଯୁବକ ଓ ଯୁବତୀମାନେ ଶୋଷଣର ଶିକାର ହୋଇ କେତେକ ବିପଦଜନକ କାର୍ଯ୍ୟକଳାପ ତଥା ଧ୍ୱଂସମୂଳକ କାର୍ଯ୍ୟକ୍ରମରେ ଲିପ୍ତ ହୋଇଥାନ୍ତି ।

ଆଦିବାସୀ ଯୁବଗୋଷ୍ଠୀଙ୍କ ଶିକ୍ଷାଗତ ପାର୍ଥକ୍ୟକୁ ଦୂରକରି ସେମାନଙ୍କୁ ଏହି ପାଠ୍ୟକ୍ରମ ମାଧ୍ୟମରେ ସଶକ୍ତକରିବା ସହ ସେମାନଙ୍କ ପଡ଼ୋଶୀଙ୍କ ଅଗ୍ରଗତି କରାଇବା ପାଇଁ ଚେଷ୍ଟା କରାଯାଇଛି ।

ତାଲିମ ପାଠ୍ୟକ୍ରମର ଅଂଶବିଶେଷ :

(କ) ତାଲିମ ଗ୍ରହଣ କରିବା ସଭ୍ୟମାନଙ୍କ ନିମନ୍ତେ ମୁଖ୍ୟବାର୍ତ୍ତା, ତଦାରଖ ତାଲିକା ସହାୟତା ବିଷୟବସ୍ତୁ ଅବଗତ କରିବାପାଇଁ ପ୍ରଶିକ୍ଷଣ ଅଧିବେଶନ ପାଇଁ ୮ ଘଣ୍ଟା ଅବଧି ବିଶିଷ୍ଟ ସବିଶେଷ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ।

(ଖ) ପ୍ରଶିକ୍ଷଣ / ତାଲିମ ଅଧିବେଶନ ସମୟରେ ପ୍ରଶିକ୍ଷକମାନେ ପୋଷ୍ଟର, ପାୱାର ପଏଣ୍ଟ, କ୍ଷୁଦ୍ରଭିଡ଼ିଓ ଛବି ଇତ୍ୟାଦି ସଂକଳିତ ଉପକରଣ ସହାୟତାରେ ତାଲିମ ପ୍ରଦାନ କରିବେ ।

ସହାୟତା ଓ ପ୍ରଶ୍ନୋତ୍ତର ନିମନ୍ତେ ପୂର୍ବରୁ କ୍ଷୁଦ୍ର ସହାୟକ ପୁସ୍ତିକା ପ୍ରସ୍ତୁତ ହୋଇ ରହିଛି ।

ତାଲିମ ବିଷୟବସ୍ତୁର ଗଠନଶୈଳୀ :

୬୦ ମିନିଟ୍ / ୧ ଘଣ୍ଟା ଅବଧି ମଧ୍ୟରେ ୯ଟି ଅଧିବେଶନ କାର୍ଯ୍ୟ କରିବ । ପ୍ରଶିକ୍ଷକଙ୍କ ସୁବିଧା ନିମନ୍ତେ ବିଭିନ୍ନ ବିଷୟବସ୍ତୁ ପାଇଁ ଅବକାଶର ସମୟ ମଧ୍ୟ ପୂର୍ବରୁ ସ୍ଥିର କରାଯାଇଛି ।

ଅଧିବେଶନ କ୍ରମାଙ୍କ	ଅଧିବେଶନ ନାମ
୧.	ସାମାଜିକ ନିରାପତ୍ତା / ସୁରକ୍ଷା ଯୋଜନା ସମୂହ (ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥା, ଖାଦ୍ୟ ନିରାପତ୍ତା)
୨.	ସାମାଜିକ ସୁରକ୍ଷା ଯୋଜନା ସବୁ (ପେନ୍‌ସନ୍ ଓ ଯୋଜନା)
୩.	ଗ୍ରାମାଞ୍ଚଳ ଗଠନଶୈଳୀ ଯୋଜନାସମୂହ
୪.	ସ୍ୱାସ୍ଥ୍ୟ ବିଭାଗୀୟ ଓ ଅତିରିକ୍ତ ଯୋଜନା ସମୂହ
୫.	ଜୀବିକାନିର୍ବାହ ସଂପର୍କୀୟ ଯୋଜନା (ଜାତୀୟ ଗ୍ରାମୀଣ ଜୀବିକାର୍ଜ୍ଜନ ମିଶନ, ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟିକାରୀ ଯୋଜନା ।
୬.	ଜୀବିକା ନିର୍ବାହ ଯୋଜନା (ରାଷ୍ଟ୍ରୀୟ କୃଷିବିକାଶ ଯୋଜନା, କିଷାନ କ୍ରେଡିଟ୍ କାର୍ଡ଼, ପାରମ୍ପରିକ କୃଷିବିକାଶ ଯୋଜନା
୭.	ଯୋଜନା ସଂପର୍କୀୟ ନିର୍ଦ୍ଧାରିତ ଅଞ୍ଚଳ / ସ୍ଥାନ (ଓଡ଼ିଶା ଜନଜାତିଙ୍କ ସଶକ୍ତିକରଣ ଓ ଜୀବିକା ନିର୍ବାହ ପଦ୍ଧତିର ଅଭିବୃଦ୍ଧି, ସ୍ୱତନ୍ତ୍ର ବିକାଶ ପରିଷଦ, ଶିକ୍ଷାବୃତ୍ତି)
୮.	ଜଙ୍ଗଲ ଅଧିକାର ଆଇନ
୯.	ନିରାପଦ ସ୍ଥାନାନ୍ତରୀକରଣ

ଉଦ୍ଦେଶ୍ୟ :

ଅଂଶଗ୍ରହଣକାରୀ ସଦସ୍ୟମାନେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥାର ପ୍ରତ୍ୟେକ କାର୍ଯ୍ୟକ୍ରମ ନିମନ୍ତେ ଯୋଗ୍ୟତାର ମାନଦଣ୍ଡ, ଉପଯୋଗ, ସୁଗମତା, ଉପାଦେୟତା ଓ ଅଭିଯୋଗ / ଦୁର୍ନୀତିର ପ୍ରତିକାର ବ୍ୟବସ୍ଥା ସମ୍ବନ୍ଧୀୟ ତଥ୍ୟକୁ ଅଧିବେଶନର ଶେଷବେଳକୁ ଅବଗତ ହୋଇପାରିବେ । କର୍ମକ୍ଷେତ୍ରରେ ଉପଯୁକ୍ତ ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା କରି ସେମାନେ ଆଉ ଅଧିକ ତଥ୍ୟ ପାଇବାରେ ସକ୍ଷମ ହୋଇପାରିବେ ।

ଅଧିବେଶନ କାର୍ଯ୍ୟସୂଚୀ

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା	ପାୱାର ପଏଣ୍ଟ ଜରିଆରେ ଶିକ୍ଷାଦାନ	୧୦ ମିନିଟ୍
୨.	ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା	ପାୱାର ପଏଣ୍ଟ ଜରିଆରେ ଶିକ୍ଷାଦାନ	୨୫ ମିନିଟ୍
୩.	ଖାଦ୍ୟ ନିରାପତ୍ତା	ପାୱାର ପଏଣ୍ଟ ଜରିଆରେ ଶିକ୍ଷାଦାନ	୧୦ ମିନିଟ୍
୪.	ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥା	ପାୱାର ପଏଣ୍ଟ ଜରିଆରେ ଶିକ୍ଷାଦାନ	୧୫ ମିନିଟ୍
ମୋଟ			୬୦ ମିନିଟ୍

ଆବଶ୍ୟକୀୟ ଉପକରଣ

- ପାୱାର ପଏଣ୍ଟରେ ଉପସ୍ଥାପନ
- ଯୋଜନାର ମୁଖ୍ୟ ପ୍ରସଙ୍ଗ ସୂଚାଉଥିବା ପ୍ରଦର୍ଶନ ବୋର୍ଡ / ଚାର୍ଟ
- ସ୍ଥାନୀୟ ଭାଷାରେ ଲିଖିତ ପ୍ରତ୍ୟେକ ଯୋଜନାର ସାରାଂଶ ପୁସ୍ତିକା
- କାର୍ଯ୍ୟକାରୀ ହେଉଥିବା ଗୁରୁତ୍ୱପୂର୍ଣ୍ଣ ଯୋଜନାର ଭିଡ଼ିଓ ଚିତ୍ର / ଛବି

ସହାୟକଙ୍କ ନିମନ୍ତେ ସୂଚନା :

ଅଭିନୟ ଉପାୟରେ ଶିକ୍ଷାଦାନକୁ ଆମୋଦପ୍ରଦ କରିବା ନିମନ୍ତେ ସହାୟକମାନେ ନୂତନ ସଂସ୍କାରମୂଳକ ଉପକରଣ ବ୍ୟବହାର କରିପାରିବେ। ଫ୍ଲୋ ଚାର୍ଟ, ପାୱାର ପଏଣ୍ଟରେ ପ୍ରଦର୍ଶନ, ଭିଡ଼ିଓ, କୁଇଜ ଇତ୍ୟାଦି ବିଷୟବସ୍ତୁକୁ ଉପସ୍ଥାପନ କରିବାରେ ସହାୟତା କରିବା ସହ ଆନନ୍ଦଦାୟକ କରିପାରିବେ। ଏହା ସହିତ ଅଂଶଗ୍ରହଣକାରୀଙ୍କ ଦ୍ୱାରା ପରସ୍ପର ସହ ଭାବର ଆଦାନ ପ୍ରଦାନ ଅଧିବେଶନ ମଧ୍ୟ ଏଥିରେ ସାମିଲ ହୋଇଛି।

ପ୍ରଥମ ବିଷୟ : ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା

ଉଦ୍ଦେଶ୍ୟ : ଅଂଶଗ୍ରହଣକାରୀମାନେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ସଂପର୍କରେ ଭଲଭାବରେ ବୁଝିପାରିବେ, ଫଳରେ ଉପଯୁକ୍ତ ସମୟରେ ପରିବର୍ତ୍ତନ ନିମନ୍ତେ ବ୍ୟକ୍ତିବିଶେଷ ସଠିକ୍ ବ୍ୟକ୍ତିଙ୍କୁ ସାକ୍ଷାତ୍ କରିବାରେ ଏହା ସହାୟତା କରିପାରିବ।

ସହାୟକଙ୍କ ନିମନ୍ତେ ସୂଚନା :

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗର ଅଧିନରେ ପଞ୍ଚାୟତିରାଜ ବ୍ୟବସ୍ଥା କାର୍ଯ୍ୟ କରୁଅଛି। ରାଜ୍ୟର ୩୦ଟି ଜିଲ୍ଲା ନିମନ୍ତେ ଗୋଟିଏ ଗୋଟିଏ ଜିଲ୍ଲା ପରିଷଦ ରହିଛି। ପ୍ରତ୍ୟେକ ଜିଲ୍ଲା ପରିଷଦ ଜଣେ ଜଣେ ସଭାପତିଙ୍କ ନେତୃତ୍ୱାଧୀନ ଏକ ନିର୍ବାଚିତ ବୋର୍ଡ଼ ଦ୍ୱାରା ପରିଚାଳିତ ହୁଏ। ଜିଲ୍ଲା ପରିଷଦର ସଭାପତି ସଂପୃକ୍ତ ଜିଲ୍ଲାର ଜିଲ୍ଲା ପରିଷଦ ପ୍ରତିନିଧିଙ୍କ ମଧ୍ୟରୁ ନିର୍ବାଚିତ ହୋଇଥାନ୍ତି। ଜିଲ୍ଲା କଲେକ୍ଟର ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟକାରୀ ଅଫିସର ଭାବରେ କାର୍ଯ୍ୟ କରିଥା'ନ୍ତି। ତାଙ୍କ ଅଧିନରେ ଜଣେ କାର୍ଯ୍ୟକାରୀ ଅଫିସର / କର୍ମକର୍ତ୍ତା ପ୍ରକଳ୍ପ ନିର୍ଦ୍ଦେଶକ (ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା) ଭାବରେ ଜିଲ୍ଲା

ପରିଷଦର ଦୈନନ୍ଦିନ କାର୍ଯ୍ୟ ତଦାରଖ କରିଥାନ୍ତି।

ବ୍ଲକ୍ ସ୍ତରରେ ପଞ୍ଚାୟତି ସମିତି କାର୍ଯ୍ୟ କରିଥାଏ। ନିର୍ବାଚିତ ହୋଇଥିବା ଦଳର ମୁଖ୍ୟ ଚେୟାରମ୍ୟାନଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ ସମିତି ପରିଚାଳିତ ହୋଇଥାଏ। ମଣ୍ଡଳ ଅଧିକାରୀ ବା ବିଡ଼ିଓ ପ୍ରତ୍ୟେକ ପଞ୍ଚାୟତ ସମିତିର କାର୍ଯ୍ୟକାରୀ ମୁଖ୍ୟ ଅଟନ୍ତି।

ଗ୍ରାମ ପଞ୍ଚାୟତ ସ୍ତରରେ ନିର୍ବାଚିତ ପ୍ରକ୍ରିୟାରେ ନିର୍ବାଚିତ ପ୍ରତିନିଧିଙ୍କ ସହିତ ସରପଞ୍ଚଙ୍କୁ ନେଇ ଗ୍ରାମ ପଞ୍ଚାୟତ ଗଠିତ ହୋଇଥାଏ। ରାଜ୍ୟ ସରକାରଙ୍କ ଘୋଷଣା ଅନୁସାରେ ଗ୍ରାମ୍ୟସ୍ତରୀୟ କର୍ମଚାରୀ ପଞ୍ଚାୟତର କାର୍ଯ୍ୟକାରୀ ଅଫିସର। ସେ ଗ୍ରାମପଞ୍ଚାୟତର ତଦାରଖ କରିଥା'ନ୍ତି। ଜିଲ୍ଲା ପଞ୍ଚାୟତ ଅଫିସର ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥାଏ।

ଜିଲ୍ଲାସ୍ତରୀୟ, ବ୍ଲକସ୍ତରୀୟ ଓ ଗ୍ରାମ୍ୟସ୍ତରୀୟ କାର୍ଯ୍ୟକ୍ଷମ ୧୧ଟି ବିଭାଗ ଜିଲ୍ଲାପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତରେ ବିଭିନ୍ନ ଯୋଜନା ବା କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ଦାୟୀ ରହିଥା'ନ୍ତି। ଯଦିଓ ସେମାନେ ସଂପୃକ୍ତ ବିଭାଗର କର୍ମଚାରୀ ଭାବରେ କାର୍ଯ୍ୟ କରିଥା'ନ୍ତି, ତଥାପି ସେମାନେ ପ୍ରତ୍ୟେକ କାର୍ଯ୍ୟ ପାଇଁ ଉତ୍ତରଦାୟୀ ହୋଇଥାନ୍ତି।

ନିମ୍ନରେ ୧୧ଟି ବିଭାଗ ବିଷୟରେ ବିଶଦ ବର୍ଣ୍ଣନା କରାଯାଇଛି –

କ୍ର.ନଂ.	ବିଭାଗର ନାମ	କାର୍ଯ୍ୟକ୍ରମ
୧.	କୃଷି / ଚାଷବାସ	ଖରିଫ୍ ଓ ରବି ଫସଲ କାର୍ଯ୍ୟକ୍ରମ; ଭୂମି/ଜମି ସଂରକ୍ଷଣ, ଉଦ୍ୟାନ ଓ ଜଳ ସଂରକ୍ଷଣ କାର୍ଯ୍ୟକ୍ରମ
୨.	ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ	ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥା
୩.	ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ	ଚିକିତ୍ସାଳୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଔଷଧ ଦୋକାନ ମାତୃମଙ୍ଗଳ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ସ୍ୱାସ୍ଥ୍ୟ ରକ୍ଷାର ଯତ୍ନ
୪.	ମହିଳା ଓ ଶିଶୁ ବିକାଶ	ମହିଳାମାନଙ୍କର ସାମାଜିକ, ଅର୍ଥନୈତିକ ବିକାଶ, ପୂର୍ଣ୍ଣାଙ୍ଗ ଶିଶୁବିକାଶ, ଭିନ୍ନକ୍ଷମ କଲ୍ୟାଣ, ଶିଶୁ ଅଧିଗ୍ରହଣ ବୟୋବୃଦ୍ଧ / ବୟସ୍କମାନଙ୍କ କଲ୍ୟାଣ।
୫.	ଜଳ ଉତ୍ସ	କ୍ଷୁଦ୍ର ଜଳସେଚନ, ଜଳ ପରିଚାଳନା
୬.	ବିଦ୍ୟାଳୟ ଓ ଗଣ ଶିକ୍ଷା	ଶିକ୍ଷାଦାନ ବ୍ୟବସ୍ଥାର ଉନ୍ନତି ଓ ଅଭିବୃଦ୍ଧି, ଛାତ୍ରାବାସ ନିର୍ମାଣ ଓ ପରିଚାଳନା ଏବଂ ଅନ୍ୟାନ୍ୟ କଲ୍ୟାଣମୂଳକ ପଦକ୍ଷେପ, ପ୍ରୌଢ଼ ଶିକ୍ଷା ଓ ସଂପୂର୍ଣ୍ଣ ସାକ୍ଷରତା ଅଭିଯାନ
୭.	ମତ୍ସ୍ୟ ଓ ପଶୁସଂପଦର ବିକାଶ	ପଶୁସଂପଦର ବିକାଶ, ପଶୁଚିକିତ୍ସା, ଗୋଖାଦ୍ୟ, ଦୁଗ୍ଧ ଉତ୍ପାଦନର ବିକାଶ, ମଧୁରଜଳ ମାଛଚାଷ, ସାମୁଦ୍ରିକ ମାଛଚାଷ ବିକ୍ରି କରିବା ନିମନ୍ତେ ପ୍ରକ୍ରିୟାକରଣ ବ୍ୟବସ୍ଥା, ଜନକଲ୍ୟାଣ ପଦକ୍ଷେପ।
୮.	ସମବାୟ	କୃଷି ସମ୍ବନ୍ଧୀୟ ଋଣ ଦେବା ନେବା ଓ ବିପର୍ଯ୍ୟୟ ପରିଚାଳନା।

୯.	ପଞ୍ଚାୟତିରାଜ	କ୍ଷୁଦ୍ର ଜଙ୍ଗଲଜାତ ଦ୍ରବ୍ୟରୁ ପ୍ରସ୍ତୁତ ମସଲାର ପ୍ରସ୍ତୁତି, ତାଲିମ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ, ପ୍ରକ୍ରିୟାକରଣ ଓ ବିକ୍ରି କରିବା ଖର୍ଚ୍ଚ, ଗ୍ରାମୀଣ ଗୃହ ନିର୍ମାଣ - ଇନ୍ଦିରା ଆବାସ, ଗ୍ରାମୀଣ ପାନୀୟଜଳ ଯୋଗାଣ, ରାସ୍ତାଘାଟ, ପୋଲ, ଜଳପଥ, ଦାରିଦ୍ର୍ୟ ଦୂରୀକରଣ ମଜୁରୀ ନିର୍ଦ୍ଧାରଣ, ବଜାର ଓ ମେଳା / ଯାତ୍ରା ପରିଚାଳନା
୧୦.	ହରିଜନ ଓ ଆଦିବାସୀଙ୍କ ବିକାଶ	ଛୁଆଁ ଛୁଇଁ ଭେଦଭାବ ଦୂରୀକରଣ, ହରିଜନ : ଆଦିବାସୀଙ୍କ ବିରୋଧରେ ନିଷ୍ଠୁରତାକୁ ଦମନ କରିବା, ଶିକ୍ଷା ଓ ଅର୍ଥନୈତିକ ବିକାଶ ।

ସ୍ତର	ନିର୍ବାଚିତ ସଭ୍ୟ	ସରକାରୀ କର୍ମକର୍ତ୍ତା
ତୃତୀୟସ୍ତର ଜିଲ୍ଲା ପରିଷଦ	ସଭାପତି / ଉପ ସଭାପତି ଜିଲ୍ଲା ପରିଷଦର ମହିଳା ଓ ପୁରୁଷ ସଭ୍ୟ	କଲେକ୍ଟର ମୁଖ୍ୟ କାର୍ଯ୍ୟକାରୀ ଅଫିସର ଉପ କାର୍ଯ୍ୟକାରୀ ଅଫିସର ବା ପ୍ରକଳ୍ପ ଅଧିକାରୀ ଓ ଅନ୍ୟାନ୍ୟ ବିଭାଗୀୟ ଜିଲ୍ଲାସ୍ତରୀୟ କର୍ମକର୍ତ୍ତା
ଦ୍ୱିତୀୟସ୍ତର ପଞ୍ଚାୟତ ସମିତି	ଚେୟାର ମ୍ୟାନ : ସଭାପତି ଉପସଭାପତି (ପୁରୁଷ ଓ ମହିଳା) ସମିତି ସଭ୍ୟସଭ୍ୟାବୃନ୍ଦ	ବ୍ଲକ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସହଯୋଗୀ ବ୍ଲକ ଅଧିକାରୀ ସଂପ୍ରସାରଣ ଅଧିକାରୀ, ସହଯୋଗୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଅଫିସ ସହାୟକ, କଂପ୍ୟୁଟର ପରିଚାଳକ, ପିଅନ
ପ୍ରାଥମିକ ସ୍ତର ଗ୍ରାମ ପଞ୍ଚାୟତ	ସରପଞ୍ଚ, ନାଏବ ସରପଞ୍ଚ, ୱାର୍ଡ଼ ମେମ୍ବର (ମହିଳା ଓ ପୁରୁଷ)	ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ନିମନ୍ତେ କାର୍ଯ୍ୟକାରୀ, ଅଫିସର ଓ ଗ୍ରାମ କୃଷି କର୍ମଚାରୀ

ଦ୍ୱିତୀୟ ପ୍ରସଙ୍ଗ / ବିଷୟ :

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ନିୟମ ।

ଏହି କାର୍ଯ୍ୟକ୍ରମ ୨୦୦୫ ମସିହା ସେପ୍ଟେମ୍ବର ମାସ ୫ ତାରିଖରୁ ଏକ କେନ୍ଦ୍ରୀୟ ଯୋଜନା ଭାବରେ କାର୍ଯ୍ୟକରି ଆସୁଛି । ପ୍ରଥମେ ଓଡ଼ିଶାରେ ଏହା ଆଂଶିକ ଭାବରେ ୨୦୦୫ ମସିହା ସେପ୍ଟେମ୍ବର ମାସ ୫ ତାରିଖରୁ କାର୍ଯ୍ୟକରିଥିବା ବେଳେ ସମଗ୍ର ଜିଲ୍ଲାରେ ୨୦୦୮ ମସିହା ଏପ୍ରିଲ ପହିଲାରୁ କାର୍ଯ୍ୟକରୁଛି ।

ଉଦ୍ଦେଶ୍ୟ :

ଏହି ଯୋଜନା ଏକ ଆଇନ ଏବଂ ପ୍ରତ୍ୟେକଙ୍କ କାର୍ଯ୍ୟ କରିବା ଅଧିକାରକୁ ନିଶ୍ଚିତ କରିବା ଲକ୍ଷ୍ୟକୁ ଏହା ସାମାଜିକ ସୁରକ୍ଷା ପ୍ରଦାନ କରିଥାଏ ।

- ଗ୍ରାମାଞ୍ଚଳରେ ଜୀବିକା ନିର୍ବାହ କ୍ଷେତ୍ରରେ ସୁରକ୍ଷା ଯୋଗାଇବା ଲକ୍ଷ୍ୟରେ ଏହା ପ୍ରତ୍ୟେକ ପରିବାରକୁ ଅନ୍ୟୂନ ୧୦୦ ଦିନର କାର୍ଯ୍ୟ ଯୋଗାଇଥାଏ । ଗୋଟିଏ ଆର୍ଥିକ ବର୍ଷରେ ଗ୍ରାମର ଅଣକୁଶଳୀ ବୟସ୍କମାନଙ୍କୁ ଶାରୀରିକ ପରିଶ୍ରମ କରି ରୋଜଗାର କରିବାରେ ସହାୟତା କରିଥାଏ ।
- ସାମଗ୍ରିକ / ସର୍ବସାଧାରଣ ଓ ବ୍ୟକ୍ତିଗତ ସଂପଦର ବିକାଶ ନିମନ୍ତେ ପୁଂଜିଲଗାଣ କରିଥାଏ ।

- ଗ୍ରାମାଞ୍ଚଳର ଦିନମଜୁରିଆ ସହରାଞ୍ଚଳକୁ ଯିବାକୁ ହ୍ରାସ କରିପାରିଛି ।
- ଜମି, ଜଳ ଓ ପ୍ରାକୃତିକ ସମ୍ବଳ ସଂପର୍କିତ ପ୍ରକଳ୍ପ ନିମନ୍ତେ ମହାତ୍ମାଗାନ୍ଧୀ ରୋଜଗାର କାର୍ଯ୍ୟକ୍ରମର ପ୍ରାୟ ୬୦% ସମ୍ବଳ ବିନିଯୋଗ ହୋଇଥାଏ ।

ଯୋଗ୍ୟତା

- ଏହି ଯୋଜନାରେ ସାମିଲ ହେବାପାଇଁ ଇଚ୍ଛୁକ ପରିବାର ନିକଟସ୍ଥ ପଞ୍ଚାୟତ ଅଫିସ୍‌ରେ କର୍ମନିଯୁକ୍ତି ପାଇଁ ଆବେଦନ କରିପାରିବେ ।
- ଆବେଦନ କରିବାର ୧୫ଦିନ ମଧ୍ୟରେ ଗ୍ରାମ ପଞ୍ଚାୟତ ଆବଶ୍ୟକୀୟ ତଦନ୍ତ କରି ସଂପୃକ୍ତ ପରିବାରକୁ ଜବ୍ କାର୍ଡ଼ ପ୍ରଦାନ କରିବେ । ଏହି କାର୍ଡ଼ ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିବ । ଏହି କାର୍ଡ଼ ବିନା ମୂଲ୍ୟରେ ଯୋଗାଇ ଦିଆଯାଏ । ଏଥିରେ ପରିବାରର ସାବାଳକମାନଙ୍କ ଫଟୋଥାଏ ।
- ୧୮ ବର୍ଷରୁ ଊର୍ଦ୍ଧ୍ୱ ପରିବାର ସଦସ୍ୟଙ୍କୁ ୧୦୦ଦିନର ଅଣକୁଶଳୀ କାର୍ଯ୍ୟ ନିଶ୍ଚିତ ପ୍ରଦାନ କରାଯାଏ ।
- କାମ କରିବାକୁ ଆବେଦନ କରିବାର ୧୫ଦିନ ମଧ୍ୟରେ କାର୍ଯ୍ୟ ଯୋଗାଇ ଦେବା ନିମନ୍ତେ ଆଇନରେ ସୂଚିତ କରାଯାଇଛି ।
- କାର୍ଯ୍ୟ କରିବା ପାଇଁ ନିଯୁକ୍ତି ନଥିଲେ, ଆବେଦନ କରିବାର ୧୫ଦିନ ମଧ୍ୟରେ ବେକାରୀ ଭତ୍ତା ପ୍ରଦାନ କରାଯାଇଥାଏ ।

ଉପକାରିତା ଓ ନିୟମାକ ସର୍ତ୍ତ :

- ଗ୍ରାମର ୫ କି.ମି. ପରିସୀମା ମଧ୍ୟରେ କାର୍ଯ୍ୟ ଯୋଗାଇ ଦିଆଯାଇଥାଏ । ତା'ଠାରୁ ଆଉ ଅଧିକ ଦୂରରେ କାମ ଦିଆଗଲେ, ଯାତାୟାତ ଓ ମଜୁରୀ ବାବଦ ପାଇଁ ୧୦ ପ୍ରତିଶତ ଅଧିକ ମଜୁରୀ ଦିଆଯାଏ ।
- କାର୍ଯ୍ୟ କରିବାର ୪୮ ଘଣ୍ଟା ମଧ୍ୟରେ ମଜୁରୀ ଆବଣ୍ଟନ ବୈଦ୍ୟୁତିକ ପାଣ୍ଠି ପରିଚାଳନା ପଦ୍ଧତିରେ ପ୍ରଦାନ କରାଯାଇଥାଏ ।
- ଏହି ଯୋଜନା ଅଧିନରେ କାର୍ଯ୍ୟ କରିବାକୁ ଆବେଦନ କରିଥିବା ଅନ୍ୟୂନ ଏକ ତୃତୀୟାଂଶ ହିତାଧିକାରୀ ମହିଳା ହେବା ଆବଶ୍ୟକ ।
- କାର୍ଯ୍ୟକ୍ଷେତ୍ରର କର୍ମୀମାନଙ୍କ ସୁବିଧାପାଇଁ ଶିଶୁଲାଳନପାଳନ କେନ୍ଦ୍ର, ପାନୀୟଜଳ ଓ ଛାୟା ପ୍ରଦାନ କରୁଥିବା ସ୍ଥାନ ଯୋଗାଇ ଦିଆଯାଇଥାଏ ।
- ଏହି ଯୋଜନା ଗ୍ରାମସଭାରେ ଅନୁମୋଦନ ହୋଇ ଜିଲ୍ଲା ପରିଷଦକୁ ଯାଇଥାଏ ।

ସ୍ୱଚ୍ଛତାର ବୈଶିଷ୍ଟ୍ୟ ଓ ଲକ୍ଷଣ :

- ସର୍ବସାଧାରଣଙ୍କ ତଦାରଖ ନିମନ୍ତେ ଯୋଜନା ସଂପର୍କିତ ସମସ୍ତ ତଥ୍ୟ ଓ ନଥିପତ୍ର ଉପଲବ୍ଧ ।
- ନାଗରିକମାନଙ୍କ ତଥ୍ୟ ପ୍ରଦାନ ବୋର୍ଡ଼ (ଆକାର, ବିଷୟବସ୍ତୁ, କାର୍ଯ୍ୟସ୍ଥଳୀ)
- ଭୂସମ୍ପତ୍ତିକୁ ଅନ୍ୟାନ୍ୟ ସମ୍ବଳ ସହ ସଂଲଗ୍ନ କରିବା
- ପଞ୍ଚାୟତିରାଜ ଓ ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ଗଠିତ ସାମାଜିକ ୟୁନିଟ୍ ସହାୟତାରେ ଗ୍ରାମସଭାରେ ଯୋଜନାର ସାମାଜିକ ସମୀକ୍ଷା ହୋଇଥାଏ ।

ତୃତୀୟ ବିଷୟ :

ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥା

ଉଦ୍ଦେଶ୍ୟ = ସାମାଜିକ ଓ ଅର୍ଥନୈତିକ ଅନଗ୍ରସର ଲୋକମାନଙ୍କୁ ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥାରେ ମୌଳିକ ଆବଶ୍ୟକତା

ସାମଗ୍ରୀ ଯୋଗାଇ ଦିଆଯାଏ। ଏହି ଯୋଜନାରେ ଜନସାଧାରଣଙ୍କୁ କେନ୍ଦ୍ର ସରକାରଙ୍କ ରିହାତି ଓ ରାଜ୍ୟ ସରକାରଙ୍କ ରିହାତିକୁ ମିଶାଇ ସ୍ୱଳ୍ପ ମୂଲ୍ୟରେ ଚାଉଳ ଯୋଗାଇ ଦିଆଯାଉଛି। ଅନ୍ନପୂର୍ଣ୍ଣା ଯୋଜନାରେ ହିତାଧିକାରୀମାନଙ୍କୁ ଖାଦ୍ୟସାମଗ୍ରୀ ଯଥା - ଚାଉଳ ଯୋଗାଇ ଦିଆଯାଉଛି। ସରକାରୀ ସ୍ୱୀକୃତି ପ୍ରାପ୍ତ ଦୋକାନମାନଙ୍କରେ ଅନ୍ତୋଦୟ ଯୋଜନା ଓ ରିହାତି ଚାଉଳ ଯୋଗାଣ ଯୋଜନାର ସାମଗ୍ରୀଗୁଡ଼ିକ ନିର୍ଦ୍ଦିଷ୍ଟ ତାରିଖରେ ଜନସାଧାରଣଙ୍କୁ ଯୋଗାଇ ଦିଆଯାଇଥାଏ।

(କ) ରିହାତିମୂଲ୍ୟର ଚାଉଳ

ଯୋଗ୍ୟତା ଓ ଯୋଜନାରେ ଅନ୍ତର୍ଭୁକ୍ତ ହେବାର ପ୍ରଣାଳୀ

ନିମ୍ନଲିଖିତ ଯୋଜନାର ଅନ୍ତର୍ଭୁକ୍ତ ହେବା ନିମନ୍ତେ ବିଭିନ୍ନ ପ୍ରକାର ଯୋଗ୍ୟତାର ମାନଦଣ୍ଡ ଓ ପ୍ରଣାଳୀ ରହିଛି।

- ଅନ୍ତୋଦୟ କାର୍ଡ଼ଥିବା ବ୍ୟକ୍ତି = ମାଗଣାରେ ମାସକୁ ୩୫ କି.ଗ୍ରା. ଚାଉଳ।
- ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତି କାର୍ଡ଼ଧାରୀ - କି.ଗ୍ରା ପିଛା ଟ.୧.୦୦ଦରରେ ମାସକୁ ୫ କି.ଗ୍ରା. ଚାଉଳ ବା ଗହମ ମୁଣ୍ଡପିଛା ଦିଆଯାଏ।
- ହରିଜନ / ଆଦିବାସୀ ଛାତ୍ରାବାସର ଅନ୍ତେବାସୀ = କି.ଗ୍ରା. ଟ.୧.୦୦ ଦରରେ ପ୍ରତ୍ୟେକ ଛାତ୍ରକୁ ମାସିକ ୧୫ କି.ଗ୍ରା ଚାଉଳ।

(ଖ) ଅନ୍ନପୂର୍ଣ୍ଣା ଯୋଜନା

ଯୋଗ୍ୟତା

- ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗୋଷ୍ଠୀର ୬୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି
- ଅନ୍ୟାନ୍ୟ କୌଣସି ସାମାଜିକ ସୁରକ୍ଷା ଯୋଜନାର ଅନ୍ତର୍ଭୁକ୍ତ ହୋଇ ନ ଥିବେ।
- ପଲ୍ଲୀସଭାରେ ବଛାଯାଇ ଅନ୍ନପୂର୍ଣ୍ଣା କାର୍ଡ଼ ପାଇଥିବା ବ୍ୟକ୍ତି।
  ପ୍ରାପ୍ୟ = ମାଗଣାରେ ୧୦ କି.ଗ୍ରା ଚାଉଳ

(ଗ) ଅନ୍ତୋଦୟ ଅନ୍ନଯୋଜନା

ଯୋଗ୍ୟତା = ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ, ରୋଜଗାର ନ ଥିବା, ଦୁର୍ବଳ, ଭିନ୍ନକ୍ଷମ କିମ୍ବା ଆଶ୍ରୟ ନ ଥିବା

- ଗର୍ଭବତୀ କିମ୍ବା ଛୋଟ ଶିଶୁଥିବା ମହିଳା
- ରୋଜଗାର ନଥିବା ବିଧବା କିମ୍ବା ଏକୁଟିଆ ମହିଳା
  ପ୍ରାପ୍ୟ = କି.ଗ୍ରା. ଟ.୧.୦୦ ଦରରେ ମାସକୁ ୩୫ କି.ଗ୍ରା. ଚାଉଳ।
- ଉପରୋକ୍ତ ସମସ୍ତ ଯୋଜନାରେ ମିଳୁଥିବା ଚାଉଳ / ଗହମ ପ୍ରତ୍ୟେକ ମାସର ୫, ୬, ୭ ଏବଂ ୨୦, ୨୧, ୨୨ରେ ପଞ୍ଚାୟତ ଅଫିସରେ ଦିଆଯାଏ।

ଚତୁର୍ଥ ବିଷୟ

ଖାଦ୍ୟ ନିରାପତ୍ତା

ଏହି ଯୋଜନା ଅଧିନରେ ୩ଟି ମୁଖ୍ୟ ବିଭାଗ ରହିଛି - ମଧ୍ୟାହ୍ନ ଭୋଜନ, ଜରୁରୀକାଳୀନ ଖାଦ୍ୟ ଯୋଗାଣ ଓ ପୁଷ୍ଟିକାରକ ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ

(କ) ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ :

ଉଦ୍ଦେଶ୍ୟ – ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧିକରିବା ଅଧାରୁ ପାଠ ଛାଡୁଥିବା ହାରକୁ କମ୍ କରିବା

- ଲିଙ୍ଗଗତ ଭେଦଭାବକୁ ଦୂର କରିବା
- ସାମାଜିକ ସମାନତା ହାସଲ କରିବା
- କେତେକ ଉତ୍ତମ ଖାଦ୍ୟ ଅଭ୍ୟାସ ଯଥା – ଖାଇବା ପୂର୍ବରୁ ଓ ପରେ ହାତ ଧୋଇବା ବୃଦ୍ଧି କରିବା

ଯୋଗ୍ୟତା

ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟର ପ୍ରଥମରୁ ସପ୍ତମଶ୍ରେଣୀ ମଧ୍ୟରେ ଅଧ୍ୟୟନ ରତ ଛାତ୍ରଛାତ୍ରୀ

ଗୋଟିଏ ଶିକ୍ଷାବର୍ଷରେ ଯୋଜନା ଅଧିନରେ ୨୧୦ ଦିନ ରନ୍ଧା ଖାଦ୍ୟ ଯୋଗାଇଦେବା

(ଖ) ଜରୁରୀକାଳୀନ ପରିସ୍ଥିତିରେ ଖାଦ୍ୟ ଯୋଜନା:

ପ୍ରଥମେ ଏହି ଯୋଜନା କେବିକେ ଜିଲ୍ଲାରେ ଉତ୍କଟ ଦାରିଦ୍ର୍ୟଯୋଗୁ ଆରମ୍ଭ ହୋଇଥିଲେ ହେଁ ରାଜ୍ୟର ୮ଟି ଆଦିବାସୀ ଅଧ୍ୟୁଷିତ ଦାରିଦ୍ର୍ୟ ପ୍ରବଣ ଜିଲ୍ଲାରେ ଏହି ଯୋଜନା କାର୍ଯ୍ୟକାରୀ ହେଉଅଛି ।

ଉଦ୍ଦେଶ୍ୟ : ଅନ୍ୟ କୌଣସି ରୋଜଗାର ଉପାୟ ନ ଥିବା ଅସହାୟ, ଭିନ୍ନକ୍ଷମ, ବୃଦ୍ଧ ଲୋକମାନଙ୍କୁ ଦୈନିକ ଗୋଟିଏ ବେଳା ଖାଦ୍ୟ ଯୋଗାଇ ଦେବା ।

ଉପକାରିତା – ଦୈନିକ ଗୋଟିଏ ବେଳା ରନ୍ଧାଖାଦ୍ୟ

(ଗ) ଅତିରିକ୍ତ ପୁଷ୍ଟିକର ଖାଦ୍ୟ ଯୋଜନା :

ଉଦ୍ଦେଶ୍ୟ – ଲୋକମାନଙ୍କର ପୁଷ୍ଟିକର ସ୍ୱାସ୍ଥ୍ୟବସ୍ଥାର ଅଭିବୃଦ୍ଧି

ଉପଭୋକ୍ତା / ହିତାଧିକାରୀ

- ଗର୍ଭବତୀ ମହିଳା
- ସ୍ତନ୍ୟପାନ କରାଉଥିବା ମାଆ
- ୬ ମାସରୁ ୬ ବର୍ଷ ବୟସ୍କ ଶିଶୁ

ପ୍ରଦତ୍ତ ସାମଗ୍ରୀ ହସ୍ତାନ୍ତର – ୩ ବର୍ଷରୁ ୬ ବର୍ଷ ବୟସର ଶିଶୁମାନଙ୍କୁ (ଅଙ୍ଗନୱାଡ଼ି / ପ୍ରାକ୍ ସ୍କୁଲପିଲା) ସକାଳ ଖାଦ୍ୟ ଓ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଏ । ଘରକୁ ନେବାପାଇଁ ଶୁଖିଲା ଖାଦ୍ୟଦ୍ରବ୍ୟ

ଅଧିବେଶନ-୨

ସାମାଜିକ ନିରାପତ୍ତା (୨ୟ) ପେନ୍‌ସନ ଓ ବୀମା ଯୋଜନା

ଉଦ୍ଦେଶ୍ୟ : ଅଧିବେଶନ ଶେଷ ହେବାବେଳକୁ ଅଂଶଗ୍ରହଣକାରୀ ସଦସ୍ୟମାନେ ସାମାଜିକ ନିରାପତ୍ତା ଯୋଜନା ସଂପର୍କରେ ମୌଳିକ ଧାରଣା ଲାଭ କରିବା ସହ ମଧୁବାବୁ ପେନ୍‌ସନ୍ ଯୋଜନା, ଆମ୍ ଆଦ୍‌ମୀ ବୀମା ଯୋଜନା ଓ ଅଟଳ ପେନ୍‌ସନ ଯୋଜନା ସଂପର୍କରେ ଜ୍ଞାନଲାଭ କରିପାରିବେ ।

ଅଧିବେଶନର କାର୍ଯ୍ୟସୂଚୀ :

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ଇନ୍ଦିରାଗାନ୍ଧୀ ଜାତୀୟ ବୃଦ୍ଧାବସ୍ଥା ପେନ୍‌ସନ୍ ଯୋଜନା	ପାୱାର ପଏଣ୍ଟ ଉପସ୍ଥାପନ	୧୦ ମିନିଟ୍
୨.	ମଧୁବାବୁ ପେନ୍‌ସନ ଯୋଜନା	ପାୱାର ପଏଣ୍ଟ ଉପସ୍ଥାପନ	୧୦ ମିନିଟ୍
୩.	ଅଟଳ ପେନ୍‌ସନ ଯୋଜନା	ପାୱାର ପଏଣ୍ଟ ଉପସ୍ଥାପନ	୧୦ ମିନିଟ୍
୪.	ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା	ପାୱାର ପଏଣ୍ଟ ଉପସ୍ଥାପନ	୧୦ ମିନିଟ୍
୫.	ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା	ପାୱାର ପଏଣ୍ଟ ଉପସ୍ଥାପନ	୧୦ ମିନିଟ୍
୬.	ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା	ପାୱାର ପଏଣ୍ଟ ଉପସ୍ଥାପନ	୧୦ ମିନିଟ୍
ମୋଟ			**୬୦ ମିନିଟ୍**

ଆବଶ୍ୟକୀୟ ଉପକରଣ : ପୂର୍ବରୁ ଲେଖାହୋଇଥିବା ଚାର୍ଟ , ଭିଡ଼ିଓ ଚଳଚ୍ଚିତ୍ର ଓ ପ୍ରେକ୍ଷାଳୟ (ପ୍ରୋଜେକ୍ଟର), କମ୍ପ୍ୟୁଟର, ଷ୍ଟାଣ୍ଡ ସହ ପ୍ଲିପ ଚାର୍ଟ, ମୁଖାପିନ୍ଧିବା ପାଇଁ ବ୍ୟବହୃତ ଟେପ ଓ ଆବେଦନ କରିବାର ଫର୍ମ

ସୋପାନ-୧ : ଇନ୍ଦିରାଗାନ୍ଧୀ ଜାତୀୟ ବୃଦ୍ଧାବସ୍ଥା ପେନ୍‌ସନ୍ ଯୋଜନା

ଏହି ଯୋଜନା କେନ୍ଦ୍ର ସରକାରଙ୍କ ସହାୟତାରେ ପରିଚାଳିତ । ଦରଖାସ୍ତଗୁଡ଼ିକ ପଞ୍ଚାୟତ ଅଫିସ ବା ବ୍ଲକ୍ ଅଫିସରେ ଦିଆଯାଏ ଏବଂ ଚୟନ ପ୍ରକ୍ରିୟା ପଲ୍ଲୀସଭାରେ କାର୍ଯ୍ୟକାରୀ ହୋଇଥାଏ ।

ଯୋଗ୍ୟତା : ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି

ନିଶ୍ଚିତ ଭାବେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଆବଶ୍ୟକ ।

ପ୍ରାପ୍ୟ ଅଧିକାର - ଗ୍ରାମ ପଞ୍ଚାୟତ ଅଫିସ / କାର୍ଯ୍ୟାଳୟରେ ପ୍ରତ୍ୟେକ ମାସ ୧୫ ତାରିଖ ଦିନ ମାସକୁ ଟ.୫୦୦.୦୦ ଲେଖା ପ୍ରଦାନ କରାଯାଏ । କୌଣସି ଅସୁସ୍ଥତା ବା ଭିନ୍ନକ୍ଷମତା ଯୋଗୁ ପଞ୍ଚାୟତ ଅଫିସକୁ ଆସିବାକୁ ଅସମର୍ଥ ବ୍ୟକ୍ତିଙ୍କ ଘରେ

ଜଣେ ପଞ୍ଚାୟତ ଅଫିସ ସ୍ତରର ଅଫିସରଙ୍କ ଦ୍ୱାରା ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଏ ।

ସୋପାନ-୨ : ମଧୁବାବୁ ପେନ୍‌ସନ ଯୋଜନା

ଏହି ରାଜ୍ୟ ସରକାରଙ୍କ ଯୋଜନା ୨୦୦୮ ମସିହା ଜାନୁୟାରୀ ପହିଲାରୁ ଆରମ୍ଭ ହୋଇଛି ।

ଯୋଗ୍ୟତା : ନିମ୍ନଲିଖିତ ସର୍ତ୍ତାନୁସାରେ ଜଣେ ବ୍ୟକ୍ତି ଏହି ପେନ୍‌ସନ ପାଇବା ପାଇଁ ଯୋଗ୍ୟ ହୋଇପାରିବ ।

- ଯେ କୌଣସି ୬୦ ବର୍ଷ ବା ତଦୁର୍ଦ୍ଧ ବୟସ୍କ ପୁରୁଷ ବା ମହିଳା
- ଯେ କୌଣସି ବୟସର ବିଧବା ମହିଳା
- ୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ଭିନ୍ନକ୍ଷମ ବା ଅସମର୍ଥ ବ୍ୟକ୍ତି ବିଶେଷ ଯେ କୌଣସି ସାଧାରଣ କାର୍ଯ୍ୟ କରିବାକୁ ଅକ୍ଷମ ହୋଇଥିବେ ।
- ଯେ କୌଣସି ବୟସର କୁଷ୍ଠରୋଗୀ ଏବଂ ତାଙ୍କର ରୋଗର ବିଲକ୍ଷଣ ଦେଖାଯାଉଥିବ ।
- ଏଡସ୍ ରୋଗୀ ବା ଏଡସ୍ ରୋଗୀଙ୍କ ବିଧବା ପତ୍ନୀ ।
- ବାର୍ଷିକ ଆୟ ଟ. ୨୪,୦୦୦ ଟଙ୍କାରୁ ଅଧିକ ହୋଇ ନ ଥିବ । (ଏଥିପାଇଁ ତହସିଲଦାରଙ୍କ ଠାରୁ ସାର୍ଟିଫିକେଟ ଦେବେ)

ପ୍ରାପ୍ୟ : ୬୦ ରୁ ୭୯ ବର୍ଷ ବୟସ୍କମାନଙ୍କ ନିମନ୍ତେ ମାସିକ ଟ.୩୦୦ । ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ମାସିକ ଟ.୫୦୦.୦୦ ।

ସୋପାନ-୩: ଅଟଳ ପେନ୍‌ସନ ଯୋଜନା

ଏହି ଯୋଜନା ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ । ଏହା ଅବ୍ୟବସ୍ଥିତ ଭାରତୀୟ ଅର୍ଥନୈତିକ ବର୍ଗର ଲୋକମାନଙ୍କ ନିମନ୍ତେ ପ୍ରଯୁଜ୍ୟ ।

ଯୋଗ୍ୟତା : ଜଣେ ଭାରତୀୟ ନାଗରିକ ହୋଇଥିବେ

- ବ୍ୟାଙ୍କରେ ଚାଲୁଥିବା ଆକାଉଣ୍ଟ ଥିବ
- ୧୮ ରୁ ୪୦ ବର୍ଷ ମଧ୍ୟରେ ବୟସ ହୋଇଥିବ ।

ଅବଦାନର ରୀତି ଓ ଧାରା :

ଅନ୍ୟୂନ ୨୦ ବର୍ଷ ପର୍ଯ୍ୟନ୍ତ ପାଣ୍ଠି ଜମା କରିବାକୁ ପଡ଼େ । ସମସ୍ତ ଜମା ରାଶି ମାସକୁ ମାସ ହିତାଧିକାରୀଙ୍କ ସଂଚୟ ଖାତାରେ ସ୍ୱୟଂସିଦ୍ଧ ଉପାୟରେ ଜମା ହେବା ଆବଶ୍ୟକ । ୨୪ ମାସ ପରେ ଜମା କରିବାରେ ଖିଲାପ କରିଲେ, ଜମା ହେଉଥିବା ଆକାଉଣ୍ଟ ଆପେ ଆପେ ସବୁଦିନ ପାଇଁ ବନ୍ଦ କରିଦିଆଯାଏ ।

ପ୍ରାପ୍ୟ : ୬୦ ବର୍ଷରେ ପଦାର୍ପଣ / ଉପନୀତ ହେବା ପରେ ମାସକୁ ଟ.୧୦୦୦ ରୁ ଟ. ୫୦୦୦ ପର୍ଯ୍ୟନ୍ତ ପେନ୍‌ସନ୍ ଦିଆଯିବାର ବ୍ୟବସ୍ଥା ରହିଛି । ଏଥିପାଇଁ ଜମାରାଶି, ଯୋଜନାରେ ଅନ୍ତର୍ଭୁକ୍ତ ହେବା ବୟସକୁ ଆଧାର କରି ପ୍ରାପ୍ୟରାଶି ସ୍ଥିର କରାଯାଇଥାଏ ।

ସୋପାନ-୪ : ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା

ଏହା କେନ୍ଦ୍ର ସରକାରଙ୍କ ବୀମା ଯୋଜନା। ଏହା ବର୍ଷକ ଭିତରେ ମୃତ ବ୍ୟକ୍ତି ବା ବ୍ୟକ୍ତିଗତ ଦୁର୍ଘଟଣାଜନିତ ଭିନ୍ନକ୍ଷମତା ପାଇଁ ପ୍ରଦାନ କରାଯାଏ ଏବଂ ପ୍ରତିବର୍ଷ ନବୀକରଣ କରାଯାଏ। ଏହି ଯୋଜନା ତୃତୀୟ ବୀମା କଂପାନୀ ଓ ବ୍ୟାଙ୍କ ଜରିଆରେ ପରିଚାଳିତ ହୋଇଥାଏ। ଏଥିପାଇଁ ବର୍ଷକୁ ଅତି କମ୍‌ରେ ଟ. ୧୨.୦୦ ବୀମାକିସ୍ତି ଦେବାକୁ ପଡ଼ିଥାଏ।

ଯୋଗ୍ୟତା : ୧୮ ବର୍ଷରୁ ୭୦ ବର୍ଷ ମଧ୍ୟରେ ବୟସ ହୋଇଥିବା ଆବଶ୍ୟକ।

ବୈଧ / ଚାଲୁ ରହିଥିବା ବ୍ୟାଙ୍କ ଆକାଉଣ୍ଟ ଥିବା ଜରୁରୀ

ପ୍ରାପ୍ୟ : ମୃତ କିମ୍ବା ସଂପୂର୍ଣ୍ଣ ଅକ୍ଷମ ବ୍ୟକ୍ତିଙ୍କୁ ୨ ଲକ୍ଷ ଟଙ୍କା ଏବଂ ଆଂଶିକ ସ୍ଥାୟୀ ଅକ୍ଷମତା ପାଇଁ ଏକ ଲକ୍ଷ ଟଙ୍କାର ବୀମାରାଶି ମିଳିଥାଏ।

ଜାଣତରେ ନିଜକୁ ଆଘାତ ଦେଇ କ୍ଷତବିକ୍ଷତ ହେବା, ଆତ୍ମହତ୍ୟା ବା ଆତ୍ମହତ୍ୟା ଉଦ୍ୟମ, ମାଦକଦ୍ରବ୍ୟ ସେବନ କ୍ଷେତ୍ରରେ ୭୦ବର୍ଷ ହୋଇଥିଲେ ମଧ୍ୟ ବୀମା ଅନ୍ତର୍ଭୁକ୍ତ ହୋଇ ନ ଥାଏ କି ବୀମାରାଶି ମିଳି ନଥାଏ।

ସୋପାନ-୫ : ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା

ସରକାରଙ୍କ ଦ୍ୱାରା ପରିଚାଳିତ ଏହି ଯୋଜନା ଏକ ଜୀବନ ବୀମା ଯୋଜନା। ଏହା ବର୍ଷକୁ ଭିତରେ ନବୀକରଣ କରାଯାଇଥାଏ। ଯେ କୌଣସି କାରଣରୁ ମୃତ୍ୟୁ ଘଟିଲେ ଏହି ବୀମା ସହାୟତା ରାଶି ପ୍ରଦାନ କରିଥାଏ। ଜୀବନ ବୀମା କଂପାନୀ ଜରିଆରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଥାଏ। ଏଥିରେ ବୀମା କିସ୍ତି ବର୍ଷକୁ ଟ. ୩୩୦.୦୦ ଧାର୍ଯ୍ୟ କରାଯାଇଛି।

ଯୋଗ୍ୟତା : ୧୮ ରୁ ୫୦ ବର୍ଷ ମଧ୍ୟରେ ବୟସ ହୋଇଥିବ। ବୈଧ ବ୍ୟାଙ୍କ ଆକାଉଣ୍ଟ ଥିବା ଜରୁରୀ।

ପ୍ରାପ୍ୟ : ବୀମାକାରୀଙ୍କର ଯେ କୌଣସି କାରଣରୁ ମୃତ୍ୟୁ ଘଟିଲେ, ତାଙ୍କର ମନୋନୀତ ବ୍ୟକ୍ତିଙ୍କୁ ଦୁଇଲକ୍ଷ ଟଙ୍କାର ବୀମାରାଶି ମିଳିଥାଏ।

ସୋପାନ-୬ : ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା

ଦେଶର ଦରିଦ୍ର୍ୟ ଜନସାଧାରଣଙ୍କ ନିମନ୍ତେ ଏହା ଏକ ସରକାରୀ ପରିଚାଳିତ ସ୍ୱାସ୍ଥ୍ୟ ବୀମା ଯୋଜନା।

ଉଦ୍ଦେଶ୍ୟ : ପରିଚିତ ଶ୍ରମିକ, (ନିର୍ମାଣ ବିଭାଗ), ରେଳ କର୍ମଚାରୀ, ରାସ୍ତାକଡ଼ ବିକ୍ରେତା, ମହାତ୍ମାଗାନ୍ଧୀ ରୋଜଗାର ଯୋଜନା ଅନ୍ତର୍ଗତ ଶ୍ରମିକ, ବିଡ଼ିକଳରେ କାମ କରୁଥିବା କର୍ମଚାରୀ, ଘରୋଇ ଶ୍ରମିକ, ରିକ୍ସା ଚାଳକ, ଅଳିଆ ଆବର୍ଜନା ସଂଗ୍ରହକାରୀ, ଅଟୋରିକ୍ସା ଚାଳକ / ଟାକ୍ସି ଚାଳକ।

ଯୋଗ୍ୟତା : ନିଶ୍ଚିତ ଭାବରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଦଳ ଅନ୍ତର୍ଭୁକ୍ତ ଥିବେ।

ପ୍ରାପ୍ୟ : ୫ ଜଣିଆ ପରିବାରକୁ ଟ.୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ମାଗଣାରେ ଚିକିତ୍ସା ସୁବିଧା

ଚିକିତ୍ସାଳୟ ଯିବା ନିମନ୍ତେ ଥରକୁ ଶହେ ଟଙ୍କା ହାରରେ ଅତିବେଶୀରେ ଏକହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା।

ଅଧିବେଶନ-୩

ଗ୍ରାମାଞ୍ଚଳ ଭିତ୍ତିଭୂମି ଯୋଜନା

ଉଦ୍ଦେଶ୍ୟ :

ଅଧିବେଶନ ଶେଷ ବେଳକୁ ଅଂଶଗ୍ରହଣକାରୀମାନେ ବିଭିନ୍ନ ଗୃହ ନିର୍ମାଣ ଯୋଜନା ଓ ବିଦ୍ୟୁତକରଣ ଯୋଜନା ବିଷୟରେ ମୌଳିକ ଧାରଣା ଲାଭ କରିପାରିବେ ।

ଅଧିବେଶନର କାର୍ଯ୍ୟସୂଚୀ :

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ପ୍ରଧାନମନ୍ତ୍ରୀ ଆବାସ ଯୋଜନା	ପାୱାର ପଏଣ୍ଟ ଉପସ୍ଥାପନ	୧୫ ମିନିଟ୍
୨.	ବିଜୁ ପକ୍କାଘର ଯୋଜନା	ପାୱାର ପଏଣ୍ଟ ଉପସ୍ଥାପନ	୧୫ ମିନିଟ୍
୩.	ଦୀନଦୟାଲ ଉପାଧ୍ୟାୟ ଗ୍ରାମଜ୍ୟୋତି ଯୋଜନା ଏବଂ ବିଜୁ ଗ୍ରାମଜ୍ୟୋତି ଯୋଜନା	ପାୱାର ପଏଣ୍ଟ ଉପସ୍ଥାପନ	୧୫ ମିନିଟ୍
୪.	ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା	ପାୱାର ପଏଣ୍ଟ ଉପସ୍ଥାପନ	୧୫ ମିନିଟ୍
ମୋଟ			୬୦ ମିନିଟ୍

ଆବଶ୍ୟକୀୟ ଉପକରଣ : ପୂର୍ବରୁ ଲେଖା ହୋଇଥିବା ଚାର୍ଟ, ଭିଡ଼ିଓ ଫିଲିମ, ପ୍ରକ୍ଷେପକ (ପ୍ରୋଜେକ୍ଟର), କମ୍ପ୍ୟୁଟର , ଷ୍ଟାଣ୍ଡ ସହ ଫ୍ଲିପ ଚାର୍ଟ, ମୁଖା ଲଗାଇବା ପାଇଁ ଟେପ୍ ଓ ଆବେଦନ ଫର୍ମ

ସୋପାନ-୧ : ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା

ଉଦ୍ଦେଶ୍ୟ : ଏହି ଯୋଜନା ଅଧୀନରେ ଦେଶରେ କଚାଘରେ ଏବଂ ଜରାଜୀର୍ଣ୍ଣ ଭଗ୍ନ ଅବସ୍ଥାରେ ବାସ କରୁଥିବା ଲୋକମାନଙ୍କୁ ୨୦୨୨ ସୁଦ୍ଧା ପକ୍କାଘର ଯୋଗାଇ ଦେବା

ଯୋଗ୍ୟତା : ଏହି ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ୨୦୧୧ ମସିହା ଜାତିଗତ ପ୍ରମାଣ ଓ ସାମାଜିକ, ଅର୍ଥନୈତିକ ମାନଦଣ୍ଡ ଅନୁସାରେ ଚିହ୍ନଟ କରାଯାଇ ଚୟନ କରାଯାଇଥାଏ । ଗ୍ରାମସଭା ଦ୍ୱାରା ହିତାଧିକାରୀଙ୍କ ଘରର ଅବସ୍ଥା, ଛାତ, କାନ୍ଥ ଇତ୍ୟାଦି ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରାଯାଇଥାଏ ।

ପ୍ରାପ୍ୟ : ସ୍ୱାସ୍ଥ୍ୟକର ରୋଷେଇ ଘର, ପାଇଖାନା ସହିତ ୨୫ ବର୍ଗ ମିଟରର ଘର ।

- ସମତଳ ଅଞ୍ଚଳରେ ଏକଲକ୍ଷ ୨୦ ହଜାର, ପାହାଡ଼ିଆ, ଦୁର୍ଗମ ଅଞ୍ଚଳ ପାଇଁ ଏକଲକ୍ଷ ୩୦ ହଜାର ଟଙ୍କାର ସହାୟତା ରାଶି ଯୋଗାଇ ଦିଆଯାଇଥାଏ । ଏହି ଅର୍ଥ ୪ଟି କିସ୍ତିରେ ପ୍ରଦାନ କରାଯାଇଥାଏ ।
- ପ୍ରଥମ କିସ୍ତି ଟ. ୨୦,୦୦୦.୦୦ । ଘର ଯୋଗାଇବା ନିମନ୍ତେ ଅନୁମତି ମିଳିବାର ୭ଦିନ ମଧ୍ୟରେ ।

- ୨ୟ କିସ୍ତି ମେଜିଆ ପଉନ ହେବା ପରେ ଟ.୩୫,୦୦୦,
- ୩ୟ କିସ୍ତି - ଛାତ ପର୍ଯ୍ୟନ୍ତ ଶେଷ ହେବା ପରେ ଟ. ୪୫,୦୦୦
- ୪ ବର୍ଷ କିସ୍ତି - ଘର ଶେଷ ହେବାପରେ ଟ. ୩୦,୦୦୦.୦୦
- ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ରୋଜଗାର ଯୋଜନାରେ ଜଣେ ହିତାଧିକାରୀଙ୍କୁ
- ଅନ୍ୟ ଯୋଜନା ସହ ସଂଲଗ୍ନ କରି ରୋଷେଇ ଘର ଓ ପାଇଖାନା ତିଆରି କରାଯାଇଥାଏ।
- ପ୍ରଥମ କିସ୍ତି ଅର୍ଥପାଇବାଠାରୁ ଚାରିମାସ ମଧ୍ୟରେ ଘର ତିଆରି ସଂପୂର୍ଣ୍ଣ କରିଦେଲେ ଟ.୨୦,୦୦୦.୦୦ ଏବଂ ଛଅମାସ ମଧ୍ୟରେ ଶେଷ କରିଲେ ଟ.୧୦.୦୦୦ଙ୍କାର ଅତିରିକ୍ତ ସହାୟତା ରାଶି ପ୍ରଦାନ କରାଯାଏ।

ସ୍ୱଚ୍ଛତା ନିରୂପଣ :

- ଘରର କାନ୍ଥରେ ଯୋଜନାର ଚିହ୍ନକୁ ପ୍ରଦର୍ଶିତ କରିବା ଆବଶ୍ୟକ।
- ଭୂସଂପତ୍ତି ସହ ଘରକୁ ସଂଯୋଗ କରିବେ।
- ସମୟ ଓ କାର୍ଯ୍ୟର ଅବଧି ନିମନ୍ତେ ସାମାଜିକ ସମୀକ୍ଷା

ସୋପାନ-୨ : ବିଜୁ ପକ୍କାଘର ଯୋଜନା

ଉଦ୍ଦେଶ୍ୟ : ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଝାରସୁଗୁଡ଼ା, କେଉଁଝର, କୋରାପୁଟ, ମୟୁରଭଞ୍ଜ ଓ ସୁନ୍ଦରଗଡ଼ - ଏହି ୮ଟି ଜିଲ୍ଲାରେ ବିଜୁ ପକ୍କାଘର ଯୋଜନା କାର୍ଯ୍ୟକାରୀ ହୋଇଥାଏ। ଖଣି ଅଞ୍ଚଳରେ ଚାଲୁଥିବା କାର୍ଯ୍ୟଯୋଗୁ ବାସହରା ହୋଇଥିବା ପରିବାରଗୁଡ଼ିକୁ ପୁନଃ ଥଇଥାନ କରିବା ଲକ୍ଷ୍ୟରେ ଏହି ଯୋଜନା କାର୍ଯ୍ୟ କରିଥାଏ।

ଯୋଗ୍ୟତା : ଖଣିଜ ଓ ପଥର କାର୍ଯ୍ୟ ଯୋଗୁ ପରିବାର ପ୍ରଭାବିତ ହେଉଥିବା ଆବଶ୍ୟକ।

- ପରିବାରର ପକ୍କାଘର ନ ଥିବା ବିଷୟରେ ସାମାଜିକ, ଅର୍ଥନୈତିକ ଓ ଜାତିଗତ ଗଣନା - ୨୦୧୧ ଅଧିନରେ ତାଲିକାଭୁକ୍ତ ହୋଇଥିବେ।
- ଅନ୍ୟ କୌଣସି ସରକାରୀ ଯୋଜନାରେ ପକ୍କାଘର ତିଆରି କରି ନ ଥିବେ ଓ ପକ୍କାଘରେ ରହୁ ନ ଥିବେ।

ପ୍ରାପ୍ୟ :

- ସଂପୃକ୍ତି ଅଞ୍ଚଳର ବି.ଡ଼ି.ଓଙ୍କଠାରୁ ଯୋଗ୍ୟ ହିତାଧିକାରୀ କାର୍ଯ୍ୟ କରିବାର ଅନୁମତି ପତ୍ର ପାଇଥିବେ।
- ହିତାଧିକାରୀ ଯୋଜନାନୁସାରେ ୪ଟି କିସ୍ତିରେ ଟ.୧,୨୦,୦୦୦.୦୦ ଏବଂ କୋରାପୁଟ ଜିଲ୍ଲାରେ ଏହା ୧ ଲକ୍ଷ ୩୦,୦୦୦ ଟଙ୍କା ପାଇଥାନ୍ତି।
- ଅନୁମତି ପାଇବା ପରେ ପ୍ରଥମ କିସ୍ତିରେ ଟ.୨୦,୦୦୦ଙ୍କା
- ମେଜିଆ ପର୍ଯ୍ୟନ୍ତ ହେଲା ପରେ ୨ୟ କିସ୍ତିରେ ଟ.୩୦,୦୦୦ଙ୍କା
- ଛାତ ପର୍ଯ୍ୟନ୍ତ ହେବା ପରେ ୩ୟ କିସ୍ତିରେ ଟ.୪୦,୦୦୦ ଙ୍କା
- ଘର ତିଆରି ସଂପୂର୍ଣ୍ଣ ହେଲାପରେ ୪ର୍ଥ କିସ୍ତିରେ ଟ.୩୦,୦୦୦ଙ୍କା

ସୋପାନ-୩: ଦୀନଦୟାଲ ଉପାଧ୍ୟାୟ ଗ୍ରାମଜ୍ୟୋତି ଯୋଜନା ଏବଂ ବିଜୁ ଗ୍ରାମଜ୍ୟୋତି ଯୋଜନା

ଉଦ୍ଦେଶ୍ୟ : ଭାରତର ଗ୍ରାମଗୁଡ଼ିକୁ ନିରନ୍ତର ବିଦ୍ୟୁତସେବା ଯୋଗାଇବା ଲକ୍ଷ୍ୟରେ ସରକାରଙ୍କ ଦ୍ୱାରା ଦୀନଦୟାଲ ଗ୍ରାମ ଜ୍ୟୋତି ଯୋଜନା ପ୍ରସ୍ତୁତ କରାଯାଇଛି । (୧) କୃଷକ / ଚାଷୀ ଓ ଅନ୍ୟାନ୍ୟ ହିତାଧିକାରୀଙ୍କୁ ନିୟମିତ ବିଦ୍ୟୁତ ଯୋଗାଣ କରିବା, (୨) ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ନିମନ୍ତେ ସମାନ୍ତରାଳ ଭାବରେ ଉନ୍ନତ ମାନର ଶକ୍ତିଯୋଗାଣ ପ୍ରକ୍ରିୟାର ଉନ୍ନତିକରଣ / ବିକାଶ ଏବଂ (୩) କ୍ଷୟକ୍ଷତି ହ୍ରାସ କରିବା ପାଇଁ ମିଟର ବ୍ୟବସ୍ଥା କରିବା ଏହି ଯୋଜନା ଅନ୍ତର୍ଭୁକ୍ତ ।

ପ୍ରାପ୍ୟ :

- ସମସ୍ତ ଗ୍ରାମ ଓ ପରିବାର ବିଦ୍ୟୁତକରଣ କରାଯିବ
- କୃଷି କ୍ଷେତ୍ରରେ ଅଧିକ ଅମଳ
- କ୍ଷୁଦ୍ର ଗଳ୍ପ ଓ ଘରୋଇ ବ୍ୟବସାୟ ବୃଦ୍ଧି
- ସ୍ୱାସ୍ଥ୍ୟ, ଶିକ୍ଷା, ବ୍ୟାଙ୍କ (ଏ.ଟି.ଏମ୍) ସେବାଗୁଡ଼ିକର ବିକାଶ
- ରେଡ଼ିଓ, ଦୂରଦର୍ଶନ (ଟି.ଭି.), ଟେଲିଫୋନ, ଇଣ୍ଟରନେଟ୍ ଓ ମୋବାଇଲ ଫୋନ୍ ଇତ୍ୟାଦିର ସୁଲଭତା ବୃଦ୍ଧି
- ବିଦ୍ୟୁତ ଶକ୍ତିର ଉପଯୋଗ ହେତୁ ସାମାଜିକ ସୁରକ୍ଷାରେ ଉନ୍ନତି
- ବିଦ୍ୟାଳୟ, ପଞ୍ଚାୟତ, ଚିକିତ୍ସାଳୟ ଓ ପୋଲିସ ଷ୍ଟେସନଗୁଡ଼ିକୁ ସହଜ ସୁବିଧାରେ ବିଦ୍ୟୁତ ଶକ୍ତି ଯୋଗାଇ ଦିଆଯିବ ।

ବିଜୁ ଗ୍ରାମଜ୍ୟୋତି ଯୋଜନା :

ଦୀନଦୟାଲ ଉପାଧ୍ୟାୟ ଗ୍ରାତ ଜ୍ୟୋତି ଯୋଜନା ଓ ରାଜୀବଗାନ୍ଧୀ ଗ୍ରାମ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନ ଥିବା ଗ୍ରାମ ବା ୧୦୦ ଜଣରୁ କମ୍ ଅଧିବାସୀ ଥିବା ଅଞ୍ଚଳକୁ ବିଦ୍ୟୁତ୍‌କରଣ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ବିଜୁ ଗ୍ରାମ ଜ୍ୟୋତି ଯୋଜନା ବିକଶିତ ହୋଇଛି ।

ସୋପାନ-୪ : ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା

ଉଦ୍ଦେଶ୍ୟ : ବର୍ଷସାରା ସବୁ ସମୟରେ ଗ୍ରାମଗୁଡ଼ିକୁ ସଡ଼କପଥ ସହ ଯୋଡ଼ିବା ଲକ୍ଷ୍ୟରେ ସଂପୂର୍ଣ୍ଣ କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତାରେ କାର୍ଯ୍ୟ କରୁଅଛି ।

ମୁଖ୍ୟ :

- ଅନ୍ତତଃ ୫୦୦ ମିଟର ଦୂରତାରେ ଅବସ୍ଥିତ ଅଞ୍ଚଳ ମୁଖ୍ୟରାସ୍ତା ସହ ଯୋଡ଼ି ହୋଇ ନ ଥିଲେ ସେ ଅଞ୍ଚଳକୁ ସବୁଦିନିଆ ରାସ୍ତା ସଂଯୋଗ କରିବ । ପାହାଡ଼ିଆ ଅଞ୍ଚଳରେ ଦେଢ଼ କି.ମି. ଦୂରତ୍ୱରେ ଥିବା ଅଞ୍ଚଳକୁ ସଂଯୋଗ କରାଯିବ ।
- ପୂର୍ବରୁଥିବା ରାସ୍ତାର ଉନ୍ନତି ଏବଂ ଅଧିକ ଟ୍ରାଫିକ୍ ଥିବା ରାସ୍ତାକୁ ଅଗ୍ରାଧିକାର ଦିଆଯିବ ।
- ଏହି ଯୋଜନା କେବଳ ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହୋଇପାରିବ । ଏପରିକି ଗ୍ରାମାଞ୍ଚଳରେ କେବଳ ଗ୍ରାମ୍ୟରାସ୍ତାଗୁଡ଼ିକୁ ଯୋଜନାର ଅନ୍ତର୍ଭୁକ୍ତ କରାଯିବ । ଯଥା - ଅନ୍ୟାନ୍ୟ ଜିଲ୍ଲା ରାସ୍ତା ଓ ଗ୍ରାମ୍ୟ ସଡ଼କ । ଅନ୍ୟାନ୍ୟ ଜିଲ୍ଲା ରାସ୍ତା ଗ୍ରାମ ସହିତ ତହସିଲ କାର୍ଯ୍ୟାଳୟ, ମଣ୍ଡଳ କାର୍ଯ୍ୟାଳୟ, ଅନ୍ୟାନ୍ୟ ମୁଖ୍ୟରାସ୍ତାକୁ ଯୋଡ଼ିବା ସହିତ ଉତ୍ପାଦିତ ଫସଲ ପରିବହନରେ ସହାୟ ହୋଇଥାଏ ।

- ଗ୍ରାମ୍ୟ ରାସ୍ତାଗୁଡ଼ିକ ଗାଁକୁ ଯୋଡ଼ିବା ସହିତ ଅନ୍ୟ ବସତି ଓ ମୁଖ୍ୟରାସ୍ତା ସହିତ ମିଶିଥାଏ। ମୁଖ୍ୟ ଜିଲ୍ଲା ସଡ଼କ, ରାଜ୍ୟ ସଡ଼କ ଓ ଜାତୀୟ ପଥଗୁଡ଼ିକ ଏହି ଯୋଜନା ଅନ୍ତର୍ଭୁକ୍ତ ହୋଇପାରିବ ନାହିଁ। ଗ୍ରାମାଞ୍ଚଳ ମଧ୍ୟ ଦେଇ ସେ ସବୁ ରାସ୍ତା ଯାଇଥିଲେ ବି ତାହା ଯୋଜନା ଅନ୍ତର୍ଭୁକ୍ତ ହେବନାହିଁ।
- ଏହି ଯୋଜନା ଅନ୍ତର୍ଗତ ରାସ୍ତାଗୁଡ଼ିକ ତିଆରି କରିବା ଓ ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣା ନିମନ୍ତେ ଚୁକ୍ତି କରାଯାଏ।

ଅଗ୍ରାଧିକାର ଭିତରେ ଯୋଗ୍ୟତା :

- ଏକ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳରେ ରାସ୍ତା ନ ଥିଲେ ନୂତନ ରାସ୍ତା ଯୋଗାଇ ଦିଆଯିବ। ପାହାଡ଼ିଆ ଅଞ୍ଚଳରେ ୫୦୦ ରୁ ଅଧିକ ଲୋକଙ୍କ ପାଇଁ ଦିଆଯାଏ।
- ୫୦୦-୯୯୯ ପର୍ଯ୍ୟନ୍ତ ଜନସଂଖ୍ୟା ବିଶିଷ୍ଟ ରାସ୍ତା ନ ଥିବା ଅଞ୍ଚଳକୁ ନୂତନରାସ୍ତା ଦିଆଯାଏ। (ପାହାଡ଼ିଆ ଅଞ୍ଚଳରେ ୨୫୦-୪୯୯ ପର୍ଯ୍ୟନ୍ତ ଜନସଂଖ୍ୟା ବା ଅଧିକ ଥିବା ଦରକାର)
- ପୂର୍ବରୁ ଥିବା ରାସ୍ତାଗୁଡ଼ିକର ଉନ୍ନତିକରଣ।
- ପରସ୍ପର ଗାଁ ଓ ଘରକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ।

ସମୟସୀମା:

- କାର୍ଯ୍ୟକରିବାର ଅନୁମତି ପାଇବା ତାରିଖରୁ ୯ ମାସ ମଧ୍ୟରେ କାର୍ଯ୍ୟଶେଷ କରିବା ଆବଶ୍ୟକ।

ଅଧିବେଶନ-୪

ସ୍ୱାସ୍ଥ୍ୟବିଭାଗୀୟ ଓ ଅନ୍ୟାନ୍ୟ ପରିପୂରକ ଯୋଜନା

ଉଦ୍ଦେଶ୍ୟ :

ଅଧିବେଶନ ଶେଷରେ ଅଂଶଗ୍ରହଣକାରୀ ସଦସ୍ୟମାନେ ମୁଖ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟାନ୍ୟ ପୁଷ୍ଟିକର ଯୋଜନା ସଂପର୍କରେ ମୌଳିକ ଧାରଣା ଓ ଜ୍ଞାନ ଲାଭ କରିପାରିବେ ।

ଅଧିବେଶନର କାର୍ଯ୍ୟସୂଚୀ :

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ସାମଗ୍ରିକ ଶିଶୁବିକାଶ ଯୋଜନା	ପାୱାର ପଏଣ୍ଟ ଉପସ୍ଥାପନ	୧୦ ମିନିଟ୍
୨.	ଜନନୀ ସୁରକ୍ଷା ଯୋଜନା	ପାୱାର ପଏଣ୍ଟ ଉପସ୍ଥାପନ	୧୦ ମିନିଟ୍
୩.	ମମତା ଯୋଜନା	ପାୱାର ପଏଣ୍ଟ ଉପସ୍ଥାପନ	୧୦ ମିନିଟ୍
୪.	ମଧ୍ୟାହ୍ନ ଭୋଜନ	ପାୱାର ପଏଣ୍ଟ ଉପସ୍ଥାପନ	୧୦ ମିନିଟ୍
୫.	ସ୍ୱଚ୍ଛ ଭାରତ ମିଶନ	ପାୱାର ପଏଣ୍ଟ ଉପସ୍ଥାପନ	୧୦ ମିନିଟ୍
୬.	ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା	ପାୱାର ପଏଣ୍ଟ ଉପସ୍ଥାପନ	୧୦ ମିନିଟ୍
ମୋଟ			୬୦ ମିନିଟ୍

ଆବଶ୍ୟକୀୟ ଉପକରଣ : ପୂର୍ବରୁ ଲେଖା ହୋଇଥିବା ଚାର୍ଟ, ଭିଡ଼ିଓ ଫିଲିମ୍, ପ୍ରକ୍ଷେପକ (ପ୍ରୋଜେକ୍ଟର), କମ୍ପ୍ୟୁଟର, ଷ୍ଟାଣ୍ଡ ସହ ଫ୍ଲିପ ଚାର୍ଟ, ମୁଖା ଲଗାଇବା ପାଇଁ ଟେପ୍ ଓ ଦରଖାସ୍ତ ଫର୍ମ

ସୋପାନ-୧ : ସାମଗ୍ରିକ ଶିଶୁ ବିକାଶ ସେବା

ଉଦ୍ଦେଶ୍ୟ : ୬ ବର୍ଷ ବୟସରୁ କମ୍ ଶିଶୁ ଓ ସେମାନଙ୍କ ମାଆମାନଙ୍କୁ ଖାଦ୍ୟ, ପ୍ରାକ୍ ବିଦ୍ୟାଳୟ ଶିକ୍ଷା, ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଇତ୍ୟାଦି ଯୋଗାଇ ଦେବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତାରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି । ସେଥି ନିମନ୍ତେ ଗ୍ରାମାଞ୍ଚଳରେ ଏ ସବୁ ସେବା ଯୋଗାଇବା ପାଇଁ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲାଯାଇଛି ।

ଉଦ୍ଦେଶ୍ୟ : ଉପଯୁକ୍ତ ମାନସିକ, ଶାରୀରିକ ସ୍ୱାସ୍ଥ୍ୟ ଓ ସାମାଜିକ ବିକାଶ ସୃଷ୍ଟି କରିବା ପାଇଁ ଭାରତର ଶିଶୁ (୬ ବର୍ଷରୁ କମ୍) ମାନଙ୍କୁ ଏହି ଯୋଜନା ଅନ୍ତର୍ଭୁକ୍ତ କରି ସେମାନଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ନିମନ୍ତେ ପ୍ରୟାସ କରାଯାଉଛି ।

- ଭାରତୀୟ ଶିଶୁମାନଙ୍କ ଅକାଳ ମୃତ୍ୟୁହାର, ପୁଷ୍ଟିହୀନତା ଓ ଅଧାରୁ ପାଠ ଛାଡ଼ିବା, ପିଲାଙ୍କ ସଂଖ୍ୟା ହ୍ରାସ କରିବା ।
- ସମଗ୍ର ଭାରତବର୍ଷରେ ଶିଶୁମାନଙ୍କ ବିକାଶ ପାଇଁ କାର୍ଯ୍ୟ କରୁଥିବା ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ମନ୍ତ୍ରଣାଳୟ ସଂପୃକ୍ତ ଥିବା ବିଭାଗ ସହିତ କାର୍ଯ୍ୟକ୍ରମ ପରିଚାଳନା ପାଇଁ ସହଯୋଗ କରିବା ।

- ଭାରତର ଛୋଟ ଶିଶୁଥିବା ମାଆମାନଙ୍କୁ ଶିଶୁର ଯତ୍ନ ନେବା, ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ ବିଷୟରେ ତଥ୍ୟ ଯୋଗାଇ ସେମାନଙ୍କୁ ସକ୍ଷମ କରାଇ ଦକ୍ଷତା ବୃଦ୍ଧି କରିବା।
- ଗର୍ଭାବସ୍ଥାରେ ଓ ଛୋଟଶିଶୁଥିବା ମହିଳାମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା।

ଉପଲବ୍ଧ ସେବା = ଅଙ୍ଗନୱାଡ଼ି କେନ୍ଦ୍ର

ଜନସଂଖ୍ୟା	ଅଙ୍ଗନୱାଡ଼ି କେନ୍ଦ୍ରର ସଂଖ୍ୟା
୪୦୦-୮୦୦ (ଆଦିବାସୀ ବହୁଳ ଅଞ୍ଚଳରେ ୩୦୦-୮୦୦)	୧
୧୬୦୦-୨୪୦୦	୨
୮୦୦ର ଗୁଣିତକ ଅନୁସାରେ	୧
୧୫୦ ରୁ ୪୦୦ (ଆଦିବାସୀ ବହୁଳ ଅଞ୍ଚଳରେ)	ଏକ କ୍ଷୁଦ୍ର କେନ୍ଦ୍ର

ଉପଲବ୍ଧ ସେବା = ନିମ୍ନଲିଖିତ ସେବା ଯୋଗାଇଦେବା ପାଇଁ ଅଙ୍ଗନୱାଡ଼ି କେନ୍ଦ୍ର ପ୍ରତିଷ୍ଠିତ।

ସେବା	ନିର୍ଦ୍ଧାରିତ ବର୍ଗ
ଅତିରିକ୍ତ ପୁଷ୍ଟିକର ଖାଦ୍ୟ	୬ବର୍ଷରୁ କମ୍ ବୟସ୍କ ଶିଶୁ, ଗର୍ଭବତୀ ମହିଳା ଓ ସ୍ତନ୍ୟପାନ କରାଉଥିବା ମହିଳା
ଟୀକାକରଣ	୬ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା
ସ୍ୱାସ୍ଥ୍ୟ ପରୀକ୍ଷା	୬ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳା
ପ୍ରାକ୍ ବିଦ୍ୟାଳୟ ଶିକ୍ଷା	୩ - ୬ ବଷ୍ଟ ବୟସର ଶିଶୁ
ପୁଷ୍ଟିସାଧନ ଖାଦ୍ୟ ଓ ସ୍ୱାସ୍ଥ୍ୟଶିକ୍ଷା	୧୫-୪୫ ବର୍ଷ ବୟସ୍କା ବାଳିକା ଓ ମହିଳା

ସାମଗ୍ରିକ ଶିଶୁବିକାଶ ଯୋଜନାରେ ଅତିରିକ୍ତ ପୁଷ୍ଟିସାଧକ ଖାଦ୍ୟପ୍ରଦାନ ବ୍ୟବସ୍ଥା

- ଅଙ୍ଗନୱାଡ଼ି କେନ୍ଦ୍ରକୁ ପ୍ରତିଦିନ ଆସିପାରୁ ନଥିବା ୬ମାସରୁ ୩ ବର୍ଷର ଶିଶୁ, ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କୁ ଖାଦ୍ୟସାମଗ୍ରୀ ଘରକୁ ନେବାପାଇଁ ଦିଆଯାଏ।
- ଅତିଶୟ ଅପପୁଷ୍ଟିଦ୍ୱାରା ଆକ୍ରାନ୍ତ ୩-୬ ବର୍ଷ ବୟସର ଶିଶୁମାନଙ୍କୁ ମଧ୍ୟ ଖାଦ୍ୟସାମଗ୍ରୀ ଘରକୁ ଦିଆଯିବା ସହ ଗରମ କ୍ଷୀର ଦିଆଯାଇଥାଏ। ସମଗ୍ର ଦେଶରେ ହିତାଧିକାରୀଙ୍କ ନିମନ୍ତେ ସାମଗ୍ରୀର ମୂଲ୍ୟ, କ୍ୟାଲୋରୀ, ପୁଷ୍ଟିକର ଖାଦ୍ୟର ପରିମାଣ ଇତ୍ୟାଦି ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଛି।
- ଗର୍ଭବତୀମାନଙ୍କ ନିମନ୍ତେ ଜଣ ପିଛା ଟ.୬.୦୦, ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ମଧ୍ୟ ଟ.୬.୦୦। ସାଧାରଣ ୩ ବର୍ଷରୁ କମ୍ ପିଲାଙ୍କ ପାଇଁ ଟ.୬.୦୦ ଓ ଅପପୁଷ୍ଟିଜନିତ ଆକ୍ରାନ୍ତ ଶିଶୁଙ୍କ ପାଇଁ ଦୈନିକ ଟ.୯.୦୦ ମୂଲ୍ୟର ସାମଗ୍ରୀ ପ୍ରଦାନ କରିବା ଧାର୍ଯ୍ୟ ହୋଇଛି।
- ଓଡ଼ିଶା ସରକାର ଗହମ ପ୍ରସ୍ତୁତ ଛତୁଆ ପ୍ରଦାନ କରିବା ପାଇଁ ସ୍ଥିର କରିଛନ୍ତି, ଯାହାକି ସାଙ୍ଗେ ସାଙ୍ଗେ ଖାଇବା ପାଇଁ ପ୍ରସ୍ତୁତ।

ସୋପାନ-୨ : ଜନନୀ ସୁରକ୍ଷା ଯୋଜନା

ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ ଜନନୀ ସୁରକ୍ଷା ଯୋଜନା ନେତୃତ୍ୱ ନେଇ କାର୍ଯ୍ୟ ଆରମ୍ଭ କରିଛି। ଏଥିରେ ଆଶାକର୍ମୀମାନେ ସରକାର ଓ ଗର୍ଭବତୀ ମହିଳା ମଧ୍ୟରେ ଉତ୍ତମ ସଂଯୋଗକାରୀ ବା ଯୋଗସୂତ୍ର ରକ୍ଷାକାରୀଭାବେ ପରିଚିତ ହୋଇଛନ୍ତି।

ଉଦ୍ଦେଶ୍ୟ : ରାଜ୍ୟରେ ଶିଶୁ ଓ ମହିଳାମାନଙ୍କ ମୃତ୍ୟୁହାର କମ୍ କରିବା ଓ ଗରିବ ଗର୍ଭବତୀମାନଙ୍କୁ ଆନୁଷ୍ଠାନିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରାଇବାର ସୁବିଧା ସୃଷ୍ଟିକରିବା।

ଆଶାକର୍ମୀମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ / ଭୂମିକା :

- ସଂପୃକ୍ତ ଅଞ୍ଚଳର ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରି ସେମାନଙ୍କୁ ହିତାଧିକାରୀ ଭାବେ ଯୋଜନାରେ ସାମିଲ କରିବା ସହ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କର ନାମ ତାଲିକାଭୁକ୍ତ କରିବା ଓ ପ୍ରାକ୍ ସେବାଯତ୍ନ ଯୋଗାଇଦେବା।
- ଗର୍ଭବତୀମାନଙ୍କୁ ସେମାନଙ୍କର ଆବଶ୍ୟକୀୟ ସାର୍ଟିଫିକେଟ ପାଇବାରେ ସହାୟତା କରିବା।
- ପ୍ରସବ ପୂର୍ବରୁ ଅନ୍ତତଃ ୩ଥର ପ୍ରାକ୍ ସେବାଯତ୍ନ ନିମନ୍ତେ ସ୍ୱାସ୍ଥ୍ୟ ପରୀକ୍ଷା କରିବା, ଟିଟାନାଶ ଇଂଜେକ୍ସନ ଓ ଆବଶ୍ୟକ ବଟିକା ପାଇବାକୁ ମହିଳାଙ୍କୁ ସହାୟତା କରିବେ।
- ପ୍ରସବ ନିମନ୍ତେ ନିକଟସ୍ଥ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ବା ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିହ୍ନଟ କରି ତାହାର ସୁଯୋଗ ନେବା ପାଇଁ ପ୍ରସ୍ତାବ ଦେବେ।
- ଚିକିତ୍ସା କେନ୍ଦ୍ରରେ ପ୍ରସବ କରାଇବା ପାଇଁ ଆନୁଷଙ୍ଗିକ ପରାମର୍ଶ ଦେବେ।
- ପୂର୍ବ ନିର୍ଦ୍ଧାରିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ହିତାଧିକାରୀ ମହିଳାଙ୍କ ସହିତ ଯାଇ ପ୍ରସବ ପରେ କେନ୍ଦ୍ରରୁ ଆସିବା ପର୍ଯ୍ୟନ୍ତ ତାଙ୍କ ସହିତ ରହିବେ।
- ୧୪ ସପ୍ତାହ ହେବା ପର୍ଯ୍ୟନ୍ତ ନବଜାତ ଶିଶୁର ଟୀକାକରଣ ପାଇଁ ବ୍ୟବସ୍ଥା କରିବେ।
- ସ୍ଥାନୀୟ ଏ.ଏନ.ଏମ୍ ବା ଚିକିତ୍ସାଧିକାରୀଙ୍କୁ ନବଜାତ ଶିଶୁର ଜନ୍ମ / ମୃତ୍ୟୁ, ଗର୍ଭବତୀଙ୍କ ମୃତ୍ୟୁ ବିଷୟରେ ସୂଚନା ପ୍ରଦାନ କରିବେ।
- ଶିଶୁଜନ୍ମର ୭ଦିନ ପର୍ଯ୍ୟନ୍ତ ପ୍ରତିଦିନ ମାଆ ଓ ଶିଶୁର ସ୍ୱାସ୍ଥ୍ୟ ବିଷୟରେ ବୁଝି ଆବଶ୍ୟକୀୟ ସେବାଯତ୍ନର ସୁବିଧା କରାଇବା।
- ଶିଶୁଜନ୍ମର ଏକଘଣ୍ଟା ମଧ୍ୟରେ ସ୍ତନ୍ୟପାନ କରାଇବାକୁ ମହିଳାଙ୍କୁ ପରାମର୍ଶ ଦେବେ ଏବଂ ଏହି ପ୍ରକ୍ରିୟା ୩-୬ ମାସ ପର୍ଯ୍ୟନ୍ତ ଚାଲୁ ରଖିବାକୁ କହିବେ। ଆବଶ୍ୟକ ସ୍ଥଳେ ପରିବାର ନିୟୋଜନ ଉପାୟ ବିଷୟରେ ସଚେତନ କରାଇବେ।

ଯୋଗ୍ୟତା : ଜନନୀ ସୁରକ୍ଷା ଯୋଜନାରେ ସମସ୍ତ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗର୍ଭବତୀ ଓ ଆଦିବାସୀ ଗର୍ଭବତୀ ମହିଳା ଅର୍ଥରାଶି ସହାୟତା ପାଇପାରିବେ।

ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ନିମନ୍ତେ

ଗ୍ରାମାଞ୍ଚଳ		ସହରାଞ୍ଚଳ	
ମାଆମାନଙ୍କ ନିମନ୍ତେ	ଆଶାକର୍ମୀଙ୍କ ନିମନ୍ତେ	ମାଆମାନଙ୍କ ନିମନ୍ତେ	ଆଶାକର୍ମୀଙ୍କ ନିମନ୍ତେ
ଟ. ୧୪୦୦.୦୦ (ଜଣ ପିଛା)	ଟ. ୬୦୦ (ଜଣ ପିଛା)	ଟ. ୧୦୦୦.୦୦ (ଜଣ ପିଛା)	ଟ. ୪୦୦.୦୦ (ଜଣ ପିଛା)

ଗୃହରେ ପ୍ରସବ ନିମନ୍ତେ :

ଦାରିଦ୍ର୍ୟ ସୀମାରେଖା ତଳେଥିବା ଗର୍ଭବତୀ ମହିଳାମାନେ ନିଜ ଘରେ ପ୍ରସବ କରାଇବାକୁ ଇଚ୍ଛା କରୁଥିଲେ ସେମାନଙ୍କୁ ଜଣପିଛା ଟ.୫୦୦.୦୦ ପ୍ରଦାନ କରାଯାଏ। ଏଥିପାଇଁ କୌଣସି ବୟସ ସୀମା ବା କେତେ ପିଲା ସେ ସବୁ କିଛି ବିଚାର କରାଯାଏ ନାହିଁ।

ସୋପାନ-୩: ମମତା ଯୋଜନା

ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ନିମନ୍ତେ ରାଜ୍ୟ ସରକାରଙ୍କର "ମମତା" ଏକ ସ୍ୱତନ୍ତ୍ର ଯୋଜନା। ଏଥିରେ ସେମାନଙ୍କୁ ସୁସ୍ଥ ନିରୋଗ ରହିବା ପାଇଁ ଏବଂ ପୁଷ୍ଟିକର ଖାଦ୍ୟର ମାନ ବୃଦ୍ଧି ନିମନ୍ତେ ଅର୍ଥରାଶି ସହାୟତା କରାଯାଇଥାଏ।

ଉଦ୍ଦେଶ୍ୟ : ଗର୍ଭାବସ୍ଥାରେ ଓ ପ୍ରସବ ପରବର୍ତ୍ତୀ ସମୟରେ ଯଥେଷ୍ଟ ପରିମାଣରେ ବିଶ୍ରାମ ନେବା ପାଇଁ ସେମାନଙ୍କୁ ଆଂଶିକ ଭାବରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ।

- ଶିଶୁଜନ୍ମପୂର୍ବରୁ, ଜନ୍ମ ପରବର୍ତ୍ତୀ ଯତ୍ନ ଓ ଟୀକାକରଣ ନିମନ୍ତେ ମାଆ ଓ ଶିଶୁ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାର ଉପାଦେୟତା ବୃଦ୍ଧି କରିବା।
- ମାଆ ଓ ଶିଶୁର ଯତ୍ନ ଅଭ୍ୟାସକୁ ଅଧିକ ବିକଶିତ କରିବା। ବିଶେଷ କରି ସ୍ତନ୍ୟପାନ କରାଇବା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଶିଶୁଖାଦ୍ୟ ପ୍ରଦାନ କରିବା ବିଷୟରେ ସଚେତନ କରିବା।

ଯୋଗ୍ୟତା : ୧୯ ବର୍ଷରୁ ଊର୍ଦ୍ଧ୍ୱ ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳାମାନେ ଦୁଇଟି ଜୀବନ୍ତ ଶିଶୁ ଜନ୍ମକରିବା ପର୍ଯ୍ୟନ୍ତ ସୁବିଧା ପାଇପାରିବେ। କିନ୍ତୁ ସରକାରୀ ଚାକିରୀ କରୁଥିବା ବା ସରକାରୀ ଚାକିରିଆଙ୍କ ସ୍ତ୍ରୀମାନେ ଏହାର ସୁଯୋଗ ପାଇପାରିବେ ନାହିଁ।

ପ୍ରାପ୍ୟ :

- ହିତାଧିକାରୀ ୯ମାସର ଗର୍ଭଧାରଣ କରିବା ପରେ ପ୍ରଥମ କିସ୍ତିରେ ଟ.୩୦୦୦.୦୦ ପାଇବାକୁ ଯୋଗ୍ୟ ହୋଇପାରିବେ (ପ୍ରଥମଗର୍ଭ ହୋଇଥିଲେ ୪ ମାସ), ଯଦି ସେ ଅଙ୍ଗନୱାଡ଼ି / କ୍ଷୁଦ୍ର ଅଙ୍ଗନୱାଡ଼ି କେନ୍ଦ୍ର କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର / ଜିଲ୍ଲା ଚିକିତ୍ସାଳୟ / ବେସରକାରୀ ହସ୍‌ପିଟାଲରେ ନାମ ପଂଜୀକରଣ କରି ଡାକ୍ତରଙ୍କ ପରାମର୍ଶ ନେଇଥିବେ, (୨) ନିଜର ସ୍ୱାସ୍ଥ୍ୟପରୀକ୍ଷା କରାଇଥିବେ, (୩) ଲୌହସାର ବଟିକା ଗ୍ରହଣ କରିଥିବେ, (୪) ଅନ୍ତତଃ ଥରେ ଟିଟାନାଶ ଟୀକାକରଣ କରିଥିବେ, (୫) ଅନ୍ତତଃ ଥରେ ଅଙ୍ଗନୱାଡ଼ି / ଘରେ ଚିକିତ୍ସାକର୍ମୀଙ୍କ ପରାମର୍ଶ ଗ୍ରହଣ କରିଥିବେ। ଏହିସବୁ ୫ଟି ବିଷୟର ଯାଞ୍ଚ / ତଦନ୍ତ ଏ.ଏନ୍.ଏମ୍ କର୍ମୀଙ୍କ ଦାୟିତ୍ୱ।

- ଶିଶୁଜନ୍ମର ୯ ମାସ ପରେ ହିତାଧିକାରୀ ଦ୍ୱିତୀୟ କିସ୍ତିରେ ଟ.୨୦୦୦.୦୦ ପାଇବାକୁ ଯୋଗ୍ୟ ହେବେ, ଯଦି ସେ ଶିଶୁର (୧) ଜନ୍ମ ପଂଜୀକରଣ କରିଥିବେ (୨) ଶିଶୁ ବି.ସି.ଜି. ଟୀକା ନେଇଥିବ, (୩) ଶିଶୁ ପୋଲିଓ-୧, ଡିପିଟି-୧ ଏବଂ ପୋଲିଓ-୨, ଡିପିଟି-୨ ନେଇଥିବେ, (୪) ଶିଶୁ ଜନ୍ମ ସମୟରେ ଓଜନ ହେବା ସହିତ ୨ଥର ଓଜନ ହୋଇ ତଥ୍ୟ ଏମ ସି ପି କାର୍ଡ଼ରେ ଲେଖା ହୋଇଥିବ, (୫) ମାଆ ଅନ୍ତତଃ ଦୁଇଥର ଶିଶୁ ଯତ୍ନ ସମ୍ବନ୍ଧୀୟ ଉପଦେଶାତ୍ମକ ପରାମର୍ଶ ଗ୍ରହଣ କରିଥିବେ। ଏହି ୫ଟି ସର୍ତ୍ତର ତଦାରଖ ଦାୟିତ୍ୱ ଏ.ଏନ.ଏମ୍ କର୍ମୀ ତୁଲାଇବେ।
- ଅନ୍ୟାନ୍ୟ ସର୍ତ୍ତ : ଯଦି ଜଣେ ମହିଳା ତାଙ୍କ ବାପ ଘରେ ଗର୍ଭଧାରଣ କରିବା ଜାଣିବେ, ସେ ସଂପୃକ୍ତ ଅଞ୍ଚଳର ଅଙ୍ଗନୱାଡ଼ି କେନ୍ଦ୍ରରେ ନିଜ ଗର୍ଭଧାରଣ ତଥ୍ୟକୁ ପଞ୍ଜୀକରଣ କରି ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରିପାରିବେ।
- ଯେ କୌଣସି ଅଙ୍ଗନୱାଡି କେନ୍ଦ୍ରରେ ଗର୍ଭବତୀ ମହିଳା ଆବଶ୍ୟକୀୟ ସେବା ପାଇପାରିବେ। କିନ୍ତୁ ସେ ନିଜର ପ୍ରାପ୍ୟ କେବଳ ପଂଜୀକରଣ କରିଥିବା ଅଙ୍ଗନୱାଡ଼ି କେନ୍ଦ୍ରରୁ ପାଇପାରିବେ।

ସୋପାନ-୪ : ମଧ୍ୟାହ୍ନ ଭୋଜନ

ସମଗ୍ର ଦେଶର ବିଦ୍ୟାଳୟ ଯାଉଥିବା ପିଲାଙ୍କ ପୁଷ୍ଟିସାଧନର ଅଭିବୃଦ୍ଧି ନିମନ୍ତେ ଏହି ବିଦ୍ୟାଳୟ ଭୋଜନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ପିଲାମାନଙ୍କର ଉପସ୍ଥାପନ ବୃଦ୍ଧି କରି, ଅଧିକ ସଂଖ୍ୟାରେ ପିଲା ବିଦ୍ୟାଳୟରେ ନାମ ଲେଖାଇବା ସହ ସେମାନଙ୍କର ପୁଷ୍ଟିସାଧନର ସ୍ତରର ବିକାଶ କରିବା ପାଇଁ ଏହି ଯୋଜନାରେ ପ୍ରୟାସ କରାଯାଇଛି।

ଉଦ୍ଦେଶ୍ୟ : ଅପପୁଷ୍ଟିର ମାତ୍ରାକୁ ହ୍ରାସ କରି ପିଲାମାନଙ୍କ ପୁଷ୍ଟିସାଧନ ସ୍ଥିତିର ଅଭିବୃଦ୍ଧି କରିବା ପାଇଁ ଅଧିକ ସଂଖ୍ୟାରେ ସ୍କୁଲ ଆସିବାକୁ ଆକର୍ଷିତ କରିବା। ଏହାଦ୍ୱାରା ଉପସ୍ଥାନ ବୃଦ୍ଧି ହେବା ସହ ଅଧାରୁ ପାଠପଢ଼ା ଛାଡ଼ିଦେବା ସଂଖ୍ୟା ହ୍ରାସ ପାଇବ ଓ ଶିକ୍ଷାଲାଭ ଦ୍ୱାରା ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା।

- ବିଭିନ୍ନ ବର୍ଗ, ଧର୍ମ ଓ ସଂସ୍କୃତି ମଧ୍ୟରେ ଏକତା ଓ ସମତା ବୃଦ୍ଧି କରିବା।

ଯୋଗ୍ୟତା : ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ସରକାରୀ ଅନୁଦାନ ପ୍ରାପ୍ତ, ଆଞ୍ଚଳିକ କେନ୍ଦ୍ର, ଶିକ୍ଷା ସ୍ୱୀକୃତି ଯୋଜନା ଅନ୍ତର୍ଭୁକ୍ତ ଅନୁଷ୍ଠାନ, ଅନ୍ୟାନ୍ୟ ବିକଳ୍ପ ତଥା ନୂତନ ପରିବର୍ତ୍ତିତ ଶିକ୍ଷାନୁଷ୍ଠାନ, ମାଦ୍ରାସା ଏବଂ ସର୍ବଶିକ୍ଷା ଅଭିଯାନ ଅଧିନରେ ଥିବା ଅନୁଷ୍ଠାନ ତଥା ଶ୍ରମ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ପିଲାମାନେ ମଧ୍ୟାହ୍ନ ଭୋଜନ ଗ୍ରହଣ କରିବାକୁ ଯୋଗ୍ୟ ହୋଇପାରିବେ।

ପ୍ରଦତ୍ତ ଖାଦ୍ୟର ସାରଣୀ

ଦିନ	ଖାଦ୍ୟର ପ୍ରକାରଭେଦ
ସୋମବାର	ଭାତ ଓ ଡାଲମା
ମଙ୍ଗଳବାର	ଭାତ ଓ ସୋୟାବଡ଼ି ତରକାରୀ
ବୁଧବାର	ଭାତ ଓ ଅଣ୍ଡା ତରକାରୀ
ଗୁରୁବାର	ଭାତ ଓ ଡାଲମା
ଶୁକ୍ରବାର	ଭାତ ଓ ସୋୟାବଡ଼ି ତରକାରୀ
ଶନିବାର	ଭାତ ଓ ଅଣ୍ଡା ତରକାରୀ

ସୋପାନ-୫ : ସ୍ୱଚ୍ଛ ଭାରତ ମିଶନ

ଉଦ୍ଦେଶ୍ୟ :

- ପରିଷ୍କାର ପରିଚ୍ଛନ୍ନତା / ସଫାସୁତୁରା, ସ୍ୱାସ୍ଥ୍ୟରକ୍ଷା ଓ ବାହାରେ ମଳମୂତ୍ର ତ୍ୟାଗକୁ ଦୂର କରି ଗ୍ରାମାଞ୍ଚଳ ଜୀବନରେ ଜୀବନଧାରଣର ମାନବୃଦ୍ଧି କରିବା ।
- ୨୦୧୯ ମସିହା ଅକ୍ଟୋବର ମାସ ଦୁଇ ତାରିଖ ବେଳକୁ ଗ୍ରାମାଞ୍ଚଳର ପରିମଳ ବ୍ୟବସ୍ଥାରେ ଉନ୍ନତି
- ଗୋଷ୍ଠୀ, ପଞ୍ଚାୟତିରାଜ ଅନୁଷ୍ଠାନକୁ ପ୍ରବର୍ତ୍ତାଇ ଗ୍ରାମାଞ୍ଚଳରେ ପରିମଳ ଅଭ୍ୟାସକୁ ବିଭିନ୍ନ ପ୍ରକାର ସଚେତନାମୂଳକ କାର୍ଯ୍ୟକ୍ରମ ଓ ସ୍ୱାସ୍ଥ୍ୟଶିକ୍ଷା ମାଧ୍ୟମରେ ଦୀର୍ଘସ୍ଥାୟୀ କରିବାକୁ ଚେଷ୍ଟା କରିବା ।
- ନିରାପଦ ଓ ଦୀର୍ଘସ୍ଥାୟୀ ପରିମଳ ବ୍ୟବସ୍ଥା ନିମନ୍ତେ ସ୍ୱଳ୍ପମୂଲ୍ୟର ଉପଯୁକ୍ତ ବୈଷୟିକ ଜ୍ଞାନ କୌଶଳର ଉପଯୋଗ କରିବାକୁ ଉତ୍ସାହିତ କରିବା
- ଗ୍ରାମାଞ୍ଚଳରେ ଆବଶ୍ୟକୀୟ ସ୍ଥାନଗୁଡ଼ିକରେ ଗୋଷ୍ଠୀ ପରିଚାଳିତ ପରିମଳ ବ୍ୟବସ୍ଥାକୁ ବୈଜ୍ଞାନିକ ଉପାୟରେ ପରିଚାଳନା କରି ପରିଷ୍କାର ପରିଚ୍ଛନ୍ନତା ପାଇଁ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା କରିବା ।
- ସଂଖ୍ୟାଲଘୁ ସଂପ୍ରଦାୟ ଗୁଡ଼ିକରେ ପରିମଳ ବ୍ୟବସ୍ଥାର ଉନ୍ନତି ଦ୍ୱାରା ଲିଙ୍ଗଗତ ପ୍ରଭେଦ କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ପକାଇବାକୁ ଚେଷ୍ଟା କରିବା ।

କାର୍ଯ୍ୟକ୍ରମର ଅଂଶବିଶେଷ

(କ) ତଥ୍ୟ, ଶିକ୍ଷା, ଯୋଗାଯୋଗ : ଗ୍ରାମୀଣ ସ୍ୱଚ୍ଛ ଭାରତ ଅଭିଯାନ ଦ୍ୱାରା ପ୍ରଦତ୍ତ କେନ୍ଦ୍ରୀୟ ପାଣ୍ଠିର ୮% ଭାଗ ଉପରୋକ୍ତ ବିଷୟରେ ଖର୍ଚ୍ଚ କରାଯିବ ।

(ଖ) ଦକ୍ଷତା ବୃଦ୍ଧି : ଅଂଶୀଦାର, ପରିମଳ କର୍ମଚାରୀ, ସ୍ୱଚ୍ଛ ବାହିନୀର ସେନା, ପଞ୍ଚାୟତିରାଜ ଅନୁଷ୍ଠାନର ସଭ୍ୟ, ଜିଲ୍ଲାସ୍ତରୀୟ ପରିମଳ ବ୍ୟବସ୍ଥାର ଅଧିକାରୀ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟ, ରାଜମିସ୍ତ୍ରୀ, ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଇତ୍ୟାଦିର କର୍ମଚାରୀମାନଙ୍କ ଦକ୍ଷତା ବୃଦ୍ଧି କରିବା ।

(ଗ) ପରିବାରରେ ବ୍ୟକ୍ତିଗତ ପାଇଖାନା ନିର୍ମାଣ : ଏକ ସଂପୂର୍ଣ୍ଣ ପାରିବାରିକ ଶୌଚାଳୟର ନିମ୍ନଲିଖିତ ପରିମଳ ସୁବିଧା ରହିବା ଆବଶ୍ୟକ ।

(୧) ପରିମଳ ଯୁକ୍ତ ସଂରଚନା; ଯାହାକି ମଳମୂତ୍ରକୁ ସହଜରେ ନଷ୍ଟ କରିବ ଏବଂ ଲୋକଙ୍କୁ ତାହା ସଫା କରିବା ଦରକାର ପଡ଼ିବ ନାହିଁ ।

(୨) ପାଣିର ସୁବିଧା ଥାଇ ଏକ ଉତ୍ତମ ଭିତ୍ତିଭୂମି / ଗଠନ ଶୈଳୀ ।

(୩) ହାତ ଧୋଇବା ଓ ସଫା କରିବା ପାଇଁ ଆବଶ୍ୟକୀୟ ଉପାଦାନ (ସାବୁନ, ତରଳ ବିଶୋଧନ) ଯୋଗ୍ୟତା ଓ ଅଗ୍ରାଧିକାରର ଆଦେଶନାମା ।

(କ) ବି.ପି.ଏଲ, (ଖ) ଏ.ପି.ଏଲ (ଗ) ହରିଜନ/ଆଦିବାସୀ (ଘ) ଭିନ୍ନକ୍ଷମ ବ୍ୟକ୍ତି (ଙ) ବିଧବା / ଭତ୍ତା ପାଉଥିବା ବୃଦ୍ଧ /ବୃଦ୍ଧା (ଚ) ଭୂମିହୀନ ଶ୍ରମିକଙ୍କର ଘରବାଡ଼ି ସମ୍ପତ୍ତି ଥିବ (ଛ) କ୍ଷୁଦ୍ରଚାଷୀ (ଜ) ନାମମାତ୍ର ଚାଷୀ (ଝ) ମହିଳା ପରିଚାଳିତ ପରିବାର ।

ଉପର ଲିଖିତ ପ୍ରତ୍ୟେକ ବିଭାଗର ହିତାଧିକାରୀଙ୍କୁ ଯୋଗ୍ୟ ବିବେଚନା କରାଗଲେ ବି ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳା ଯେଉଁମାନେ ସରକାରଙ୍କର ବିଭିନ୍ନ ଆନୁଷଙ୍ଗିକ ସୁରକ୍ଷାମୂଳକ କାର୍ଯ୍ୟକ୍ରମରେ ପଞ୍ଜୀକରଣ କରିଥିବେ ଓ ସେ ଅଭିଯାନରେ ସାମିଲ ହୋଇଥିବେ ଏବଂ ବାଳିକାମାନଙ୍କ ସୁବିଧାପାଇଁ ଥିବା ଯୋଜନାରେ ସଂପୃକ୍ତ ବାଳିକାଙ୍କ ପରିବାରକୁ ଅଗ୍ରାଧିକାରଭିତ୍ତିରେ ପ୍ରାଧାନ୍ୟ ଦିଆଯିବ।

ପ୍ରାପ୍ୟ :

ପରିମଳଯୁକ୍ତ ଗୋଟିଏ ଶୌଚାଳୟ ନିର୍ମାଣ, ଜଳଯୋଗାଣ ଓ ହାତଧୁଆ ତଥା ସଫା କରିବା ପାଇଁ ବିଶୋଧକ ଦ୍ରବ୍ୟ ସାଇତି ରଖିବା ନିମନ୍ତେ ଟ.୧୨,୦୦୦.୦୦ ପ୍ରଦାନ କରାଯାଇଥାଏ। ଶୌଚାଳୟ ତିଆରି କରିବା ପାଇଁ ଲୋକମାନଙ୍କୁ ପ୍ରୋତ୍ସାହିତ କରିବାକୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଏ। ସେମାନେ ନିଜସ୍ୱ ଶୌଚାଳୟ ନିର୍ମାଣ ପାଇଁ ସଚେତନ ହୋଇ ଅଧିକ ତତ୍ପରତା ସହ କାର୍ଯ୍ୟ କରିବା ପାଇଁ ଓ ସେମାନଙ୍କର ବ୍ୟବହାରରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ପ୍ରୟାସ କରାଯାଇଥାଏ।

(ଘ) ଗୋଷ୍ଠୀ ପରିମଳ ବ୍ୟବସ୍ଥା

- ଗ୍ରାମର ଏକ ସୁବିଧାଜନକ ସ୍ଥାନରେ ସମସ୍ତଙ୍କ ବ୍ୟବହାର ନିମନ୍ତେ ଏକାଧିକ ଶୌଚାଳୟ, ଗାଧେଇବା, ସଫାକରିବା, ହାତଧୁଆ ବେସିନ୍ ଇତ୍ୟାଦି ଏକତ୍ର ନିର୍ମାଣ କରାଯାଇପାରିବ।
- ଗ୍ରାମର ଲୋକମାନଙ୍କର ବ୍ୟକ୍ତିଗତ ଶୌଚାଳୟ ନିର୍ମାଣ ପାଇଁ ଆବଶ୍ୟକୀୟ ଜମିର ଅଭାବ ଥିଲେ ଏପରି ସାମୂହିକ ଶୌଚାଳୟ ତିଆରି କରାଯାଇପାରିବ।
- ସଂପୃକ୍ତଗୋଷ୍ଠୀ / ଗ୍ରାମ ପଞ୍ଚାୟତ ସାମୂହିକ ଶୌଚାଳୟର ରକ୍ଷଣାବେକ୍ଷଣ, ପରିଚାଳନା ଦାୟିତ୍ୱ ବହନ କରିବେ ଏବଂ ଏପରି ସ୍ୱତନ୍ତ୍ର ଶୌଚାଳୟ ନିର୍ମାଣ ପାଇଁ ଦାବୀ ଉପସ୍ଥାପନ କରିବେ।
- ଏଭଳି ବ୍ୟବସ୍ଥା ସର୍ବସାଧାରଣ ସ୍ଥାନ, ମାର୍କେଟ, ବସଷ୍ଟାଣ୍ଡ ଇତ୍ୟାଦି ସ୍ଥାନ ଯେଉଁଠାରେ ଅଧିକ ଜନ ସମାଗମ ହେଉଥାଏ, ସେଠାରେ କରାଯାଇପାରିବ।

(ଙ) କଠିନ ଓ ତରଳ ସମ୍ବଳର ପରିଚାଳନା

- ଗୋଟିଏ ଗ୍ରାମ ପଞ୍ଚାୟତର ପରିବାର ସଂଖ୍ୟାନୁସାରେ ପଞ୍ଚାୟତକୁ ଆର୍ଥିକ ସହାୟତା କରାଯାଏ।
- ଏହି ପ୍ରକଳ୍ପ ଅଧିନରେ କାର୍ଯ୍ୟ କରୁଥିବା ଗ୍ରାମ ପଞ୍ଚାୟତର ପରିବାର ସଂଖ୍ୟା ୧୫୦ ଥିଲେ ସାତ ଲକ୍ଷ ଟଙ୍କା, ୩୦୦ ପରିବାର ପାଇଁ ୧୨ ଲକ୍ଷ, ୫୦୦ ପରିବାର ପାଇଁ ୧୫ ଲକ୍ଷ ଏବଂ ୫୦୦ରୁ ଅଧିକ ପରିବାର ନିମନ୍ତେ ୨୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଥାଏ।

(ଚ) ପରିମଳ ବ୍ୟବସ୍ଥା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ପାଣ୍ଠି

- ଗ୍ରାମୀଣ ସ୍ୱାସ୍ଥ୍ୟ ଅଭିଯାନର ପାଣ୍ଠି ବ୍ୟତୀତ ଜିଲ୍ଲାସ୍ତରରେ ଏକ ସ୍ୱତନ୍ତ୍ର ପାଣ୍ଠି ଗଠନ କରାଯିବ। ସେଥିରୁ ଅର୍ଥ ସୋସାଇଟି, ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ଅନ୍ୟାନ୍ୟ ଗୋଷ୍ଠୀକୁ ଦିଆଯାଇପାରିବ। ଏହାଦ୍ୱାରା ସେମାନେ ସ୍ୱଳ୍ପ ସୁଧହାରରେ ସେମାନଙ୍କ ଗୋଷ୍ଠୀର ସଭ୍ୟମାନଙ୍କୁ ପ୍ରଦାନ କରି ନିଜସ୍ୱ ଶୌଚାଳୟ ନିର୍ମାଣରେ ସହାୟତା କରିପାରିବେ।

- ଏହି ପାଣ୍ଠିରୁ ନେଇଥିବା ଋଣକୁ ହିତାଧିକାରୀ ୧୨-୧୮ଟି କିସ୍ତିରେ ପରିଶୋଧ କରିବେ।

(ଛ) ସ୍ୱେଚ୍ଛାଗ୍ରାହୀ / ସେନା

ଏହି ସ୍ୱେଚ୍ଛାସେବୀମାନେ ଉତ୍ସର୍ଗୀକୃତ ତାଲିମପ୍ରାପ୍ତ କର୍ମୀ ଓ ଗ୍ରାମ ସ୍ତରରେ ପରିମଳ ବ୍ୟବସ୍ଥାକୁ ଉପଯୁକ୍ତ ଭାବରେ ପରିଚାଳନା କରିଥାନ୍ତି।

ସୋପାନ-୬: ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

ଉଦ୍ଦେଶ୍ୟ : ଏହା ରାଜ୍ୟ ସରକାରଙ୍କର ନିଜସ୍ୱ ଯୋଜନା। ଏହି ଯୋଜନାର ଉଦ୍ଦେଶ୍ୟ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ସହ ଆର୍ଥୀକ ଅନଗ୍ରସର ପରିବାରଙ୍କୁ ସ୍ୱାସ୍ଥ୍ୟ ସେବାଜନୀତ ଖର୍ଚ୍ଚରୁ ମୁକ୍ତି ଦେବା ଏବଂ ସୁସ୍ଥ ସମାଜ ଗଠନ କରିବା।

ଏହି ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାଟି ଦୁଇ ପ୍ରକାରର ସେବାରେ ଉପଲବ୍ଧ।

(୧) ମାଗଣା ସ୍ୱାସ୍ଥ୍ୟ ସେବା (୨) ବିଶେଷ ସ୍ୱାସ୍ଥ୍ୟ ସେବା

ମାଗଣା ସ୍ୱାସ୍ଥ୍ୟସେବା

ଯୋଗ୍ୟତା : ରୋଜଗାର କ୍ଷମତା, ଜନ୍ମସ୍ଥାନ ନିର୍ବିଶେଷରେ ସମସ୍ତ ଓଡ଼ିଶାବାସୀଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣା।

ଚିକିତ୍ସାଳୟ : ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସମସ୍ତ ସରକାରୀ ଚିକିତ୍ସାଳୟ।

ସହାୟତା : ସମସ୍ତ ଚିକିତ୍ସା ବ୍ୟବସ୍ଥା ସମ୍ପୂର୍ଣ୍ଣ ମାଗଣା। ଯେଉଁଥିରେ ଔଷଧ, ପରୀକ୍ଷା, କ୍ୟାନସର, କେମୋଥେରାପି, ଓଟି, ଆଇସିୟୁ ଏବଂ ଓପିଡିରେ ଭର୍ତ୍ତି ଇତ୍ୟାଦି ସେବା ଅନ୍ତର୍ଭୁକ୍ତ।

ଦରକାରୀ ପ୍ରମାଣପତ୍ର : କୌଣସି ପ୍ରମାଣପତ୍ରର ଆବଶ୍ୟକତା ନାହିଁ।

ବିଶେଷ ସ୍ୱାସ୍ଥ୍ୟ ସେବା :

ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା କାର୍ଡଧାରୀ, ଅନ୍ତୋଦୟ ଅନ୍ନଯୋଜନା କାର୍ଡଧାରୀ, ବିପିଏଲ ଏବଂ ଗ୍ରାମାଞ୍ଚଳରେ ବସବାସ କରୁଥିବା ପରିବାରର ବାର୍ଷିକ ଆୟ ୫୦ ହଜାରରୁ କମ୍ ସହରାଞ୍ଚଳରେ ବସବାସ କରୁଥିବା ପରିବାର ୬୦ ହଜାରରୁ କମ୍ ହୋଇଥିବ।

ଚିକିତ୍ସାଳୟ : ସମସ୍ତ ସରକାରୀ ଚିକିତ୍ସାଳୟ ତଥା ୨୦୮ ପଞ୍ଜୀକୃତ ବେସରକାରୀ ଚିକିତ୍ସାଳୟ।

ସହାୟତା : ପ୍ରତ୍ୟେକ ପରିବାର ନିମନ୍ତେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ସ୍ୱାସ୍ଥ୍ୟ ବୀମା ତଥା ପରିବାରର ମହିଳା ସଦସ୍ୟଙ୍କ ନିମନ୍ତେ ୭ ଲକ୍ଷ ପର୍ଯ୍ୟନ୍ତ ଦେୟମୁକ୍ତ ସହାୟତା।

ଦରକାରୀ ପ୍ରମାଣପତ୍ର :

ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା, ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ଼, ବି.ପି.ଏଲ, ଅନ୍ତୋଦୟ କାର୍ଡ଼ ଏବଂ ଆୟ ପ୍ରମାଣ ପତ୍ର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପରିବାର ପାଇଁ ଉଦ୍ଦିଷ୍ଟ। ଏହି ଯୋଜନାରେ ପଞ୍ଜୀକୃତ ହୋଇଥିବା ସମସ୍ତ ହିତାଧିକାରୀଙ୍କୁ ସହାୟତା ପ୍ରଦାନ ପାଇଁ ସ୍ୱାସ୍ଥ୍ୟ ମିତ୍ରମାନଙ୍କୁ ନିଯୁକ୍ତି କରାଯାଇଛି।

ଯୋଗାଯୋଗର ବ୍ୟବସ୍ଥା : ଯୋଜନା ସମ୍ବନ୍ଧରେ ସବିଶେଷ ତଥ୍ୟ ଏବଂ ଅଭିଯୋଗ ପାଇଁ ଦେୟମୁକ୍ତ ନମ୍ବର ୧୫୫୩୬୯ରେ ଯେ କୌଣସି ବ୍ୟକ୍ତି ସକାଳ ୬ରୁ ରାତି ୧୦ ପର୍ଯ୍ୟନ୍ତ ଯୋଗାଯୋଗ କରିପାରିବେ।

ଅଧିବେଶନ-୫

ଜୀବିକା ନିର୍ବାହ ଓ ନିଯୁକ୍ତି ଯୋଜନା-୧

ଉଦ୍ଦେଶ୍ୟ : ଅଧିବେଶନ ଶେଷ ହେବାବେଳକୁ ଅଂଶଗ୍ରହଣକାରୀମାନେ ଦୀନଦୟାଲ ଅନ୍ତୋଦୟ ଯୋଜନା ଓ ପ୍ରଧାନମନ୍ତ୍ରୀ ନିଯୁକ୍ତି ମିଶନ ଭଳି ଜୀବିକା ନିର୍ବାହ ଓ ନିଯୁକ୍ତି ଯୋଜନା ସଂପର୍କରେ ମୌଳିକ ଧାରଣା ଲାଭ କରିପାରିବେ ।

ଅଧିବେଶନର କାର୍ଯ୍ୟସୂଚୀ :

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ଦୀନଦୟାଲ ଅନ୍ତୋଦୟ ଯୋଜନା	ଜାତୀୟ ଗ୍ରାମାଞ୍ଚଳ ଜୀବିକାର୍ଜ୍ଜନ ମିଶନ	୧୫ ମିନିଟ୍
୨.	ଜାତୀୟ ଗ୍ରାମୀଣ ଜୀବିକା ମିଶନ ଆଜୀବିକା ଗ୍ରାମୀଣ ଏକ୍ସପ୍ରେସ୍ ଯୋଜନା	ପାୱାର ପଏଣ୍ଟ ଶିକ୍ଷାଦାନ	୧୦ ମିନିଟ୍
୩.	ମହିଳା ସଶକ୍ତିକରଣ ପରିଯୋଜନା	ପାୱାର ପଏଣ୍ଟ ଶିକ୍ଷାଦାନ	୧୫ ମିନିଟ୍
୪.	ପ୍ରଧାନମନ୍ତ୍ରୀ ନିଯୁକ୍ତି	ପାୱାର ପଏଣ୍ଟ ଶିକ୍ଷାଦାନ	୨୦ ମିନିଟ୍
ମୋଟ			୬୦ ମିନିଟ୍

ଆବଶ୍ୟକୀୟ ଉପକରଣ : ପୂର୍ବରୁ ଲେଖା ହୋଇଥିବା ଚାର୍ଟ, ଭିଡ଼ିଓ ଫିଲିମ୍, ପ୍ରକ୍ଷେପକ (ପ୍ରୋଜେକ୍ଟର), କମ୍ପ୍ୟୁଟର, ଷ୍ଟାଣ୍ଡ ସହିତ ଫ୍ଲିପ ଚାର୍ଟ, ମାସ୍କିଙ୍ଗ ଟେପ୍ ଓ ଆବେଦନ ଫର୍ମ

ସୋପାନ-୧ : ଦୀନଦୟାଲ ଅନ୍ତୋଦୟ ଯୋଜନା

ଉଦ୍ଦେଶ୍ୟ :

- ସ୍ୱୟଂ ପରିଚାଳିତ ସ୍ୱଂୟ ସହାୟକ ଗୋଷ୍ଠୀ ମାଧ୍ୟମରେ ଦେଶର ୬ ଲକ୍ଷ ଗ୍ରାମ, ୨.୫ ଲକ୍ଷ ଗ୍ରାମ ପଞ୍ଚାୟତ, ୬୦୦୦ ବ୍ଲକ୍, ୬୦୦ ଜିଲ୍ଲାର ୭ କୋଟି ଦରିଦ୍ର ପରିବାରକୁ ସଶକ୍ତିକରଣ କରିବା ।
- ସଶକ୍ତିକରଣ

ମୁଖ୍ୟ ବୈଶିଷ୍ଟ୍ୟ :

ସାର୍ବଜନୀନ ସାମାଜିକ ପ୍ରସ୍ତୁତି ଓ ସଜ୍ଜୀକରଣ :

ଏହି ମିଶନର ଲକ୍ଷ୍ୟ ଅନୁସାରେ ଚିହ୍ନଟ କରାଯାଇଥିବା ଗ୍ରାମାଞ୍ଚଳର ଦରିଦ୍ର ପରିବାରର ଅନ୍ତତଃ ଜଣେ ମହିଳା ସଭ୍ୟା ସ୍ୱୟଂ ସହାୟିକା ଗୋଷ୍ଠୀ ସଂଘରେ ସାମିଲ ହେବେ । ବିଶେଷ କରି ଅସୁରକ୍ଷିତ ଗୋଷ୍ଠୀ ଯଥା - ଝାଡୁଦାର, ମାନବ ଚାଲାଣ ଗୋଷ୍ଠୀ, ଅସୁରକ୍ଷିତ ଆଦିବାସୀ ସଂପ୍ରଦାୟ । ଭିନ୍ନକ୍ଷମ ବ୍ୟକ୍ତି ଓ ଗୋଟି ଶ୍ରମିକ / କ୍ରୀତଦାସଙ୍କ ପାଇଁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଥାଏ । ଜାତୀୟ ଗ୍ରାମୀଣ ଜୀବିକାର୍ଜ୍ଜନ ଚୁକ୍ତି ଏହିଭଳି ଗୋଷ୍ଠୀରେ ପହଞ୍ଚି ଦାରିଦ୍ର୍ୟ କବଳରୁ ସେମାନଙ୍କୁ ମୁକ୍ତ କରିବା ପାଇଁ ସ୍ୱତନ୍ତ୍ର ଉପାୟ ପ୍ରସ୍ତୁତ କରିଅଛି ।

ସହଯୋଗିତା ଭିତ୍ତିରେ ଦରିଦ୍ରମାନଙ୍କୁ ଚିହ୍ନଟ କରିବା : ଗୋଷ୍ଠୀ ସ୍ତରରେ ଜାତୀୟ ଗ୍ରାମୀଣ ଜୀବନଜୀବିକା ଚୁକ୍ତି ଅଧିନରେ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଦରିଦ୍ରମାନଙ୍କୁ ସହଯୋଗିତା ଭିତିରେ ଚିହ୍ନଟ କରାଯିବ ।

ଗୋଷ୍ଠୀ ପାଣ୍ଠିକୁ ସମ୍ବଳ ଭାବରେ ଚିରସ୍ଥାୟୀ କରିବା

ଦରିଦ୍ର ଲୋକମାନଙ୍କ ଆନୁଷ୍ଠାନିକ ଓ ଆର୍ଥିକ ପରିଚାଳନା ଦକ୍ଷତାର ସଶକ୍ତିକରଣ ନିମନ୍ତେ ଜାତୀୟ ଗ୍ରାମୀଣ ଜୀବନ ଜୀବିକା ମିଶନ ସେମାନଙ୍କୁ ଦୁଇପ୍ରକାର ପାଣ୍ଠି ଯୋଗାଇ ଦେଇ ତାହାକୁ ଚିରସ୍ଥାୟୀ କରିଥାଏ । ଫଳରେ ସେମାନେ ମୂଳ ବ୍ୟାଙ୍କରୁ ଆର୍ଥିକ ସହାୟତା ପାଇବା ପାଇଁ ଆଗ୍ରହୀ ହୋଇପାରିବେ ।

ଅର୍ଥନୈତିକ ଅନ୍ତର୍ଭୁକ୍ତକରଣ / ମିଶ୍ରଣ : ଜାତୀୟ ଗ୍ରାମୀଣ ଜୀବନ ଜୀବିକା ମିଶନ ଚାହିଦା ଓ ଯୋଗାଣ ଉଭୟେ ଦିଗରୁ କାର୍ଯ୍ୟ କରିଥାଏ । ଚାହିଦା ଦୃଷ୍ଟିରୁ ଦରିଦ୍ରମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ସ୍ୱୟଂ ସହାୟକ ଗୋଷ୍ଠୀ ଓ ସେମାନଙ୍କ ସଂଘକୁ ପାଣ୍ଠି ଯୋଗାଇଥାଏ । ଯୋଗାଣ ଦିଗରୁ ମିଶନ ଅର୍ଥନୈତିକ ସଂସ୍ଥାଗୁଡ଼ିକ ମଧ୍ୟରେ ସଂଯୋଗ ସ୍ଥାପନ କରିବା ସହ ତଥ୍ୟ, ଯୋଗାଯୋଗ ଓ ବୈଷୟିକ କୌଶଳଭିତ୍ତିକ ଅର୍ଥନୈତିକ କୌଶଳ ବ୍ୟବହାର କରିବାକୁ ଉତ୍ସାହିତ କରିଥାଏ । ଗୋଷ୍ଠୀରେ "ବ୍ୟାଙ୍କମିତ୍ର" ଭଳି ସହାୟକ ଓ ବ୍ୟବସାୟିକ କର୍ମକର୍ତ୍ତାଙ୍କ ସହାୟତା ନେବା ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରିଥାଏ । ଗ୍ରାମାଞ୍ଚଳର ଗରିବ ଜନସାଧାରଣଙ୍କ ଜୀବନ, ସ୍ୱାସ୍ଥ୍ୟ ଓ ଧନସଂପଦର କ୍ଷୟକ୍ଷତି / ବିପଦ ବିରୋଧରେ ସାର୍ବଜନୀନ ସୁରକ୍ଷା ଦିଗରେ କାର୍ଯ୍ୟ କରିଥାଏ । ଆହୁରି ମଧ୍ୟ ଏହି ମିଶନ ସ୍ଥାନାନ୍ତର ଗମନକୁ ନିଷେଧ କରାଯାଇଥିବା ଅଞ୍ଚଳରେ ଅର୍ଥପ୍ରଦାନ କରିବା କାର୍ଯ୍ୟ କରିଥାଏ ।

ଜୀବିକାନିର୍ବାହ : ଜାତୀୟ ଗ୍ରାମୀଣ ଜୀବନ ଜୀବିକା ମିଶନ ଗରିବମାନଙ୍କ ପ୍ରଚଳିତ ଜୀବିକାର୍ଜ୍ଜନ ଦକ୍ଷତାକୁ ସୁଦୃଢ଼ କରିବା କ୍ଷେତ୍ରରେ ଗୁରୁତ୍ୱ ଆରୋପ କରିଥାଏ ଏବଂ ଅସୁରକ୍ଷିତତା ହ୍ରାସ, ଜୀବିକାର୍ଜ୍ଜନ ପନ୍ଥାରୁ ଅଭିବୃଦ୍ଧି ତଥା ନିଯୁକ୍ତି ଦକ୍ଷତା ବୃଦ୍ଧି ମାଧ୍ୟମରେ ଲୋକମାନଙ୍କୁ ସଶକ୍ତ ଓ ସୁଦୃଢ଼ କରିଥାଏ ।

ପ୍ରଚଳିତ ଜୀବିକାନିର୍ବାହ ପନ୍ଥାକୁ ବୃଦ୍ଧି କରିବାର ବିକଳ୍ପ ଉପାୟ ଓ କୃଷିକ୍ଷେତ୍ର ତଥା କୃଷିକାର୍ଯ୍ୟ ବ୍ୟତୀତ ଅନ୍ୟାନ୍ୟ ବିଭାଗରେ ନୂତନ ସୁଯୋଗ ସୃଷ୍ଟିକରିବା, ଅଞ୍ଚଳ ବାହାରେ ଚାକିରୀ ନିମନ୍ତେ ଦକ୍ଷତା ବୃଦ୍ଧି କରିବା ସହିତ କ୍ଷୁଦ୍ର ବ୍ୟବସାୟିକ ସଂସ୍ଥା ମାଧ୍ୟମରେ ଆତ୍ମନିର୍ଭରଶୀଳ ହେବା ଦ୍ୱାରା ଲୋକମାନଙ୍କ ଜୀବିକାଜୀବନ ଅସୁରକ୍ଷିତ ହ୍ରାସ ପାଇପାରିବ ।

ବିଭିନ୍ନ କ୍ଷେତ୍ରରୁ ଆସି ଏକତ୍ର ହେବା / ଏକଭିମୁଖୀତା ଏବଂ ସହଭାଗୀତା / ଭାଗୀଦାରିତା :

କେନ୍ଦ୍ର ମନ୍ତ୍ରଣାଳୟର ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମ ଓ ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମର ସମ୍ମିଳିତ ପଦକ୍ଷେପ ପାଇଁ ଏହି ମିଶନ ଅଧିକ ଗୁରୁତ୍ୱ ଦେଇଥାଏ । ଦରିଦ୍ର ଲୋକମାନଙ୍କ ସଂଗଠନକୁ ରାଜ୍ୟ ସରକାର ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସାହାଯ୍ୟ କରି ସେମାନଙ୍କ କ୍ଷମତା ବୃଦ୍ଧି କରିବା ପାଇଁ ଏକାଭୀମୁଖୀତା କାର୍ଯ୍ୟକ୍ରମଗୁଡ଼ିକୁ ଖୋଜି ବାହାର କରିଥାଏ ।

ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଓ ଅନ୍ୟାନ୍ୟ ବେସାମରିକ ସାମାଜିକ ଅନୁଷ୍ଠାନ ଗୁଡ଼ିକ ମଧ୍ୟରେ ସହଭାଗୀତା – ଦୁଇଟି ସ୍ତର – ଜାତୀୟ ଗ୍ରାମୀଣ ଜୀବିକା ନିର୍ବାହ ମିଶନ ଅଧିକ ସକ୍ରିୟ ଭାବରେ ବେସରକାରୀ ଓ ବେସାମରିକ ସାମାଜିକ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସହଭାଗୀତା ସୃଷ୍ଟି କରିବା ପାଇଁ ଦୁଇଟି ସ୍ତରରେ ପ୍ରଯତ୍ନ କରିଥାଏ । ଯଥା – ଯୋଜନା ପରିକଳ୍ପନା ଓ ତାହା କାର୍ଯ୍ୟକାରୀ କରିବା ।

ପଞ୍ଚାୟତିରାଜ ଅନୁଷ୍ଠାନ ସହ ସଂପର୍କ ସ୍ଥାପନ : ଗ୍ରାମ ପଞ୍ଚାୟତ ସ୍ତରରେ ଦରିଦ୍ର ଜନସାଧାରଣଙ୍କ ଅନୁଷ୍ଠାନ ଓ ପଞ୍ଚାୟତ

ମଧ୍ୟରେ ଆପୋଷ ସଂପର୍କ ସ୍ଥାପନ ପାଇଁ ଉପାୟ ସ୍ଥିର କରି ତାକୁ କାର୍ଯ୍ୟକାରୀ କରିବା। ପରସ୍ପର ମଧ୍ୟରେ ପରାମର୍ଶ, ସହାୟତା ଓ ସମ୍ବଳର ଅଦଳବଦଳ ନିମନ୍ତେ ନିୟମିତ ପରାମର୍ଶ କରିବାପାଇଁ ଏକ ବ୍ୟବହାରିକ ଯୋଜନାମୂଳକ ଭିତ୍ତିଭୂମି ସ୍ଥାପନ କରିବା।

ଅନ୍ୟାନ୍ୟ ବୈଶିଷ୍ଟ୍ୟ :

- କୃଷି କ୍ଷେତ୍ରରେ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବାପାଇଁ ସେମାନଙ୍କୁ ସଂଗଠିତ କରି ପ୍ରସ୍ତୁତ କରିବା।
- କୃଷି କ୍ଷେତ୍ରରେ ମହିଳାମାନଙ୍କ ଦକ୍ଷତା ବୃଦ୍ଧି କରିବା ସହିତ ସେମାନଙ୍କ କାର୍ଯ୍ୟକଳାପକୁ ପରିଚାଳନା କରି ଦୀର୍ଘସ୍ଥାୟୀ କରିବାକୁ ବିଭିନ୍ନ ପଦକ୍ଷେପ ନିଆଯିବ। ଯଥା - ଜ୍ଞାନସଂପ୍ରସାରଣ ପ୍ରକ୍ରିୟା, ପ୍ରଶିକ୍ଷଣ / ତାଲିମ କିମ୍ବା ପରୀକ୍ଷାମୂଳକ ପ୍ରାମାଣିକ ପ୍ରଦର୍ଶନ, ଚାଷୀ ଓ ବୈଜ୍ଞାନିକମାନଙ୍କ ମଧ୍ୟରେ ପାରସ୍ପରିକ ଭାବ ବିନିମୟ, ବାହାରକୁ ପରିଭ୍ରମଣ କରିବାକୁ ଯାଇ ସାର୍ବଜନୀନ ତଥ୍ୟ ଜାଣିବା ମାଧ୍ୟମରେ ସେମାନଙ୍କୁ ବିଭିନ୍ନ କୃଷିକାର୍ଯ୍ୟର ଦକ୍ଷତା ଓ କୌଶଳ ଦ୍ୱାରା ପ୍ରଭାବିତ କରିପାରିବା।
- କୃଷିକ୍ଷେତ୍ରରେ ଉପକୃତ ହେବା ସହ ଉତ୍ପାଦନ କ୍ଷମ ସମ୍ପତ୍ତି ସୃଷ୍ଟିପାଇଁ ମହିଳାମାନଙ୍କୁ ଜଳ ଓ ଜମି ଅଧିଗ୍ରହଣ ସମ୍ବନ୍ଧୀୟ ଦକ୍ଷତା ବୃଦ୍ଧିକରିବା।
- କୃଷିକାର୍ଯ୍ୟରେ ମହିଳାମାନଙ୍କୁ ସହାୟତା କରିବା ପାଇଁ ହାଟ ବଜାରର ସୁବିଧା ଓ ମଜୁରୀ ବ୍ୟବସ୍ଥାରେ ଉନ୍ନତି ଆଣିବା ଆବଶ୍ୟକ।
- ଅଳ୍ପ ପାରିଶ୍ରମିକରେ / ମଜୁରୀରେ କଠିନ ପରିଶ୍ରମ କରିବା ସ୍ଥିତିର ହ୍ରାସ ନିମନ୍ତେ ଲିଙ୍ଗଗତ ପ୍ରଭେଦକୁ ଭୁଲି ପରସ୍ପର ମଧ୍ୟରେ ବୈଷୟିକ ଜ୍ଞାନ କୌଶଳରେ ଆଦାନ ପ୍ରଦାନ ହେବା ଆବଶ୍ୟକ।
- ପାରିବାରିକ ଓ ଗୋଷ୍ଠୀ ସ୍ତରରେ ମହିଳାମାନଙ୍କ ଖାଦ୍ୟ ଓ ପୁଷ୍ଟିକର ନିରାପତ୍ତା କୃଷିକାର୍ଯ୍ୟ ପାଇଁ ଜରୁରୀ ଆବଶ୍ୟକ।
- ପାଣିପାଗ ପରିବର୍ତ୍ତନଜନିତ ବିପଦର ପରିଚାଳନା ନିମନ୍ତେ ନୂତନ ପଦକ୍ଷେପ ଗ୍ରହଣ କରିବା।

ସୋପାନ-୨ : ଜାତୀୟ ଗ୍ରାମୀଣ ଜୀବିକା ମିଶନ ଆଜୀବିକା ଗ୍ରାମୀଣ ଏକ୍ସପ୍ରେସ୍ ଯୋଜନା

ଆଜୀବିକା ଗ୍ରାମୀଣ ତ୍ୱରିତ ଯୋଜନା = ୨୦୧୭-୧୮ ଆର୍ଥିକ ବର୍ଷରୁ ଭାରତ ସରକାର ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା ଅଧିନରେ ଏକ ନୂତନ ଅଧିଯୋଜନା ଜାତୀୟ ଗ୍ରାମୀଣ ଜୀବିକାର୍ଜ୍ଜନ ମିଶନକୁ ଆଜୀବିକା ଗ୍ରାମୀଣ ତ୍ୱରିତ ଯୋଜନା କାର୍ଯ୍ୟକାରୀ କରିବାକୁ ଅଧିକାର ଦେଇଛନ୍ତି।

ଉଦ୍ଦେଶ୍ୟ :

ରାଜ୍ୟ ସରକାରଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ପଛୁଆ / ଅନଗ୍ରସର ଗ୍ରାମାଞ୍ଚଳରେ ସର୍ବସାଧାରଣ ଯାହାୟତ ନିମନ୍ତେ ପରିବହନ ସେବା କାର୍ଯ୍ୟକାରୀ କରିବା।

ପ୍ରଧାନ ବୈଶିଷ୍ଟ୍ୟ : ଏହି କାର୍ଯ୍ୟକ୍ରମ ଅଧିନରେ ଗୋଷ୍ଠୀ ନିବେଶ ପାଣ୍ଠିକୁ ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନାର ନିୟମାନୁସାରେ ଗୋଷ୍ଠୀସ୍ତରୀୟ ଅନୁଷ୍ଠାନକୁ ଯୋଗାଇ ଦିଆଯିବ। ସେ ପାଣ୍ଠି ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟମାନଙ୍କୁ ସର୍ବସାଧାରଣ ପରିବହନ ସେବା ଯୋଗାଇବା ନିମନ୍ତେ ଖର୍ଚ୍ଚ କରିବାରେ ବିନିଯୋଗ କରିବାକୁ ପ୍ରଦାନ କରାଯିବ। ଏହି ଯୋଜନା କାର୍ଯ୍ୟକାରୀ କରିବାପାଇଁ ରାଜ୍ୟ ସରକାରଙ୍କ ନିମ୍ନଲିଖିତ ଦୁଇଟି ବିକଳ୍ପ ପନ୍ଥା ରହିଛି -

ପ୍ରଥମ ବିକଳ୍ପ : ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟ ହିତାଧିକାରୀଭାବେ ଏକ ନିର୍ଦ୍ଦିଷ୍ଟ ରାସ୍ତାରେ ଗାଡ଼ି ଚଳାଇବେ ଓ ଗୋଷ୍ଠୀ ପରିଚାଳିତ ସଂଗଠନକୁ ମାସିକ ଭଡ଼ା ବାବଦରେ ଅର୍ଥପ୍ରଦାନ କରିବେ। ଅନ୍ତତଃ ୬ ବର୍ଷ ମଧ୍ୟରେ ହିତାଧିକାରୀ ମୋଟରଯାନର ମୂଲ୍ୟ ପରିଶୋଧ କରିବେ। ଏହି ସମୟ ମଧ୍ୟରେ ଅନ୍ୟ କୌଣସି ସୁଧ ନିଆଯିବ ନାହିଁ। ଯାନର ବାର୍ଷିକ ବୀମାଖର୍ଚ୍ଚ, ରାସ୍ତା ଟିକସ, ଅନୁମତି ଓ ରକ୍ଷଣାବେକ୍ଷଣା ଖର୍ଚ୍ଚ - ଯେପରିକି ଟାୟାର ବଦଳ କରିବା ଇତ୍ୟାଦି ଗୋଷ୍ଠୀ ସଂଗଠନ କରିବ। ଏହି ଯୋଜନା ୨୦୧୭-୨୦୧୮ ଓ ୨୦୧୯-୨୦୨୦ ବର୍ଷ ସମୟ ମଧ୍ୟରେ ଗାଡ଼ି ପିଛା ସର୍ବାଧିକ ପାଣ୍ଠି ବିନିଯୋଗ ୨ ଲକ୍ଷରୁ ଅଧିକ ହେବନାହିଁ। ଆବଶ୍ୟକ ସ୍ଥଳେ, ସମସ୍ତ ଖର୍ଚ୍ଚର ହିସାବ ଗୋଷ୍ଠୀ ସଂଗଠନ ଦ୍ୱାରା ସଂପାଦିତ ହେବ। ଗାଡ଼ିର ଦୈନନ୍ଦିନ ସାଧାରଣ ଖର୍ଚ୍ଚ ଯଥା - ତେଲ, ଇଂଜିନ ତେଲ, ସଫା କରିବା ଇତ୍ୟାଦି ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟ ବହନ କରିବେ।

୨ୟ ବିକଳ୍ପ : ଗାଡ଼ି / ଯାନ କିଣିବା ପାଇଁ ଗୋଷ୍ଠୀ ସଂଗଠନ ତା'ର ନିଜସ୍ୱ ସଞ୍ଚୟପାଣ୍ଠିରୁ ଅର୍ଥ ସ୍ୱୟଂସହାୟକ ଗୋଷ୍ଠୀ ସଭ୍ୟଙ୍କୁ ପ୍ରଦାନ କରିବେ। ସଂପୃକ୍ତ ସଭ୍ୟ ଏହି ଋଣକୁ ଅନ୍ତତଃ ୬ବର୍ଷ ମଧ୍ୟରେ ପରିଶୋଧ କରିବା ଆବଶ୍ୟକ ଏବଂ ଗାଡ଼ିର ଆନୁସଙ୍ଗିକ ସମସ୍ତ ଖର୍ଚ୍ଚ ଯଥା - ବୀମା ଖର୍ଚ୍ଚ, ରାସ୍ତା ଟିକସ, ଅନୁମତି, ରକ୍ଷଣାବେକ୍ଷଣ ଖର୍ଚ୍ଚ ତଥା ଅନ୍ୟାନ୍ୟ ସାଧାରଣ ଖର୍ଚ୍ଚ - ତେଲ, ଇନ୍ଧନ ଇତ୍ୟାଦି ବହନ କରିବେ। ଋଣ ପରିଶୋଧ କରିଦେବା ପରେ ଗାଡ଼ିର ମାଲିକାନା ସ୍ୱତ୍ୱ ସ୍ୱୟଂସହାୟକ ଗୋଷ୍ଠୀ ସଭ୍ୟଙ୍କୁ ନାମକୁ ପରିବର୍ତ୍ତନ କରାଯିବ।

ସୋପାନ-୨ : ମହିଳା କିଶାନ ସଶକ୍ତିକରଣ ପରିଯୋଜନା

ଉଦ୍ଦେଶ୍ୟ : କୃଷିକ୍ଷେତ୍ରରେ ମହିଳାମାନଙ୍କୁ ସଶକ୍ତିକରଣ କରିବା ଏହି ଯୋଜନାର ପ୍ରାଥମିକ ଉଦ୍ଦେଶ୍ୟ। ସେମାନଙ୍କ ଅଂଶଗ୍ରହଣ ଓ କାର୍ଯ୍ୟରେ ସଫଳତା ଆଣିବା ସହ ଅଧିକ ଉତ୍ପାଦନ ନିମନ୍ତେ ଉପଯୁକ୍ତ ପଦ୍ଧତିରେ ବିନିଯୋଗ କରିବା ଏବଂ କୃଷିକାର୍ଯ୍ୟ ମାଧ୍ୟମରେ ଜୀବିକାର୍ଜ୍ଜନ ପନ୍ଥା ସୃଷ୍ଟିକରି ତାକୁ ଦୀର୍ଘସ୍ଥାୟୀ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ।

ପ୍ରଧାନ ବୈଶିଷ୍ଟ୍ୟ :

- ଜାଳେଣୀ କାଠ ଓ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ଆଦିବାସୀ ମହିଳାମାନଙ୍କ ନିମନ୍ତେ ନିମ୍ନଲିଖିତ ବିଷୟ ସଂଯୋଗ କରାଯିବ।
- ସଂପୃକ୍ତ ଅଞ୍ଚଳରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରି ନୂତନ ବ୍ୟବସାୟ କରିବା ଉପାୟ ସୃଷ୍ଟିକରି ଲୋକମାନଙ୍କ ଜୀବିକାର୍ଜ୍ଜନ ପନ୍ଥାକୁ ବୃଦ୍ଧି କରିବା ଏବଂ ମୂଲଚାଲ କରିବା ଦକ୍ଷତା ବୃଦ୍ଧି କରିବା। ଫଳରେ ସୁସଂଗଠିତ ଉପାୟରେ ବ୍ୟବସାୟର ପରିବର୍ତ୍ତନ ଉଲ୍ଲେଖନୀୟ ହେବ।
- ନିର୍ଦ୍ଦିଷ୍ଟ କେତେକ ସ୍ଥାନରେ ପଞ୍ଚାୟତ ସମିତି ଓ ବେସରକାରୀ ସଂଗଠନର ସଭ୍ୟମାନଙ୍କ ମଧ୍ୟରେ ସହଭାଗୀତାର ଆଦର୍ଶ ଦୃଷ୍ଟାନ୍ତ ସୃଷ୍ଟି କରିବା। ପ୍ରାୟ ୧୦ଲକ୍ଷ ଆଦିବାସୀ ପରିବାରକୁ ସୁସଂଗଠିତ ପଦ୍ଧତିରେ ନିୟୋଜିତ କରି ସେମାନଙ୍କୁ ଉତ୍ପାଦିତ ଶସ୍ୟ ସଂଗ୍ରହ, ସଂରକ୍ଷଣ, ମୂଲ୍ୟ ନିର୍ଦ୍ଧାରଣ ଓ ବିକ୍ରି କରିବା ନିମନ୍ତେ ଗୋଷ୍ଠୀ ସଂଘ ସହ ସଂଯୋଗ ସ୍ଥାପନ କରିବା ପାଇଁ ଉତ୍ସାହିତ କରିବା।
- ଉତ୍ପାଦନକାରୀଙ୍କୁ ସେମାନଙ୍କ ଆବଶ୍ୟକ ସ୍ୱତନ୍ତ୍ର ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ପରିବର୍ତ୍ତନ କରିବା, କଠିନ ପରିଶ୍ରମ ଲାଘବ କରିବା ପାଇଁ ନୂତନ ଉପାୟ ଅବଲମ୍ବନ କରିବା ଓ ଅନ୍ୟାନ୍ୟ ମୂଲ୍ୟବୋଧଭିତ୍ତିକ ବୈଷୟିକ ଜ୍ଞାନ

ଯୋଗାଇ ଦେବା। ଏହି ସଫଳତା ପାଇବା ପାଇଁ ଦୀର୍ଘସ୍ଥାୟୀ ନୀତିରେ ଉତ୍ପାଦନ ବୃଦ୍ଧିକରିବା ପାଇଁ ଗୋଷ୍ଠୀକୁ ବୈଷୟିକ ଜ୍ଞାନକୌଶଳ ବିଭିନ୍ନ ସଂସ୍ଥା ଦ୍ୱାରା ପ୍ରଦାନ କରିବା।

- ସମସ୍ତ ଅଂଶୀଦାରଙ୍କୁ ପ୍ରକୃତ ବଜାର ଦରର ତଥ୍ୟ ଜଣାଇବା ବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶକରି ଅବଗତ କରିବା ଦ୍ୱାରା ସମାନ ଗୁଣବତ୍ତା ତଥ୍ୟର ଅଭାବ ଦୂର କରାଯାଇପାରିବ। ଏହା ବ୍ୟତୀତ ଏକକ ଗୁଣବିଶିଷ୍ଟ ତଥ୍ୟ ପ୍ରକାଶ କରିବା ଆବଶ୍ୟକ। ଫଳରେ ବଜାର, ବୈଷୟିକ କୌଶଳ ଓ ପ୍ରଶିକ୍ଷଣ ସମ୍ବନ୍ଧୀୟ ତଥ୍ୟ ସହଜ ସୁବିଧାରେ ପ୍ରସାରିତ ହୋଇପାରିବ।
- ସାଙ୍ଗଠନିକ ସୁବିଧା ଯଥା - ସଂରକ୍ଷଣ, ପ୍ରକ୍ରିୟାକରଣ, ସଠିକ୍ ହିସାବ, କାର୍ଯ୍ୟକ୍ଷମ ପାଣ୍ଠିର ପରିଚାଳନା ଇତ୍ୟାଦି ସୃଷ୍ଟି କରିବା ପାଇଁ ଜଟିଳ ସମସ୍ୟାବହୁଳ ଅର୍ଥ ଲଗାଣକୁ ବାସ୍ତବ ମୂଲ୍ୟଭିତ୍ତିକ ବ୍ୟବସ୍ଥା ଭାବରେ ପରିଚାଳନା କରିବା।

ଚତୁର୍ଥ ପ୍ରସଙ୍ଗ : ନୂତନ ଗ୍ରାମୀଣ ଉଦ୍ୟୋଗିକ କାର୍ଯ୍ୟକ୍ରମ : ଗ୍ରାମୀଣ ବ୍ୟବସାୟିକ କାର୍ଯ୍ୟକ୍ରମର ଅୟମାରମ୍ଭ କରିବା ଜାତୀୟ ଗ୍ରାମୀଣ ଜୀବିକା ନିର୍ବାହ ମିଶନ ଅଧିନସ୍ଥ ଏକ ଉପଯୋଜନା। ଏହା ଗ୍ରାମାଞ୍ଚଳରେ ବ୍ୟବସାୟ କ୍ଷେତ୍ରରେ ସାହସିକ ପଦକ୍ଷେପ ନେଇ କାର୍ଯ୍ୟ ଆରମ୍ଭ କରିଥାଏ।

ଉଦ୍ଦେଶ୍ୟ : ଏହି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳରେ ଗରିବ ପରିବାରକୁ ଆବଶ୍ୟକୀୟ ଆର୍ଥିକ ସହାୟତା ଯୋଗାଇ ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ସହ ଗ୍ରାମ ସ୍ତରରେ ଉଦ୍ୟୋଗ ବିକାଶ ନିମନ୍ତେ ପରାମର୍ଶ ଦେଇ ନୂତନ ଉଦ୍ୟୋଗ ସୃଷ୍ଟି କରିବାକୁ ଚେଷ୍ଟା କରିଥାଏ। ଓଡ଼ିଶା ସମେତ ୧୩ଟି ଅତି ଦରିଦ୍ର ରାଜ୍ୟରେ ଜାତୀୟ ଗ୍ରାମୀଣ ଜୀବିକାର୍ଜ୍ଜନ ସଂସ୍ଥାର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବ।

ସୋପାନ-୪ : ପ୍ରଧାନମନ୍ତ୍ରୀ ନିଯୁକ୍ତି

ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ କ୍ଷୁଦ୍ର ପ୍ରକଳ୍ପ ମାଧ୍ୟମରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୩୧.୦୩.୨୦୦୮ ମସିହା ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ଓ ଗ୍ରାମାଞ୍ଚଳ ନିଯୁକ୍ତି ସୃଷ୍ଟିକାରୀ କାର୍ଯ୍ୟକ୍ରମ ଦୁଇଟିକୁ ମିଶାଇ ଭାରତ ସରକାର ଏକ ନୂତନ ଲାଭଦାୟକ ଆର୍ଥିକ ସହାୟତାମୂଳକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ରାଜ୍ୟସ୍ତରରେ ଏହି ଯୋଜନା ରାଜ୍ୟଖଦୀବୋର୍ଡ ନିର୍ଦ୍ଦେଶାଳୟ, ରାଜ୍ୟ ଖଦୀ ଓ ଗ୍ରାମାଞ୍ଚଳ ଶିଳ୍ପ ବୋର୍ଡ ଓ ଜିଲ୍ଲା ଶିଳ୍ପକେନ୍ଦ୍ର ଓ ବ୍ୟାଙ୍କମାନଙ୍କ ଜରିଆରେ କାର୍ଯ୍ୟକାରୀ ହେବ।

ଉଦ୍ଦେଶ୍ୟ :

- ଦେଶର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ନୂତନ ସ୍ୱରୋଜଗାର ପ୍ରକଳ୍ପ / କ୍ଷୁଦ୍ରଶିଳ୍ପ ଇତ୍ୟାଦି ପ୍ରତିଷ୍ଠା କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିବା।
- ଦେଶର ପାରଂପରିକ ଶିଳ୍ପୀ / କାରିଗର, ଗ୍ରାମାଞ୍ଚଳ ଓ ସହରାଞ୍ଚଳର ବେକାରୀ ଯୁବଗୋଷ୍ଠୀକୁ ଏକାଠି କରି ସେମାନଙ୍କୁ ସେମାନଙ୍କ ଅଞ୍ଚଳରେ ଯଥାସମ୍ଭବ ଆତ୍ମନିଯୁକ୍ତି ସୁଯୋଗ ପ୍ରଦାନ କରିବା।
- ଦେଶର ଗ୍ରାମାଞ୍ଚଳ ଓ ସହରାଞ୍ଚଳର କୁଶଳୀ କାରିଗର ଓ ବେକାରୀ ଯୁବଗୋଷ୍ଠୀକୁ ନିରବଚ୍ଛିନ୍ନ ଓ ଦୀର୍ଘସ୍ଥାୟୀ ନିଯୁକ୍ତି ଯୋଗାଇଦେବା ଏବଂ ଚାକିରୀ / ରୋଜଗାର ଆଶାରେ ସହରାଭିମୁଖୀ ହେଉଥିବା ଗ୍ରାମାଞ୍ଚଳର ଯୁବଗୋଷ୍ଠୀ ସ୍ଥାନାନ୍ତର ହେବାକୁ ହ୍ରାସ କରିବାରେ ସହାୟତା କରିବା।

- କାରିଗରମାନଙ୍କ ରୋଜଗାର କ୍ଷମତାକୁ ବୃଦ୍ଧିକରିବା ଓ ଗ୍ରାମ ଓ ସହରାଞ୍ଚଳ ନିଯୁକ୍ତି କ୍ଷେତ୍ରରେ ଅଭିବୃଦ୍ଧି କରିବାପାଇଁ ସହାୟତା କରିବା ।

ଉପକାର ଓ ଆର୍ଥିକ ସହାୟତା

ହିତାଧିକାରୀଙ୍କ ବିଭାଗୀକରଣ	ହିତାଧିକାରୀଙ୍କ ଅବଦାନ	ସହାୟତା ରାଶିର ହାର	
		ସହରାଞ୍ଚଳ	ଗ୍ରାମାଞ୍ଚଳ
ସାଧାରଣ ବର୍ଗ	୧୦%	୧୫%	୨୫%
ଆଦିବାସୀ / ହରିଜନ / ଓବିସି / ସଂଖ୍ୟାଲଘୁ / ମହିଳା	୦୫%	୨୫%	୩୫%

୨. ପୂର୍ବତନ ଚାକିରିଆ, ଶାରୀରିକ ଭିନ୍ନକ୍ଷମ, ପାହାଡ଼ିଆ ଓ ସୀମାନ୍ତ ଅଞ୍ଚଳ ବାସିନ୍ଦା ଇତ୍ୟାଦି

- ଶିଳ୍ପ କାରଖାନ କ୍ଷେତ୍ରରେ ଗୋଟିଏ ପ୍ରକଳ୍ପ / ସଂସ୍ଥା ପାଇଁ ଅତିବେଶୀରେ ୨୫ ଲକ୍ଷ ଟଙ୍କା ପ୍ରଦାନ କରିବାର ସୁବିଧା ରହିଛି ।
- ବ୍ୟବସାୟ / ସେବା ଯୋଗାଇବା ନିମନ୍ତେ ପ୍ରକଳ୍ପ ପାଇଁ ଅତିବେଶୀରେ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ସୁବିଧା ରହିଛି ।
- ସାଧାରଣ ବର୍ଗର ହିତାଧିକାରୀ / ଅନୁଷ୍ଠାନକୁ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ବ୍ୟାଙ୍କ ୯୦% ଅନୁଦାନ ପ୍ରଦାନ ପାଇଁ ଅନୁମୋଦନ କରିଥା'ନ୍ତି । ସ୍ୱତନ୍ତ୍ର ବର୍ଗର ହିତାଧିକାରୀ / ଅନୁଷ୍ଠାନକୁ ପ୍ରକଳ୍ପ ନିମନ୍ତେ ୯୫% ଅନୁଦାନ ମିଳିଥାଏ । ପ୍ରକଳ୍ପ ପ୍ରତିଷ୍ଠା ପାଇଁ ସଂପୂର୍ଣ୍ଣ ଖର୍ଚ୍ଚ ସଂପୃକ୍ତ ବ୍ୟକ୍ତି / ଅନୁଷ୍ଠାନ କରିଥାନ୍ତି ।

ହିତାଧିକାରୀମାନଙ୍କ ଯୋଗ୍ୟତା :

- ୧୮ ବର୍ଷରୁ ଉର୍ଦ୍ଧ୍ୱ ଯେ କୌଣସି ଭାରତୀୟ ନାଗରିକ ।
- ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟିକାରୀ ପ୍ରକଳ୍ପ ଅଧିନରେ ପ୍ରକଳ୍ପ ନିର୍ମାଣ ପାଇଁ କୌଣସି ରୋଜଗାର କରୁ ନ ଥିବେ ।
- ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟ ଶିଳ୍ପ କାରଖାନା ପ୍ରତିଷ୍ଠା କରିବା ଏବଂ ୫ ଲକ୍ଷରୁ ଅଧିକ ମୂଲ୍ୟର ବ୍ୟବସାୟ / ଅନ୍ୟାନ୍ୟ କାର୍ଯ୍ୟ କରିବା ପାଇଁ ହିତାଧିକାରୀ ଅତିକମ୍‌ରେ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବାର ଶିକ୍ଷାଗତ ପ୍ରମାଣପତ୍ର ଥିବା ଆବଶ୍ୟକ ।
- ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟିକାରୀ କାର୍ଯ୍ୟକ୍ରମ ଅଧିନରେ ନୂତନ ପ୍ରକଳ୍ପ ପାଇଁ ଅନୁମୋଦନ ପାଇଥିଲେ କେବଳ ସେମାନଙ୍କୁ ସହାୟତା କରିବା ପାଇଁ ଅର୍ଥ ଉପଲବ୍ଧ ହୋଇପାରିବ ।
- ବିପିଏଲ ବର୍ଗର ସ୍ୱୟଂ ସହାୟକ ଗୋଷ୍ଠୀ ଅନ୍ୟ କୌଣସି ଯୋଜନାରେ ଉପକୃତ ହୋଇ ନ ଥିଲେ ସେମାନେ ଏହି ଯୋଜନାରେ ସହାୟତା ପାଇପାରିବେ / ପାଇବାକୁ ଯୋଗ୍ୟ ହୋଇପାରିବେ ।
- ୧୮୬୦ ମସିହା ସୋସାଇଟି ପଞ୍ଜୀକରଣ ଆଇନ ଅନୁସାରେ ଅନୁଷ୍ଠାନକୁ ରେଜିଷ୍ଟ୍ରିଭୁକ୍ତ କରିଥିବା ଅନୁଷ୍ଠାନ ଯୋଗ୍ୟ ହେବେ ।

- ଉତ୍ପାଦନ କ୍ଷମ କୋ-ଅପରେଟିଭ୍ ସୋସାଇଟି ଓ ଦାତବ୍ୟ ଟ୍ରଷ୍ଟ / ବଦାନ୍ୟ ଅନୁଷ୍ଠାନ ସମୂହ ।
- କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଅଧିନରେ ଉପକୃତ ହୋଇ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଓ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ସହାୟତା ରାଶି ପାଇଥିବା ପ୍ରକଳ୍ପ ପୁଣିଥରେ ସହାୟତା ପାଇବାକୁ ଯୋଗ୍ୟ ହେବେନାହିଁ ।
- ଏହି ଯୋଜନା ଅଧିନରେ ପ୍ରକଳ୍ପ ଖର୍ଚ୍ଚ ନିମନ୍ତେ ପୁଞ୍ଜି ଲଗାଣ କରି ନଥିବା ସଂସ୍ଥା ଆର୍ଥିକ ସହାୟତା ପାଇବାକୁ ଯୋଗ୍ୟ ହେବେ ନାହିଁ । ୫ ଲକ୍ଷରୁ ଅଧିକ ମୂଲ୍ୟର ପ୍ରକଳ୍ପ ଯଦି କାର୍ଯ୍ୟକାରୀ ହେବାପାଇଁ ପାଣ୍ଠି ଆବଶ୍ୟକ କରୁ ନଥାନ୍ତି ଏବଂ ବ୍ୟାଙ୍କ ଅଧିକାରୀ ବା ଆଞ୍ଚଳିକ କାର୍ଯ୍ୟାଳୟରୁ ଋଣମୁକ୍ତ ହୋଇଥିବା ପ୍ରମାଣପତ୍ର ଚାହୁଁଥା'ନ୍ତି, ସେମାନେ ଅନୁଦାନ ପାଇଁ ଆବେଦନ କରିବା ସମୟରେ ସମସ୍ତ ଅନୁମୋଦନ ପତ୍ର ସହ ଆବେଦନ କରିବେ ।
- ପ୍ରକଳ୍ପ ମୂଲ୍ୟ ସହ ଜମିର ମୂଲ୍ୟ ଅନ୍ତର୍ଭୁକ୍ତ ହେବ ନାହିଁ । ନିର୍ମାଣ ସରି କାର୍ଯ୍ୟକ୍ଷମ ହେଉଥିବା କର୍ମଶାଳା / କାର୍ଯ୍ୟକ୍ଷେତ୍ର କିମ୍ବା ଦୀର୍ଘମିଆଦି ସୂତ୍ରରେ ଲିଜ୍‌ରେ ଆସିଥିବା କର୍ମଶାଳା ବା ଭଡ଼ାରେ ନିଆଯାଇଥିବା ଗୃହକୁ ଅନୁଦାନ ଦେବା ସମୟରେ ୩ବର୍ଷ ପର୍ଯ୍ୟନ୍ତ ମୂଲ୍ୟ ନିର୍ଦ୍ଧାରଣ କରି ସହାୟତା ପ୍ରଦାନ କରାଯାଇଥାଏ ।
- କୋ-ଅପରେଟିଭ ସୋସାଇଟି / ଟ୍ରଷ୍ଟ, ହରିଜନ / ଆଦିବାସୀ / ଓବିସି / ମହିଳା / ଶାରୀରିକ ଭିନ୍ନକ୍ଷମ / ପୂର୍ବତନ କର୍ମଚାରୀ ଏବଂ ସଂଖ୍ୟା ଲଘୁ ସଂପ୍ରଦାୟର ଅନୁଷ୍ଠାନକୁ ନିୟମାନୁସାରେ ସ୍ୱତନ୍ତ୍ର ବର୍ଗରେ ସେମାନଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥାଏ ।
- କୌଣସି ସ୍ୱତନ୍ତ୍ର ବର୍ଗରେ ରେଜିଷ୍ଟ୍ରିଭୁକ୍ତ ହୋଇ ନ ଥିବା ଅନୁଷ୍ଠାନ ବା ଉତ୍ପାଦନକାରୀ ସମବାୟ ସମିତି / ଟ୍ରଷ୍ଟ ସାଧାରଣ ବର୍ଗରେ ଅନୁଦାନ ପାଇବାକୁ ଯୋଗ୍ୟ ହୋଇପାରିବେ ।
- ପ୍ରଧାନମନ୍ତ୍ରୀ ନିଯୁକ୍ତି ଯୋଜନାରେ ଗୋଟିଏ ପରିବାରର ମାତ୍ର ଜଣେ ବ୍ୟକ୍ତି ଆର୍ଥିକ ସହାୟତା ପାଇବା ପାଇଁ ଯୋଗ୍ୟ ହୋଇଥାନ୍ତି । ପରିବାର କହିଲେ ନିଜେ ଏବଂ ନିଜର ସ୍ତ୍ରୀ ।

ଆବେଦନ କରିବାର ପ୍ରଣାଳୀ / ପଦ୍ଧତି :

- ଦରଖାସ୍ତ / ଆବେଦନ କମ୍ପ୍ୟୁଟର ମାଧ୍ୟମରେ କରାଯିବା ଆବଶ୍ୟକ ।
- ଦରଖାସ୍ତ ପାଇବାର ୫ଟି କାର୍ଯ୍ୟଦିବସ ମଧ୍ୟରେ ସଂପୃକ୍ତ ଅଧିକାରୀ ଆବେଦନକାରୀଙ୍କ ସହ ଟେଲିଫୋନ୍ ବା ବ୍ୟକ୍ତିଗତ ସାକ୍ଷାତ କରି ଦରଖାସ୍ତ ପାଇବା ସମ୍ବନ୍ଧରେ ତଦାରଖ କରିବେ ।
- ପ୍ରତ୍ୟେକ ସ୍ତରରେ ନୋଡ଼ାଲ ଅଫିସର ସମସ୍ତ ଆବଶ୍ୟକୀୟ ସଂଶୋଧନ ଆବେଦନକାରୀଙ୍କ ସହ ପରାମର୍ଶ କରି ପଦକ୍ଷେପ ନେବେ ଏବଂ ଆବଶ୍ୟକ ସହାୟତା ପ୍ରଦାନ କରିବେ ।
- ଯୋଜନାର ନିୟମାନୁସାରେ ଦରଖାସ୍ତ ସଂପୂର୍ଣ୍ଣ ହୋଇ ନ ଥିବ ବା ଆବେଦନକାରୀଙ୍କ ସହ ପରାମର୍ଶ କରିବା ପରେ ବି ଅସଂପୂର୍ଣ୍ଣ ତଥା ଅପ୍ରାସଙ୍ଗିକ ହୋଇଥାଏ ତେବେ ନୋଡ଼ାଲ ଅଫିସର ଦରଖାସ୍ତକୁ ନାମଞ୍ଜୁର / ଅଗ୍ରାହ୍ୟ କରି ତା'ର କାରଣଗୁଡ଼ିକ ଲିପିବଦ୍ଧ କରି ରଖନ୍ତି ।
- ଏଭଳି ଅଗ୍ରାହ୍ୟ ବିରୋଧରେ ଆବେଦନକାରୀ ରାଜ୍ୟ ନିର୍ଦ୍ଦେଶକଙ୍କୁ ଆବେଦନ କରିପାରିବେ ।
- ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା କଲେକ୍ଟର ସଭାପତିତ୍ୱରେ ଜିଲ୍ଲା ଟାସ୍କଫୋର୍ସ ଦରଖାସ୍ତର ପ୍ରସ୍ତାବଗୁଡ଼ିକୁ ଯାଞ୍ଚ କରିଥାନ୍ତି ।

- ପ୍ରାଥମିକ ଯାଞ୍ଚ ପରେ ଚୁଡ଼ାନ୍ତ ସଠିକ୍ ଦରଖାସ୍ତଗୁଡ଼ିକୁ ଜିଲ୍ଲା ସ୍ତରୀୟ ସଂସ୍ଥାଗୁଡ଼ିକ ଜିଲ୍ଲାଧିକାରୀ ତଥା ଆର୍ଥିକ ସହାୟତା ପ୍ରଦାନ କରିବାପାଇଁ ଚୟନ କରାଯାଇଥିବା ବ୍ୟାଙ୍କକୁ ପଠାଇ ଦେଇଥା'ନ୍ତି।
- ଜିଲ୍ଲା ଶିଳ୍ପାନୁଷ୍ଠାନର ମୁଖ୍ୟ ପରିଚାଳକ ଜିଲ୍ଲା ଟାସ୍କଫୋର୍ସ କମିଟିର ସଂଚାଳକ ଭାବରେ ଗ୍ରହଣ କରିଥିବା ସମସ୍ତ ଦରଖାସ୍ତଗୁଡ଼ିକୁ ଜିଲ୍ଲା ଟାସ୍କଫୋର୍ସ କମିଟିରେ ଉପସ୍ଥାପନ କରନ୍ତି। ଟାସ୍କଫୋର୍ସ କମିଟିର ବୈଠକ ମାସକୁ ଅନ୍ତତଃ ଗୋଟିଏ ଥର ଅନୁଷ୍ଠିତ ହେବା ଆବଶ୍ୟକ।
- ଯଦି ୪୫ଦିନ ମଧ୍ୟରେ ଜିଲ୍ଲାସ୍ତରୀୟ କମିଟି କୌଣସି ନିଷ୍ପତ୍ତି ପ୍ରଦାନ କରନ୍ତି ନାହିଁ, ତେବେ ସଂପୃକ୍ତ ବ୍ୟାଙ୍କ ନିଜ ତରଫରୁ ପଦକ୍ଷେପ ଗ୍ରହଣ କରିଥା'ନ୍ତି। ଅଗ୍ରାହ୍ୟ କରାଯାଇଥିବା ଦରଖାସ୍ତ କ୍ଷେତ୍ରରେ ଆବେଦନକାରୀଙ୍କୁ ଅଗ୍ରାହ୍ୟ ହେବାର କାରଣଗୁଡ଼ିକ ସ୍ପଷ୍ଟ ଭାବରେ ଜଣାଇ ଦିଆଯିବା ଆବଶ୍ୟକ।
- ପ୍ରତ୍ୟେକ ପ୍ରକଳ୍ପର ସ୍ଥାୟୀତ୍ୱ ତଥା ସଫଳ କାର୍ଯ୍ୟ ଦକ୍ଷତାକୁ ଆଧାର କରି ବ୍ୟାଙ୍କ ପ୍ରକଳ୍ପ ମୂଲ୍ୟ ନିର୍ଦ୍ଧାରଣ କରି ନିଜର ନିଷ୍ପତ୍ତି ଗ୍ରହଣ କରିଥାଏ। ଟାସ୍କଫୋର୍ସ ଦ୍ୱାରା ସ୍ୱୀକୃତି ପାଇଥିବା ପ୍ରକଳ୍ପକୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବାପାଇଁ ରିଜର୍ଭ ବ୍ୟାଙ୍କର ନିୟମାନୁସାରେ ବ୍ୟାଙ୍କ କୌଣସି ଅତିରିକ୍ତ ବନ୍ଧକ ପାଇଁ ଦାବୀ କରିପାରିବେ ନାହିଁ।
- ଆବେଦନକାରୀ ରାଜ୍ୟ କାର୍ଯ୍ୟାଳୟ ସହ ପରାମର୍ଶ କରି ଆବେଦନ କରିବା ପରେ ଋଣ ପାଇବା ପାଇଁ ଅପେକ୍ଷା ନ କରି ଯେ କୌଣସି ସମୟରେ ଇଡିପି ପ୍ରଶିକ୍ଷଣ ନେଇପାରିବେ। ଏଥିପାଇଁ ତାଙ୍କୁ ତାଲିମ୍ ବାବଦରେ ପାରିଶ୍ରମିକ ଦେବାକୁ ପଡ଼େ। କାରଣ ଏହା ଏକ ସ୍ୱୟଂ ପରିଚାଳିତ ସଂସ୍ଥା।
- ଆବେଦନକାରୀ ଋଣ ପାଇବା ପାଇଁ ଅନୁମତି ପାଇବା ପରେ ଅର୍ଥପ୍ରଦାନକାରୀ ବ୍ୟାଙ୍କରେ ୧୦ଦିନ ମଧ୍ୟରେ ଇଡିପି ତାଲିମ ପ୍ରମାଣ ପତ୍ର ଓ ଆବଶ୍ୟକୀୟ ଅନୁଦାନ ରାଶି ପ୍ରଦାନ କରିବେ।

ଅଧିବେଶନ-୬

ଜୀବିକାନିର୍ବାହ ଓ ନିଯୁକ୍ତି ଯୋଜନା-୨

ଉଦ୍ଦେଶ୍ୟ : ଅଧିବେଶନ ଶେଷବେଳକୁ ଅଂଶଗ୍ରହଣକାରୀମାନେ କୃଷି ସମ୍ବନ୍ଧୀୟ ଜୀବିକା ନିର୍ବାହ ଯୋଜନାଗୁଡ଼ିକ ଯଥା - ପରଂପରାଗତ କୃଷିବିକାଶ ଯୋଜନା, ରାଷ୍ଟ୍ରୀୟ କୃଷିବିକାଶ ଯୋଜନା ଓ କିଷାନ କ୍ରେଡିଟ୍ କାର୍ଡ଼ ବିଷୟକ ମୌଳିକ ଧାରଣା ଲାଭ କରିପାରିବେ ।

ଅଧିବେଶନର କାର୍ଯ୍ୟସୂଚୀ :

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ରାଷ୍ଟ୍ରୀୟ କୃଷିବିକାଶ ଯୋଜନା	ପାୱାର ପଏଣ୍ଟ ଉପସ୍ଥାପନ	୨୦ ମିନିଟ୍
୨.	କିଷାନ କ୍ରେଡ଼ିଟ୍ କାର୍ଡ଼	ପାୱାର ପଏଣ୍ଟ ଉପସ୍ଥାପନ	୨୦ ମିନିଟ୍
୩.	ପରଂପରାଗତ କୃଷିବିକାଶ ଯୋଜନା	ପାୱାର ପଏଣ୍ଟ ଉପସ୍ଥାପନ	୨୦ ମିନିଟ୍
ମୋଟ			**୬୦ ମିନିଟ୍**

ଆବଶ୍ୟକୀୟ ଉପକରଣ : ପୂର୍ବରୁ ଲେଖା ହୋଇଥିବା ଚାର୍ଟ, ଭିଡ଼ିଓ ଫିଲିମ୍, ପ୍ରକ୍ଷେପକ (ପ୍ରୋଜେକ୍ଟର), କମ୍ପ୍ୟୁଟର, ଷ୍ଟାଣ୍ଡ ସହିତ ଫ୍ଲିପ ଚାର୍ଟ, ମାସ୍କିଙ୍ଗ ଟେପ୍ ଓ ଆବେଦନ ଫର୍ମ

ସୋପାନ-୧ : ରାଷ୍ଟ୍ରୀୟ କୃଷିବିକାଶ ଯୋଜନା

ଏହି ଯୋଜନା ଅଧିନରେ କୃଷିକ୍ଷେତ୍ରର ସାମଗ୍ରିକ ବିକାଶ ସହିତ ରାଜ୍ୟକୁ ନିଜର କୃଷି ସମ୍ବନ୍ଧରେ ନିଷ୍ପତ୍ତି ନେବାକୁ ସୁଯୋଗ ଦିଆଯାଇଥାଏ । ଜିଲ୍ଲା / ରାଜ୍ୟ କୃଷି ଯୋଜନା ଅନୁସାରେ ଅନ୍ୟାନ୍ୟ ଅନୁବଂଧିତ ମିତ୍ରଶକ୍ତିର ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ ସହାୟତା କରିଥାଏ । କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଏହି ସହାୟକ ଯୋଜନା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ୬୦:୪୦ ସହାୟତା ଅନୁଦାନରେ କାର୍ଯ୍ୟ କରିଥାଏ ।

ଉଦ୍ଦେଶ୍ୟ :

- ଚାଷୀମାନଙ୍କ ଦକ୍ଷତା ବୃଦ୍ଧି, ବିପଦ ପ୍ରଶମନ ଏବଂ କୃଷିଭିତ୍ତିକ ବ୍ୟବସାୟିକ ଶିଳ୍ପ ପ୍ରଚଳନ କରିବା ଦ୍ୱାରା କୃଷିକୁ ପାରିଶ୍ରମିକ ପ୍ରଦାନକାରୀ ଅର୍ଥନୈତିକ କାର୍ଯ୍ୟରେ ପରିଣତ କରିବା ।
- ଉତ୍ପାଦନ ପୂର୍ବରୁ ଓ ପରେ କୃଷକମାନଙ୍କୁ କୃଷିକାର୍ଯ୍ୟ ସମ୍ବନ୍ଧୀୟ ଆନୁସଙ୍ଗିକ ପଦ୍ଧତି ସମ୍ବନ୍ଧରେ ଜଣାଇ ସେମାନଙ୍କ ଦକ୍ଷତା ବୃଦ୍ଧିକରିବା । ଯାହାକି ଉତ୍ତମ ଗୁଣବତ୍ତା ବୃଦ୍ଧିକରିବା, ସଂରକ୍ଷଣ, ବଜାର ସୁବିଧା ଇତ୍ୟାଦି ବିଷୟରେ ଅବଗତ କରାଇବା ଦ୍ୱାରା କୃଷକମାନେ ନିଜ ଇଚ୍ଛାମୁତାବକ ପଦକ୍ଷେପ ଗ୍ରହଣ କରିଥା'ନ୍ତି ।
- ସ୍ଥାନୀୟ / ଚାଷୀମାନଙ୍କ ଆବଶ୍ୟକତା ଅନୁସାରେ ରାଜ୍ୟକୁ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବା ପାଇଁ ସ୍ୱାଧୀନତା ପ୍ରଦାନ କରିଥାଏ ।

- କୃଷକମାନଙ୍କୁ ସେମାନଙ୍କ ରୋଜଗାର ବୃଦ୍ଧିକରିବା ସହ ଉତ୍ପାଦନ / ଉତ୍ପାଦନକ୍ଷମତା ବୃଦ୍ଧି କରିବାକୁ ଉତ୍ସାହିତ କରିବା ପାଇଁ ଆଦର୍ଶ ଉତ୍ପାଦନ କ୍ଷେତ୍ର ସହିତ ସଂଲଗ୍ନ କରି ସେମାନଙ୍କୁ ସହାୟତା କରିବା।
- ଚାଷୀମାନଙ୍କ ବିପଦ ପ୍ରଶମନ କରିବା ପାଇଁ ଅନ୍ୟାନ୍ୟ ଅତିରିକ୍ତ ରୋଜଗାର ସୃଷ୍ଟି କରିବା ଦିଗରେ ଦୃଷ୍ଟି ଦିଆଯିବ। ଯଥା - ସମନ୍ୱୀତ ଚାଷକରିବା, ଛତୁଚାଷ, ମହୁମାଛି ପାଳନ କରି ମହୁସଂଗ୍ରହ କରିବା, ସୁବାସିତ ମସଲା ଚାଷ, ଫୁଲ ଚାଷ ଇତ୍ୟାଦି କରିବା ପାଇଁ ପ୍ରୋତ୍ସାହିତ କରିବା।
- ଅନ୍ୟାନ୍ୟ ଅନେକ ଉପଯୋଜନା ମାଧ୍ୟମରେ ଜାତୀୟ ସୁବିଧା ସୁଯୋଗକୁ ଅଗ୍ରାଧିକାରକୁ ପ୍ରାପ୍ତ ହେବା।
- ଯୁବଗୋଷ୍ଠୀକୁ କୃଷି ପ୍ରତି ଆକୃଷ୍ଟ କରିବା ପାଇଁ ଦକ୍ଷତା ବିକାଶ, ସଂସ୍କାରମୂଳକ ନୂତନ କୃଷିଶିଳ୍ପଭିତ୍ତିକ ବ୍ୟବସାୟ ସମ୍ବନ୍ଧରେ ସେମାନଙ୍କୁ ଅବଗତ କରାଇ ସେମାନଙ୍କୁ ସଶକ୍ତ କରିବା।

ଯୋଗ୍ୟତା :

- କୃଷିକାର୍ଯ୍ୟ (ଉଦ୍ୟାନ କୃଷି ସହିତ) ପଶୁପାଳନ ଓ ମାଛଚାଷ, ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ବିକାଶ, କୃଷି ସମ୍ବନ୍ଧୀୟ ଗବେଷଣା ଓ ଶିକ୍ଷା, ବନ୍ୟ ସଂରକ୍ଷଣ ଓ ବନ୍ୟଜନ୍ତୁ ସଂରକ୍ଷଣ, ବୃକ୍ଷରୋପଣ ଓ କୃଷିଭିତ୍ତିକ ବ୍ୟବସାୟିକରଣ, ଖାଦ୍ୟ ସଂରକ୍ଷଣ, ଗୋଦାମ ପରିଚାଳନା, ମାଟି ଓ ଜଳ ସଂରକ୍ଷଣ, କୃଷି ସମ୍ବନ୍ଧୀୟ ଅର୍ଥନୈତିକ ସଂସ୍ଥା, ଅନ୍ୟାନ୍ୟ କୃଷିଭିତ୍ତିକ କାର୍ଯ୍ୟକ୍ରମ ଓ ସହଯୋଗ ଇତ୍ୟାଦି ଅଧିକାରରେ ଥିବା ବିଭାଗ।
- ବାର୍ଷିକ ଯୋଜନାନୁସାରେ ଅନୁମୋଦିତ ଅର୍ଥ ରାଜ୍ୟ ସରକାର, କେନ୍ଦ୍ର ସରକାରଙ୍କ ପରିଚାଳିତ ଅନୁଷ୍ଠାନ, ସ୍ୱୟଂଶାସିତ ସଂସ୍ଥା, ଜାତୀୟ / ଆନ୍ତର୍ଜାତୀୟ ଅନୁଷ୍ଠାନକୁ ପ୍ରଦାନ କରାଯିବ।

ଅର୍ଥପ୍ରଦାନ ପଦ୍ଧତି : ନିମ୍ନଲିଖିତ ବିଭାଗୀୟ ମାନଦଣ୍ଡ ଅନୁସାରେ ରାଜ୍ୟଗୁଡ଼ିକ ମଧ୍ୟରେ ବାର୍ଷିକ ବ୍ୟୟର ୭୦% ଅନୁଦାନ ପ୍ରଦାନ କରାଯାଇଥାଏ। ଯଥା - ସାଂଗଠନିକ ସଂରଚନା ଓ ସମ୍ପତ୍ତି = ୭୦% ରୁ ୫୦%, ଉତ୍ପାଦନପୂର୍ବର ଅବସ୍ଥିତି = ୨୦%, ଉତ୍ପାଦନ ପରବର୍ତ୍ତୀ ସମୟରେ ୩୦% ଅର୍ଥ ନିୟମିତ ରାଷ୍ଟ୍ରୀୟ କୃଷିବିକାଶ ଖର୍ଚ୍ଚ ନିମନ୍ତେ ପ୍ରଦାନ କରାଯିବ।

- ଚାଷୀମାନଙ୍କୁ ଅତିରିକ୍ତ ରୋଜଗାର ଯୋଗାଇବା ପାଇଁ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ବ୍ୟବସାୟକୁ ପ୍ରକୃତ ମୂଲ୍ୟାୟନ ସହ ସଂଯୋଗ କରିବା। ସର୍ବସାଧାରଣ ଓ ବ୍ୟକ୍ତିଗତ ସହଭାଗୀତା ନିମନ୍ତେ ସମ୍ମିଳିତ କୃଷି ବିକାଶ ପ୍ରକଳ୍ପ ନିୟମିତ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଖର୍ଚ୍ଚର ୭୦% ରୁ ୩୦% ପ୍ରଦାନ କରାଯିବ।
- ରାଷ୍ଟ୍ରୀୟ କୃଷିବିକାଶ ଯୋଜନାର ନିୟମିତ ଖର୍ଚ୍ଚ ନିମନ୍ତେ ୭୦% ରୁ ୨୦% ପାଣ୍ଠି ଦିଆଯିବ। ରାଜ୍ୟ ସଂସ୍ଥା ଏହି ପାଣ୍ଠିକୁ ବ୍ୟୟ କରି ସେଠାକାର ସ୍ଥାନୀୟ ଆବଶ୍ୟକତାନୁସାରେ ଯେ କୌଣସି ଅନୁଷ୍ଠାନକୁ ସହାୟତା କରିବେ। ଯଦ୍ଦ୍ୱାରା ସେମାନେ ନୂଆ ନୂଆ କାର୍ଯ୍ୟକ୍ରମ ତଥା ନୂତନ କୌଶଳ ପ୍ରୟୋଗ କରି କୃଷିକ୍ଷେତ୍ରରେ ପରିବର୍ତ୍ତନ ଆଣିପାରିବେ।
- ଋଣପାଇଁ ଆବେଦନ କରିବାର ପ୍ରସ୍ତାବ ଓ ଘଟଣାକୁ ବିଚାର କରି ତଦନୁସାରେ ପାଣ୍ଠି ପ୍ରଦାନ କରାଯାଏ।

ସୋପାନ-୨ : କିଷାନ କ୍ରେଡ଼ିଟ କାର୍ଡ଼

ଉଦ୍ଦେଶ୍ୟ : ଚାଷ କାର୍ଯ୍ୟ ନିମନ୍ତେ ସ୍ୱଳ୍ପ ଖର୍ଚ୍ଚର ଆବଶ୍ୟକତା ପୂରଣ ପାଇଁ କୃଷକମାନଙ୍କୁ ଏହି କାର୍ଡ଼ ପ୍ରଦାନ କରାଯାଇ ସେମାନଙ୍କୁ ଆବଶ୍ୟକୀୟ ଋଣ ସୁବିଧାରେ ପାଇବାରେ ସକ୍ଷମ କରାଇବା।

ଯୋଗ୍ୟତା :

- ନିଜର ଚାଷ ଥିବା କୃଷକ ବ୍ୟକ୍ତିଗତ ବା ଏକତ୍ର ମିଶି କରଜ ଓ ଋଣ ନେବାପାଇଁ ଯୋଗ୍ୟ ହୋଇପାରିବେ ।
- ଭାଗଚାଷୀ, ମୌଖିକ ଭାବରେ ଲିଜ୍ ନେଇଥିବା ଓ ଭଡ଼ାଟିଆ ଚାଷୀ ଇତ୍ୟାଦି ।
- ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ମିଳିତ ଉତ୍ତରଦାୟୀ କୃଷକ ଦଳ ।
- ହିତାଧିକାରୀଙ୍କ ବୟସ ଅତିବେଶୀରେ ୭୦ ବର୍ଷ ହେବା ଆବଶ୍ୟକ ।

କ୍ରେଡ଼ିଟ କାର୍ଡ଼ର ବିଷୟବସ୍ତୁ :

ଏହି ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ କ୍ରେଡ଼ିଟ କାର୍ଡ଼ ଓ ଗୋଟିଏ ବ୍ୟାଙ୍କ ଖାତା ଦିଆଯିବ କିମ୍ବା କ୍ରେଡ଼ିଟ କାର୍ଡ଼ ସହ ବ୍ୟାଙ୍କ ଖାତା ଦିଆଯିବ, ଯେଉଁଥିରେ ହିତାଧିକାରୀଙ୍କ ନାମ, ଠିକଣା, ଜମିର ଆବଶ୍ୟକୀୟ ତଥ୍ୟ, ଋଣର ପରିମାଣ, ଅବଧି ଏବଂ ତାଙ୍କର ଏକ ପାସ୍‌ପୋର୍ଟ ଆକାର ଫଟୋ ରହିଥିବ । ଏହା ଉଭୟ ପରିଚୟ ପତ୍ର ଓ ଟଙ୍କା ଦେଣନେଣର ହିସାବକୁ ପ୍ରଦର୍ଶିତ କରିଥାଏ ।

ହିତାଧିକାରୀ ଋଣଗ୍ରହୀତା ବ୍ୟାଙ୍କ ଆକାଉଣ୍ଟ କାର୍ଯ୍ୟକାରୀ କରିବା ସମୟରେ ଏହି କାର୍ଡ଼କୁ ଅର୍ଥପ୍ରଦାନ କରିବା ଓ

- କୃଷିକାର୍ଯ୍ୟ ନିମନ୍ତେ ଟ.୫୦୦୦.୦୦ କିମ୍ବା ତା'ଠାରୁ ଅଧିକ ପରିମାଣର ଅତ୍ୟାବଶ୍ୟକ ଋଣ ପ୍ରଦାନ କରିଥାଏ ।
- ଅତ୍ୟାବଶ୍ୟକ ଋଣ ନିମନ୍ତେ ଟଙ୍କା ଉଠାଣ ପାଇଁ ଉଦ୍ଧିଷ୍ଟ ଲିଖିତ ତଥ୍ୟ ଥିବା ଫର୍ମ ବ୍ୟବହାର କରିବେ । ୨୫ ହଜାର ବା ତାଠାରୁ ଅଧିକ ପରିମାଣର ଅର୍ଥ ପାଇଁ ବ୍ୟାଙ୍କ ଚେକ୍ ବହି ବ୍ୟବହାର କରିବେ ।
- ବ୍ୟକ୍ତିଗତ ଦୁର୍ଘଟଣା ବୀମା ନିମନ୍ତେ ମୃତବ୍ୟକ୍ତି ବୀମା ଅନୁଦାନ ନିୟମିତ ପୂରଣ କରିଥିଲେ, ୫୦ ହଜାର ଟଙ୍କା ଓ ଭିନ୍ନକ୍ଷମ ହେଲେ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥାଏ ।

ସୋପାନ-୩: ପରଂପରାଗତ କୃଷି ବିକାଶ ଯୋଜନା

ଉଦ୍ଦେଶ୍ୟ : ଏହି ଯୋଜନାରେ ପ୍ରାକୃତିକ ଉପାୟରେ ଚାଷକାର୍ଯ୍ୟକୁ ଉତ୍ସାହିତ କରାଯାଏ । ସହଭାଗୀତା ପଦ୍ଧତିରେ ଗ୍ରାମକୁ ପୋଷ୍ୟ ଭାବରେ ଗ୍ରହଣ କରାଯାଇ ସଂଘବଦ୍ଧ ଭାବରେ କାର୍ଯ୍ୟ କରିବାକୁ ସୁଯୋଗ ଦିଆଯାଏ । ପରଂପରାଗତ କୃଷିବିକାଶ ଯୋଜନାର ଗଠନଶୈଳୀ :

- ଏହା ଏକ ସଂଘବଦ୍ଧଭିତ୍ତିକ କାର୍ଯ୍ୟକ୍ରମ । ଏଥିରେ ଚାଷୀମାନଙ୍କୁ ପ୍ରସ୍ତୁତ କରି ରଖାଯାଇଥାଏ । ୫୦ ଏକର ଜମିରେ ପ୍ରାକୃତିକ ଉପାୟରେ ଚାଷ କରିବା ପାଇଁ ଗୋଟିଏ ଦଳରେ ୫୦ ବା ଅଧିକା ଚାଷୀ ରହିଥାନ୍ତି ।
- ଖର୍ଚ୍ଚ ପାଇଁ ଚାଷୀମାନଙ୍କ ଉପରେ କୌଣସି ଚାପ ପ୍ରୟୋଗ କରାଯାଇ ନ ଥାଏ ବା ସେମାନଙ୍କୁ ବାଧ୍ୟ କରାଯାଇ ନଥାଏ ବା ସେଥିପାଇଁ ସେମାନେ ଦାୟୀ ହୋଇ ନ ଥାନ୍ତି ।
- ଗୋଟିଏ ଏକର ଜମିରେ ଚାଷ କରିବା ପାଇଁ ଜଣେ ଚାଷୀଙ୍କୁ ୩ବର୍ଷ ମଧ୍ୟରେ ୨୦ ହଜାର ଟଙ୍କା ସହାୟତା ରାଶି ଯୋଗାଇ ଦିଆଯାଏ । ସେଥିରେ ସେମାନେ ମଂଜି କିଣିବାଠାରୁ ବିକ୍ରି କରିବା ଯାଏ କାର୍ଯ୍ୟ କରିଥାନ୍ତି ।
- ପାରଂପରିକ ସମ୍ବଳରେ ସେମାନେ କୃଷିକାର୍ଯ୍ୟ ପରିଚାଳନା କରିଥାନ୍ତି ।
- ଘରୋଇ ବଜାରକୁ ଲକ୍ଷ୍ୟରେ ରଖି ସେମାନେ କାର୍ଯ୍ୟ କରିଥାନ୍ତି ।

ଉଦୟ UDAY
Creating Change Makers

ଫଳାଫଳ :

- ବ୍ୟବସାୟିକ ଜୈବିକ ଉତ୍ପାଦନକୁ ସ୍ୱୀକୃତିପ୍ରାପ୍ତ ପ୍ରାକୃତିକ ଚାଷ ମାଧ୍ୟମରେ ଅଧିକ ବିକଶିତ କରିବା ।
- ଏହାଦ୍ୱାରା ଉତ୍ପାଦିତ ଫସଲ କୀଟନାଶକ ପ୍ରତିରୋଧକ ମୁକ୍ତ ହୋଇଥିବାରୁ ବ୍ୟବହାରକାରୀଙ୍କ ଶାରୀରିକ ସୁସ୍ଥତା ବୃଦ୍ଧି କରିଥାଏ ।
- ଚାଷୀମାନଙ୍କ ରୋଜଗାର ବୃଦ୍ଧି କରିବା ସହ ବ୍ୟବସାୟୀ ପାଇଁ ଉପଯୁକ୍ତ ବଜାର ସୃଷ୍ଟି କରିଥାଏ ।
- ଉତ୍ପାଦନ ବୃଦ୍ଧି ନିମନ୍ତେ ପ୍ରାକୃତିକ ସମ୍ବଳର ବହୁଳ ବ୍ୟବହାର ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରିଥାଏ ।

ସହାୟକଙ୍କ ନିମନ୍ତେ ଟିପ୍ପଣୀ : ସୀମିତ ସମୟ ମଧ୍ୟରେ ବିଷୟବସ୍ତୁକୁ ଅଂଶଗ୍ରହଣକାରୀଙ୍କୁ ଜଣାଇବା ପାଇଁ ସହାୟକ ପୂର୍ବକ ଚାର୍ଟରେ ତଥ୍ୟଗୁଡ଼ିକୁ ଲେଖି ଆଣିବା ଦରକାର । କୃଷି ମନ୍ତ୍ରଣାଳୟ ୱେବସାଇଟରୁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ସଂପର୍କିତ ଭିଡ଼ିଓ ନକଲ କରି ଆଣି ଅଂଶଗ୍ରହଣକାରୀଙ୍କୁ ଦେଖାଇବେ । କିଷାନ କ୍ରେଡ଼ିଟ କାର୍ଡ଼ର ନମୁନା ସାଥିରେ ଆଣି ସେ ବିଷୟରେ ଅଂଶଗ୍ରହଣକାରୀଙ୍କୁ ଭଲଭାବରେ ବୁଝାଇ ଦେବେ । ବିଭିନ୍ନ ସ୍ଥାନକୁ ପରିଦର୍ଶନରେ ଯାଇ ଦେଖିଥିବା ପ୍ରାକୃତିକ ଉପାୟରେ କରାଯାଇଥିବା ବିଭିନ୍ନ ଚାଷ ବିଷୟରେ ଅଧିକ ଜାଣିବା ପାଇଁ ସେମାନଙ୍କୁ ଗୃହକାର୍ଯ୍ୟ ପ୍ରଦାନ କରିବେ ।

ଅଧିବେଶନ-୭

ଯୋଜନା ସଂପର୍କିତ ନିର୍ଦ୍ଧାରିତ ସ୍ଥାନ / ଅଞ୍ଚଳ

ଉଦ୍ଦେଶ୍ୟ : ଅଧିବେଶନ ଶେଷବେଳକୁ ଅଂଶଗ୍ରହଣକାରୀ ସଭ୍ୟମାନେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ନିର୍ଦ୍ଧାରିତ ସ୍ଥାନ ସଂପର୍କରେ ତଥ୍ୟ ହାସଲ କରିବାକୁ ସକ୍ଷମ ହୋଇପାରିବେ ।

ଅଧିବେଶନର କାର୍ଯ୍ୟସୂଚୀ :

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ଓଡ଼ିଶାର ଆଦିମ ଆଦିବାସୀ ବର୍ଗର ସଶକ୍ତିକରଣ ଓ ଜୀବିକା ନିର୍ବାହ ପଦ୍ଧତିର ଅଭିବୃଦ୍ଧି ଯୋଜନା	ଆଲୋଚନା	୧୫ ମିନିଟ୍
୨.	ସ୍ୱତନ୍ତ୍ର ବିକାଶ ପରିଷଦ	ଦଳଗତ କାର୍ଯ୍ୟ	୩୦ ମିନିଟ୍
୩.	ଶିକ୍ଷାବୃତ୍ତି	ପାୱାର ପଏଣ୍ଟ ମାଧ୍ୟମରେ ଶିକ୍ଷାଦାନ	୧୫ ମିନିଟ୍
ମୋଟ			୬୦ ମିନିଟ୍

ଆବଶ୍ୟକୀୟ ଉପକରଣ : ପ୍ରୋଜେକ୍ଟର ଚାର୍ଟ, ଭିଡ଼ିଓ ଫିଲିମ୍, ମାର୍କର ପେନ୍, ମାସ୍କିଂ ଟେପ୍

ସୋପାନ-୧ : ଓଡ଼ିଶାର ଆଦିମ ଆଦିବାସୀ ବର୍ଗର ସଶକ୍ତିକରଣ ଓ ଜୀବିକା ନିର୍ବାହ ପଦ୍ଧତିର ଅଭିବୃଦ୍ଧି ଯୋଜନା

ଉଦ୍ଦେଶ୍ୟ : ରାଜ୍ୟର ୬୨, ୩୫୬ ଆଦିମ ଆଦିବାସୀ ପରିବାରଗୁଡ଼ିକର ଜୀବନଧାରଣ ମାନ ବୃଦ୍ଧିକରି ଦାରିଦ୍ର୍ୟ ହ୍ରାସ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ପରିଚାଳିତ । ଏହି ଯୋଜନା ରାଜ୍ୟ ସରକାରଙ୍କ ଆଦିବାସୀ ଓ ହରିଜନ ବିଭାଗ ଓ ଟାଇଡ଼ ଦ୍ୱାରା କାର୍ଯ୍ୟକାରୀ ହେଉଛି, ଏହାର ମୁଖ୍ୟକାର୍ଯ୍ୟଗୁଡ଼ିକ ହେଲା -

- ନିର୍ଦ୍ଦିଷ୍ଟ ପରିବାରଗୁଡ଼ିକର ଦକ୍ଷତା ବିକାଶ ।
- ଜମି ଓ ଜଙ୍ଗଲ ଉପରେ ସେମାନଙ୍କ ଅଧିକାରକୁ ସୁରକ୍ଷିତ କରିବା ।
- ଉତ୍ପାଦନ ବୃଦ୍ଧି ନିମନ୍ତେ ସେମାନଙ୍କ କୃଷିକାର୍ଯ୍ୟ ପଦ୍ଧତିର ବିକାଶ କରିବା ।
- ବିକଳ୍ପ ଜୀବିକା ନିର୍ବାହ ଉପାୟ ନିମନ୍ତେ ରୋଜଗାର ସୃଷ୍ଟିକାରୀ କ୍ଷୁଦ୍ର ଶିଳ୍ପର ପ୍ରଚଳନ କରାଇବା ।
- ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସେବାର ସୁବିଧା ସୁଯୋଗ ସୃଷ୍ଟିକରି ଗୋଷ୍ଠୀର ଗଠନଶୈଳୀରେ ପରିବର୍ତ୍ତନ ଆଣିବା ।

କାର୍ଯ୍ୟକାରୀ କରିବା ପ୍ରଣାଳୀ :

- ଏହି କାର୍ଯ୍ୟକ୍ରମ ସରକାରୀ ସଂସ୍ଥାର କ୍ଷୁଦ୍ର ପ୍ରକଳ୍ପ ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ ହୋଇଥାଏ ।
- ଗୋଷ୍ଠୀ ସ୍ତରରେ ଏହି କାର୍ଯ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେବା ସହ ଗ୍ରାମ ସ୍ତରରେ ଗ୍ରାମ ବିକାଶ ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ ହୋଇଥାଏ ।

- ଏହି ଯୋଜନା ନିମନ୍ତେ ପଲ୍ଲୀସଭା ଓ ଗ୍ରାମସଭା ହସ୍ତକ୍ଷେପ କରିବା ସହିତ ଯୋଜନା ପ୍ରସ୍ତୁତ କରିଥା'ନ୍ତି ।
- ଉତ୍ପାଦିତ ଦ୍ରବ୍ୟର ବିକ୍ରି ପାଇଁ ପ୍ରକଳ୍ପ କର୍ମଚାରୀ ଓ ଗୋଷ୍ଠୀର ତାଲିମପ୍ରାପ୍ତ ସଦସ୍ୟମାନେ ଆବଶ୍ୟକୀୟ ସହାୟତା କରିବା ସହ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ସେବା ଯୋଗାଇ ଦେଇଥାନ୍ତି ।
- ଏହି ଯୋଜନା ଓଏଲଏମ୍ ସହ ବିନା ଆର୍ଥିକ ସହାୟତାମୂଳକ ଚୁକ୍ତି କରିଥିଲେ ବି ସ୍ୱୟଂସହାୟକ ଗୋଷ୍ଠୀ ଓ ତାହାର ସଂଗଠନକୁ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇବା ପାଇଁ ସମ୍ମତି ପ୍ରଦାନ କରିଥାଏ ।

ସୋପାନ-୨ : ସ୍ୱତନ୍ତ୍ର ବିକାଶ ପରିଷଦ

ବିକାଶମୂଳକ ପ୍ରଣାଳୀରେ ଆଦିବାସୀମାନେ ପ୍ରତ୍ୟେକ ପଦକ୍ଷେପରେ ଅଧିକରୁ ଅଧିକ ସଂଶ୍ଳିଷ୍ଟ ହେବା ଅନୁଭବ କରି ସେମାନଙ୍କୁ ଯୋଜନା ସମ୍ବନ୍ଧରେ ସବିଶେଷ ଧାରଣା ଦେଇ, ତାହାର ପରିଚାଳନା, କାର୍ଯ୍ୟକାରିତା ଇତ୍ୟାଦି ବିଷୟରେ ଜାଣିବାର ସହାୟତା ପ୍ରଦାନ କରାଯିବା ଆବଶ୍ୟକ । ଫଳରେ ସେମାନଙ୍କର ବିକାଶ ଅଧିକ ଫଳପ୍ରଦ ହେବା ସହିତ ସେମାନେ ଅଧିକ ସଂଖ୍ୟାରେ ଯୋଜନାରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ହେବେ ।

ପରିଷଦର ମୁଖ୍ୟ ଆଦେଶନାମା

ଆଦିବାସୀମାନଙ୍କ ପ୍ରତ୍ୟେକ ସଂପ୍ରଦାୟକୁ ସ୍ୱତନ୍ତ୍ର ଭାବରେ ପରିଚିତ କରିବା, ସେମାନଙ୍କ ପାରଂପରିକ ସଂସ୍କୃତି, ପ୍ରଥା, ଐତିହ୍ୟକୁ ସଂରକ୍ଷଣ କରିବା ଦିଗରେ ପରିଷଦ ଆଲୋକପାତ କରି ବିଶେଷ ଦୃଷ୍ଟିଦେବେ ।

ମୁଖ୍ୟ ଫଳାଫଳର ଅବଧାରଣା / କଳ୍ପନା କରିବା :

- ଜନଜାତିମାନଙ୍କ ସଂସ୍କୃତିର ସଂରକ୍ଷଣକୁ ବିକାଶମୂଳକ କାର୍ଯ୍ୟର ଲକ୍ଷ୍ୟ ସହିତ ଏକତ୍ର କରିବା ।
- ସେମାନଙ୍କ ପରିଚୟକୁ ବଜାୟ ରଖିବା ପାଇଁ ଆଦିବାସୀ ସଂସ୍କୃତିର ପ୍ରଚାର ପ୍ରସାର କରିବା ।
- ଜନଜାତିମାନଙ୍କ ସ୍ୱଦେଶୀ ଜ୍ଞାନର ପରିଚୟ ଓ ତାହାର ପ୍ରଚଳନ ନିମନ୍ତେ ଜନଜାତି ସଂସ୍କୃତିକୁ ବଜାୟ ରଖିବା ପାଇଁ ସହାୟତା କରିବା ।
- ଜନଜାତିମାନଙ୍କ ବାସ୍ତବ ଓ ଅବାସ୍ତବ ସଂସ୍କୃତି / ଐତିହ୍ୟ, ପରଂପରା ଓ ପ୍ରଥାଗୁଡ଼ିକୁ ଲିପିବଦ୍ଧ କରିବା ସହ ଦଲିଲ ଆକାରରେ ପ୍ରକାଶ କରିବା ।
- ଜନଜାତିମାନଙ୍କ ସମ୍ବଳକୁ ଚିହ୍ନଟ କରିବା ଏବଂ ସେମାନଙ୍କ ଅନନ୍ୟ ସଂସ୍କୃତି / ସ୍ୱଦେଶୀ ଜ୍ଞାନକୁ ଜୀବନ ନିର୍ବାହର ଉପାୟ ଭାବରେ ବ୍ୟବହାର କରିବାକୁ ଚେଷ୍ଟା କରିବା ।
- ବିକାଶମୂଳକ ବିଷୟ ସମ୍ବନ୍ଧରେ ଜାଣିବା ପାଇଁ ସାଂଗଠନିକ ଉଦ୍‌ଘାଟନୀ ପରିଦର୍ଶନ କରିବା ।
- ଭାବର ଆଦାନପ୍ରଦାନ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ସେମାନଙ୍କ ଭାଷା ଓ ଉପଭାଷାର ପଦୋନ୍ନତି କରିବା ।
- ସେମାନଙ୍କ ଆବଶ୍ୟକତାର ଗୁରୁତ୍ୱ ଅନୁଭବ କରି ସଂପୃକ୍ତି ଅଞ୍ଚଳରେ ଉପଲବ୍ଧ ସମ୍ବଳର ଯଥେଷ୍ଟ ଉପଯୋଗ କରି ସେମାନଙ୍କ ବିକାଶକୁ ଦୀର୍ଘସ୍ଥାୟୀ କରିବା ।
- ଆଦିବାସୀଙ୍କ ଆବଶ୍ୟକତାର ଗୁରୁତ୍ୱକୁ ଉପଲବ୍ଧି କରିବା ପାଇଁ ସଂସ୍କୃତିଭିତ୍ତିକ ବିକାଶଶୀଳ ହସ୍ତକ୍ଷେପ କରିବା ।

ନିୟନ୍ତ୍ରଣାଧିନ : ମୟୁରଭଂଜ, କେଉଁଝର, ସୁନ୍ଦରଗଡ଼, କନ୍ଧମାଳ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି - ଏହି ୮ଟି ଜିଲ୍ଲା କାର୍ଯ୍ୟକ୍ରମ ଅଧିନରେ ରହିଛନ୍ତି ।

ପରିଷଦର ଗଠନଶୈଳୀ :

- ଜନଜାତି ସଂପ୍ରଦାୟରୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ସେମାନଙ୍କର ପ୍ରତିନିଧି ରୂପେ ସଭାପତି ଓ ଉପସଭାପତି ଭାବରେ ମନୋନୀତ ହୋଇଥାନ୍ତି ।
- ଶିକ୍ଷା, କଳା, ସଂସ୍କୃତି, କ୍ରୀଡ଼ା ଓ ଶିଳ୍ପ କ୍ଷେତ୍ରରେ ସୁନାମ ଅର୍ଜ୍ଜନ କରିଥିବା ଅନ୍ତତଃ ୫ଜଣ ଜନଜାତି ପ୍ରତିନିଧି ସଭ୍ୟଭାବରେ ମନୋନୀତ ହୁଅନ୍ତି ।
- ଜିଲ୍ଲା କଲେକ୍ଟର କାର୍ଯ୍ୟକାରୀ ଅଧିକାରୀ ଓ ସଭ୍ୟମାନଙ୍କ ଆବାହକ ଭାବରେ କାର୍ଯ୍ୟ କରିଥା'ନ୍ତି ।

ପ୍ରଶାସନିକ ସହାୟତା :

ଜନଜାତି ବିକାଶ ସଂଘର ମୁଖ୍ୟ କାର୍ଯ୍ୟାଳୟ ପରିଷଦକୁ ଆବଶ୍ୟକୀୟ ପରିଚାଳନାଗତ ପ୍ରଶାସନିକ ସହାୟତା ଯୋଗାଇ ଦେଇଥାନ୍ତି ।

ପରିଷଦର କାର୍ଯ୍ୟନିର୍ବାହୀ କମିଟି :

ଜିଲ୍ଲା କଲେକ୍ଟରଙ୍କ ସଭାପତିତ୍ୱରେ କାର୍ଯ୍ୟନିର୍ବାହୀ କମିଟିର ସଭ୍ୟ ତଥା ବିଭାଗୀୟ ଅଧିକାରୀ, ଉପ ନିର୍ଦ୍ଦେଶକ ତଥା ଅନ୍ୟାନ୍ୟ ଅଧିକାରୀମାନେ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଥା'ନ୍ତି ।

ପରିଷଦର ବୈଠକ : ମାସକୁ ଅନ୍ତତଃ ଥରେ ପରିଷଦର ବୈଠକ / ମିଟିଂ ବସିବା ଆବଶ୍ୟକ ।

ପାଣ୍ଠି : ଯୋଜନା ଓ ଏକମୁଖୀତା ବିଭାଗରୁ ଅତ୍ୟାବଶ୍ୟକୀୟ ଜଟିଳ ପରିସ୍ଥିତି ନିମନ୍ତେ ପ୍ରତ୍ୟେକ ବ୍ଲକକୁ ଦେଢ଼କୋଟି (୧.୫ କୋଟି) ଟଙ୍କାର ସହାୟତା ପ୍ରଦାନ କରାଯାଏ ।

- ପରିଷଦ ଦ୍ୱାରା ସ୍ଥିର କରାଯାଇଥିବା ଅତି ଗୁରୁତ୍ୱପୂର୍ଣ୍ଣ ଜନଜାତି ବିକାଶମୂଳକ କାର୍ଯ୍ୟପାଇଁ ପରିଷଦର ପାଣ୍ଠି ବ୍ୟବହାର କରାଯାଇପାରିବ ।
- ପରିଷଦର ପାଣ୍ଠିରୁ ବ୍ଲକ / ଗ୍ରାମ ପଞ୍ଚାୟତ / ଗ୍ରାମ ସ୍ତରୀୟ କର୍ମୀମାନଙ୍କୁ କେତେକ ସ୍ୱତନ୍ତ୍ର ପ୍ରୋତ୍ସାହନ ମୂଳକ ସହାୟତା ପ୍ରଦାନ କରାଯାଇପାରେ ।
- ପରିଷଦର ଅର୍ଥ ଗୋଷ୍ଠୀଭିତ୍ତିକ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଖର୍ଚ୍ଚ କରାଯାଇପାରିବ ।
- ପରିଷଦ ପାଣ୍ଠିରୁ ଜନଜାତିଙ୍କ ଉନ୍ନତିମୂଳକ କାର୍ଯ୍ୟପାଇଁ ଉଦ୍ଦିଷ୍ଟ ନୂତନ ପ୍ରକଳ୍ପପାଇଁ ଖର୍ଚ୍ଚ କରାଯାଇପାରିବ ।
- ଆଦିବାସୀ ସଂସ୍କୃତି ଓ ମାନବ ସମ୍ବଳ ତଥା ଅନ୍ୟାନ୍ୟ ଜରୁରୀ କାର୍ଯ୍ୟକ୍ରମ ପାଇଁ ଅନ୍ତତଃ ୫୦% ଅର୍ଥ ପରିଷଦ ପାଣ୍ଠିରୁ ବିନିଯୋଗ କରାଯିବ ।

କାର୍ଯ୍ୟକାରୀ ସଂସ୍ଥା :

- ସରକାରୀ ସଂସ୍ଥା, ବେସରକାରୀ ସଂସ୍ଥା ଓ ଗୋଷ୍ଠୀଭିତ୍ତିକ ସଂଗଠନ । କିନ୍ତୁ ଏମାନଙ୍କ ମଧ୍ୟରୁ ଗୋଷ୍ଠୀଭିତ୍ତିକ ସଂସ୍ଥାକୁ କାର୍ଯ୍ୟକ୍ରମ କାର୍ଯ୍ୟ କରିବାକୁ (ଅଧିକ ସୁଯୋଗ) ଅଗ୍ରାଧିକାର ଦିଆଯାଏ ।

- ବେସରକାରୀ ସଂସ୍ଥାକୁ କାର୍ଯ୍ୟ କରିବା ପାଇଁ ନିଯୁକ୍ତ କରାଗଲେ, ସେଥିପାଇଁ ରାଜ୍ୟ ବିକାଶ ପରିଷଦର ସଭାପତିଙ୍କଠାରୁ ପୂର୍ବରୁ ଅନୁମୋଦନ ଲାଭ କରିବା ଆବଶ୍ୟକ ।

ଅଧ୍ୟୟନରତ ପ୍ରତ୍ୟେକ ହରିଜନ ଓ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ବୃତ୍ତିପ୍ରଦାନ କରାଯାଏ । ଆଦିବାସୀ ଓ ହରିଜନଙ୍କ ନିମନ୍ତେ ଉଦ୍ଦିଷ୍ଟ ଛାତ୍ରାବାସର ଅନ୍ତେବାସୀ, ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ମଧ୍ୟ ଇଂରାଜୀ ଓ ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଥିବା ଆଦିବାସୀ ଓ ହରିଜନ ପିଲା ଏହି ଯୋଜନାର ଅନ୍ତର୍ଭୁକ୍ତ ହୋଇପାରିବେ ।

ବୃତ୍ତିର ପରିମାଣ :

- ପ୍ରତି ବାଳିକା ମାସକୁ ଟ.୬୩୦.୦୦ ହାରରେ ୧୦ ମାସ ପର୍ଯ୍ୟନ୍ତ ପାଇବେ ।
- ପ୍ରତି ବାଳକ ମାସିକ ଟ.୬୦୦.୦୦ ହିସାବରେ ୧୦ ମାସ ପର୍ଯ୍ୟନ୍ତ ପାଇବେ ।

ବାଳିକାଙ୍କ ନିମନ୍ତେ :

୧. ଖାଦ୍ୟ/ଆହାର ସମ୍ବନ୍ଧୀୟ ଖର୍ଚ୍ଚ = ଟ.୫୯୮.୦୦

୨. ଟିଭି / ଡିଟିଏଚ୍ ଖର୍ଚ୍ଚ = ଟ. ୨.୦୦

୩. ହାତଖର୍ଚ୍ଚ

(ଏହି ହାତ ଖର୍ଚ୍ଚ ଅର୍ଥକୁ ସେମାନେ ପ୍ରଶାସନିକ ସାମଗ୍ରୀ ବା ଅନ୍ୟ ଆବଶ୍ୟକତା ପାଇଁ ଖର୍ଚ୍ଚ କରିବେ)

ବାଳକମାନଙ୍କ ନିମନ୍ତେ

୧. ଆହାର ସମ୍ବନ୍ଧରେ ଖର୍ଚ୍ଚ ଟ. ୫୯୮.୦୦

୨. ଟିଭି / ଡିଟିଏଚ ଖର୍ଚ୍ଚ ଟ.୨.୦୦

ମାଟ୍ରିକ ପରବର୍ତ୍ତୀ ଶିକ୍ଷାବୃତ୍ତି :

ମାଟ୍ରିକ ଶିକ୍ଷାପରେ ଅଧ୍ୟୟନରତ ସମସ୍ତ ହରିଜନ / ଆଦିବାସୀ / ଓବିସି / ଆର୍ଥିକ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀ ବୃତ୍ତି ପାଇବାକୁ ଯୋଗ୍ୟ ହୋଇପାରିବେ । "ପ୍ରେରଣା" କାର୍ଯ୍ୟକ୍ରମ ଅଧିନରେ ପରିଚାଳିତ ବୃତ୍ତି ଓ ଆର୍ଥିକ ସହାୟତା ପାଇବା ପାଇଁ ଛାତ୍ରଛାତ୍ରୀମାନେ ନିର୍ଦ୍ଦିଷ୍ଟ ଫର୍ମ ସଂପୂର୍ଣ୍ଣ ପୂରଣ କରି ଅନ୍‌ଲାଇନରେ ଦାଖଲ କରିବେ ।

ଯୋଗ୍ୟତା ମାନଦଣ୍ଡ :

୧. ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବା ସମସ୍ତ ହରିଜନ / ଆଦିବାସୀ / ଓବିସି / ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀ ଯୋଗ୍ୟ ହୋଇପାରିବେ ।

୨. ଆଦିବାସୀ ଓ ହରିଜନ ବର୍ଗର ପିଲାଙ୍କ ପିତାମାତା / ଅଭିଭାବକଙ୍କର ବାର୍ଷିକ ରୋଜଗାର ଦୁଇଲକ୍ଷ ପଚାଶ ହଜାର ଟଙ୍କାରୁ ଅଧିକ ହୋଇ ନ ଥିବ ।

୩. ଓବିସି / ଆର୍ଥିକ ଅନଗ୍ରସର ବର୍ଗର ପିଲାଙ୍କ ପରିବାର ସମସ୍ତ ରୋଜଗାରର ପରିମାଣ ବାର୍ଷିକ ଏକଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇ ନ ଥିବ ଏବଂ ଛାତ୍ରଛାତ୍ରୀ ପୂର୍ବ ପରୀକ୍ଷାରେ ୫୦% ନମ୍ବର ରଖିଥିବେ ।

୪. ସଂପୃକ୍ତ ଛାତ୍ରୀଛାତ୍ର ସେମାନଙ୍କ ମାଟ୍ରିକ ପରବର୍ତ୍ତୀ ଶିକ୍ଷା ଯେ କୌଣସି ସରକାରୀ ବା ସରକାରୀ ଅନୁଦାନ ପ୍ରାପ୍ତ ବେସରକାରୀ ଅନୁଷ୍ଠାନରେ ସାଧାରଣ / ବୈଷୟିକ ବା ବୃତ୍ତିଗତ ଶିକ୍ଷା ଜାରି ରଖିବେ ।

ଆବେଦନ କରିବା ପ୍ରଣାଳୀ : ଏହି ବୃତ୍ତିପାଇବା ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିବା ପାଇଁ ସବିଶେଷ ତଥ୍ୟ ନିର୍ଦ୍ଦିଷ୍ଟ ୱେବସାଇଟ୍‌ରେ ଉପଲବ୍ଧ । ଛାତ୍ରୀ/ଛାତ୍ରମାନେ ଏହାକୁ ଆଧାର କରି ଆବେଦନ କରିପାରିବେ ।

- ଓଡ଼ିଶାର ଜନଜାତିମାନଙ୍କ ମଧ୍ୟରେ ଥିବା ବିଭିନ୍ନ ସାଂପ୍ରଦାୟିକ ପାର୍ଥକ୍ୟ / ଭିନ୍ନତା ବିଷୟେରେ ସହାୟକ ସଚେତନ ହେବା ଆବଶ୍ୟକ ।
- ବିଭିନ୍ନ ଯୋଜନାନୁସାରେ ପୃଥକ୍ ପୃଥକ୍ ଚାର୍ଟ ପୂର୍ବରୁ ଲେଖି ପ୍ରସ୍ତୁତ କରି ରଖିବେ ।
- ଯୋଜନାର ସବିଶେଷ ବିବରଣୀ ସମ୍ବନ୍ଧରେ ସହାୟକଙ୍କ ପାଖରେ ଛପାହୋଇଥିବା ଲିଖିତ ତଥ୍ୟ ରହିବା ଆବଶ୍ୟକ ।
- ସହାୟକ ମଧ୍ୟ ବୃତ୍ତି ପାଇଁ ଆବେଦନ କରିବା ଫର୍ମ ଓ ଅନ୍ୟାନ୍ୟ ଦରକାରୀ ଉପକରଣ ରଖିବା ଆବଶ୍ୟକ ।

ଅଂଶଗ୍ରହଣକାରୀଙ୍କ ମଧ୍ୟରେ ସେ ଫର୍ମର ନକଲ ବାଣ୍ଟି ଦିଆଯାଇପାରେ ।

ଅଧିବେଶନ-୮

ଜଙ୍ଗଲ ଅଧିକାର

ଉଦ୍ଦେଶ୍ୟ : ୨୦୦୬ ମସିହା ଜଙ୍ଗଲ ଅଧିକାର ଆଇନ ଅଧିନରେ ପରିଚିତ ଜଙ୍ଗଲ ଆଇନର ଐତିହାସିକ ବିଷୟବସ୍ତୁ। ଆଇନର ମୁଖ୍ୟ ବୈଶିଷ୍ଟ୍ୟ ଇତ୍ୟାଦି ସମ୍ବନ୍ଧୀୟ ମୌଳିକ ତଥ୍ୟ ଅଂଶଗ୍ରହଣକାରୀ ସଭ୍ୟମାନେ ଅଧିବେଶନ ଶେଷ ବେଳକୁ ଜାଣିବାରେ ସକ୍ଷମ ହୋଇପାରିବେ।

ଅଧିବେଶନର କାର୍ଯ୍ୟସୂଚୀ :

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ମୁଖ୍ୟବାର୍ତ୍ତା / ସନ୍ଦେଶ	ଭିଡ଼ିଓ ପ୍ରଦର୍ଶନ ଓ ଆଲୋଚନା	୧୫ ମିନିଟ୍
୨.	ଆଇନର ଐତିହାସିକ ବିଷୟବସ୍ତୁ	ଶିକ୍ଷାଦାନ	୧୦ ମିନିଟ୍
୩.	ଯୋଗ୍ୟତାର ମାନଦଣ୍ଡ	ପାୱାର ପଏଣ୍ଟ ଉପସ୍ଥାପନ ସହ ଶିକ୍ଷାଦାନ	୧୦ ମିନିଟ୍
୪.	ଜଙ୍ଗଲ ଅଧିକାରର ମୁଖ୍ୟ ବୈଶିଷ୍ଟ୍ୟ	ଶିକ୍ଷାଦାନ	୧୦ ମିନିଟ୍
୫.	ଜଙ୍ଗଲ ଅଧିକାର ଆଇନକୁ କିପରି ସୁନିଶ୍ଚିତ କରିବା	ପାୱାର ପଏଣ୍ଟ ଉପସ୍ଥାପନ ସହ ଶିକ୍ଷାଦାନ	୧୫ ମିନିଟ୍
ମୋଟ			୬୦ ମିନିଟ୍

ଆବଶ୍ୟକୀୟ ଉପକରଣ : ପ୍ରୋଜେକ୍ଟର ଚାର୍ଟ, ଭିଡ଼ିଓ ଫିଲିମ୍, ମାର୍କର ପେନ୍, ଟେପ୍, ପାୱାର ପଏଣ୍ଟ ଉପସ୍ଥାପନ, ବାସ୍ତବ କାହାଣୀର ନମୁନା, ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ, ଜଙ୍ଗଲ ଅଧିକାର ଆଇନ ସମ୍ବନ୍ଧୀୟ ଚିନ୍ତାଧାରାର ସାରାଂଶ

ସୋପାନ-୧ : ମୁଖ୍ୟବାର୍ତ୍ତା/ସନ୍ଦେଶ

ସହାୟକ କାର୍ଯ୍ୟକ୍ରମରେ ଜଙ୍ଗଲ ଅଦୃଶ୍ୟ ହୋଇଯାଉଥିବା ଉପରେ ଏକ ସଂକ୍ଷିପ୍ତ ଭିଡ଼ିଓ ପ୍ରଦର୍ଶନ କରାଇ ନିମ୍ନଲିଖିତ ପ୍ରଶ୍ନ ପଚାରିବେ :

୧. ଏହି Filmରେ କ'ଣ ଦେଖିଲେ ?

୨. ଲୋକମାନଙ୍କ ଜୀବନ ସହ ଜଙ୍ଗଲ କିପରି ଜଡ଼ିତ ?

ଉତ୍ତର ପାଇବା ପରେ ସହାୟକ ତା'ର ସାରାଂଶକୁ ନେଇ ନିଜସ୍ୱ ମତ ରଖିବେ। ଜୀବନଧାରଣ ପାଇଁ ଆମ ସମାଜ ଜଙ୍ଗଲ ଉପରେ ନିର୍ଭରଶୀଳ। କିନ୍ତୁ ଜଙ୍ଗଲ ଅଞ୍ଚଳ ଅଦୃଶ୍ୟ ହୋଇଯାଉଥିବାରୁ ଆମର ଜୀବନ ଦିନକୁ ଦିନ କଷ୍ଟକର ହୋଇପଡୁଛି।

ସୋପାନ-୨ : ଆଇନର ଐତିହାସିକ ବିଷୟବସ୍ତୁ

ବିଷୟବସ୍ତୁ ସ୍ଥିର ହେବା ପରେ ସହାୟକ ଜଙ୍ଗଲ ଅଧିକାର ଆଇନର ଐତିହାସିକ ସଂପର୍କର ପୂର୍ବତାର ସମ୍ବନ୍ଧ ବିଷୟରେ

ଆଲୋଚନା କରିବାକୁ ଆଗେଇବେ। ସ୍ୱାଧିନତା ପୂର୍ବରୁ ଓ ପରେ ଜଙ୍ଗଲ ଆଇନ ସଂପର୍କୀୟ ପାର୍ଥକ୍ୟ ବିଷୟରେ ସହାୟକ ବୁଝାଇ ଦେବେ।

ଭାରତ ବର୍ଷରେ ୧୮୫୩ ମସିହାରେ ପ୍ରଥମକରି ରେଳଲାଇନ୍ ପ୍ରଚଳନ କରାଗଲା। ରେଳଲାଇନ୍‌ର ସଂପ୍ରସାରଣ ନିମନ୍ତେ ପର୍ଯ୍ୟାପ୍ତ ପରିମାଣର କାଠଗଣ୍ଡି ଯୋଗାଇବା କଷ୍ଟକର ହୋଇଥିଲା। ତା ସହିତ ଭାରତୀୟ ଶାଗୁଆନ କାଠ ଇଂଲଣ୍ଡରେ ଜାହାଜ ତିଆରି ପାଇଁ ଉପଯୁକ୍ତ ହେଉଥିବାରୁ, ତାହାର ମଧ୍ୟ ଚାହିଦା ରହିଥିଲା। ଏସବୁକୁ ବିଚାର କରି ୧୮୬୮ରେ ଭାରତୀୟ ଜଙ୍ଗଲ ଆଇନ କାର୍ଯ୍ୟକାରୀ ହେଲା। ଜଙ୍ଗଲ ଉପରେ ସରକାରଙ୍କର ଏକଚାଟିଆ ଅଧିକାର ରହିଲା ଓ ଗ୍ରାମବାସୀଙ୍କ ଜଙ୍ଗଲ ଉପରେ ଅଧିକାର ନ ରହି ତାହା ଏକପ୍ରକାର ସୁବିଧା ସୁଯୋଗ ଭାବରେ ଯୋଗାଇବା ପାଇଁ ସ୍ଥିର କରିବା ପାଇଁ ପଦକ୍ଷେପ ନିଆଗଲା। ଯାହାକି ସମୟାନୁସାରେ ପ୍ରତ୍ୟାହାର କରି ନିଆଯାଇପାରିବ। ୧୯୨୭ ଓ ୧୯୫୨ ମସିହା ସଂସ୍କାରିତ ଜଙ୍ଗଲ ଆଇନ ଜଙ୍ଗଲକୁ ରାଜ୍ୟର ସଂପତ୍ତି ଭାବରେ ଘୋଷଣା କରି ପାରଂପରିକ ଅଧିକାରକୁ ଅସ୍ୱୀକାର କରିଲା।

ସ୍ୱାଧୀନତା ପରେ କୃଷିବିଭାଗ ଜାତୀୟ କମିଶନ ୧୯୭୬ ମସିହାରେ ଅନୁମୋଦନ କରିଥିଲେ ଯେ ଶିକ୍ଷାନୁଷ୍ଠାନ ଓ ଗୋଷ୍ଠୀ ସଦସ୍ୟମାନଙ୍କ ଆବଶ୍ୟକତାକୁ ଅଗ୍ରାଧିକାର ଦିଆଯିବ। ସେହିବର୍ଷ ସଂବିଧାନର ୪୨ତମ ସଂଶୋଧନ ସମୟରେ ଜଙ୍ଗଲକୁ ରାଜ୍ୟ ତାଲିକାରୁ ପରିବର୍ତ୍ତନ କରି ଯୁଗ୍ମତାଲିକା ଅନ୍ତର୍ଭୁକ୍ତ କରିଦେଲେ। ଫଳରେ ଜଙ୍ଗଲ ପରିଚାଳନା ଓ ନିୟନ୍ତ୍ରଣରେ କେନ୍ଦ୍ର ସରକାରଙ୍କ ଭୂମିକୁ ଗୁରୁତ୍ୱ ଦିଆଗଲା।

୧୯୮୦ ମସିହାରେ ଜଙ୍ଗଲ ସଂରକ୍ଷଣ ଆଇନ ପ୍ରଣୟନ କରାଯାଇ ପୁନର୍ବାର ଜଙ୍ଗଲ କ୍ଷୟ ନ କରିବା ଏବଂ ସଂରକ୍ଷଣ କରିବାକୁ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଗଲା। କିନ୍ତୁ ଜଙ୍ଗଲ ସଂରକ୍ଷଣ ପାଇଁ କେନ୍ଦ୍ର ସରକାର ଚୁକ୍ତିଭିତ୍ତିକ ଆଗ୍ରହ ପ୍ରକାଶ କରିଲେ। ଫଳରେ ସଂଖ୍ୟାଲଘୁ ସଂପ୍ରଦାୟ ପାଇଁ କେନ୍ଦ୍ର ସରକାର ଚୁକ୍ତିଭିତ୍ତିକ ଆଗ୍ରହ ପ୍ରକାଶ କରିଲେ। ଫଳରେ ସଂଖ୍ୟାଲଘୁ ସଂପ୍ରଦାୟ ଓ ବ୍ୟକ୍ତିବିଶେଷ, ଯେଉଁମାନେ ଜଙ୍ଗଲ ଉପରେ ନିର୍ଭର କରୁଥିଲେ ସେମାନଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦିଆଗଲା।

ପ୍ରଥମକରି ସ୍ୱାଧୀନତା ପରେ ୨୦୦୬ ମସିହା ଆଦିବାସୀ ଓ ଅନ୍ୟ ଜଙ୍ଗଲ ଅଧିବାସୀ ତଥା ଭାରତ ସରକାରଙ୍କ ଆଇନ ସ୍ୱୀକାର କରିଲେ ଯେ ପୈତୃକ ଜମି ଓ ସେଥିରେ ବାସକରୁଥିବା ଅଧିବାସୀଙ୍କୁ ଜଙ୍ଗଲ ଅଧିକାର ଅନୁସାରେ ଯଥେଷ୍ଟ ଭାବରେ ସ୍ୱୀକୃତି ମିଳିନାହିଁ। ସ୍ୱାଧୀନତା ପୂର୍ବରୁ ଓ ପରେ ମଧ୍ୟ ସେମାନଙ୍କ ପ୍ରତି ଅବହେଳା କରାଯାଇଛି।

ସୋପାନ-୩: ଯୋଗ୍ୟତାର ମାନଦଣ୍ଡ

୨୦୦୬ ମସିହା ଜଙ୍ଗଲ ଅଧିକାର ଆଇନ ଅନୁସାରେ ଜଣେ ହିତାଧିକାରୀ ହେବାପାଇଁ ପ୍ରତ୍ୟେକଙ୍କୁ ନିମ୍ନଲିଖିତ ଦୁଇଟି ସର୍ତ୍ତ ପୂରଣ କରିବାକୁ ହେବ।

୧. ଜଙ୍ଗଲ ଓ ଜଙ୍ଗଲ ଜମିରେ ବାସ କରୁଥିବା ଆବଶ୍ୟକ ଏବଂ ଜୀବନଯାପନ ନିମନ୍ତେ ଜଙ୍ଗଲ ଓ ଜଙ୍ଗଲ ଜମି ଉପରେ ନିର୍ଭର କରୁଥିବା ଦରକାର।

୨. ଉପରୋକ୍ତ ସର୍ତ୍ତାନୁସାରେ ୭୫ ବର୍ଷ ଧରି ରହିବା ସତ ହୋଇଥିଲେ, ତୁମେ ଜଣେ ପାରଂପରିକ ଜଙ୍ଗଲ ଅଧିବାସୀ ଭାବରେ ବିବେଚିତ ହୋଇପାରିବ।

ଅଧିକାରର ପ୍ରକାରଭେଦ :

(କ) ଜମି ଅଧିକାର : ଜନଜାତି କିମ୍ବା ଜଙ୍ଗଲ ଅଧିବାସୀମାନଙ୍କ ଦ୍ୱାରା ଚାଷ କରାଯାଉଥିବା ଅତିବେଶୀ ୪ ହେକ୍ଟର

ପରିମିତ ଜମିର ସ୍ୱତ୍ୱାଧିକାର ଦିଆଯାଏ। ସଂପୃକ୍ତ ପରିବାର ଦ୍ୱାରା ପ୍ରକୃତ ଚାଷ କରାଯାଉଥିବା ଜମିର ସ୍ୱତ୍ୱାଧିକାର ସେମାନଙ୍କୁ ଦିଆଯିବ, କିନ୍ତୁ ଆଉ ଅଧିକ ଜମି ଦିଆଯିବ ନାହିଁ। ସେ ଜମି ଅନ୍ୟକୁ ବିକ୍ରି କରାଯାଇପାରିବ ନାହିଁ, କେବଳ ନିଜ ଉତ୍ତରାଧିକାରୀଙ୍କ ନାମକୁ ପରିବର୍ତ୍ତନ କରାଯାଇପାରିବ।

ବ୍ୟବହାରିକ ଅଧିକାର :

- ଏହି ଆଇନ ବ୍ୟବହାରିକ ଅଧିକାର କିମ୍ବା ନିମ୍ନଲିଖିତ ବିଷୟକୁ ସଂଗ୍ରହ କରିବାକୁ ସୁଯୋଗ ଦେଇଥାଏ।
- ଲଘୁ ଜଙ୍ଗଲଜାତ ଦ୍ରବ୍ୟ ଯଥା : କେନ୍ଦୁପତ୍ର, ଚେରମୂଳି, ଔଷଧିୟ ଗୁଳ୍ମ ଇତ୍ୟାଦି ପାରଂପରିକ ଭାବରେ ସଂଗ୍ରହ କରାଯାଏ। ଏଥିରେ କାଠଖଣ୍ଡକୁ ଅନ୍ତର୍ଭୁକ୍ତ କରାଯିବା ନାହିଁ।
- ଚାରଣ ଭୂମି ଓ ଜଳାଶୟ
- ପାରମ୍ପରିକ ଅଞ୍ଚଳକୁ ଯାଯାବର ସଂପ୍ରଦାୟ / ଗୋଷ୍ଠୀ ସେମାନଙ୍କ ପଶୁମାନଙ୍କୁ ଚରାଇବା ପାଇଁ ବ୍ୟବହାର କରିଲେ ମଧ୍ୟ ସେମାନଙ୍କୁ ସ୍ଥାୟୀ ବସବାସ କରି ଚାଷ କରିବାକୁ ବିରୋଧ କରାଯିବ।

(ଗ) ସୁରକ୍ଷା ଓ ସଂରକ୍ଷଣ ଅଧିକାର : ଯଦିଓ ଜଙ୍ଗଲ ଆମ ସମସ୍ତଙ୍କର ବୋଲି କୁହାଯାଏ, ତଥାପି ଜଙ୍ଗଲ ବିଭାଗ ବ୍ୟତୀତ ଅନ୍ୟ କେହି ଜଣେ ବି ଏହାର ସୁରକ୍ଷା ଅଧିକାର ପାଇ ନ ଥିଲେ। ତେଣୁ ପ୍ରଥମ କରି ଏହି ଆଇନ ସଂପୃକ୍ତ ଅଞ୍ଚଳର ଜନସାଧାରଣଙ୍କୁ ଜଙ୍ଗଲ ସୁରକ୍ଷା ଅଧିକାର ଓ ପରିଚାଳନା ଦାୟିତ୍ୱ ପ୍ରଦାନ କରିଛି। ଫଳରେ ଜଙ୍ଗଲ ମାଫିଆ, ଶିଳ୍ପ ଓ ଜମି ଜବରଦଖଲକାରୀ ତଥା ଜଙ୍ଗଲ ବିଭାଗ ସହ ଯୋଗସୂତ୍ରରକ୍ଷା କରି ସୁବିଧାରେ ଜଙ୍ଗଲ ଲୁଟୁଥିବା ଲୋକଙ୍କ ଦାଉରୁ ହଜାର ହଜାର ଗ୍ରାମବାସୀ ସେମାନଙ୍କ ଅଞ୍ଚଳର ଜଙ୍ଗଲ ଓ ବନ୍ୟଜନ୍ତୁଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି।

(ଘ) ଜଙ୍ଗଲ ଅଞ୍ଚଳର ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିବର୍ତ୍ତନ କରିବା ଅଧିକାର : ଏହି ଅଧିକାର ବଳରେ ଗ୍ରାମବାସୀମାନେ ଜନକଲ୍ୟାଣ / ଜନମଙ୍ଗଳ ଯୋଜନା ଦ୍ୱାରା ଉପକୃତ ହୋଇପାରିବେ। ଅର୍ଥାତ୍ ଭାରତୀୟ ସମ୍ବିଧାନରେ ଥିବା ଜଣେ ନାଗରିକର ସମସ୍ତ ସାମ୍ବିଧାନିକ ଅଧିକାରର ସୁବିଧା ଜନଜାତିମାନେ ପାଇପାରିବେ।

ସୋପାନ-୪ : ଜଙ୍ଗଲ ଅଧିକାରର ମୁଖ୍ୟ ବୈଶିଷ୍ଟ୍ୟ

- ଜଙ୍ଗଲ ଅଧିକାର ଆଇନ ଅଧୀନରେ ଅଧିକାରକୁ କାର୍ଯ୍ୟକାରୀ କରିବା ପାଇଁ ୪ଟି ପଦକ୍ଷେପ ଥିବା ପଦ୍ଧତି ଅବଲମ୍ବନ କରିବାକୁ ହୁଏ। ସେହି ଦଟି ସାଂଗଠନିକ / ଆନୁଷ୍ଠାନିକ ପଦ୍ଧତି ଯଥା - ଗ୍ରାମସଭା, ଏସଡିଏଲସି, ଡିଏଲସି ଓ ଏସଏଲଏମସି ଆଦି ଆଇନରେ ସନ୍ନିବେଶିତ।
- ଜଙ୍ଗଲ ଅଧିକାରର ସାର୍ବଜନୀନ ଗୁଣ ଓ ପରିସରକୁ ସ୍ଥିର କରିବା ପାଇଁ ଗ୍ରାମସଭା ପ୍ରମୁଖ ଅଧିକାରୀ ଅଟେ। ଗ୍ରାମ ସଭା ଅଧିନରେ ଜଙ୍ଗଲ ଅଧିକାର କମିଟି ରହିବା ଆବଶ୍ୟକ। ଏହି କମିଟିରେ ୧୦ ଜଣରୁ କମ୍ ବା ୧୫ଜଣରୁ ଅଧିକ ସଭ୍ୟ ରହିବେ ନାହିଁ ଏବଂ ସେଥିରେ ଦୁଇତୃତୀୟାଂଶ ସଭ୍ୟ ଜନଜାତି ସଂପ୍ରଦାୟର ଓ ଏକତୃତୀୟାଂଶ ମହିଳା ସଭ୍ୟା ରହିବା ଆବଶ୍ୟକ।
- ପଞ୍ଚାୟତ ଓ ଜିଲ୍ଲାସ୍ତରରେ ଥିବା ଯାଞ୍ଚ କମିଟି ଗ୍ରାମସଭା ଦ୍ୱାରା ଅନୁମୋଦିତ କାର୍ଯ୍ୟକୁ ତଦାରଖ କରିଥା'ନ୍ତି।
- ତାଲୁକ ଓ ଜିଲ୍ଲା ସ୍ତରରେ କୌଣସି ବ୍ୟକ୍ତିବିଶେଷ ତାଙ୍କ ପ୍ରାପ୍ୟ ପ୍ରତି ବିଶ୍ୱାସଘାତକତା କରାଯାଇଛି ବୋଲି ଅନୁଭବ କରନ୍ତି, ତେବେ ସେ ତା ବିରୋଧରେ କମିଟିରେ ଅଭିଯୋଗ କରିପାରିବେ। କମିଟି ତାଙ୍କ ଅଭିଯୋଗକୁ ବିଚାର କରି ପ୍ରମାଣ କରିଦେଲେ, ଅଧିକାରକୁ ଅଗ୍ରାହ୍ୟ କରାଯିବ।

ଅଭିଯୋଗ ଓ ଆବେଦନ :

- ଜଣଙ୍କର ଦାବୀକୁ ମଧ୍ୟସ୍ଥତା କରି ପରିବର୍ତ୍ତନ କରିବା ପୂର୍ବରୁ ଆବେଦନକାରୀ ଅସନ୍ତୁଷ୍ଟ ବ୍ୟକ୍ତିଙ୍କୁ ତାଙ୍କର ଦାବୀ ଉପସ୍ଥାପନ କରିବାକୁ ଉପଯୁକ୍ତ ସୁଯୋଗ ଦେବା ଆବଶ୍ୟକ ।
- ଆବେଦନକାରୀ ଅସନ୍ତୁଷ୍ଟ ବ୍ୟକ୍ତିଙ୍କୁ ତାଙ୍କର ଦାବୀ ଉପସ୍ଥାପନ କରି ପ୍ରମାଣ କରିବାକୁ ସୁଯୋଗ ନ ଦେଇ ତାଙ୍କ ଦାବୀକୁ ପ୍ରତ୍ୟାଖ୍ୟାନ ବା ମଧ୍ୟସ୍ଥତା କରି ଆଂଶିକ ପରିବର୍ତ୍ତନ କରାଯାଇପାରିବ ନାହିଁ ।
- ନିଷ୍ପତ୍ତି ଗ୍ରହଣ କରାଯିବାର ୬୦ ଦିନ ମଧ୍ୟରେ ଆପତ୍ତିମୂଳକ ଅଭିଯୋଗ କରାଯିବା ଆବଶ୍ୟକ । ଆବଶ୍ୟକସ୍ଥଳେ ଏହା ୯୦ ଦିନକୁ ବୃଦ୍ଧି ପାଇପାରେ ।
- ଆବେଦନ କରାଯାଇଥିବା ଲିଖିତ ଅଭିଯୋଗ ପତ୍ରରେ ଦର୍ଶାଯାଇଥିବା ନିଷ୍ପତ୍ତିର ତାରିଖକୁ ନିଷ୍ପତ୍ତି ଗ୍ରହଣ ତାରିଖ ଭାବରେ ବିବେଚନା / ଗଣନା କରାଯିବ ।
- ଗ୍ରାମ ସଭା, ପାରଂପରିକ ଅନୁଷ୍ଠାନ ତଥା ଯେ କୌଣସି ରାଜ୍ୟସଂସ୍ଥାର ଅସନ୍ତୁଷ୍ଟ ବ୍ୟକ୍ତିବିଶେଷ ଦାବୀଦାର ଭାବରେ ଅଭିଯୋଗ କରିପାରିବେ ।
- ଗ୍ରାମସଭା, ରାଜ୍ୟ ଓ ଜିଲ୍ଲାସ୍ତରୀୟ କମିଟି ପ୍ରମୁଖ ଅଭିଯୋଗର ପ୍ରତିକାର ବିଧାନ କରିବା ଅଧିକାରୀ ଅଟନ୍ତି ।

ସହାୟକଙ୍କ ନିମନ୍ତେ ଟିପ୍ପଣୀ :

୨୦୦୬ ମସିହାରୁ ଜଙ୍ଗଲ ଅଧିକାର ଆଇନର ଉପଯୁକ୍ତ କାର୍ଯ୍ୟକାରିତା ଯୋଗୁ ଅନେକ ସମସ୍ୟାର ସମାଧାନ କରାଯାଇ ପ୍ରତିକାର ବିଧାନ କରାଯାଇଛି । ସହାୟକ ସେହିଭଳି ସମସ୍ୟାକୁ ଉପସ୍ଥାପନ କରି ଜଙ୍ଗଲ ଅଧିକାର ଆଇନ୍‌ରେ ଅନ୍ତର୍ଭୁକ୍ତ ସମସ୍ୟାଗୁଡ଼ିକ ବିଷୟରେ ବୁଝାଇଦେବେ ।

ଗୋଷ୍ଠୀର ପ୍ରମାଣମୂଳକ ଦଲିଲ ପ୍ରସ୍ତୁତ କରିବା ପଦ୍ଧତି ସମୟ ସାପେକ୍ଷ - ଗ୍ରାମ ସଭାଦ୍ୱାରା ଗୋଷ୍ଠୀ ଓ ବ୍ୟକ୍ତି ବିଶେଷଙ୍କ ଅଭିଯୋଗକୁ ସମାନ ଭାବରେ ସ୍ଥୁଳ ମାନଚିତ୍ର ଆକାରରେ ପ୍ରସ୍ତୁତ କରାଯାଏ । ସଂପୃକ୍ତ ଅଧିକାରୀଙ୍କୁ ପ୍ରଦାନ କରିବା ପୂର୍ବରୁ ତାହାର ପ୍ରାମାଣିକ ତଥ୍ୟର ବିଚାର କରାଯାଇ ତଦାରଖ କରାଯାଏ । ତଦାରଖ କାର୍ଯ୍ୟ ସମୟ ସାପେକ୍ଷ ହୋଇଥିବାରୁ ଅଭିଯୋଗଗୁଡ଼ିକ ଅମୀମାଂଶିତ ଭାବରେ ପଡ଼ି ରହେ ବା ବିଚାର ଅପେକ୍ଷାରେ ପଡ଼ି ରହିଥାଏ ।

ସରକାରୀ ଜଙ୍ଗଲ ଅମଲାତନ୍ତ୍ର / ଅଧିକାରୀ ନିୟନ୍ତ୍ରଣକୁ ତ୍ୟାଗ କରିବାର ଅନିଚ୍ଛୁକତା / ବିମୁଖତା ସେମାନେ ଜଙ୍ଗଲ ଅଧିକାର ଆଇନକୁ ନିୟମିତ ଭାବରେ ଅନଧିକାର ପ୍ରବେଶ କରିବାର ଏକ ସାଧନ ଭାବରେ ଭୁଲ ଅର୍ଥରେ ବୁଝାଇଛନ୍ତି । ଦେଖାଯାଇଛି ଯେ ଦଳଗତ ଦାବୀକୁ ଅଣଦେଖା କରି ବ୍ୟକ୍ତିଗତ ଦାବୀକୁ ଅଗ୍ରାଧିକାର ଦିଆଯାଇଛି । ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ଜଙ୍ଗଲ ଅଧିକାର ଆଇନ ଅଧିନରେ ଜନଜାତି ସଂପ୍ରଦାୟଗୁଡ଼ିକ ଦ୍ୱାରା ପ୍ରତିବଦ୍ଧ ।

ପରିବେଶ ମନ୍ତ୍ରଣାଳୟ ବାଦ ପଡ଼ିବାର ଇଚ୍ଛା :

ପ୍ରକଳ୍ପ ପ୍ରତିଷ୍ଠାକୁ ବାଦ୍ ଦେବାକୁ ଜଙ୍ଗଲ ଅଧିକାର ଆଇନ ଅନ୍ତର୍ଗତ ଗ୍ରାମସଭାରୁ ଅନୁମତି ଦେଇ ପ୍ରକଳ୍ପ ପ୍ରତିଷ୍ଠାକୁ ବାଦ୍‌ଦେବାକୁ ଜଙ୍ଗଲ ଅଧିକାର ଆଇନ ଅନ୍ତର୍ଗତ ଗ୍ରାମସଭାରୁ ଅନୁମତି ଦେଇ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଆଦେଶନାମା ଜାରିକରି, ସମସ୍ୟାକୁ ଅଧିକ ଜଟିଳ କରୁଛନ୍ତି । ପ୍ରାୟ ବର୍ଷକ ତଳୁ କେନ୍ଦ୍ର ମନ୍ତ୍ରଣାଳୟ ସୀମାରେଖା ସମ୍ବନ୍ଧୀୟ ପ୍ରକଳ୍ପକୁ ଅନୁମତି ପ୍ରଦାନ କରୁନାହାଁନ୍ତି । ଯଥା - ରାସ୍ତାଘାଟ, ରେଳଧାରଣା, ଜଙ୍ଗଲ ମଧ୍ୟଦେଇ ଯାତାୟାତ ପଥ ଇତ୍ୟାଦି ।

ପରନ୍ତୁ ମନ୍ତ୍ରଣାଳୟ ଏହି ଆଦେଶନାମା ଜଙ୍ଗଲ ଆଇନକୁ ସଂଶୋଧନ ନ କରି ପ୍ରକଳ୍ପର ସର୍ବାଙ୍ଗୀନ ଉନ୍ନତି କରିବାପାଇଁ ଜାରି

କରାଯାଇଛି । ଜଙ୍ଗଲ ଅଧିବାସୀଙ୍କୁ ନିଷ୍ପତ୍ତିଗ୍ରହଣ କ୍ଷେତ୍ରରେ ଅନ୍ତର୍ଭୁକ୍ତ କରାଯାଇନାହିଁ । କାରଣ ସେସୁବ ଉନ୍ନତିମୂଳକ କାର୍ଯ୍ୟ କରିବା ଜଙ୍ଗଲ ଅଧିକାର ଆଇନରେ ରହିଛି ।

ସଂପାଦନ କରିବା ସ୍ତରରେ ସମସ୍ୟା : ଗ୍ରାମସଭା ବା ଜଙ୍ଗଲ ଅଧିକାର କମିଟି ଜନତାଙ୍କଠାରୁ ସମସ୍ତ ପ୍ରକାର ଅଧିକାର ସମ୍ବନ୍ଧୀୟ ଅଭିଯୋଗକୁ ଓ ଦଲିଲକୁ ଉପଯୁକ୍ତ ମାଧ୍ୟମରେ ଗ୍ରହଣ କରିବା ଆବଶ୍ୟକ । ମାତ୍ର ଅଧିକାଂଶ ରାଜ୍ୟର ଗ୍ରାମସଭା / ଜଙ୍ଗଲ ଅଧିକାର କମିଟି ଆବଶ୍ୟକୀୟ ଜ୍ଞାନ କୌଶଳ ଅଭାବରୁ ସେ ସବୁ ଦଲିଲକୁ କିପରି ରଖାଯିବା ତାହା ଜାଣିନାହାଁନ୍ତି ।

ଆଇନ ଅନ୍ତର୍ଗତ ଅଧିକାଂଶ ବର୍ଗ ଅଶିକ୍ଷିତ । ତେଣୁ ଦାବୀ ସମ୍ବନ୍ଧୀୟ ଫର୍ମପୂରଣ କରି ତାହା ଦାଖଲ କରି କଷ୍ଟକର ହୋଇଥାଏ । ଏହାର ସୁଯୋଗ ନେଇ ଅନେକ ମଧ୍ୟସ୍ଥତା କରି ତଥା ଖଳପ୍ରକୃତିର ଲୋକ ଏହି କାର୍ଯ୍ୟରେ ହସ୍ତକ୍ଷେପ କରି ସେସୁବ ସୁବିଧା ଯୋଗାଇବାରେ ସାହାଯ୍ୟ କରିବାକୁ ଆଗେଇ ଆସିଥାନ୍ତି ।

ସ୍ଥାନୀୟ ଲୋକଙ୍କ ସହ ସରକାରୀ ଅଫିସରମାନଙ୍କର ମଧ୍ୟ ଗୋଷ୍ଠୀ ଜଙ୍ଗଲ ସମ୍ବଳ ନିୟମ ବିଷୟରେ ଆବଶ୍ୟକ ସଚେତନାର ଅଭାବ ରହିଛି । ଆଇନାନୁସାରେ ୧୩ଟି ବିଭିନ୍ନ ପ୍ରକାର ଗୋଷ୍ଠୀ ଅଧିକାର ପ୍ରଦାନ କରିବାର ବ୍ୟବସ୍ଥା ଥିବା ସ୍ଥଳେ ମାତ୍ର ୨/୩ଟି ଅଧିକାର ସଂପର୍କରେ ଲୋକମାନେ ଦାବୀ ଉପସ୍ଥାପନ କରିଥାନ୍ତି । ଯାହାକି ପ୍ରାୟ ଅଗ୍ରାହ୍ୟ କରାଯାଇଥାଏ । ରାଜସ୍ୱ ବିଭାଗ ଓ ଜଙ୍ଗଲ ବିଭାଗ ନିକଟରେ ଆବଶ୍ୟକୀୟ ସଠିକ୍ ପ୍ରମାଣମୂଳକ କାଗଜପତ୍ର ଅଭାବରୁ ପ୍ରକୃତ ଯୋଗ୍ୟ ବ୍ୟକ୍ତି ଅନେକ ସମସ୍ୟାର ସମ୍ମୁଖୀନ ହେବା ସହ ଦୀବା ଉପସ୍ଥାପନ କରି ନ୍ୟାୟ ପାଇବେ ଅସୁବିଧା ହୋଇଥାଏ।

ଜମି ଅଧିକାର ଆଇନ୍‌ର ଧାର୍ଯ୍ୟ ତାରିଖ ତା ୧୩. ୧୨. ୨୦୦୫ ପୂର୍ବରୁ ଜମିର ସତ୍ତ୍ୱାଧିକାରୀମାନଙ୍କ ପ୍ରକୃତ ତଥ୍ୟ ଅଧିକାଂଶ ରାଜ୍ୟ ସରକାରଙ୍କ ପାଖରେ ଉପଲବ୍ଧ ନାହିଁ ଏବଂ ସଂପୂର୍ଣ୍ଣ ଅଞ୍ଚଳର ମାନଚିତ୍ର ନଥିବାରୁ ଜମି ଉପରେ କାହାର ପ୍ରକୃତ ଅଧିକାର ରହିଛି ସେ ବିଷୟରେ ସ୍ଥିର କରିବାରେ ମୁଖ୍ୟ ସମସ୍ୟା ସୃଷ୍ଟି ହୋଇଥାଏ ।

ପାରିପାର୍ଶ୍ୱିକ ସ୍ଥିତି ଦୃଷ୍ଟିରୁ ଜଙ୍ଗଲ ଅଧିକାର ଆଇନ ପ୍ରଣୟନ କରି କାର୍ଯ୍ୟକାରୀ କରିବାକୁ ଜଙ୍ଗଲକୁ ଅଧଃପତିତ କରିଯାଏ । ଜଙ୍ଗଲ ଅଧିକାର ଆଇନ୍ ଜନଜାତି ଅଧିବାସୀଙ୍କୁ ଜମି ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ତେବେ ସେମାନଙ୍କ ସ୍ୱତ୍ତ୍ୱାଧିକାରରେ ୪ ହେକ୍ଟରରୁ ଅଧିକ ଜମି ନ ଥିବା ଆବଶ୍ୟକ । କିନ୍ତୁ ଏଥିପାଇଁ କେତେକ ମୁଖ୍ୟ ସମସ୍ୟା ରହିଛି ।

ଜଙ୍ଗଲ ଅଧଃପତନ ନିମନ୍ତେ ଜଙ୍ଗଲର ସୀମାନ୍ତ ଅଞ୍ଚଳରେ ଅଧିକ କାର୍ଯ୍ୟକଳାପ ଚାଲୁରହିବା ଓ ଜଙ୍ଗଲ ବିଭାଜନ ଦାୟୀ । ଜଙ୍ଗଲ ଅଧିକାର ଆଇନ ଅନ୍ୟ ପର୍ଯ୍ୟାୟରେ ଅଧିକ ମାତ୍ରାରେ ଅଧଃପତନ କରିବାପାଇଁ ପଥ ପରିଷ୍କାର କରିଛି । ଫଳରେ ମାନବ ହିଂସ୍ର ବନ୍ୟପ୍ରାଣୀ ମଧ୍ୟରେ ବିବାଦ ସୃଷ୍ଟିହେବାକୁ ପଥପ୍ରଦର୍ଶନ କରିବ ।

ଅଧିବେଶନ-୯

ସୁରକ୍ଷିତ ପଳାୟନ/ସ୍ଥାନାନ୍ତରଣ

ଉଦ୍ଦେଶ୍ୟ : ଏହି ଅଧିବେଶନର ଶେଷବେଳକୁ ଅଂଶଗ୍ରହଣକାରୀମାନେ ସ୍ଥାନାନ୍ତରର ସକରାତ୍ମକ ଓ ନକରାତ୍ମକ ଦିଗ, ଏଥିରେ ଜଡ଼ିତ ଥିବା ବିଭିନ୍ନ ବିଷୟ ଏବଂ ନିରାପଦ ସ୍ଥାନାନ୍ତର ନିମନ୍ତେ ଥିବା ନୀତିନିୟମ ବିଷୟରେ ଅବଗତ ହୋଇପାରିବେ ଓ ମୌଳିକ ଧାରଣା ଲାଭ କରିପାରିବେ ।

ଅଧିବେଶନର କାର୍ଯ୍ୟସୂଚୀ :

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ସ୍ଥାନାନ୍ତରଣର କାରଣ	ପିପିଟି ମାଧ୍ୟମରେ ବକ୍ତବ୍ୟ	୧୦ ମିନିଟ୍
୨.	ସ୍ଥାନାନ୍ତରଣରେ ଭଲ ଏବଂ ଖରାପ	ପିପିଟି ମାଧ୍ୟମରେ ବକ୍ତବ୍ୟ	୧୫ ମିନିଟ୍
୩.	ନିରାପଦ ସ୍ଥାନାନ୍ତରଣର ନିୟମ ଏବଂ ପ୍ରବଧାନ	ପିପିଟି ମାଧ୍ୟମରେ ବକ୍ତବ୍ୟ	୨୫ ମିନିଟ୍
୪.	ଅଡିଓ ଭିଜୁୟାଲ ସୋ	ଅଡିଓ ଭିଜୁଆଲ	୧୦ ମିନିଟ୍
ମୋଟ			୬୦ ମିନିଟ୍

ଆବଶ୍ୟକ ସାମଗ୍ରୀ : ପାୱାର ପଏଣ୍ଟ ପ୍ରଦର୍ଶନ, ପ୍ରମୁଖ ବିନ୍ଦୁ ଦର୍ଶାଯାଇଥିବା ପ୍ରଦର୍ଶନ ଚାର୍ଟ, ସବ୍ ଗ୍ରୁପ ନିମନ୍ତେ ଚାର୍ଟ ପେପର, ସ୍ଥାନୀୟ ଭାଷାରେ ଲେଖାଯାଇଥିବା ପଠନ ପତ୍ର, ସୁରକ୍ଷିତ ସ୍ଥାନାନ୍ତରଣର ଭିଡିଓ

ସୋପାନ-୧ : ସ୍ଥାନାନ୍ତରଣର କାରଣ

ବିଷୟବସ୍ତୁ ଉପରେ ସଂକ୍ଷିପ୍ତ ପରିଚୟ ପ୍ରଦାନ ପରେ, ଶିକ୍ଷକ ପ୍ରତିଭାଗୀମାନଙ୍କୁ ନିଜର ଅନୁଭବ ବିଷୟରେ ପଚାରିବେ । ପ୍ରତିଭାଗୀ ମାନେ ନିଜେ, ନିଜ ଗାଁ ଲୋକ କିମ୍ବା ନିଜ ସମ୍ପର୍କୀୟମାନଙ୍କ ବିଷୟରେ କହିପାରନ୍ତି, ଯିଏ କୌଣସି ଜାଗାକୁ କେବେ କମ କରିବାକୁ ଯାଇଥିବେ । ଶିକ୍ଷକ ଏହି ତଥ୍ୟକୁ (ସ୍ଥାନ ଏବଂ କାରଣ) ଲେଖିବେ । ସମୟକୁ ଆଖିରେ ଦେଖି ଏହି ପ୍ରକ୍ରିୟାକୁ ୪-୫ ଜଣ କିମ୍ବା ଅଧିକ ପ୍ରତିଭାଗୀ ସଙ୍ଗେ କରିପାରିବେ । ନିମ୍ନରେ ଥିବା ଫର୍ମାଟର ବ୍ୟବହାର କରିବେ ।

କ୍ରମ ସଂଖ୍ୟା	ସ୍ଥାନାନ୍ତରଣର ଗନ୍ତବ୍ୟ ସ୍ଥାନ	ସ୍ଥାନାନ୍ତରଣର କାରଣ

ପୁଲ ଫ୍ୟାକଟର ବା ଟଣାକାରକ ଯାହା ନିର୍ଭର କରେ ଗନ୍ତବ୍ୟ ସ୍ଥାନ ପ୍ରତି ଆକର୍ଷଣୀୟତା ଉପରେ

ଏହାପରେ ଶିକ୍ଷକ ବିଭିନ୍ନ ପୁସ ଫ୍ୟାକଟର ଏବଂ ପୁଲ ଫ୍ୟାକଟର ଉଦାହରଣ ମାଧ୍ୟମରେ ପ୍ରତିଭାଗୀମାନଙ୍କୁ ବୁଝାଇବେ ଯେ, କେଉଁ ବିଭିନ୍ନ କାରଣ ଯୋଗୁଁ ଲୋକେ ସ୍ଥାନାନ୍ତରଣ କରିଥାନ୍ତି ।

କିଛି ସାଧାରଣ ପୁସ ଫ୍ୟାକ୍ଟରଗୁଡିକ ହେଲା :

- ସାମାନ୍ୟ ସଂରଞ୍ଜନା
- ଖରାପ ଶସ୍ୟ କିମ୍ବା ବର୍ଷା ଅଭାବରୁ ଫସଲ ନଷ୍ଟ ହୋଇ ସୁଖି ପଡିବା
- ପର୍ଯ୍ୟାପ୍ତ ପରିମାଣର ସ୍ୱାସ୍ଥ୍ୟ ସେବାର ଅଭାବ
- ଦୀର୍ଘଦିନର ବେରୋଜୋଗାରୀ
- ଅତ୍ୟଧିକ ଦାରିଦ୍ର୍ୟ ଏବଂ ସାମାଜିକ-ଆର୍ଥିକ କ୍ଷେତ୍ରରେ ଆଗେଇ ନକରିବା
- ନିଜର ଭବିଷ୍ୟତ ଏବଂ ଶିକ୍ଷା କ୍ଷେତ୍ରରେ ପର୍ଯ୍ୟାପ୍ତ ପରିମାଣର ସୁବିଧା ନ ମିଳିବା
- ଅତ୍ୟଧିକ ଅପରାଧ ହେବାର ଭୟ
- ସାଧାରଣ ଜୀବନଯାପନ
- ରାଜନୈତିକ ଉତ୍ପୀଡ଼ନର ଶିକାର ହୋଇ ଜେଲ ଯିବାର ଭୟ

କିଛି ସାଧାରଣ ପୁଲ ଫ୍ୟାକ୍ଟରଗୁଡ଼ିକ ହେଲା :

- ଉତ୍ତମ ସଂରଞ୍ଜନା ଯଦ୍ୱାରା ଅପର୍ଯ୍ୟାପ୍ତ ପରିମାଣର ସୁବିଧା ସୁଯୋଗ ମିଳେ ।
- ଉତ୍ତମ ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସାର ସୁବିଧା ଯେମିତିକି ହସ୍ପିଟାଲ
- ଉତ୍ତମ ନିଯୁକ୍ତି ଏବଂ ଶିକ୍ଷାର ସୁବିଧା
- କମ ମାତ୍ରାରେ ଅପରାଧ ଯୋଗୁଁ ଶାନ୍ତିପୂର୍ଣ୍ଣ ଜୀବନ ଶୈଳୀ
- ଲୋକୋତନ୍ତ୍ରିକ ଏବଂ ରାଜନୈତିକ ସ୍ଥିରତା
- ଉଚ୍ଚମାନର ଜୀବନ ଶୈଳୀ
- ଅଧିକାଂଶ ମନୋରଞ୍ଜନ

ଅଧିକାଂଶ ପୁଲ ଫ୍ୟାକ୍ଟରଗୁଡ଼ିକ ହେଉଚି ପୁଷ ଫ୍ୟାକ୍ଟରର ବିପରୀତ

ସୋପାନ-୨ : ସ୍ଥାନାନ୍ତରଣରେ ଭଲ ଏବଂ ଖରାପ

ଏହି ବିଷୟର ଲକ୍ଷ ହେଲା ସ୍ଥାନାନ୍ତରଣର ଅସୁବିଧା ସମ୍ପର୍କରେ ପ୍ରତିଭାଗୀ ମାନକୁ ଅବଗତ କରାଇବା । ଏଥିରେ ଶିକ୍ଷକ ପ୍ରତିଭାଗୀ ମାନକ ମଧ୍ୟରେ ଦୁଇଟି ସବ୍ ଗ୍ରୁପ କରିବେ । ଗୋଟିଏ ଗ୍ରୁପ ସୁବିଧା / ଭଲ ବିଷୟରେ ଏବଂ ଅନ୍ୟ ଗ୍ରୁପ ଅସୁବିଧା / ଖରାପ ବିଷୟରେ ଆଲୋଚନା କରିବେ । ଏହି ଦୁଇ ଗ୍ରୁପ ମଧ୍ୟରେ ଡିବେଟ କରିପାରିବେ କିମ୍ବା ନାଟକ କରି ଉପଷ୍ଥପନ କରି

ପାରିବେ ନଚେତ ଦୁଇ ଗ୍ରୁପ ମଧ୍ୟରେ ଆଲୋଚନା କରି ବୁଝାଇ ପାରିବେ। ପ୍ରତ୍ୟେକ ଗ୍ରୁପ ପାଇଁ ଜଣେ କିମ୍ବା ଦୁଇ ଜଣ ପ୍ରତିନିଧି ରହିବେ ଯେଉଁମାନେ ସମୟକୁ ଗୁରୁତ୍ୱ ଦେଇ ଗ୍ରୁପକୁ ଆଗକୁ ବଢ଼ାଇବେ। ଆଲୋଚନା ସମୟରେ ଶିକ୍ଷକ ସମସ୍ତ ପଏଣ୍ଟଗୁଡିକୁ ନୋଟ କରିବେ ଏବଂ ବୁଝାଇବାରେ ସାହାଯ୍ୟ କରିବେ।

ସୋପାନ-୩: ନିରାପଦ ସ୍ଥାନାନ୍ତରଣର ନିୟମ ଏବଂ ପ୍ରବଧାନ

ଅନ୍ତରାଜ୍ୟ ପ୍ରବାସୀମାନଙ୍କ ପାଇଁ ସୁବିଧା (ଧାରା ୧୯୭୯)

ପ୍ରତିଭାଗୀମାନେ ସଚେତନ ହେବା ଦରକାର ଯେ ଭାରତର ପାର୍ଲିଆମେଣ୍ଟ ଦ୍ୱାରା ୧୯୭୯ ମସିହାରେ 'ଅନ୍ତରାଷ୍ଟ୍ର ପ୍ରବାସୀ ଧାରା' ଲାଗୁ କରାଯାଇଛି। ଏହି ଧାରାର ସୁବିଧା ବିଷୟରେ ପ୍ରତିଭାଗୀମାନଙ୍କୁ ଅବଗତ କରାଇବା ଦରକାର।

ଅନ୍ତରାଷ୍ଟ୍ର ପ୍ରବାସୀମାନଙ୍କର ଅଧିକାର

- ଏହି ଧାରାର ସୁବିଧାଗୁଡ଼ିକ ସାଧାରଣ ଶ୍ରମ ନିୟମ ସହିତ ଜଡ଼ିତ
- ସମାନ ପ୍ରକାର କାମ ଏବଂ କାମର ସମୟ ସୀମା ନିମନ୍ତେ ସମାନ ବା ଉତ୍ତମ ବେତନ ଲାଗୁ ହେବ ଯାହାକି ସର୍ବନିମ୍ନ ପରିଶ୍ରମିକ ଧାରା, ୧୯୪୮ ଦ୍ୱାରା ଜାରି ହୋଇଛି।
- ସ୍ଥାନାନ୍ତରଣ ଭତ୍ତା (ମାସିକ ରୋଜଗାରର ୫୦%)
- ଯିବାଆସିବାର ଭତ୍ତା କାମ କରିବାର ବେତନ ସମେତ ମିଳିବ
- ଉପଯୁକ୍ତ ଆବାସ ଏବଂ ସ୍ୱାସ୍ଥ୍ୟ ସୁବିଧା ମିଳିବ
- କୌଣସି କ୍ଷୟ କ୍ଷତି କିମ୍ବା ଦୁର୍ଘଟଣାର ତିନି ମାସ ଭିତରେ ହିଁ କମ୍ପେନ୍ସେଟ କରିବାର ଅଧିକାର

କଣ୍ଟ୍ରାକ୍ଟରର ଦାୟିତ୍ୱ

- ନିଜର ରେଜିଷ୍ଟ୍ରେସନ କରିଥିବା ଦରକାର
- ରାଜ୍ୟ ସରକାରଙ୍କର ନିୟମ ଅନୁଯାୟୀ ପ୍ରବାସୀମାନଙ୍କର ନାମ ସରକାରଙ୍କ ପାଖରେ ଏଣ୍ଟ୍ରି କରାଇବା ଦରକାର।
- ସମସ୍ତ ତଥ୍ୟ ରଖି ରେଜିଷ୍ଟର ଲେଖିବା ଦରକାର
- ସମସ୍ତ ପ୍ରବାସୀମାନଙ୍କ ପାଇଁ ପାସପୋର୍ଟ ସାଇଜ ଫଟୋ ସହିତ ପାସ ବୁକ ଜାରି କରିବେ ଯେଉଁଥିରେ ନାଁ, ସ୍ଥାନ, କେଉଁ ଜାଗାରେ କାମ କରୁଛନ୍ତି, କେତେ ଦିନ କରିବେ, କାମର ଦର ଇତ୍ୟାଦି ରହିବା।
- ଯଦି କୌଣସି ଗମ୍ଭୀର ଦୁର୍ଘଟଣା କିମ୍ବା ଅନ୍ୟ ଶାରୀରିକ କ୍ଷତି ହୁଏ ତେବେ ରାଜ୍ୟର ବିଶିଷ୍ଟ ଅଧିକାରୀଙ୍କୁ ଜଣାଇବେ
- ଧାରାର ନିୟମ ଉଲଂଘନ କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ।

ମୁଖ୍ୟନିଯୁକ୍ତି କର୍ତ୍ତାଙ୍କର ଦାୟିତ୍ୱ

- ନିଜର ରେଜିଷ୍ଟ୍ରେଶନ କରିଥିବା ଦରକାର

- ସମସ୍ତ ତଥ୍ୟ ସହିତ ରେଜିଷ୍ଟର ଲେଖୁଥିବା ଦରକାର
- ସମସ୍ତ ମୁଖ୍ୟ ନିଯୁକ୍ତି କର୍ତ୍ତା ଜଣେ ପ୍ରତିନିଧିଙ୍କୁ ମନୋନୀତ କରିବା ଦରକାର ଯିଏ କି କଣ୍ଟ୍ରାକ୍ଟର ଲେବରମାନଙ୍କୁ ପେମେଣ୍ଟ କରିବା ସମୟରେ ଉପସ୍ଥିତ ରହିବେ ଏବଂ ତାକୁ ପ୍ରମାଣିତ କରିବାର ଦାୟିତ୍ୱ ନେବେ।
- ଯଦି କୌଣସି କଣ୍ଟ୍ରାକ୍ଟର ଲେବରକୁ ସୁବିଧା ଯୋଗାଇବାରେ ଅକ୍ଷମ ହୁଅନ୍ତି, ତେବେ ମୁଖ୍ୟ ନିଯୁକ୍ତିକର୍ତ୍ତା ତାହାର ଦାୟିତ୍ୱ ନେବେ।
- ଧାରାର ନିୟମ ଉଲଂଘନ କଲେ ଆଇନ। ଅନୁଯାୟୀ ଦଣ୍ଡିତ ହେବେ।
- ସମସ୍ତ ଅନ୍ତରାଜ୍ୟ ପ୍ରବାସୀମାନେ ପଞ୍ଚାୟତ ସ୍ତରରେ / ସହରୀସ୍ତରରେ ପଞ୍ଜୀକରଣ କରାଇବା ଦରକାର।
- ସମସ୍ତ ଅନ୍ତରାଜ୍ୟ ପ୍ରବାସୀମାନଙ୍କୁ ପି.ଡି.ଏସ୍‌ର ସୁବିଧା ମିଳିବା ଦରକାର
- ଆଧାର କାର୍ଡ ଅତ୍ୟନ୍ତ ଜରୁରୀ ଅଟେ
- ମଜୁରୀ ବି ପାଉଣା ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟରେ ଜମା ହେବା ଦରକାର।
- ରାଜ୍ୟ ସରକାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ କଣ୍ଟ୍ରାକ୍ଟର, ମୁଖ୍ୟ ନିଯୁକ୍ତିକର୍ତ୍ତା ଏବଂ ଅନ୍ତରାଜ୍ୟ ପ୍ରବାସୀମାନଙ୍କ ଆଧାର କାର୍ଡ ନମ୍ବର ସହିତ ସମ୍ପୂର୍ଣ୍ଣ ତଥ୍ୟକୁ ସଂଚାଳନ କରିବେ।
- କୌଣସି କଣ୍ଟ୍ରାକ୍ଟର ବିନା ରେଜିଷ୍ଟ୍ରେଶନରେ ବାହାରକୁ କାହାକୁ କାମ କରାଇବାକୁ ନେଇପାରିବେ ନାହିଁ।
- ଯଦି କେହି ଇଟା ଭାଟି ଯାଉଥାନ୍ତି, ତେବେ ମଧ୍ୟସ୍ଥି ଦ୍ୱାରା ନ ଯାଇ ସିଧାସଳଖ ଭାଟି ମାଲିକ ସାଙ୍ଗରେ ଲିଖିତ ମଞ୍ଜୁରୀ କରି ଯାନ୍ତୁ।
- ଟୋଲ ଫ୍ରି ନମ୍ବର : ଓଡିଶା ଭିତରେ କାମ କରୁଥିଲେ - ୧୫୫୩୬୮
- ଓଡ଼ିଶା ବାହାରେ କାମ କରୁଥିଲେ - ୧୮୦୦୩୪୫୬୭୦୩
- ମୋବାଇଲରେ ଶ୍ରମିକ ସହାୟତା ଆପ୍ଲିକେସନ ରହିଛି
- କଣ୍ଟ୍ରାକ୍ଟର ଦ୍ୱାରା ଯାଇଥିବା ରାଜ୍ୟରେ ନିଜର ବୀମା କରାଇବେ ଯାହାକି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଦ୍ୱାରା ଜାରି।
- ନୂଆପଡ଼ା, ବଲାଙ୍ଗୀର ଏବଂ ବରଗଡ ଜିଲ୍ଲାରେ ହଷ୍ଟେଲମାନ ଖୋଲାଯାଇଛି ଏବଂ ପ୍ରବାଶିମାନଙ୍କ ପିଲାମାନଙ୍କ ପାଇଁ ପାଠପଢ଼ାର ବନ୍ଦୋବସ୍ତ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଛି।
- ରାଜ୍ୟ ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ଅଧିକାର ଅନୁଯାଇ ଅତିକମରେ ଆନ୍ଧ୍ର ପ୍ରଦେଶର ୧୦୦ ବିଦ୍ୟାଳୟକୁ ଶିକ୍ଷକ ଏବଂ ବହି ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି।
- ପରିଷ୍କାର ପରିଚ୍ଛନ୍ନର ବ୍ୟବସ୍ଥା କାର୍ଯ୍ୟ ସ୍ଥଳରେ କରାଯିବାର ବ୍ୟବସ୍ଥା ମଧ୍ୟ ଅଛି ଯେଉଁଥିରେ ପ୍ରବାସୀମାନଙ୍କ ପାଇଁ ଅର୍ଦ୍ଧ ପକ୍କା ଘରର ବ୍ୟବସ୍ଥା ରହିଛି। ଏହାର ସମସ୍ତ ଖର୍ଚ୍ଚ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶର ସରକାର କରିବେ ବୋଲି ରାଜି ହୋଇଛନ୍ତି।
- ପ୍ରବାଶି ଗଣନା ନିମନ୍ତେ ଜିଲ୍ଲାସ୍ତରୀୟ ସେଲର ଗଠନ କରାଯାଇଛି।

ଚତୁର୍ଥ ଅଧ୍ୟାୟ

ଜୀବନ ଜୀବିକାର ପନ୍ଥା ନିର୍ଦ୍ଧାରଣ

ଅଧିବେଶନ-୧

କୃଷି ଓ ଉଦ୍ୟାନୀକରଣ ଜୀବନ ଜୀବିକାର ଏକ ଗୁରୁତ୍ୱପୂର୍ଣ୍ଣ ପନ୍ଥା

ଜୀବନର ସମ୍ଭାବିତ ଅସ୍ତିତ୍ୱ ପାଇଁ ଆର୍ଥିକ ସମ୍ବଳର ନିତାନ୍ତ ଆବଶ୍ୟକତା ରହିଛି । ଏହି ଆର୍ଥିକ ସମ୍ବଳର ଆୟୋଜନ ପାଇଁ ମଣିଷ ନିଜ ନିଜର ଜୀବିକା ଉପାର୍ଜନର ବିଭିନ୍ନ ପନ୍ଥା ଅବଲମ୍ବନ କରିଥାଏ । କିନ୍ତୁ ଆମ ଓଡ଼ିଶା ଏକ କୃଷି ପ୍ରଧାନ ଅଞ୍ଚଳ । ବଣଜଙ୍ଗଲ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଏହାର ପରିବେଶ ପ୍ରାଚୁର୍ଯ୍ୟ । ମଣିଷ ତା'ର ଜୀବନ ଧାରଣର ପରିପୃଷ୍ଟ ପନ୍ଥା ନିର୍ଦ୍ଧାରଣ କରିବା ପାଇଁ ପ୍ରକୃତିର ତିନୋଟି ପ୍ରାଚୁର୍ଯ୍ୟପୂର୍ଣ୍ଣ ଅବଦାନ ରହିଛି ଯଥା : ଜଙ୍ଗଲଜାତ ସମ୍ପଦ, ପଶୁସମ୍ପଦ ଏବଂ କୃଷି ସମ୍ପଦ । ଏହି ସମ୍ପଦଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ, ଉତ୍ପାଦନ ଓ ବିନିଯୋଗ କରି ଆଧୁନିକ ଉପାୟରେ ବିଭିନ୍ନ ପ୍ରକାର ବୈଜ୍ଞାନିକ ଓ ଯାନ୍ତ୍ରିକ କୌଶଳର ସଂଯୋଗରେ କିପରି ଆମେ ଜୀବିକା ଉପାର୍ଜନର ଏକ ବଳିଷ୍ଠ ମାଧ୍ୟମ ନିର୍ବାଚନ କରିପାରିବେ । ଏହା ଏହି ପ୍ରଶିକ୍ଷଣ ପାଠର ଉଦ୍ଦେଶ୍ୟ । ନିମ୍ନଲିଖିତ ତିନୋଟି ବିଷୟ କ୍ରମରେ ଯୁବ ଅଂଶଗ୍ରହଣକାରୀ ମଧ୍ୟରେ ଉପରୋକ୍ତ ବିଷୟ ପ୍ରତି ଆଗ୍ରହ ସୃଷ୍ଟି ହୋଇପାରିବ । ଯୁବକମାନଙ୍କ ମଧ୍ୟରେ କୌଶଳର ଅଭିବୃଦ୍ଧି ସହିତ ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ ସାମର୍ଥ୍ୟ ସୃଷ୍ଟି ହୋଇପାରିବ । ଏହାଦ୍ୱାରା ବିଭିନ୍ନ ପ୍ରକାର ଉଦ୍ୟୋଗର ପ୍ରତିଷ୍ଠା ହୋଇ ନିଯୁକ୍ତି ସୁଯୋଗର ସମ୍ଭାବନା ମଧ୍ୟ ସୃଷ୍ଟି ହୋଇପାରିବ ।

ଉଦ୍ଦେଶ୍ୟ :

କୃଷି ଓ ଉଦ୍ୟାନୀକରଣ କିପରି ଜୀବନ ଜୀବିକାରଏକ ବଳିଷ୍ଠ ପନ୍ଥା ହୋଇପାରିବ ସେ ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇବା ।

- କୃଷି ଓ ଉଦ୍ୟାନୀକରଣ ମଧ୍ୟରେ ଥିବା ପ୍ରଭେଦ ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ଅନୁଭବ କରାଇବା ।
- ବିଭିନ୍ନ ପ୍ରକାର ଚାଷ ଓ ଉଦ୍ୟାନ ଚାଷ ସମ୍ପର୍କରେ ଜ୍ଞାନ ଆହରଣ କରାଇବା ।
- ଚାଷ ସମ୍ବନ୍ଧୀୟ ବିଭିନ୍ନ କୌଶଳ (ଯାନ୍ତ୍ରିକ ଓ ବୈଜ୍ଞାନିକ) ଉତ୍ପାଦନ ଓ ବିକ୍ରୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ।
- ଜୈବିକ ଚାଷ ଓ ପରିବେଶ ଅନୁକୂଳ ଚାଷ ସମ୍ପର୍କରେ ଜ୍ଞାନ ଆହରଣ କରିବା ।

ଅଧିବେଶନ ସାରଣୀ :

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	କୃଷି ଓ ଉଦ୍ୟାନୀକରଣ କୃଷି ଜୀବନ ଜୀବିକାର ଏକ ମାଧ୍ୟମ	ଆଲୋଚନା	୧୦ ମିନିଟ୍
୨.	କୃଷି ଓ ଉଦ୍ୟାନ କୃଷି ମଧ୍ୟରେ ପ୍ରଭେଦ	ଚିତ୍ର ପ୍ରଦର୍ଶନ ଆଲୋଚନା	୧୦ ମିନିଟ୍
୩.	ବହୁବିଧ କୃଷିର ପ୍ରକାର ଭେଦ	ଆଲୋଚନା	୧୦ ମିନିଟ୍
୪.	ଯାନ୍ତ୍ରିକ ଓ ବୈଜ୍ଞାନିକ କୌଶଳ ସମ୍ବନ୍ଧୀୟ ଜ୍ଞାନ	ଆଲୋଚନା	୧୦ ମିନିଟ୍
୫.	ସାର ପ୍ରସ୍ତୁତି	ଆଲୋଚନା	୦୫ ମିନିଟ୍

୬.	କୃଷି ଉତ୍ପାଦନର ସଂରକ୍ଷଣ ଓ ବିକ୍ରୟ	ଆଲୋଚନା	୦୫ ମିନିଟ୍
୭.	କୃଷି ଉଦ୍ୟୋଗୀକରଣ	ଦଳଗତ ଆଲୋଚନା ଓ ଉପସ୍ଥାପନା	୧୦ ମିନିଟ୍
ମୋଟ			୬୦ ମିନିଟ୍

ତାଲିମଦାତା କୃଷି ସମ୍ବନ୍ଧୀୟ ବୈଷୟିକ ଓ ବୈଜ୍ଞାନିକ ଯନ୍ତ୍ରପାତି, ତାହାର ପ୍ରୟୋଗ ଓ ଉପଲବ୍ଧି ସମ୍ପର୍କରେ ସ୍ୱଳ୍ପ ତଥ୍ୟ ସଂଗ୍ରହ କରିବା ପାଇଁ ଉଦ୍ୟମ କରିବେ। କୃଷିକୁ ଜୀବିକା ଉପାର୍ଜନର ଏକ ବଳିଷ୍ଠ ଓ ପ୍ରକୃଷ୍ଟ ମାଧ୍ୟମ ରୂପେ ଗ୍ରହଣ କରିବାର ମାନସିକତା ସୃଷ୍ଟି କରିବା ସମ୍ପର୍କରେ ତାଲିମଦାତା ଉଦ୍ୟମ କରିବା ଆବଶ୍ୟକ।

ଶିକ୍ଷଣୀୟ ଫଳାଫଳ :

- ଅଂଶଗ୍ରହଣକାରୀମାନେ କୃଷି ଉଦ୍ୟୋଗ ସମ୍ପର୍କରେ ଆଗ୍ରହ ସୃଷ୍ଟି କରିପାରିବେ।
- କୃଷି ଉଦ୍ୟୋଗ ସ୍ଥାପନ ସମ୍ପର୍କରେ ଜ୍ଞାନ ଆହରଣ କରିପାରିବେ।

ମୁଖ୍ୟବାର୍ତ୍ତା :

- ଅଂଶଗ୍ରହଣକାରୀ କୃଷି ସମ୍ବନ୍ଧୀୟ ଜ୍ଞାନ କୌଶଳ, ଉତ୍ପାଦନ, ଏହାର ଯତ୍ନ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ବୈଷୟିକ ଜ୍ଞାନ ସମ୍ପର୍କରେ ସଚେତନା ସୃଷ୍ଟି କରିବା।
- ସାଧାରଣ ତ୍ରୁଟି, ଦାୟିତ୍ୱହୀନତା କୃଷି ଉତ୍ପାଦନର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ହୋଇପାରେ। ଏହି ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରାଇବା।
- ଜୈବିକ ସାର, କୀଟନାଶକ ପ୍ରସ୍ତୁତିର ବିଭିନ୍ନ ଉପାୟ ସମ୍ବନ୍ଧୀୟ କୌଶଳ ଆହରଣ କରାଇବା।

ସୋପାନ-୧ : କୃଷି ଓ ଉଦ୍ୟାନୀକରଣ କୃଷି ଜୀବନ ଜୀବିକାର ଏକ ମାଧ୍ୟମ

ତାଲିମଦାତା କୃଷି ଓ ଉଦ୍ୟାନୀକରଣ କ'ଣ ଏହାକୁ ବୁଝିବା ଏବଂ ଏହା ସମ୍ପର୍କରେ ଆଗ୍ରହ ସୃଷ୍ଟି କରାଇବା ପାଇଁ ଅଂଶଗ୍ରହଣକାରୀମାନଙ୍କ ସହିତ ଆପୋଷ ଆଲୋଚନାଗତ ଆଦାନ ପ୍ରଦାନ କରିବେ। ଆଲୋଚନା ସମୟରେ ତାଲିମଦାତା ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ପଚାରିବେ।

- ତୁମେମାନେ ଅବସର ସମୟ କାଟିବା ପାଇଁ କ'ଣ କର ?
- ବୃକ୍ଷରୋପଣ ଓ ଉଦ୍ୟାନ ପ୍ରସ୍ତୁତି ଅବସର ବିନୋଦନର ଏକ ମାଧ୍ୟମ ହୋଇପାରିବ କି ?
- ତୁମେମାନେ ଗଛ ଲଗାଇବାକୁ ଭଲ ପାଅ କି ?
- ତୁମ ଅଞ୍ଚଳରେ କ'ଣ କ'ଣ ସବୁ ଚାଷ କରାଯାଏ ?
- ତୁମ ଅଞ୍ଚଳରେ ଉଦ୍ୟାନ ଅଛି କି ?
- ଉଦ୍ୟାନ ଚାଷ କ'ଣ ?
- ତୁମ ଅଞ୍ଚଳରେ ଥିବା ଅନାବଶ୍ୟକୀୟ ଖାଲି ସ୍ଥାନକୁ ନେଇ ଉଦ୍ୟାନ ପ୍ରସ୍ତୁତି ହୋଇପାରିବ କି ?
- ତୁମ ଅଞ୍ଚଳରେ ଲୋକମାନେ କୃଷିକୁ ନେଇ ଜୀବିକା ନିର୍ବାହ କରନ୍ତି। କେତେ ଲୋକ କରନ୍ତି। ଅଧିକ ଲୋକ

କରିପାରିବେ କି ? ଏଥିରେ କ'ଣ ସବୁ ଅସୁବିଧା ଅଛି ?

ସୋପାନ-୨ : କୃଷି ଓ ଉଦ୍ୟାନ କୃଷି ମଧ୍ୟରେ ପ୍ରଭେଦ

- ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ସେମାନେ ବାସକରୁଥିବା ଅଞ୍ଚଳ ଅନୁଯାୟୀ କେତେକ ଦଳ (୩/୪)ରେ ବିଭକ୍ତ କରିବେ । ପ୍ରତ୍ୟେକ ଦଳଙ୍କୁ ବିଭିନ୍ନ ପ୍ରକାର କୃଷି ଓ ଉଦ୍ୟାନକୃଷି ଏବଂ ଏହାର ଅଧିକ ଉତ୍ପାଦନ, ଅଧିକ ଲାଭବାନ ପାଇଁ କ'ଣ ସବୁ ଅସୁବିଧା ଅଛି ସେ ସମ୍ପର୍କରେ ତାଲିକା ପ୍ରସ୍ତୁତ କରି ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବେ ।
- ଅଂଶଗ୍ରହଣକାରୀଙ୍କୁ ହ୍ୟାଣ୍ଡ ଆଉଟ୍ ପ୍ରଦାନ କରି ଆଲୋଚନା କରିବେ ।

ସୋପାନ-୩ : ବହୁବିଧ କୃଷିର ପ୍ରକାର ଭେଦ

ବିଭିନ୍ନ ପ୍ରକାର (ସ୍ଥାନ, ସମୟ, ପରିବେଶ) ଚାଷ ସମ୍ପର୍କୀୟ ଚିତ୍ର ପ୍ରଦର୍ଶନ

ପୋଖରୀ ହୁଡା, ଘରର ବାଡି, ଦୀର୍ଘସ୍ଥାୟୀ, ସ୍ୱଳ୍ପସ୍ଥାୟୀ, ଫଳଚାଷ, ଫୁଲଚାଷ, ଔଷଧୀୟ ବୃକ୍ଷଚାଷ, ପତ୍ରଚାଷ, ଘାଷ ଚାଷ, କୁଣ୍ଡରେ ଚାଷ, ବ୍ୟବସାୟିକ ଚାଷ, ଋତୁକାଳୀନ ଚାଷ ।

ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ଏହି ଚିତ୍ର ସମ୍ପର୍କରେ ଆଲୋଚନା କରି ସେମାନେ କିପରି ଏହାକୁ ନିଜ ନିଜ ଦୈନନ୍ଦିନ ଜୀବନରେ ଉପଯୋଗ କରିବା ପାଇଁ ଆଗ୍ରହାନ୍ୱିତ ହୋଇ ଲାଭବାନ୍ ହୋଇପାରିବେ ସେଥିପାଇଁ ଉତ୍ସାହିତ କରିବା ପାଇଁ ଉଦ୍ୟମ କରିବେ ।

ସୋପାନ-୪ : ଯାନ୍ତ୍ରିକ ଓ ବୈଜ୍ଞାନିକ କୌଶଳ ସମ୍ବନ୍ଧୀୟ ଜ୍ଞାନ

- ଯାନ୍ତ୍ରିକ ଓ ବୈଜ୍ଞାନିକ କୌଶଳ ସମ୍ପର୍କୀୟ ଚାଷ ସମ୍ପର୍କରେ ଚିତ୍ର ପ୍ରଦର୍ଶନ କରି ବୁଝାଇବେ । ବିଭିନ୍ନ ପ୍ରକାର ଯନ୍ତ୍ରର ଚିତ୍ର ପ୍ରଦତ୍ତ ହେବ ।
- ଘାସ କାଟିବା, ଗଛ କାଟିବା, ଜଳସିଞ୍ଚନ, ବିଭିନ୍ନ ପ୍ରକାର ଜଳଯୋଗାଣର ମାଧ୍ୟମ, Follow https://etc.usf.edu, Clipart, Gallaries, Horticultural Tools & Equipment
- ପ୍ରଦର୍ଶିତ ଚିତ୍ରର ହ୍ୟାଣ୍ଡ ଆଉଟ୍ ପ୍ରଦାନ କରି ତାଲିମଦାତା ଅଂଶଗ୍ରହଣକାରୀଙ୍କ ସହିତ ଆଲୋଚନା କରିବେ ।

ସୋପାନ-୫ : ସାର ପ୍ରସ୍ତୁତି

ସାର ପ୍ରସ୍ତୁତି

- ବିଭିନ୍ନ ପ୍ରକାର ସାର ପ୍ରସ୍ତୁତି ସମ୍ବନ୍ଧରେ ଜାଣିବା ଓ ତାର ପ୍ରୟୋଗ ସମ୍ପର୍କରେ ଜ୍ଞାନ ଆହରଣ କରିବା
- ତାଲିମଦାତା ପ୍ରଥମେ ଅଂଶଗ୍ରହଣକାରୀମାନଙ୍କ ସହିତ ବିଭିନ୍ନ ପ୍ରକାର ସାରପ୍ରୟୋଗର ଉପାୟ ସମ୍ପର୍କରେ ଆଲୋଚନା କରିବେ ।
- ପରବର୍ତ୍ତୀ ପର୍ଯ୍ୟାୟରେ ତାଲିମଦାତା, ପ୍ରାଣମୃତ, ଆଗ୍ନେୟାସ୍ତ୍ର, ନିର୍ମାସ୍ତ୍ର, ସମ୍ବନ୍ଧୀୟ ହ୍ୟାଣ୍ଡ ଆଉଟ୍ ଦେଇ ଅଂଶଗ୍ରହଣକାରୀମାନଙ୍କ ସହିତ ଆଲୋଚନା କରିବେ ।

ସୋପାନ-୬ : କୃଷି ଉତ୍ପାଦନର ସଂରକ୍ଷଣ ଓ ବିକ୍ରୟ

କୃଷି ଉତ୍ପାଦନର ସଂରକ୍ଷଣ ଓ ବିକ୍ରୟ ସମ୍ବନ୍ଧୀୟ ଆଲୋଚନା

ସୋପାନ-୭ : କୃଷି ଉଦ୍ୟୋଗୀକରଣ

ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ୫ଟି ଗୋଷ୍ଠୀରେ ବିଭକ୍ତ କରି ପ୍ରତ୍ୟେକ ଦଳକୁ ଗୋଟିଏ ଲେଖାଏଁ କୃଷି ଉତ୍ପାଦନର ନାମ ଅନୁସାରେ ନାମକରଣ କରିବେ ।

ପ୍ରତ୍ୟେକ ଦଳଙ୍କୁ ନିର୍ଦ୍ଦିଷ୍ଟ ଚାଷକୁ ନେଇ ଏକ ଉଦ୍ୟୋଗ ପ୍ରସ୍ତୁତ କରିବାର ଯୋଜନା ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ଦେବେ । ଯୋଜନାଟି ନିମ୍ନଲିଖିତ କ୍ରମରେ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେବେ ।

(ଚିହ୍ନଟକରଣ ..... ପଦ୍ଧତି ..... ସଂଗ୍ରହ ..... ସଂରକ୍ଷଣ ..... ବିକ୍ରୟ ..... ମାନବ ସମ୍ବଳର ବିନିଯୋଗ ..... ପୁଞ୍ଜି ସଂଗ୍ରହ ଓ ବିନିଯୋଗ

ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ନିଜ ନିଜର ଆଲୋଚନାଗୁଡିକୁ ପୃଥକ୍ ପୃଥକ୍ ଗୋଷ୍ଠୀରେ ଆସି ଉପସ୍ଥାପନା କରିବା ପାଇଁ ନିର୍ଦ୍ଦେଶ ଦେବେ ।

ତାଲିମଦାତାଙ୍କ ପାଇଁ

ତାଲିମଦାତା ଅଂଶଗ୍ରହଣକାରୀମାନଙ୍କ ସହିତ ଆଲୋଚନା କରିବା ସମୟରେ ସେମାନେ କିପରି ସ୍ୱାଧୀନ ଭାବରେ ନିଜ ନିଜ ଅଞ୍ଚଳର କୃଷିଭିତ୍ତିକ ପରିବେଶ, ଅନୁଭୂତି, ଅସୁବିଧା, ସୁବିଧା ସମ୍ବନ୍ଧରେ ଆଲୋଚନା କରିପାରିବେ, ସେଥିପ୍ରତି ଦୃଷ୍ଟି ଦେବେ ।

ବିଜାମୃତ

ଆବଶ୍ୟକ ସାମଗ୍ରୀ






୧. ଦେଶୀ ଗାଈ ପରିସ୍ରା (୫ ଲିଟର)
୨. ଦେଶୀ ଗାଈ ଗୋବର (୫ କି.ଗ୍ରା)
୩. ଧଳା ଚୁନ (୫୦ ଗ୍ରାମ)
୪. ଜଙ୍ଗଲ ମାଟି (୧ ଆଞ୍ଜୁଳା)
୫. ପାଣି (୨୦ ଲିଟର)

ପ୍ରସ୍ତୁତି ପ୍ରଣାଳୀ



୧. ଗୋଟିଏ ବଡ ପାତ୍ର ବା କୁଣ୍ଡରେ ଏସବୁକୁ ଏକତ୍ର ମିଶାଇ ପାଣିରେ ଗୋଳାଇ ୨୪ ଘଣ୍ଟା ରଖନ୍ତୁ।
୨. ଦିନକୁ ୨ ଥର ବାଡି ସାହାଯ୍ୟରେ ଘାଣ୍ଟନ୍ତୁ।
୩. ୨୪ ଘଣ୍ଟା ପରେ ବିଜାମୃତ ପ୍ରସ୍ତୁତି ହୋଇଯିବ।

ବ୍ୟବହାର ବିଧି



୧. ୨ କିଲୋଗ୍ରାମ ଧାନ ବିହନକୁ ୫୦ ରୁ ୬୦ ମିଲି ବିଜାମୃତରେ ଗୋଳାନ୍ତୁ।
୨. ୬ ରୁ ୭ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଶୁଖାନ୍ତୁ।
୩. ଏବେ ମଞ୍ଜିକୁ ତଳି ପଟିରେ ପକାନ୍ତୁ।

ବ୍ୟବହାରର ଲାଭ




୧. ଲତା ଜାତୀୟ ଫସଲ କିମ୍ବା ପନିପରିବା ମଞ୍ଜିକୁ ବୁଡାଇ ସଙ୍ଗେ ସଙ୍ଗେ ଉଠାନ୍ତୁ।
୨. ୬ ରୁ ୭ ଘଣ୍ଟା ପର୍ଯ୍ୟନ୍ତ ମଂଜିକୁ ଛାଇରେ ଶୁଖାନ୍ତୁ।
୩. ଏବେ ଏହି ମଞ୍ଜିକୁ ରୋପଣ କିମ୍ବା ତଳି ପଟିରେ ପକାଇ ପାରିବେ।
୪. ଚାରା ରୋପଣ ପୂର୍ବରୁ ତଳିକୁ ଉପାଡି ଏହାର ଚେରକୁ ବିଜମୃତରେ ବିଶୋଧନ କରି ରୁଆଯାଇପାରିବ।

ଅଧିବେଶନ-୨

ପଶୁପାଳନ - ଜୀବନ ଜୀବିକାର ଉତ୍ସ

ଉଦ୍ଦେଶ୍ୟ :

- ଅଂଶଗ୍ରହଣକାରୀମାନେ ସେମାନଙ୍କ ଚତୁଃପାର୍ଶ୍ୱରେ ଉପଲବ୍ଧ ହେଉଥିବା ପଶୁସମ୍ପଦ ବିଷୟରେ ସଚେତନ ହେବେ।
- ଅଂଶଗ୍ରହଣକାରୀମାନେ ପଶୁସମ୍ପଦର ସମସ୍ୟା ଓ ତା'ର ସମାଧାନ ବିଷୟରେ ଅବଗତ ହେବେ

ଅଧିବେଶନ ସାରଣୀ :

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ଉତ୍ସାହ ପ୍ରଦାନକାରୀ ଖେଳ ପଶୁମାନଙ୍କର ରଡ଼ି	ଦଳଗତ ଅଂଶଗ୍ରହଣ	୦୫ ମିନିଟ୍
୨.	ପଶୁ ଏବଂ ସେମାନଙ୍କର ଗୁରୁତ୍ୱ	ଅଭିନୟ ଓ ଦଳଗତ ଆଲୋଚନା	୨୫ ମିନିଟ୍
୩.	ପଶୁ ଉଦ୍ୟୋଗ ଓ ଏହାକୁ ପ୍ରଭାବିତ କରୁଥିବା ସମସ୍ୟା ସମୂହ	ଦଳଗତ ଆଲୋଚନା, ଉପସ୍ଥାପନା ଓ ଭିଡ଼ିଓ ପ୍ରଦର୍ଶନ	୨୫ ମିନିଟ୍
୪.	ପୂର୍ବ ବିଷୟର ଆଲୋଚନା ଓ ମତାମତ	ଦଳଗତ ଆଲୋଚନା	୦୫ ମିନିଟ୍
ମୋଟ			୬୦ ମିନିଟ୍

ଆବଶ୍ୟକୀୟ ଉପକରଣ :

ଭିଡ଼ିଓ ଉପକରଣ, ପ୍ରୋଜେକ୍ଟର, ଲାପ୍‌ଟପ୍, ପଶୁମାନଙ୍କର ଛବି (ଉଭୟ ଜଙ୍ଗଲୀ ଓ ଗୃହପାଳିତ), ଚାର୍ଟ ପେପର, ମାର୍କର, ସ୍କେଚ୍‌ପେନ୍, ହ୍ୟାଣ୍ଡ ଆଉଟ୍ (ସୂଚନା ପତ୍ର)

ସୋପାନ -୧ : ଉତ୍ସାହ ପ୍ରଦାନକାରୀ ଖେଳ ପଶୁମାନଙ୍କର ରଡ଼ି

- ତାଲିମଦାତା ପ୍ରଥମେ ଅଂଶଗ୍ରହଣକାରୀମାନଙ୍କୁ ଗୋଟିଏ ବୃତ୍ତାକାରରେ ଠିଆ ହେବାପାଇଁ ନିର୍ଦ୍ଦେଶ ଦେବେ।
- ତା'ପରେ ପ୍ରତ୍ୟେକଙ୍କୁ ସେମାନଙ୍କର ପ୍ରିୟ ପଶୁମାନଙ୍କର ରଡ଼ି କରିବାପାଇଁ କହିବେ।
- ଅନ୍ୟ ଅଂଶଗ୍ରହଣକାରୀମାନେ ଏହି ଶବ୍ଦକୁ ଶୁଣି, ଏହା କେଉଁ ପଶୁର ଶବ୍ଦ ବୋଲି ଅନୁମାନ କରିବେ।
- ସମସ୍ତ ଅଂଶଗ୍ରହଣକାରୀ ଯେପରି ଏହି କାର୍ଯ୍ୟକ୍ରମରେ ଶତପ୍ରତିଶତ ଅଂଶଗ୍ରହଣ କରିବେ, ସେଥିପ୍ରତି ତାଲିମଦାତା ଧ୍ୟାନ ଦେବେ।

ସୋପାନ-୨ : ପଶୁ ଏବଂ ସେମାନଙ୍କର ଗୁରୁତ୍ୱ

(୩ଟି ଜଙ୍ଗଲୀ ପଶୁ ଓ ୩ଟି ଗୃହପାଳିତ ପଶୁର ଚିତ୍ର ଦିଆଯିବ)

- ଏହି ଅଧିବେଶନରେ ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ଜଙ୍ଗଲୀ ପଶୁ ଓ ଗୃହପାଳିତ ପଶୁମାନଙ୍କ ବିଷୟରେ ସମ୍ୟକ୍ ଆଲୋଚନା କରିବେ ।
- ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ କେତେକ ଜଙ୍ଗଲୀ ପଶୁ ଓ ଗୃହପାଳିତ ପଶୁମାନଙ୍କର ଚିତ୍ର ପ୍ରଦର୍ଶନ କରି, ସେଗୁଡ଼ିକର ବର୍ଗୀକରଣ କରିବାପାଇଁ ନିର୍ଦ୍ଦେଶ ଦେବେ ।
- ତା'ପରେ ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ୪ଟି ଦଳରେ ଭାଗ କରିବେ ।
- ସେମାନଙ୍କୁ ଗାଈ, ଛେଳି, କୁକୁଡ଼ା ଏବଂ ଘୁଷୁରୀ ବିଷୟରେ ଆଲୋଚନା କରି ଅଭିନୟ କରିବାକୁ କହିବେ ।

ବି.ଦ୍ର : ପଶୁମାନଙ୍କର ବାସସ୍ଥାନ, ପ୍ରକାର, ଖାଦ୍ୟ, ସ୍ୱାସ୍ଥ୍ୟ, ପରିଚାଳନା ଏବଂ ଉପକାରିତା ଉପରେ ଗୁରୁତ୍ୱ ଦେଇ ଅଭିନୟ କରାଯିବ ।

ସର୍ବଶେଷରେ ତାଲିମଦାତା ଏହି ସୋପାନର ଫଳାଫଳ ବିଷୟରେ ଖୋଲାଖୋଲି ଆଲୋଚନା କରିବେ ।

ସୋପାନ-୩ : ପଶୁ ଉଦ୍ୟୋଗ ଓ ଏହାକୁ ପ୍ରଭାବିତ କରୁଥିବା ସମସ୍ୟା ସମୂହ

(ଗୋଟିଏ ଛେଳି ଚାଷର ଫଟୋ ଓ ଗୋଟିଏ କୁକୁଡ଼ା ଚାଷର ଫଟୋ ଦିଆଯିବ)

- ଏହି ଅଧିବେଶନରେ ତାଲିମଦାତା ପଶୁସମ୍ପଦ ପରିଚାଳନାର ୪ଟି ସ୍ତମ୍ଭ ଯଥା : ବାସସ୍ଥାନ, ପୋଷାକ, ସ୍ୱାସ୍ଥ୍ୟ ପରିଚାଳନା ଏବଂ ବ୍ୟବସାୟୀକରଣ ଇତ୍ୟାଦି ବିଷୟରେ ପାୱାର ପଏଣ୍ଟ ଉପସ୍ଥାପନା କରିବେ ।
- ତାଲିମଦାତା ଉପରୋକ୍ତ ୪ଟି ସ୍ତମ୍ଭର କେତେକ ଗୁରୁତ୍ୱପୂର୍ଣ୍ଣ ଟିପ୍‌ପଣୀ ପ୍ରଦାନ କରିବେ ।
- ତା'ପରେ ତାଲିମଦାତା ଛେଳି ଓ କୁକୁଡ଼ା ଚାଷ / ଉଦ୍ୟୋଗ ବିଷୟରେ ଏକ କ୍ଷୁଦ୍ର ଭିଡ଼ିଓ ପ୍ରଦର୍ଶନ କରିବେ ।

ବି.ଦ୍ର : ତାଲିମଦାତା ଉପରୋକ୍ତ ଭିଡ଼ିଓ ବିଷୟରେ ଦଳଗତ ଆଲୋଚନା କରାଇବେ ଓ ମତାମତ ନେବେ ।

ସୋପାନ-୪ : ପୂର୍ବ ବିଷୟର ଆଲୋଚନା ଓ ମତାମତ

ତାଲିମଦାତା ପୂର୍ବ ସୋପାନଗୁଡ଼ିକର ପୁନଃ ଆଲୋଚନା କରିବା ସହିତ ସେଥିରେ ଥିବା ମୁଖ୍ୟ ଶିକ୍ଷଣୀୟ ବିଷୟଗୁଡ଼ିକୁ ଉପସ୍ଥାପନ କରିବାପାଇଁ ଅଂଶଗ୍ରହଣକାରୀମାନଙ୍କୁ କହିବେ ଓ ସେମାନଙ୍କଠାରୁ ମତାମତ ସଂଗ୍ରହ କରିବେ ।

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ତାଲିମଦାତାଙ୍କୁ ଅଧିବେଶନ ପରିଚାଳନାରେ ସାହାଯ୍ୟ କରିବ ।

ପ୍ରଶ୍ନ ୧ : ତୁମେମାନେ ଏହି ଅଧିବେଶନରୁ କ'ଣ ଶିଖିଲ ?

ପ୍ରଶ୍ନ ୨ : ପଶୁ ଉଦ୍ୟୋଗ ତୁମ ଅଞ୍ଚଳରେ ସଫଳ ହେବ ବୋଲି ତୁମେ ଭାବୁଛ କି ?

ପ୍ରଶ୍ନ ୩ : ପଶୁପାଳନ ତୁମମାନଙ୍କର ଜୀବିକା ନିର୍ବାହରେ ସାହାଯ୍ୟ କରିପାରିବ କି ?

ଅଧିବେଶନ-୩

ଅଣକାଠ ବନ୍ୟଜାତ ଦ୍ରବ୍ୟ - ଜୀବନ ଜୀବିକାର ଉତ୍ସ

ଉଦ୍ଦେଶ୍ୟ :

- ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ଅଣକାଠ ବନ୍ୟଜାତ ଦ୍ରବ୍ୟ ବିଷୟରେ ଜାଣିବାପାଇଁ ସଚେତନତା ସୃଷ୍ଟି କରାଇବା ।
- ସ୍ଥାନୀୟ ଉପଲବ୍ଧ ଅଣକାଠ ବନ୍ୟଜାତ ଦ୍ରବ୍ୟ ବିଷୟରେ ଅଂଶଗ୍ରହଣକାରୀମାନଙ୍କୁ ହୃଦୟଙ୍ଗମ କରାଇବା ।
- ଅଂଶଗ୍ରହଣକାରୀମାନଙ୍କୁ ଅଣକାଠ ବନ୍ୟଜାତ ଦ୍ରବ୍ୟର ବଜାର ସ୍ଥିତି ବିଷୟରେ ଅବଗତ କରାଇବା ।
- ଅଂଶଗ୍ରହଣକାରୀମାନଙ୍କୁ ଅଣକାଠ ବନ୍ୟଜାତ ଦ୍ରବ୍ୟଗୁଡ଼ିକୁ ଜୀବନ ଜୀବିକାର ଏକ ସମ୍ଭାବିତ ବିକଳ୍ପ ଉତ୍ସ ଭାବରେ ଗ୍ରହଣ କରିବା ପାଇଁ ଉତ୍ସାହିତ କରିବା

ଅଧିବେଶନ ସାରଣୀ :

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ଉତ୍ସାହ ପ୍ରଦାନକାରୀ ଖେଳ	ଖେଳ	୧୦ ମିନିଟ୍
୨.	ଅଣକାଠ ବନ୍ୟଜାତ ଦ୍ରବ୍ୟ ଏବଂ ଜୀବନ ଜୀବିକାରେ ଏହାର ଗୁରୁତ୍ୱ	ଆଲୋଚନା	୧୫ ମିନିଟ୍
୩.	ବିଭିନ୍ନ ପ୍ରକାର ଅଣକାଠ ବନ୍ୟଜାତ ଦ୍ରବ୍ୟ ଏବଂ ଏହାର ବ୍ୟବହାର	ଗୋଷ୍ଠୀ ଆଲୋଚନା ଓ ଉପସ୍ଥାପନା	୧୫ ମିନିଟ୍
୪.	ଅଣକାଠ ବନ୍ୟଜାତ ଦ୍ରବ୍ୟର ବିକ୍ରୟ ପାଇଁ ବଜାର ଅବସ୍ଥିତି	ଗୋଷ୍ଠୀ ଆଲୋଚନା ଓ ଉପସ୍ଥାପନା	୧୦ ମିନିଟ୍
୫.	ଅଣକାଠ ଜଙ୍ଗଲଜାତ ଦ୍ରବ୍ୟ ଜୀବନ ଜୀବିକାର ମାଧ୍ୟମ		୦୫ ମିନିଟ୍
୬.	ଅନୁଭୂତ ଓ ମତାମତ		୦୫ ମିନିଟ୍
ମୋଟ			୬୦ ମିନିଟ୍

ଆବଶ୍ୟକୀୟ ଉପକରଣ :

ହ୍ୱାଇଟ ବୋର୍ଡ, ପ୍ରୋଜେକ୍ଟର, ଚାର୍ଟ ପେପର, ମାର୍କର, ସେଲୋଟେପ, ସ୍କେଚ୍‌ପେନ୍, ଲାପ୍‌ଟପ୍

ସୋପାନ-୧ : ଉତ୍ସାହ ପ୍ରଦାନକାରୀ ଖେଳ

- ଅଂଶଗ୍ରହଣକାରୀମାନଙ୍କୁ ହାତ ଧରାଧରି ହୋଇ ଏକ ବୃତ୍ତ ଆକାରରେ ଠିଆ ହେବା ପାଇଁ ନିର୍ଦ୍ଦେଶ ଦେବା । ପରବର୍ତ୍ତୀ ପର୍ଯ୍ୟାୟରେ ତାଲିମଦାତା ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ଜଣଙ୍କୁ ବଲ୍‌ଟି ଅନ୍ୟଜଣଙ୍କ ପାଖକୁ ଫିଙ୍ଗିବା ପାଇଁ କହିବେ । ବଲ୍‌ଟି ଯାହା ପାଖରେ ପହଞ୍ଚିବ ସେ ବଲ୍‌ଟିକୁ ଧରି ନିଜ ବିଷୟରେ ତିନୋଟି ବାକ୍ୟ କହିବେ ।

- ତୁମେ ଓଡ଼ିଶାର ନିର୍ଦ୍ଦିଷ୍ଟ କେଉଁ ଅଞ୍ଚଳରେ ବସବାସ କର ।
- ତୁମକୁ ଭଲ ଲାଗୁଥିବା ନିଜ ଅଞ୍ଚଳରେ ଉପଲବ୍ଧ ପଦାର୍ଥଟି ନାମ କ'ଣ (ଜଙ୍ଗଲଜାତ / ପ୍ରାକୃତିକ / ଉଦ୍ଭିଦଜାତ)
- ତୁମ ଅଞ୍ଚଳରେ ମିଳୁଥିବା ଜଙ୍ଗଲଜାତ କୌଣସି ଦ୍ରବ୍ୟକୁ ବିକ୍ରି କରି କେହି ଜୀବିକା ନିର୍ବାହ କରନ୍ତି କି ? ଯଦି ହଁ କିପରି, ଯଦି ନାହିଁ ତୁମେ କିଛି ଭାବ କି ?

ଏହିପରି ଭାବରେ ପ୍ରତ୍ୟେକ ଅଂଶଗ୍ରହଣକାରୀମାନଙ୍କୁ କହିବା ପାଇଁ ସୁଯୋଗ ଉପଲବ୍ଧ ହେବା ଉଚିତ୍ ।

ସୋପାନ-୨ : ଅଣକାଠ ବନ୍ୟଜାତ ଦ୍ରବ୍ୟ ଏବଂ ଜୀବନ ଜୀବିକାରେ ଏହାର ଗୁରୁତ୍ୱ

- ପ୍ରଥମେ ଅଂଶଗ୍ରହଣକାରୀମାନଙ୍କ ସହିତ ସେମାନଙ୍କ ଅଞ୍ଚଳ, ଜୀବନ ଜୀବିକା ଓ ଏହାର ମାଧ୍ୟମ ସଭିଙ୍କର ଅତ୍ୟନ୍ତ ସହଜ, ସୁନ୍ଦର ସାବଲୀଳ ଭାବରେ ଆଲୋଚନା କରିବା ଯେପରିକି ସେମାନେ ପ୍ରଶିକ୍ଷଣର ବିଷୟବସ୍ତୁ ସମ୍ପର୍କରେ ତାଙ୍କ ମନରେ ଆନ୍ତରିକତା ଓ ଆଗ୍ରହ ସୃଷ୍ଟି ହୋଇପାରିବ । ଆଲୋଚନା ସମୟରେ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ପଚାରି ସେମାନଙ୍କୁ ଅଧିକ ପ୍ରଭାବିତ କରିପାରିବା । ଯେପରିକି
- ତୁମମାନଙ୍କ ଘର ନିକଟରେ ଜଙ୍ଗଲ ଅଛି କି ?
- ତୁମେ ଏହି ଜଙ୍ଗଲର ଯତ୍ନ ନିଅ କି ?
- ଏହା ତୁମକୁ ବିଭିନ୍ନ ବାଟରେ ସାହାଯ୍ୟ କରେ କି ?
- ତୁମେ ଜଙ୍ଗଲରୁ କି କି ପ୍ରକାର ଉପକାର ପାଉଛ ?
- ପରବର୍ତ୍ତୀ ପର୍ଯ୍ୟାୟରେ ଅଂଶଗ୍ରହଣକାରୀମାନଙ୍କର ସଂଖ୍ୟା ଅନୁସାରେ ସେମାନଙ୍କୁ ୪ଟି କିମ୍ବା ୫ଟି ଗ୍ରୁପରେ ବିଭକ୍ତ କରିବା, ଗୋଷ୍ଠୀ ବିଭକ୍ତ କରିବାର ମାଧ୍ୟମ ଅଂଶଗ୍ରହଣକାରୀମାନଙ୍କ ନିମନ୍ତେ ଉତ୍ସାହ ପ୍ରଦାନକାରୀ ହେବା ଆବଶ୍ୟକ ।
- ପ୍ରତ୍ୟେକ ଗ୍ରୁପକୁ ଗୋଟିଏ ଗୋଟିଏ ଜଙ୍ଗଲଜାତ ଦ୍ରବ୍ୟର ନାମ ଅନୁସାରେ ନାମିତ କରିବେ । ଯେପରିକି (ମହୁଲ, ଝୁଣା, ସବାଇ ଘାସ, ମହୁ) ଇତ୍ୟାଦି ।
- ତାପରେ ଅଂଶଗ୍ରହଣକାରୀମାନଙ୍କୁ ନିର୍ଦ୍ଦେଶ ଦେଇ କହିବେ ସେମାନେ ଏକ ଯୋଜନା ପ୍ରସ୍ତୁତିର କଳ୍ପନା କରିବେ । ଯେଉଁଥିରେ କି ଜଙ୍ଗଲଜାତ ଦ୍ରବ୍ୟ କିପରି ଜୀବନ ଜିବୀକାର ଏକ ଅତ୍ୟନ୍ତ ଉପାଦେୟ ଉତ୍ସଭାବେ ବିନିଯୋଗ ହୋଇପାରିବ । ଏହି ଆଲୋଚନା ପାଇଁ ଅଂଶଗ୍ରହଣକାରୀମାନଙ୍କୁ ୧୫ରୁ ୨୦ ମିନିଟ୍ ସମୟ ପ୍ରଦାନ କରାଯିବ ।
- ଆଲୋଚନା ଶେଷରେ ଅଂଶଗ୍ରହଣକାରୀମାନେ ନିଜ ନିଜର ମତାମତ ଓ ଭାବନାଗୁଡ଼ିକୁ ଉପସ୍ଥାପନା କରିବେ । ଏହି ଉପସ୍ଥାପନା ପାଇଁ ସେମାନେ ଚାର୍ଟପେପର ଅଭିନୟ କିମ୍ବା ଆଲୋଚନା ମାଧ୍ୟମରେ କରିପାରିବେ ।

ସୋପାନ-୩ : ବିଭିନ୍ନ ପ୍ରକାର ଅଣକାଠ ବନ୍ୟଜାତ ଦ୍ରବ୍ୟ ଏବଂ ଏହାର ବ୍ୟବହାର

- ତାଲିମଦାତା / ଅଂଶଗ୍ରହଣକାରୀମାନଙ୍କ ସହିତ ବିଭିନ୍ନ ପ୍ରକାର ଜଙ୍ଗଲଜାତ ଦ୍ରବ୍ୟ ଏବଂ ଏହାର ବ୍ୟବହାର ସମ୍ପର୍କରେ ଏକ ଆଦାନ ପ୍ରଦାନ ମୂଳକ ଆଲୋଚନା କରିବେ ।
- ତାପରେ ହ୍ୟାଣ୍ଡ ଆଉଟ୍ ବଣ୍ଟନ କରାଯିବ । ଯେଉଁଥିରେ କି ଉପରୋକ୍ତ ଆଲୋଚନା ଗୁଡ଼ିକର ବ୍ୟବସ୍ଥିତ ଭାବରେ ଲେଖାଯାଇଥିବ ।

- ଅଂଶଗ୍ରହଣକାରୀମାନଙ୍କୁ ମଧ୍ୟ ଏହା ସହିତ ସେମାନଙ୍କର ଅଧିକ ମତାମତ ବା ଚିନ୍ତାଧାରା ଯୋଗ କରିପାରିବେ ।

ସୋପାନ-୪ : ଅଣକାଠ ବନ୍ୟଜାତ ଦ୍ରବ୍ୟର ବିକ୍ରୟ ପାଇଁ ବଜାର ଅବସ୍ଥିତି

ଏଠାରେ ବିଭିନ୍ନ ପ୍ରକାର ବଜାର ଅବସ୍ଥିତିର ଚିତ୍ର ପ୍ରଦତ୍ତ ହେବ ।

- ବିଭିନ୍ନ ପ୍ରକାର ଜଙ୍ଗଲଜାତ ଦ୍ରବ୍ୟ ବିକ୍ରୟ ପାଇଁ ବଜାର ଅବସ୍ଥିତି ।
- ବିଭିନ୍ନ ପ୍ରକାର ବଜାରର ଚିତ୍ର ଅଂଶଗ୍ରହଣକାରୀମାନଙ୍କୁ ପ୍ରଦର୍ଶନ କରି ସେ ସମ୍ପର୍କରେ ଆଲୋଚନା କରାଯିବ । ଉଦାହରଣ ସ୍ୱରୂପ : ସାପ୍ତାହିକ ବଜାର, ସ୍ଥାନୀୟ ବଜାର, ଚଳମାନ ବଜାର, ଆଞ୍ଚଳିକ ବଜାର ଏବଂ ରପ୍ତାନୀ ବଜାର ।
- ଆଲୋଚନା ସମୟରେ ଅଂଶଗ୍ରହଣକାରୀମାନେ ଯେପରି ବିଭିନ୍ନ ପ୍ରକାର ବଜାର ମଧ୍ୟରେ ଥିବା ପ୍ରଭେଦ ଉପାଦେୟତା ଏବଂ ପଦ୍ଧତି ସମ୍ପର୍କରେ ବୁଝିପାରିବେ ।

ସୋପାନ-୫ : ଅଣକାଠ ଜଙ୍ଗଲଜାତ ଦ୍ରବ୍ୟ ଜୀବନ ଜୀବିକାର ମାଧ୍ୟମ

- ଅଣକାଠ ଜଙ୍ଗଲଜାତ ଦ୍ରବ୍ୟ କିପରି ସେମାନଙ୍କର ଜୀବନ ଜୀବିକାର ମାଧ୍ୟମ ରୂପେ ବ୍ୟବହୃତ ହୋଇପାରିବ
- ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ କରି ତାଙ୍କ ଅଞ୍ଚଳରେ ସ୍ଥାନୀୟ ସୁଲଭ କୌଣସି ଏକ ଅଣକାଠ ଜଙ୍ଗଲଜାତ ଦ୍ରବ୍ୟକୁ ନେଇ ଜୀବନ ଜୀବିକା ନିମନ୍ତେ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତ କରିବେ । ସେମାନେ ଯୋଜନାଟିକୁ ନିମ୍ନଲିଖିତ କ୍ରମ ଅନୁସାରେ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେବେ । ଚିହ୍ନଟ କରଣ ..... ସଂଗ୍ରହ ..... ପ୍ରସ୍ତୁତକାରୀ ପଦ୍ଧତି..... ଅର୍ନ୍ତଭୁକ୍ତ ମାନବ ସମ୍ବଳ ଏବଂ ଶ୍ରମ ..... ପୃଥକୀକରଣ ..... ବଜାରୀ କରଣ..... ସମୟ ବିନିଯୋଗ ଇତ୍ୟାଦି ।

ସୋପାନ-୬ : ଅନୁଭୂତି ଓ ମତାମତ

- ଅଂଶଗ୍ରହଣକାରୀମାନଙ୍କ ସହିତ ସେମାନଙ୍କ ଅନୁଭୂତି ଏବଂ ମତାମତ ସମ୍ପର୍କରେ ତାଲିମଦାତା ଆଲୋଚନା କରିବେ । ପଚାରିବା ସମୟରେ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ପଚାରିବେ । ଯେପରିକି :
- ତୁମେମାନେ କ'ଣ ଅନୁଭବ କରିଲ ? ଏହି ଦ୍ରବ୍ୟଗୁଡିକୁ ନେଇ ଜୀବିକା ନିର୍ବାହର ପନ୍ଥା ପାଇହେବ କି ? ଏହାକୁ ନେଇ ଏକ କୁଟୀର ଶିଳ୍ପର କଳ୍ପନା କରିହେବ କି ? ଏହାଦ୍ୱାରା ଜଣେ ରୋଜଗାର କ୍ଷମ ହୋଇ ଅନ୍ୟମାନଙ୍କୁ ରୋଜଗାରର ପନ୍ଥା ଯୋଗାଇପାରିବ କି ?

ତାଲିମଦାତାଙ୍କ ପାଇଁ :

ଏହି ପର୍ଯ୍ୟାୟଟିରେ ଯେପରି ଅଂଶଗ୍ରହଣକାରୀ ପୂର୍ଣ୍ଣ ରୂପେ ଯୋଗଦାନ କରିପାରିବେ ଏବଂ ସେମାନଙ୍କ ଭାବନାର ଆଦାନ ପ୍ରଦାନ ସେମାନଙ୍କ ପାଇଁ ଅତ୍ୟନ୍ତ ସହଜ ହୋଇପାରିବ, ସେଥିପ୍ରତି ଦୃଷ୍ଟି ଦେବେ । ତାଲିମଦାତା ଉପଲବ୍ଧ କରିବା ଆବଶ୍ୟକ ଯେ ଏହି ଅଣକାଠ ଜଙ୍ଗଲଜାତ ଦ୍ରବ୍ୟ ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କ ପାଖରେ ଅଧିକ ସୂଚନା ଓ ଅନୁଭବ ରହିଛି । ତାଲିମଦାତା କେବଳ ସହଯୋଗ କରିବେ କି ଯାହାଦ୍ୱାରା ସେମାନେ ଏହାକୁ ସମ୍ପୂର୍ଣ୍ଣ ରୂପେ ବ୍ୟକ୍ତ କରିବେ ଏବଂ ପ୍ରଶିକ୍ଷଣର ଉଦ୍ଦେଶ୍ୟ ଅନୁସାରେ ଏହାକୁ ବିନିଯୋଗ କରିପାରିବେ । ତାଲିମଦାତା ଏ ସମ୍ବନ୍ଧରେ ଅଧିକ ଅଧିକ ପ୍ରଶ୍ନ ପଚାରିବେ । ସେମାନଙ୍କର ସନ୍ଦେହ ଦୂର କରିବା ପାଇଁ ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିବେ । ଏହି ଦ୍ରବ୍ୟଗୁଡ଼ିକ ଉପାଦେୟ

ପଦ୍ଧତି, ବ୍ୟବସାୟକରଣ ଓ ବିକ୍ରେତା ସମ୍ପର୍କରେ ଅଧିକରୁ ଅଧିକ ସୂଚନା ଦେଇ ତାଲିମଦାତା ଏହାର ଗୁରୁତ୍ୱ ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ଅନୁଭବ କରାଇବା ପାଇଁ ଚେଷ୍ଟା କରାଇବେ। ସର୍ବୋପରି ଏହି ସମସ୍ତ ଦ୍ରବ୍ୟକୁ ନେଇ ରୋଜଗାରର ପନ୍ଥା ଖୋଜିବାପାଇଁ ତାଲିମଦାତା ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳ ମନୋଭାବ ସୃଷ୍ଟି କରାଇବା ପାଇଁ ଉତ୍ସାହିତ କରିବେ।

ମୁଖ୍ୟବାର୍ତ୍ତା :

- ଜଙ୍ଗଲଜାତ ଦ୍ରବ୍ୟର ଉପକାରିତା, ଗୁରୁତ୍ୱ ଓ ଉପାଦେୟ ବ୍ୟବହାର ସମ୍ପର୍କରେ ଅନୁଭବ କରିବା
- ଜଙ୍ଗଲଜାତ ଦ୍ରବ୍ୟଗୁଡ଼ିକୁ ନେଇ ବିଭିନ୍ନ ପ୍ରକାର ବହୁମୁଖୀ ସୁଯୋଗ ଓ ସୁବିଧାର ଅନ୍ୱେଷଣ କରିବେ।
- ଏହି ସମସ୍ତ ଦ୍ରବ୍ୟ ବ୍ୟବସାୟୀକରଣ ସମ୍ପର୍କରେ ବିଭିନ୍ନ ସୂଚନା ସଂଗ୍ରହ କରିବା।

ଶିକ୍ଷଣୀୟ ଫଳାଫଳ :

- ଜଙ୍ଗଲଜାତ ଦ୍ରବ୍ୟର ଗୁରୁତ୍ୱ, ମୂଲ୍ୟ, ଜୀବନ ଜୀବିକା ଉପଲବ୍ଧି ଉଦ୍ଦେଶ୍ୟରେ ଏହାର ଉପାଦେୟତାକୁ ଅନୁଭବ କରିବା।
- ଜଙ୍ଗଲଜାତ ଦ୍ରବ୍ୟକୁ ଶିଳ୍ପ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ମନୋଭାବ ପ୍ରସ୍ତୁତ କରିବା।

ଅଧିବେଶନ-୪

ଆର୍ଥୀକ ପରିଚାଳନା/ସାମର୍ଥ୍ୟ

ଉଦ୍ଦେଶ୍ୟ : ଯୁବଗୋଷ୍ଠୀଙ୍କୁ ଜୀବନରେ ଅର୍ଥନୈତିକ କ୍ଷେତ୍ରରେ ଦାୟିତ୍ୱ ସଂପନ୍ନ କରିବା ହେଉଛି ଏହି ଅଧିବେଶନର ପ୍ରମୁଖ ଉଦ୍ଦେଶ୍ୟ। ଆତ୍ମନିର୍ଭରଶୀଳ ହେବାପାଇଁ ସେମାନଙ୍କୁ ଶିକ୍ଷା / ଜ୍ଞାନକୌଶଳ ଯୋଗାଇ ଦେଇ ଅନ୍ୟ ଉପରେ ନିର୍ଭର ନ କରି ସ୍ୱାବଲମ୍ବୀ ହେବାପାଇଁ ସକ୍ଷମ କରାଇବା। ଏହା ମଧ୍ୟ ଯୁବଗୋଷ୍ଠୀର ସଂଚୟ ଅଭ୍ୟାସ, ଦାୟିତ୍ୱବାନ ବ୍ୟକ୍ତିଭାବରେ ଉପଯୁକ୍ତ ମାର୍ଗରେ ଖର୍ଚ୍ଚ କରିବା, ଅଧିକ ଉପାର୍ଜନକ୍ଷମ ହେବା ଓ ଉପାର୍ଜନ ତଥା ନିଶ୍ଚିନ୍ତ ଦରକାରୀ କାମ ପାଇଁ ଧାରକରଜ କରିବା ଇତ୍ୟାଦି ଆର୍ଥିକ ପରିଚାଳନା ସାମର୍ଥ୍ୟର ସୁଦୃଢ଼ କରାଇବା।

ଅଧିବେଶନ ସାରଣୀ :

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ସ୍ୱାଗତ ସମ୍ଭାଷଣା ଓ ଉଦ୍ଦେଶ୍ୟ	ବକ୍ତୃତା / ଶିକ୍ଷାଦାନ	୦୫ ମିନିଟ୍
୨.	ଅର୍ଥନୈତିକ ଲକ୍ଷ୍ୟକୁ ଅଗ୍ରାଧିକାର ଦେବା ଓ ସ୍ଥିର କରିବା	ବାସ୍ତବ ଘଟଣାର ବର୍ଣ୍ଣନା ଓ କାର୍ଯ୍ୟକ୍ରମ	୨୫ ମିନିଟ୍
୩.	ଆମେ ଟଙ୍କାପଇସାକୁ କିପରି ଖର୍ଚ୍ଚ କରିବା ?	କାର୍ଯ୍ୟକ୍ରମ ଓ ଆଲୋଚନା	୩୦ ମିନିଟ୍
୪.	ସଂଚୟ	ଗଳ୍ପ ଓ ଆଲୋଚନା	୧୦ ମିନିଟ୍
୫.	ଋଣର ପ୍ରକାର, ସଭ୍ୟତା ଓ ବ୍ୟବହାର	ବାସ୍ତବକାହାଣୀ ଓ ବିଶ୍ଳେଷଣ	୩୦ ମିନିଟ୍
୬.	ବ୍ୟାଙ୍କ ଏକ ଅର୍ଥନୈତିକ ଅନୁଷ୍ଠାନ	ଶିକ୍ଷାଦାନ	୨୦ ମିନିଟ୍
	ମୋଟ		**୧୨୦ ମିନିଟ୍**

ସୋପାନ-୧ : ସ୍ୱାଗତ ସମ୍ଭାଷଣା ଓ ଉଦ୍ଦେଶ୍ୟ

- ସହାୟକ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଯଥା ସ୍ଥାନରେ ବସାଇବାକୁ ଅପେକ୍ଷା କରିବେ ଓ ପରେ ଅଧିବେଶନକୁ ସ୍ୱାଗତ କରିବେ ତଥା ଅଧିବେଶନର ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେବେ।
- ଯୁବଗୋଷ୍ଠୀକୁ ଆବଶ୍ୟକୀୟ ଜ୍ଞାନକୌଶଳ ଯୋଗାଇ ଦେଇ ସଫଳତାର ସହ ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବାପାଇଁ ସେମାନଙ୍କୁ ଅର୍ଥନୈତିକ ଦାୟିତ୍ୱସଂପନ୍ନ କରିବା ଏହି ଅଧିବେଶନର ଉଦ୍ଦେଶ୍ୟ। ଅଯଥା ଖର୍ଚ୍ଚକୁ ସୀମିତ କରି ସଂଚୟ ଅଭ୍ୟାସ ବଢ଼ାଇବା ଓ ଆବଶ୍ୟକୀୟ କ୍ଷେତ୍ରରେ ଋଣ ନେବା / ଧାନ ନେବା କାମକୁ ସୁଗମ କରିବା ମଧ୍ୟ ଅଧିବେଶନର ଉଦ୍ଦେଶ୍ୟ।

ସୋପାନ-୨ : ଅର୍ଥନୈତିକ ଲକ୍ଷ୍ୟକୁ ଅଗ୍ରାଧିକାର ଦେବା ଓ ସ୍ଥିର କରିବା

ଗୋଟିଏ ଘଟଣାକୁ ଉପସ୍ଥାପନ କରି ସହାୟକ ଲକ୍ଷ୍ୟ ସ୍ଥିର କରିବାର ଗୁରୁତ୍ୱକୁ ବୁଝାଇବେ। ରାସ୍ତାରେ ତୁମେ ଜଣେ ବୟସ୍କ ଲୋକଙ୍କୁ ଭେଟିବ। ସେ ବାଟଭୁଲିଯାଇ ବିଚଳିତ ଜଣାପଡୁଥିଲେ। ସେ ଅନ୍ୟର ସାହାଯ୍ୟ ଆବଶ୍ୟକ କରୁଥିବାବେଳେ ତୁମେ ସହାୟତା କରିବାକୁ ଆଗ୍ରହ ପ୍ରକାଶ କରିଲ। ଏବେ ଅଂଶଗ୍ରହଣକାରୀଙ୍କୁ ପ୍ରଶ୍ନ କରିବା - ଏହି ପରିସ୍ଥିତିରେ ସେମାନେ / ଜଣେ କିପରି ସାହାଯ୍ୟ କରିଥାନ୍ତେ। ପ୍ରତ୍ୟାଶାମୂଳକ ଉତ୍ତର ଏହା ହୋଇପାରେ - ମୁଁ ସେ ବ୍ୟକ୍ତିଙ୍କୁ ତାଙ୍କ ଠିକଣା ବା କେଉଁଠାକୁ ଯିବାର ଅଛି ସେ ବିଷୟରେ ପଚାରିବି। କାରଣ ସେ ବିଷୟରେ ଜାଣିବା ପରେ ତୁମେ ତାଙ୍କୁ ସେ ପର୍ଯ୍ୟନ୍ତ ଯିବାରେ ପଥପ୍ରଦର୍ଶନ କରିପାରିବ। ତୁମ ସାହାଯ୍ୟରେ ବୟସ୍କ ବ୍ୟକ୍ତି ନିଜ ଲକ୍ଷସ୍ଥଳୀରେ ପହଞ୍ଚିଗଲେ। ଆମର ଗୋଟିଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରହିବା ଆବଶ୍ୟକ। ଜୀବନରେ କ'ଣ କରିବାକୁ ଚାହୁଁଛ, ଏହା ଜାଣିବା ପରେ ଅର୍ଥନୈତିକ ବିନିଯୋଗ ପାଇଁ କାର୍ଯ୍ୟପନ୍ଥା ସ୍ଥିର କରିବା ସହଜ ହୋଇଥାଏ। ଅଂଶଗ୍ରହଣକାରୀଙ୍କୁ ନିଜ ନିଜ ଲକ୍ଷ ବିଷୟରେ ଚିନ୍ତା କରିବା ପାଇଁ କୁହନ୍ତୁ। (ଏକ ମିନିଟ)। ଦୁଇଟି ପୁଅ ଓ ଦୁଇଟି ଝିଅ ନିଜ ବିଷୟରେ କୁହନ୍ତୁ। (ଏକ ମିନିଟ କରି ଚାରି ମିନିଟ)

ବାସ୍ତବ ଘଟଣା :

ମନୋଜର କାହାଣୀ : ଗଜପତି ଜିଲ୍ଲା ଚନ୍ଦ୍ରଗିରି ବ୍ଲକ୍‌ର ମନୋଜ ଜଣେ ଯୁବଶିଳ୍ପୀ। ଚନ୍ଦ୍ରଗିରି ଅଞ୍ଚଳରେ ତାର ଏକ ନିଜସ୍ୱ ସ୍ମାରକୀ ଦୋକାନ - "ମନୋଜସ କ୍ରିଏସନ" ରହିଛି। ସେଠାକୁ ସମଗ୍ର ରାଜ୍ୟର ଦର୍ଶକମାନେ ସେଠାରେ ବୌଦ୍ଧ ଧର୍ମର ପବିତ୍ର ପୀଠସ୍ଥଳୀ ପରିଦର୍ଶନରେ ଆସିଥାନ୍ତି ଏବଂ ମନୋଜର ଦୋକାନରୁ ସ୍ମାରକୀ ସ୍ୱରୂପ କିଛି ଜିନିଷ କିଣି ନେଇଥାନ୍ତି। ଅଧିକାଂଶ ଦର୍ଶକ ତାର ସୃଜନଶୀଳତାକୁ ପ୍ରଶଂସା କରିଥାନ୍ତି ଏବଂ କେତେଜଣ ଅଧିକ ସ୍ମାରକୀ ଡାକଯୋଗେ ନେବାପାଇଁ ମଧ୍ୟ ଅର୍ଡ଼ର କରିଥାନ୍ତି। ତା'ର କଳାକୃତିର ବଜାରକୁ ଅଧିକ ବଢ଼ାଇବା ପାଇଁ ମନୋଜ ସଚେତନ ହେଉଛି। ତା'ର ଜନ୍ମସ୍ଥାନ ଚନ୍ଦ୍ରଗିରିରେ ଏକ ଚିତ୍ରକଳାର ଗାଲେରୀ ଖୋଲି, କୁନି କୁନି ଚିତ୍ରଶିଳ୍ପୀଙ୍କୁ ସେଠାରେ ତାଲିମ ଦେବା ପରେ ରୋଜଗାରକ୍ଷମ କରିବା ମନୋଜର ସ୍ୱପ୍ନ। ସେ ଜାଣିଛି ଏସବୁ କରିବା ପାଇଁ ଯେତେ କଠିନ ପରିଶ୍ରମ ଦରକାର, ତା'ଠାରୁ ଅଧିକ ଅର୍ଥର ଆବଶ୍ୟକତା ରହିଛି।

ଏହି ବ୍ୟବସାୟରେ ତା'ର ଦକ୍ଷତା ବୃଦ୍ଧିକରି ନୂତନ ଜ୍ଞାନ କୌଶଳ ଲାଭ କରି ଆଉ ନୂଆ ନୂଆ ସୃଷ୍ଟି କରିବାକୁ ହେବ। ବିଭିନ୍ନ ସ୍ଥାନରେ ଆୟୋଜିତ ପ୍ରଦର୍ଶନୀକୁ ଯାଇ ଏବଂ ସମବର୍ଗର କଳାକରଙ୍କୁ ଭେଟି ଅଧିକ ଜ୍ଞାନ ଆହରଣ କରିବା ଆବଶ୍ୟକ। ଏଥିପାଇଁ ତାକୁ କିଛି ଖର୍ଚ୍ଚ କରିବାକୁ ହେଲେ ମଧ୍ୟ ସେ ନିଶ୍ଚିତଭାବେ ଚଳିତବର୍ଷ ଏହା କରିବାକୁ ସ୍ଥିର କରିଛି। ଏହାବ୍ୟତୀତ ମନୋଜ ଏକ ପଥର ଖୋଦେଇ କେନ୍ଦ୍ର ଖୋଲିବା ପାଇଁ ଇଚ୍ଛା କରୁଛି। କାରଣ ତାଙ୍କ ଅଞ୍ଚଳରେ ପଥର ସହଜରେ ଓ ଅଳ୍ପ ମୂଲ୍ୟରେ ମିଳିପାରିବ। ଏ ସମସ୍ତ କାର୍ଯ୍ୟ ନିମନ୍ତେ କଠିନ ପରିଶ୍ରମ ସହ ଅର୍ଥ / ପାଣ୍ଠିର ଆବଶ୍ୟକତା ରହିଛି।

ଏହି ଗଳ୍ପ ବର୍ଣ୍ଣନା କରିସାରିବା ପରେ ସହାୟକ ନିମ୍ନଲିଖିତ ପ୍ରଶ୍ନ ନିଶ୍ଚିତ ଭାବରେ ପଚାରିବେ।

୧. ମନୋଜର ସ୍ୱପ୍ନ ବା ଅଭିଳାଷ କ'ଣ ରହିଛି ?

୨. ଚଳିତ ବର୍ଷ ମନୋଜ କ'ଣ କରିବାକୁ ସ୍ଥିର କରିଛି ?

୩. ମନୋଜର ଏହି କାର୍ଯ୍ୟ ସଂପାଦନ ତା'ର ସ୍ୱପ୍ନକୁ ସାକାର କରିବାରେ ସହାୟକ ହୋଇପାରିବ କି ?

୪. ମନୋଜ ତା'ର ସ୍ୱପ୍ନକୁ ସାକାର କରିବା ପାଇଁ କ'ଣ କରିବା ଉଚିତ୍ ବୋଲି ତୁମେ ଚିନ୍ତା କରୁଛ ?

ସ୍ୱପ୍ନ ଓ ସେଗୁଡ଼ିକର ଆର୍ଥିକ ସଂପୃକ୍ତି (କାର୍ଯ୍ୟକ୍ରମ)

ଅଂଶଗ୍ରହଣକାରୀଙ୍କୁ କହିବା ଯେ ମନୋଜଭଳି ଆମ ସମସ୍ତଙ୍କର କିଛି ନା କିଛି ଅଭିଳାଷ ରହିଛି ଓ ସେଗୁଡ଼ିକୁ ପୂରଣ କରିବା ପାଇଁ ଆମେ ଇଚ୍ଛା କରିଥାଉ।

ସେମାନଙ୍କୁ କାଡ଼ବୋର୍ଡ଼ ଯୋଗାଇ ଦେଇ ସେଥିରେ ସେମାନଙ୍କ ଜୀବନର ସ୍ୱପ୍ନଗୁଡ଼ିକୁ ଲେଖିବାକୁ ନିର୍ଦ୍ଦେଶ ଦେବେ। ଏଥିପାଇଁ ସେମାନଙ୍କୁ ୫ ମିନିଟ୍ ସମୟ ଦିଆଯିବ।

ଏବେ ୨ ଜଣ ବାଳକ ଓ ୨ ଜଣ ବାଳିକା ପ୍ରଶିକ୍ଷାର୍ଥୀଙ୍କୁ ସେମାନଙ୍କ ସ୍ୱପ୍ନ ବିଷୟରେ ସମଗ୍ର ଦଳ ସମ୍ମୁଖରେ ବର୍ଣ୍ଣନା କରିବାକୁ କହିବେ। ଅଧିକାଂଶଙ୍କର ଉଚ୍ଚଶିକ୍ଷା, ଭଲଘର, ମୋଟର ଯାନ, ବ୍ୟବସାୟ ଇତ୍ୟାଦି ଅନେକ ଅଭିଳାଷ ଥାଏ। କେତେକ ଅଂଶଗ୍ରହଣକାରୀଙ୍କ ଅନେକ ଲକ୍ଷ୍ୟ ରହିଥାଏ। ସେ ସବୁ ଉଦ୍ଦେଶ୍ୟକୁ ସେମାନେ ସମାନ ସମୟରେ ହାସଲ କରିପାରିବେ କି ବୋଲି ପଚାରି ବୁଝିବେ। ନିଶ୍ଚିନ୍ତ ଭାବରେ ସେମାନେ ନାହିଁ କରିବେ। ତେବେ ସେମାନେ ଅଗ୍ରାଧିକାର ଭିତ୍ତିରେ କେଉଁ କାର୍ଯ୍ୟକୁ ପ୍ରଥମେ ଓ କାହାକୁ ପରେ କରିବା ପାଇଁ ଇଚ୍ଛା କରିବେ ବୋଲି ପଚାରିବେ।

ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଆବଶ୍ୟକ କରୁଥିବା ଅର୍ଥର ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦେବେ। କେତେଜଣଙ୍କୁ ସେମାନଙ୍କ ନିର୍ଦ୍ଧାରିତ ଅର୍ଥ ପରିମାଣ ବିଷୟରେ ସମସ୍ତଙ୍କୁ ଜଣାଇବାକୁ କହିବେ। ତେବେ ଏସବୁ ସହାୟତା ରାଶି ପାଇବା ପାଇଁ ସେମାନେ ଉହ୍ୟ ସଂପର୍କରେ ଚିନ୍ତା କରିଛନ୍ତି କି ବୋଲି ବୁଝିବେ। ତାପରେ ସମସ୍ତ ଅଂଶଗ୍ରହଣକାରୀ ଉତ୍ତରକୁ ଶୁଣି ବିଚାର କରି ଶେଷରେ ତା'ର ସାରାଂଶ ନିର୍ଣ୍ଣୟ କରି କହିବେ ଯେ - ଜୀବନରେ ନିଜ ଲକ୍ଷ୍ୟ ହାସଲ ପାଇଁ ସେମାନଙ୍କୁ ପ୍ରଥମେ ଆବଶ୍ୟକୀୟ ଅର୍ଥ ନିମନ୍ତେ ଯୋଜନା ପ୍ରସ୍ତୁତ କରିବାକୁ ହେବ।

ସୋପାନ-୩ : ଆମେ ଟଙ୍କାପଇସାକୁ କିପରି ଖର୍ଚ୍ଚ କରିବା ?

ଖର୍ଚ୍ଚ କରିବା ସାଧାରଣତଃ କିଣିବା ଓ ବ୍ୟୟ କରିବାକୁ ବୁଝାଇଥାଏ। ଯଥା - ଲୁଗାପଟା, ଖାଦ୍ୟପଦାର୍ଥ, ଆସବାବପତ୍ର ଏବଂ ଇଲେକ୍ଟ୍ରି / ବିଦ୍ୟୁତ ବିଲ, ମୋବାଇଲ ବିଲ, ବିଭିନ୍ନ ଉପକରଣ ତଥା ଆଉ କେତେକ ଜିନିଷ ପାଇଁ ଖର୍ଚ୍ଚ କରିଥାଉ, ଯାହାକି ଆଉ ଫେରେ ନାହିଁ। ଏବେ ସଭ୍ୟମାନଙ୍କୁ କହିବା ଯେ ସେମାନେ ଘରର ଏକମାତ୍ର ରୋଜଗାର କରୁଥିବା ବ୍ୟକ୍ତି ଭାବେ ମନେ କରିବେ। ସେମାନଙ୍କ ମାସିକ ରୋଜଗାର ପ୍ରାୟ ଟ.୫୦୦୦.୦୦। ତାଙ୍କୁ ବଜାରା ସାରା ବୁଲି ସେ ଅର୍ଥକୁ କିପରି ଖର୍ଚ୍ଚ କରିବେ ସେ ବିଷୟରେ ଚିନ୍ତା କରିବେ। ଏଥିପାଇଁ ସେମାନେ କିଣିବାକୁ ଚାହୁଁଥିବା ଜିନିଷର ନାମ ଓ ତା'ର ଦାମ୍ ଖଣ୍ଡେ କାଗଜରେ ଲେଖି ରଖିବେ। ଏହିପରି ତାଙ୍କର କିଣିବା ସରିଗଲେ ସେ ନିଜ ବାସସ୍ଥାନକୁ ଫେରିଆସି ବସିଯିବେ।

ଏହି କାର୍ଯ୍ୟକ୍ରମ ପାଇଁ ପୂର୍ବରୁ କିଛି ଖୋଲାସ୍ଥାନ ନିରୂପଣ କରାଯାଇ ରଖାଯାଇଥିବ। ଅଂଶଗ୍ରହଣକାରୀଙ୍କଠାରୁ କାଗଜ ଚିଠା ଆଣି ବୋର୍ଡ଼ରେ ଲଗାଇବେ। ବଜାରରେ କିଣିବା ଶେଷ ହେଲାପରେ ସେମାନଙ୍କୁ ସେମାନଙ୍କ ଖର୍ଚ୍ଚ ପରିମାଣକୁ ହିସାବ କରିବାକୁ ନିର୍ଦ୍ଦେଶ ଦେବେ।

ବିଭିନ୍ନ ପ୍ରକାର ଖର୍ଚ୍ଚ / ବ୍ୟୟ : (ଆବଶ୍ୟକତା ବନାମ ଇଚ୍ଛା / କାମନା)

ଆମର ଖର୍ଚ୍ଚକୁ ଆବଶ୍ୟକତା ଓ କାମନା ଭାବରେ ବର୍ଗୀକରଣ କରିବା। ଆମର ଖର୍ଚ୍ଚକୁ ନିୟନ୍ତ୍ରଣ କରିବା ପାଇଁ ଏହା ମଧ୍ୟରୁ ଆମକୁ ପ୍ରାଧାନ୍ୟ ଭିତ୍ତିରେ ଗୋଟିଏକୁ ବାଛିବାକୁ ହେବ। ଯେତେବେଳେ ଆମେ ଖାଦ୍ୟଦ୍ରବ୍ୟ, ଆଶ୍ରୟସାମଗ୍ରୀ, ଶିକ୍ଷା,

ଲୁଗାପଟା ଓ ସ୍ୱାସ୍ଥ୍ୟର ଯତ୍ନ ନିମନ୍ତେ ଔଷଧପତ୍ର ଆଦି କିଣୁ ତାହା ଆବଶ୍ୟକତା। ଗୋଟିଏ ପରିବାର ତିଷ୍ଠି ରହିବାପାଇଁ ଆବଶ୍ୟକୀୟ ଉପାଦାନଗୁଡ଼ିକ ନିହାତି ଆବଶ୍ୟକ / ଜରୁରୀ। ଆଉ କେତେକ ଜିନିଷ ଆମେ କିଣିଥାଉ ଯାହାକି ବଞ୍ଚିବା ପାଇଁ ଅତି ଜରୁରୀ ହୋଇ ନ ଥାଏ। ଯଥା - ସ୍କୁଟର, ଟିଭି, ଆଇସ୍‌କ୍ରିମ ଇତ୍ୟାଦି

ଆବଶ୍ୟକତା ଓ କାମନା ମଧ୍ୟରେ ଥିବା ପ୍ରାର୍ଥକ୍ୟକୁ ବୁଝାଇବା ପରେ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ଆବଶ୍ୟକତା ଓ କାମନା ସମ୍ବନ୍ଧୀୟ ଖର୍ଚ୍ଚକୁ ଅଲଗା ଅଲଗା ହିସାବ କରିବାକୁ କହିବେ।

ଆବଶ୍ୟକତା	କାମନା
୧. ଖାଦ୍ୟ	୧. ଟି.ଭି. / ମୋବାଇଲ
୨. ଔଷଧ	୨. ଲୁଗାପଟା
୩. ବିଦ୍ୟୁତ୍ / ପାଣି	୩. ପର୍ବପର୍ବାଣୀ
୪. ବିଦ୍ୟାଳୟ ଫି / ପାଉଣା	୪. ଜରୁରୀ ପରିସ୍ଥିତି
୫. ଲୁଗାପଟା ଆବଶ୍ୟକତା	୫. ମଞ୍ଜି / ଖତସାର
୬. ଗୃହ ମରାମତି ଆବଶ୍ୟକତା	୬. ଉପକରଣ
	୭. ତୀର୍ଥଯାତ୍ରା କାମନା
	୮. ଗୃହ ନିର୍ମାଣ କାମନା

ଆମେ ଅଧିକ ଖର୍ଚ୍ଚ କରିବାକୁ କାହିଁକି ପ୍ରଲୋଭିତ ହୋଇଥାଉ ?

ବିଜ୍ଞାପନ ଓ ବଜାରର କାରବାର ଆଦି ବାହ୍ୟ କାର୍ଯ୍ୟଯୋଗୁଁ ଆମର ଖର୍ଚ୍ଚ ପରିମାଣ ପ୍ରଭାବିତ ହୋଇଥାଏ ବୋଲି ଅଂଶଗ୍ରହଣକାରୀଙ୍କୁ ବୁଝାଇଦେବା। ପ୍ରତିଦିନ ଆମେ ଶହ ଶହ / ହଜାର ହଜାର ସଂଖ୍ୟକ ବିଜ୍ଞାପନ ଦେଖୁ ବା ଶୁଣିଥାଉ। ସେଥିରେ ବିଭିନ୍ନ ପ୍ରକାର ପଦାର୍ଥ ବା ସେବାର ନୂଆ ନୂଆ / ଅଭିନବ ଗୁଣାବଳୀ ତଥା ତଥ୍ୟ ସମ୍ବଳିତ ବାର୍ତ୍ତା ପ୍ରଚାର କରାଯାଏ। ତାଛଡ଼ା ବଜାରରେ ମଧ୍ୟ ଦୋକାନୀମାନେ ନୂତନ ଉପାୟ ଅବଲମ୍ବନ କରି ଆମକୁ ପ୍ରଲୋଭିତ କରିଥାନ୍ତି। ଯଥା - ଗୋଟିଏ କିଣିଲେ ଗୋଟିଏ ମାଗଣା, ୫୦% ଛାଡ଼ / ରିହାତି, କେବଳ ଆଜିଦିନକ ପାଇଁ ମାତ୍ର ଟ. ୩.୦୦ରେ, ଘରକୁ ନିଅ ପରେ ଦେବ। (ଯେପରିକି କିସ୍ତିରେ ଜିନିଷର ଦାମ୍ ଶୁଝିବା, ଋଣ ଆଣିବା। କିନ୍ତୁ ନଗଦ ଅର୍ଥଦେଇ କିଣିବାଠାରୁ କିସ୍ତିରେ କିଣିବା ଦ୍ୱାରା ଅଧିକ ଅର୍ଥଦେବାକୁ ହୋଇଥାଏ।

୭୫% ପର୍ଯ୍ୟନ୍ତ ଛାଡ଼ / ରିହାତି। (ମାତ୍ର ଅଳ୍ପ କେତେକ ନିର୍ଦ୍ଦିଷ୍ଟ ସଂଖ୍ୟକ ପଦାର୍ଥ ପାଇଁ ୭୫% ଛାଡ଼ ଥିବାବେଳେ ଅନ୍ୟଗୁଡ଼ିକରେ ୧୫-୨୦% ରିହାତି ଥାଏ।

ସୋପାନ-୪ : ସଞ୍ଚୟ

ଗଳ୍ପ : ପିମ୍ପୁଡ଼ି ଓ ଝିଣ୍ଟିକା : ଖରାଦିନ ସକାଳ ବେଳା ଗୋଟିଏ ଝିଣ୍ଟିକା ପଡ଼ିଆରେ ଡେଇଁ ଡେଇଁ ଖେଳିବା ସହ ଗୀତଗାଇ ଆନନ୍ଦିତ ହେଉଥିଲା। ସେହି ସମୟରେ ଗୋଟିଏ ପିମ୍ପୁଡ଼ି ତା'ଠାରୁ ଢେର ଅଧିକ ଓଜନର ଶସ୍ୟ ନେଇ ଯାଉଥିବାର ଝିଣ୍ଟିକାଟି ଦେଖିଲା। ସେ ପିମ୍ପୁଡ଼ିକୁ ତା' ସହିତ ମିଶି ଖେଳି ଗୀତଗାଇ ମଜା କରିବାକୁ କହିଲା ଏବଂ କାହିଁକି ଏତେ ପରିଶ୍ରମ

କରି ଜୀବନକୁ ନଷ୍ଟ କରୁଛ ? ପିମ୍ପୁଡ଼ି କହିଲା "ମୁଁ ଶୀତଦିନ ପାଇଁ ଖାଦ୍ୟ ସଞ୍ଚୟ କରି ରଖୁଛି ଏବଂ ତୁମେ ମଧ୍ୟ ନିଜ ପାଇଁ ସଞ୍ଚୟ କରିବାକୁ କହୁଛି।" ଏହା ଶୁଣି ଝିଣ୍ଟିକା କହିଲା, ଶୀତଦିନ ପାଇଁ କାହିଁକି ଚିନ୍ତା କରିବା। ଏବେ ତ ପ୍ରଚୁର ପରିମାଣରେ ଖାଦ୍ୟ ପାଉଛେ। ପିମ୍ପୁଡ଼ି କିଛି ନ ଶୁଣି ନିଜ କାର୍ଯ୍ୟରେ ଚାଲିଗଲା। ଯେତେବେଳେ ଶୀତଦିନ ଆସିଲା, ଦେଖାଗଲା ଯେ ଝିଣ୍ଟିକାଟି ଖାଦ୍ୟ ଅଭାବରୁ ଭୋକରେ ଆଉଟୁ ପାଉଟୁ ହେଲାବେଳେ ପିମ୍ପୁଡ଼ି ତା'ର ସଞ୍ଚିତ ଖାଦ୍ୟଦ୍ରବ୍ୟକୁ ଅନ୍ୟମାନଙ୍କୁ ବାଣ୍ଟିବାରେ ଲାଗିଥିଲା।

ଗଳ୍ପଶେଷରେ ସଞ୍ଚୟର ଉପକାରିତାକୁ ଗୁରୁତ୍ୱ ଦେଇ କହିବେ ଯେ ଜରୁରୀ ପରିସ୍ଥିତି ଓ ସାମୟିକ ପର୍ବପର୍ବାଣୀରେ ଖର୍ଚ୍ଚକୁ ସମ୍ମୁଖୀନ ହେବା ପାଇଁ ସାମାନ୍ୟ ସଞ୍ଚୟ ସବୁଠାରୁ ଉତ୍ତମ ବିକଳ୍ପ।

ସଞ୍ଚୟ କରିବ କାହିଁକି ଆବଶ୍ୟକ :

ଅଂଶଗ୍ରହଣକାରୀଙ୍କୁ ସହାୟକ କେତେ ପ୍ରଶ୍ନ ପଚାରିବେ। ନିଜର ଜରୁରୀ ଆବଶ୍ୟକତା, ପର୍ବପର୍ବାଣୀର ଖର୍ଚ୍ଚ ଏବଂ ଋଣ ପରିଶୋଧ, ବୃତ୍ତି ବା ବ୍ୟବସାୟରେ ଉପକରଣ ବା ଜିନିଷପତ୍ର ପାଇଁ ଅର୍ଥଲଗାଣ ପାଇଁ ଆବଶ୍ୟକ ଖର୍ଚ୍ଚ ପାଇଁ କିଛି ଉପାୟ କରିଛନ୍ତି କି ? ଏସବୁ ପାଇଁ କିଛି ଉପାୟ ନ କରି ଯଦି ବିନା ପଇସାରେ କାର୍ଯ୍ୟ କରୁଥା'ନ୍ତି ତେବେ ସେମାନଙ୍କୁ ବଦ୍‌ଖର୍ଚ୍ଚୀ / ଅପବ୍ୟୟୀ ବୋଲି କୁହାଯିବ। ସେମାନେ ନିଜର ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବା ଜରୁରୀ ବୋଲି ସୂଚାଇ ଦେବେ।

ସେମାନଙ୍କ ବଜାର ଖର୍ଚ୍ଚ ସମ୍ବନ୍ଧୀୟ ଅନୁଭୂତିକୁ ପୁନର୍ବାର ଆଲୋଚନା କରି ସେମାନେ କେଉଁ ଭିନ୍ନ ଉପାୟ ଗ୍ରହଣ କରିବେ ସେ ବିଷୟରେ ସୂଚାଇଦେବେ। ଶେଷରେ କହିବେ ଯେ ନିଜ ଆୟରୁ ନିୟମିତ କିଛି ସଞ୍ଚୟ କରିବା ଅତି ଜରୁରୀ।

ସୋପାନ-୫ : ଋଣର ପ୍ରକାର, ସଭ୍ୟତା ଓ ବ୍ୟବହାର

ନିଜେ କିମ୍ବା ନିଜର ପିତାମାତା କେଉଁଠି ସଞ୍ଚୟ କରନ୍ତି ସେ ବିଷୟରେ ଅଂଶଗ୍ରହଣକାରୀଙ୍କୁ ପଚାରିବେ। ଉତ୍ତରଗୁଡ଼ିକ ବୋର୍ଡରେ ଲେଖିବେ। ଉତ୍ତର ହୋଇପାରେ

୧. ଘରେ
୨. ସାଙ୍ଗ /ବନ୍ଧୁବାନ୍ଧବ/ବ୍ୟବସାୟୀଙ୍କ ପାଖରେ
୩. ବିଭିନ୍ନ କମ୍ପାନୀର ଆକର୍ଷଣୀୟ ଯୋଜନା
୪. ଚିଟ ଫଣ୍ଡ
୫. ବ୍ୟାଙ୍କ

ଅଧିକ ସୁଧ ଅଧିକା ବିପଦ, ଜରୁରୀ ସମୟରେ ନିଜ ସଞ୍ଚୟର ଫେରିପାଇବା ଇତ୍ୟାଦି ପ୍ରତି ଦୃଷ୍ଟି ଦେବା ଦରକାର। ଏହି ବାର୍ତ୍ତା ଅଂଶଗ୍ରହଣକାରୀଙ୍କୁ ଦେବେ।

ସହଜରେ ଋଣ ପାଇବା

ଅଂଶଗ୍ରହଣକାରୀଙ୍କୁ ବୁଝାଇଦେବା ଯେ ତିନୋଟି କାରଣରୁ ଲୋକମାନେ ଋଣ ନେଇଥାନ୍ତି / ଧାରକରଜ କରିଥାନ୍ତି। ସେଗୁଡ଼ିକ ହେଲା -

୧. ବ୍ୟବସାୟ କରିବା, ଜମି କିଣିବା, ଉପକରଣ ଓ ଅନ୍ୟାନ୍ୟ ଜିନିଷ କିଣିବାରେ ଅର୍ଥ ବିନିଯୋଗ କରିବା ପାଇଁ।

୨. ଜରୁରୀ କିମ୍ବା ଅପ୍ରତ୍ୟାଶିତ ତଥା ଆକସ୍ମିକ ଆବଶ୍ୟକତା ପାଇଁ ଯଥା - ବିବାହ ନିମନ୍ତ୍ରଣ, ପାରମ୍ପରିକ ଓ ସାମାଜିକ ଉତ୍ସବ, ଅସୁସ୍ଥତା, ଚୋରି ବା କ୍ଷୟକ୍ଷତି ।

୩. ପରିବାରର ଅତ୍ୟାବଶ୍ୟକୀୟ / ମୌଳିକ ଆବଶ୍ୟକତା ପୂରଣ ପାଇଁ ।

ବାସ୍ତବ କାହାଣୀ : ରଞ୍ଜୁ ଓ ମଞ୍ଜୁର କାହାଣୀ

ପରିବାରର ମୌଳିକ ଆବଶ୍ୟକତା ତଥା ସାମାଜିକ ଆବଶ୍ୟକତା ନିମନ୍ତେ ନିଜର ସଞ୍ଚୟ ଅର୍ଥକୁ ବିନିଯୋଗ କରିବା ବିଧେୟ । ଜରୁରୀ ତଥା ଆକସ୍ମିକ ଆବଶ୍ୟକତା ପାଇଁ ନିଜର ସଞ୍ଚୟ ଉପଯୋଗୀ ହେବ । କିନ୍ତୁ ଯଥେଷ୍ଟ ସଞ୍ଚୟ ନ ଥିଲେ, ଋଣ କରିବା ପାଇଁ ଆବଶ୍ୟକତା ପଡିପାରେ । ଅଂଶଗ୍ରହଣକାରୀଙ୍କୁ ପଚାରନ୍ତୁ - ଜରୁରୀ ଆବଶ୍ୟକତା ପାଇଁ ସେମାନଙ୍କର ପରିବାର କେଉଁଠାରୁ ଋଣ ଆଣନ୍ତି, କିପରି ପରିଶୋଧ କରନ୍ତି, କେତେ ସୁଧ ଦିଅନ୍ତି । ନିଜର ବର୍ତ୍ତମାନ ଆୟରୁ ଋଣ ପରିଶୋଧ କରିବାକୁ ପଡ଼ିବ । ଯଦି ସୁଝି ନ ହୁଏ, ତାହାହେଲେ ଋଣ ଯନ୍ତାରେ ପଡ଼ିବେ । ଜରୁରୀ ପରିସ୍ଥିତି ପାଇଁ ନିଜ ସଞ୍ଚୟ ଅତ୍ୟନ୍ତ ଜରୁରୀ ।

ବ୍ୟବସାୟ ଓ ଆୟ ଉପାର୍ଜନ / ବୃଦ୍ଧି ପାଇଁ ଅଧିକ ଅର୍ଥର ଆବଶ୍ୟକତା ହୋଇଥାଏ । ଏହି ଋଣ ପାଇଁ ଅନ୍ୟ ଉପରେ ନିର୍ଭର କରିବାକୁ ପଡେ । କେଉଁ କେଉଁ ସୂତ୍ରରୁ ଋଣ ମିଳିବ କେତେ ସୁଧ କେମିତି ପରିଶୋଧ କରିବେ ଏହି ବିଷୟରେ ଆଲୋଚନା କରନ୍ତୁ ।

ପ୍ରଥମ କାହାଣୀ

ରଞ୍ଜୁ ଜଣେ ଗୃହିଣୀ ହୋଇ ବି ନିଜ ଗାଁରେ ଏକ କୁକୁଡ଼ା ଫାର୍ମ ପରିଚାଳନା କରେ । ସେ ବ୍ୟବସାୟକୁ ବଢ଼ାଇବା ପାଇଁ ସେ ଉପାୟ ଚିନ୍ତା କରୁଛି । ସେ ପ୍ରଥମେ ଟ.୫୦୦୦ରେ ବ୍ୟବସାୟ ଆରମ୍ଭ କରିଥିଲା । ଟ.୪୦୦୦ ନିଜ ସଞ୍ଚିତ ଅର୍ଥ ଓ ଆଉ ଟ.୧୦୦୦ ତା' ସ୍ୱାମୀ ଗତ ଶୀତଦିନେ ଟମାଟୋ ବିକ୍ରି କରି ଲାଭ ପାଇଥିବା ଅର୍ଥରୁ ଦେଇଥିଲେ । ତା'ର ବ୍ୟବସାୟ ଛୋଟ ହୋଇଥିବାରୁ ସେ ତାକୁ ଆଉ ପାଦେ ଅଧିକ ବଢ଼ାଇବାକୁ ଯୋଜନା କରୁଛି ।

ସପ୍ତାହକୁ ସ୍ୱୟଂ ସହାୟକ ଗୋଷ୍ଠୀରେ ଟ.୨୦୦.୦୦ ସଞ୍ଚୟ କରୁଛି । ଏହିପରି ସେ ପ୍ରତି ମାସରେ ହାରାହାରି ଟ.୧୦୦୦.୦୦ ସଞ୍ଚୟ କରୁଛି । ପ୍ରତି ୩ ମାସରେ ଥରେ ସେ ଅଣ୍ଡା ଦେଉ ନ ଥିବା ପକ୍ଷୀକୁ ବଦଳାଇ ଦେଇ ନୂଆ ଓ ଅଧିକ ଉତ୍ପାଦନକ୍ଷମ କୁକୁଡ଼ା ଛୁଆ ଆଣି ପାଳନ କରିବା ପାଇଁ ଯୋଜନା କରିଛି । ତା'ର ଘରଖର୍ଚ୍ଚଠାରୁ ବ୍ୟବସାୟକୁ ସେ ଅଲଗା ରଖିଛି । ପ୍ରତି ୩ ମାସ ଶେଷରେ ସେ ଓ ତା'ର ସ୍ୱାମୀ ଏକାଠି ବସି ବ୍ୟବସାୟର ହିସାବ କରନ୍ତି । ସେଥିରୁ ଲାଭର ୫୦% ଘରର ଜରୁରୀ ଖର୍ଚ୍ଚ ପାଇଁ ରଖି ଅନ୍ୟ ୫୦%କୁ ବ୍ୟବସାୟରେ ପୁନଃ ବିନିଯୋଗ କରନ୍ତି ।

୨ୟ କାହାଣୀ

ଅନ୍ୟ ଏକ ଗାଁରେ ରଞ୍ଜୁର ଭଉଣୀ ମଞ୍ଜୁ ତା'ର ସ୍ୱାମୀ ସହିତ ରହେ । ଏବେ ଆମ ରାଜ୍ୟ ସରକାର ସ୍ଥିର କରିଛନ୍ତି ଯେ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ପାଇଁ ଆବଶ୍ୟକ ଅଣ୍ଡା ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗାଇବେ । ମଞ୍ଜୁର ଗ୍ରାମରେ ୪୦୦ ପିଲା ପଢୁଥିବା ଏକ ବିଦ୍ୟାଳୟ ଅଛି । ପ୍ରତି ସପ୍ତାହରେ ବିଦ୍ୟାଳୟ ୮୦୦ ଅଣ୍ଡା ଆବଶ୍ୟକ କରିଥାଏ । ତେଣୁ ମଞ୍ଜୁ ଏକ ନୂଆ ସୁଯୋଗ ନେଇ ତା' ଗାଁରେ ଏକ କୁକୁଡ଼ା ଫାର୍ମ କରିବା ପାଇଁ ସ୍ଥିର କରିଲା ।

ଏହି ବ୍ୟବସାୟ ପାଇଁ ସ୍ଥାନୀୟ ବ୍ୟାଙ୍କରୁ ୪ଲକ୍ଷ ଟଙ୍କା କରଜ ଆଣିଲା ଏବଂ ମୂଳ ପାଣ୍ଠି ପାଇଁ ଏକ ଲକ୍ଷ ଟଙ୍କାରେ ନିଜ ଗହଣାକୁ ବିକ୍ରି କରିଲା । ଫାର୍ମ ପାଇଁ ଘର ତିଆରି ହେଲା । ଜଣେ ଦକ୍ଷ ପରିଚାଳକ ଟ.୧୦,୦୦୦.୦୦ ଦରମାରେ ନିଯୁକ୍ତ ହେଲେ ଏବଂ ପ୍ରଥମେ ଟ.୨୦,୦୦୦ର କୁକୁଡ଼ା ଛୁଆ (୨୦୦) ଆସିଲେ । ଆଗାମୀ ଦୁଇମାସରେ ସେମାନେ ଅଣ୍ଡାଦେବାପାଇଁ ଉପଯୁକ୍ତ ହୋଇଯିବେ । ଏହା ସହିତ ମଞ୍ଜୁ ଟ.୨୦,୦୦୦ ର ହାଉ ଉଧାର କରିଲା ।

ଦୁଇ ଭଉଣୀଙ୍କ କାହାଣୀ ବର୍ଣ୍ଣନା କରିସାରିବା ପରେ ଅଂଶଗ୍ରହଣକାରୀଙ୍କୁ ନିମ୍ନଲିଖିତ ପ୍ରଶ୍ନ ପଚାରିବେ

୧. ଏହି ଦୁଇଭଉଣୀଙ୍କ ମଧ୍ୟରୁ କିଏ ଓ କାହିଁକି ସଫଳତା ପାଇବ ବୋଲି ଭାବୁଛ ?

୨. କେଉଁ ଭଉଣୀ ଅଧିକ ବିପଦର ସମ୍ମୁଖୀନ ହେବ ?

୩. ଯଦି ଆପଣ ରଞ୍ଜୁ ଓ ମଞ୍ଜୁ ହୋଇଥିଲେ ଅଲଗା କ'ଣ କରିଥା'ନ୍ତେ ?

ପ୍ରଶିକ୍ଷକଙ୍କ ନିମନ୍ତେ ଟିପ୍ପଣୀ :

ଅଳ୍ପଦିନ ମଧ୍ୟରେ ମଞ୍ଜୁର ବ୍ୟବସାୟ ଶୀଘ୍ର ବୃଦ୍ଧି ପାଇବାରେ ଲାଗିଲା । କାରଣ ସେ ଅଧିକ ପାଣ୍ଠି ବିନିଯୋଗ କରିଥିଲା । କିନ୍ତୁ ରଂଜୁ ଥରକେ ଅଳ୍ପ ପାଣ୍ଠି ବିନିଯୋଗ କରୁଥିବାରୁ ତା'ର ବ୍ୟବସାୟ ଧୀରେ ଧୀରେ ବଢୁଥିଲା । ହେଲେ ରଞ୍ଜୁର ବ୍ୟବସାୟ ସମୟ କ୍ରମେ ଅଧିକ ସୁରକ୍ଷିତ ଓ ସ୍ଥାୟୀ ହେଲା । କାରଣ ତାକୁ ଋଣ ପରିଶୋଧ କରିବାର ନ ଥିଲା କି କର୍ମଚାରୀଙ୍କୁ ଦରମା ଦେବାକୁ ପଡୁ ନଥିଲା । ମଞ୍ଜୁକୁ ଅଧିକ ସମସ୍ୟାର ସମ୍ମୁଖୀନ ହେବାକୁ ହେବ । ଏକା ସାଙ୍ଗରେ ଦୁଇ ଦୁଇଟି କରଜ ସହ ନିଜ ସୁରକ୍ଷା ପାଇଁ କଳ୍ପ କିଛି ସଞ୍ଚୟ ଥିଲା । ତେଣୁ ସେ ଅଧିକ ବିପଦଜନକ ସ୍ଥିତିରେ ଅଛି ।

ଋଣ ବନାମ ନିଜ ପଇସା / ପାଣ୍ଠି :

ଅଂଶଗ୍ରହଣକାରୀଙ୍କୁ ଦୁଇଟି ଦଳରେ ଭାଗ କରିଦେବା । ଗୋଟିଏ ଦଳ ନିଜ ପାଣ୍ଠି ବିନିଯୋଗର ସୁବିଧା (ଉପକାରିତା) ଓ ଋଣ ନେବାର (ଅପକାରିତା) ବିଷୟରେ ଆଲୋଚନା କରିବେ । ଦ୍ୱିତୀୟ ଦଳ କରଜ ନେବାର ସୁବିଧା (ଉପକାରିତା) ଓ ନିଜ ସଞ୍ଚୟ ଅର୍ଥ ବିନିଯୋଗ କରିବାର ଅପକାରିତା (ଅସୁବିଧା) ବିଷୟରେ ଆଲୋଚନା କରିବେ । ଦୁଇ ଦଳ ଏକ ତର୍କ କରିବା ପାଇଁ ପ୍ରସ୍ତୁତ ହେବେ । ଏଥିପାଇଁ ପ୍ରସ୍ତୁତ ହେବାକୁ ୧୦ ମିନିଟ ଓ ଉପସ୍ଥାପନ କରିବାକୁ ୨ ମିନିଟ୍ ସମୟ ଦିଆଯିବ । ଶେଷରେ ତର୍କର ସାରାଂଶ ଦଳକୁ ଜଣାଇବେ । ଉଭୟ କରଜ ଆଣିବା ଓ ନିଜ ପାଣ୍ଠି ବିନିଯୋଗର ଉପକାରିତା ଓ ଅପକାରିତା ରହିଛି ।

କରଜ ଆଣିବା	ନିଜସ୍ୱ ପାଣ୍ଠି ବିନିଯୋଗ କରିବା
ସୁବିଧା :	
ଅର୍ଥର ସହଜ ଲଭ୍ୟତା	ସୁଧ ଦେବାକୁ ହୋଇ ନ ଥାଏ
ଆଇନତଃ ବୈଧ	ବିନିଯୋଗ କରିବାରେ କୌଣସି କଟକଣା
ଆତ୍ମସମ୍ମାନ ହାନି ହେବାର ନ ଥାଏ	ଆଇନଗତ ବାଧ୍ୟତା ନ ଥାଏ
ଅସୁବିଧା :	
ଋଣ ଆଣିବା ପାଇଁ ସୁଧ ଓ ତା'ର ପ୍ରକ୍ରିୟା ନିମନ୍ତେ ଅର୍ଥ ଦେବାକୁ ପଡେ଼	ଅର୍ଥ ପାଇବାର ସୁଲଭତା କମ୍ ଥାଏ
ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପରିଶୋଧ ନ କଲେ ନିୟମଭଙ୍ଗ ଯୋଗୁଁ ଜୋରିମାନା ଦେବାକୁ ପଡ଼ିଥାଏ	ଅଗ୍ରଗତି ଧୀରେ ଧୀରେ ହୋଇଥାଏ
ଋଣଦାତାଙ୍କ ଆବଶ୍ୟକତାକୁ ନିଶ୍ଚୟ ପୂରଣ କରିବାକୁ ହୋଇଥାଏ	

ଉତ୍ତମ ଋଣ ବନାମ ମନ୍ଦ ଋଣ :

ଅଂଶଗ୍ରହଣକାରୀ ପ୍ରଶ୍ନ କରିବା : "ସମସ୍ତ ଋଣ କରଜ ଦେଉଥିବା ବ୍ୟକ୍ତି ସୁବିଧା / ଭଲ ହୋଇଥାଏ କି ?

ଋଣ ନେବା ସଂପର୍କରେ ଏକ ବାସ୍ତବ ଅନୁଭୂତି କରିବାକୁ ନିର୍ଦ୍ଦେଶ ଦେବେ। ସମସ୍ତଙ୍କ ଅନୁଭୂତି ଶୁଣିବା ପରେ ତା'ର ସାରାଂଶ କହିବେ ଯେ ଖରାପ ଓ ଭଲ ଉଭୟେ ପ୍ରକାର ଋଣ ଅଛି। ଆମେ ଦେଖିଛେ କରଜ କରିବା ଏକ ସକରାତ୍ମକ ଅଭିଜ୍ଞତା। ଭଲ ଋଣ ଆପଣଙ୍କୁ ବ୍ୟବସାୟ ଆରମ୍ଭ କରିବା କିମ୍ବା ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। କିନ୍ତୁ କରଜ ଆଣିବାରେ ସର୍ବଦା ତାକୁ ପରିଶୋଧ ନ କରିପାରିବାର ଭୟ ରହିଥାଏ। ଯେତେବେଳେ ଏହା ଋଣ ଖିଲାପକାରୀ ଭାବରେ ଆପଣଙ୍କୁ ଅଧିକ ଋଣଗ୍ରସ୍ତ କରିଦିଏ, ସେତେବେଳେ ତାହା ମନ୍ଦ ଋଣ ଭାବରେ ପରିଚିତ ହୋଇଥାଏ।

ଋଣ ପାଇବା ପୂର୍ବରୁ କେଉଁ ବିଷୟରେ ବିଚାର କରିବା ଆବଶ୍ୟକ ହୋଇଥାଏ ?

- ଋଣ ପରିଶୋଧ କରିବା ପାଇଁ ଆୟ ଓ ସଞ୍ଚୟର ଉତ୍ସ ସମ୍ବନ୍ଧରେ ଚିନ୍ତା କରିବା
- କରଜ ଅର୍ଥରେ ଆଣିଥିବା ଦ୍ରବ୍ୟ ଋଣ ପରିଶୋଧ ସମୟ ପର୍ଯ୍ୟନ୍ତ ସ୍ଥାୟୀ ରହିବ ଏବଂ ତୁମ ପାଇଁ ରୋଜଗାର ପନ୍ଥାକୁ ଚାଲୁ ରଖିବ କି ନାଁ ସେ ବିଷୟରେ ଭାବିବା।
- ନିଜ ଦ୍ରବ୍ୟ ପାଇଁ ସ୍ଥିର କରିଥିବା ମୂଲ୍ୟ ଆପଣଙ୍କୁ ଲାଭଦାୟକ ହେବ କି ନାହିଁ ?
- ଋଣ ପରିଶୋଧ ପରିମାଣ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ବିଷୟରେ ବିଚାର କରିବା ଆବଶ୍ୟକ।

ଋଣ ଅସିଦ୍ଧ ଘୋଷଣା କରିବା :

- ଏହା ବିଷୟରେ ଅଂଶଗ୍ରହଣକାରୀଙ୍କୁ କାରଣ ଦର୍ଶାଇବାକୁ ନିର୍ଦ୍ଦେଶ ଦେବେ। ସେସବୁକୁ ବୋର୍ଡ଼ରେ ଲେଖିବା ଜାରି ରଖିବେ।
- ଏବେ କାରଣଗୁଡ଼ିକୁ ଦେଖି ଋଣଗ୍ରହୀତାଙ୍କ ବିଚାରଶକ୍ତିର ଅଭାବ ଓ ମନ୍ଦ ଭାଗ୍ୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବାକୁ ଦଳର ସଭ୍ୟମାନଙ୍କୁ ନିର୍ଦ୍ଦେଶ ଦେବେ।

ସୋପାନ-୬ : ବ୍ୟାଙ୍କ ଏକ ଅର୍ଥନୈତିକ ଅନୁଷ୍ଠାନ

ମୁଖ୍ୟ / ପ୍ରାଥମିକ କାର୍ଯ୍ୟ		ଗୌଣ କାର୍ଯ୍ୟ	
ଗଚ୍ଛିତ / ଜମାଅର୍ଥକୁ ଗ୍ରହଣ କରିବା	ଅଗ୍ରୀମ ଅର୍ଥରାଶୀ ପ୍ରଦାନକୁ ଅନୁମତି ଦେବା	ଆନୁଷାନିକ କାର୍ଯ୍ୟ	ଉପଯୋଗିତାମୂଳକ କାର୍ଯ୍ୟ
ସଞ୍ଚୟ ଜମା	ନିଜଜମାଠାରୁ ଅଧିକ ଉଠାଣ	ଅର୍ଥ ସ୍ଥାନାନ୍ତର	ଡ୍ରାଫ୍ଟ
ସ୍ଥାୟୀ ଜମା	ଅର୍ଥ ଧାର ଦେବା	ସମୟାନୁସାରେ ପ୍ରାପ୍ୟ ପ୍ରଦାନ	ଲକର / ସୁରକ୍ଷିତ ସିନ୍ଦୁକ
ନିୟନ୍ତ୍ରିତ ଜମା	ଋଣ	ଚେକ୍ ସଂଗ୍ରହ କରିବା	ଦାୟୀପତ୍ର ଗ୍ରହଣ କରିବା
ବାରମ୍ବାର ଜମା କରିବା		ସାମୟିକ ଅର୍ଥ ଆଦାୟ	ସାମାଜିକ ଉନ୍ନତିମୂଳକ କାର୍ଯ୍ୟକ୍ରମ
		ବୀମା ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ	ଅନ୍ୟାନ୍ୟ ଉପଯୋଗୀ କାର୍ଯ୍ୟକ୍ରମ

ବ୍ୟାଙ୍କର ପ୍ରାଥମିକ କାର୍ଯ୍ୟାବଳୀ

୧. ଗଚ୍ଛିତ ବା ଜମା ଅର୍ଥ ଗ୍ରହଣ କରିବା :

ପ୍ରାଥମିକ କାର୍ଯ୍ୟଗୁଡ଼ିକ ବ୍ୟାଙ୍କ କାର୍ଯ୍ୟ ଭାବରେ ମଧ୍ୟ ପରିଚିତ । ଏଥିରେ ଜମାକରାଯାଉଥିବା ଅର୍ଥକୁ ଗ୍ରହଣ କରିବା । ତାହା ସଞ୍ଚୟ, ସ୍ଥାୟୀ ଜମା, ଚଳିତ ବା ବୈଧ ତଥା ବାରମ୍ବାର ଜମା ହୋଇପାରେ ।

(କ) ସଞ୍ଚୟ ଜମା : ଟଙ୍କା ଜମା କରିବା ଓ ଉଠାଇବା କ୍ଷେତ୍ରରେ କେତେକ କଟକଣା ରହିଥାଏ । ବେତନଭୋଗୀ ଓ ମଜୁରିଆଙ୍କ ପାଇଁ ଏହି ଯୋଜନା ଅଧିକ ସୁବିଧାଜନକ ହୋଇଥାଏ । ଏଥିପାଇଁ ବ୍ୟକ୍ତିଗତ ବା ଯୁଗ୍ମ ଭାବରେ ବ୍ୟାଙ୍କରେ ଖାତା ଖୋଲାଯାଇପାରେ ।

(ଖ) ଅଧିକ ସୁଧ ପାଇବା ପାଇଁ କିଛି ପରିମାଣର ଅର୍ଥ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସ୍ଥାୟୀ ଭାବରେ ଜମା କରାଯାଇଥାଏ । ଯେଉଁମାନଙ୍କର ବଳକା ଅର୍ଥ ଥାଏ ସେମାନେ ସ୍ଥାୟୀ ଜମା କରିପାରିବେ ।

(ଗ) ବ୍ୟବସାୟୀମାନେ ବୈଧଜମା ଖାତା ଖୋଲିଥାନ୍ତି । ଏଥିପାଇଁ ଅର୍ଥଉଠାଣ ନିମନ୍ତେ କୌଣସି କଟକଣା ନାହିଁ କି ସୁଧ ଦେବାକୁ ପଡ଼େ ନାହିଁ । କେବଳ ସେବାଦେୟ ଦେବାକୁ ପଡ଼େ । ନିଜ ଜମାଠାରୁ ଅଧିକ ଉଠାଣ ସୁବିଧା ଏହି ଯୋଜନାରେ ରହିଛି ।

(ଘ) ବେତନ / ଦରମା ପାଉଥିବା କିମ୍ବା ଛୋଟ ବ୍ୟବସାୟୀମାନେ ପୌନଃପୌନିକ ଜମା ଯୋଜନାରେ ଅର୍ଥ ଜମା କରିଥାନ୍ତି । ନିୟମିତ ବ୍ୟବଧାନରେ କିଛି ପରିମାଣର ଅର୍ଥ ଜମା କରାଯାଏ । କିନ୍ତୁ ନିର୍ଦ୍ଦିଷ୍ଟ ସମୟ ପରେ ଅର୍ଥ ଉଠାଇବାକୁ ଅନୁମତି ମିଳିଥାଏ । ଏହି ଜମା ଯୋଜନାରେ ଅଧିକ ସୁଧ ମିଳିଥାଏ ।

୨. ଋଣ ଓ ଅଗ୍ରିମ ଅର୍ଥ ପ୍ରଦାନ :

ଜନସାଧାରଣ ଓ ବ୍ୟବସାୟୀମାନଙ୍କୁ ବ୍ୟାଙ୍କ ଋଣ ପ୍ରଦାନ କରିଥାଏ । ବ୍ୟାଙ୍କରେ ଟଙ୍କା ଜମା କରିବାଠାରୁ ଋଣ ଆଣିବାରେ ଅଧିକ ସୁଧ ଦେବାକୁ ପଡ଼ିଥାଏ । ସୁଧରୁ ମିଳୁଥିବା ବଳକା ଅର୍ଥ ବ୍ୟାଙ୍କର ଲାଭ । ବ୍ୟାଙ୍କ ଚାରିପ୍ରକାର ଋଣ ପ୍ରଦାନ କରିଥାଏ । ଯଥା :

(କ) ନିଜ ଜମାରାଶିଠାରୁ ଅଧିକ ଅର୍ଥ ନିୟମିତ ଜମା କରୁଥିବା ବୈଧ ଜମାକାରୀଙ୍କୁ ପ୍ରଦାନ କରିଥାଏ । ଏଥିପାଇଁ ଅନ୍ୟ କୌଣସି ଅଲଗା ଖାତା କରିବାକୁ ପଡ଼ି ନଥାଏ । ନିୟମିତ ଜମା ଖାତାରେ ସବୁ ହିସାବ ରଖାଯାଏ । ଏକ ନିର୍ଦ୍ଧିଷ୍ଟ ପରିମାଣଣ ଅର୍ଥ ପ୍ରଦାନ କରାଯାଇ ତାହାକୁ ନିର୍ଦ୍ଦିଷ୍ଟ ସମୟସୀମା ଅର୍ଥାତ୍ ୬ମାସ ମଧ୍ୟରେ ଆଦାୟ କରାଯାଏ ।। ଯେତେ ପରିମାଣର ଅର୍ଥ ପ୍ରଦାନ କରାଯାଏ, ତଦନୁସାରେ ସୁଧ ଧାର୍ଯ୍ୟ କରାଯାଏ । ଏହି ଆନୁସଙ୍ଗିକ ପ୍ରମାଣପତ୍ର ବା ଅତିରିକ୍ତ ଜାମିନ ବଦଳରେ ଦିଆଯାଇଥାଏ । ସାଧାରଣତଃ ବ୍ୟବସାୟୀମାନଙ୍କୁ ଏହି ଅର୍ଥଦେବାପାଇଁ ଅନୁମତି ମିଳିଥାଏ ।

(ଖ) ଜଣେ ଗ୍ରହୀତାଙ୍କୁ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ କରଜ ଆକାରରେ ଦିଆଯାଇଥାଏ । ନିୟମିତ ଜମାକାରୀ ତଥା ବ୍ୟାଙ୍କରେ ଜମାଖାତା ନ ଥିବା ଲୋକଙ୍କୁ ମଧ୍ୟ ଏହି ଯୋଜନାରେ ଅର୍ଥ ପ୍ରଦାନ କରାଯାଇଥାଏ । ଏଥିପାଇଁ ସ୍ୱତନ୍ତ୍ର ଅର୍ଥଲଗାଣ ଆକାଉଣ୍ଟ ପରିଚାଳିତ ହୋଇଥାଏ । ସୀମା ପରିମାଣରୁ ଅଧିକ ପରିମାଣର ଅର୍ଥ ପାଇଁ ସୁଧ ଦେବାକୁ ପଡ଼େ । ଅତିରିକ୍ତ ଜାମିନ ବା ବାସ୍ତବ ସମ୍ପତ୍ତି ବଦଳରେ ବ୍ୟାଙ୍କ ଅଧିକ ଋଣ ପ୍ରଦାନ କରିଥାଏ । ନିଜ ଜମାଠାରୁ ଅଧିକ ଋଣ ଆଣିବା ଯୋଜନାଠାରୁ ଏହି ଯୋଜନାରେ ସାଧାରଣତଃ ଋଣ ପରିଶୋଧର ସମୟସୀମା ଅଧିକ ଥାଏ ।

(ଗ) ବ୍ୟାଙ୍କ ନିର୍ଦ୍ଦିଷ୍ଟ ସମୟ ପାଇଁ ଲୋକଙ୍କୁ କରଜ / ଋଣ ପ୍ରଦାନ କରିଥାଏ। କିସ୍ତି ଆକାରରେ ବା ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ କିଛି ପରିମାଣର ଅର୍ଥ ଦେଇ ଋଣ ପରିଶୋଧ କରିବାକୁ ହୋଇଥାଏ। ଯେତେ ପରିମାଣ ଋଣ ନେବାକୁ ମଂଜୁରୀ ବା ଅନୁମୋଦନ କରାଯାଇଥାଏ, ତାହା ଉପରେ ସୁଧ ନିଆଯାଏ। କିନ୍ତୁ ସେ ଅର୍ଥରୁ ଯେତେ ଉଠାଇବ, ତା ଉପରେ ସୁଧ ନିର୍ଦ୍ଧାରଣ କରାଯାଏ ନାହିଁ। ପୂର୍ବ ଯୋଜନା ଅପେକ୍ଷା ଏଥିରେ ସୁଧହାର କମ୍।

(ଘ) ବିଲ୍ ବଦଳରେ ରିହାତି ଦେବା କାର୍ଯ୍ୟ ପାଇଁ ରିହାତି ଅର୍ଥକୁ ମୂଳ ଅର୍ଥରୁ ବାଦ୍ ଦେଇ ବିଲ୍‌କୁ ବ୍ୟାଙ୍କ କିଣିଥାଏ। ଏଥିପାଇଁ ପ୍ରଥମେ ବ୍ୟାଙ୍କ ଅର୍ଥ ପ୍ରଦାନ କରେ ଓ ନିର୍ଦ୍ଦିଷ୍ଟ ସମୟ ପରେ ଗ୍ରହୀତାଙ୍କଠାରୁ ଅର୍ଥ ଆଦାୟ କରିଥାଏ।

ବ୍ୟାଙ୍କର ଗୌଣ କାର୍ଯ୍ୟ

୧. ଆନୁଷ୍ଠାନିକ କାର୍ଯ୍ୟ

ବ୍ୟାଙ୍କର ଗୌଣକାର୍ଯ୍ୟଗୁଡ଼ିକ ବ୍ୟାଙ୍କ କାର୍ଯ୍ୟ ବହିର୍ଭୂତ କାର୍ଯ୍ୟ ହୋଇଥାଏ। ସେଗୁଡ଼ିକ ଆନୁଷ୍ଠାନିକ ଓ ଉପଯୋଗିତାମୂଳକ କାର୍ଯ୍ୟ।

(କ) ଅର୍ଥ ସ୍ଥାନାନ୍ତର : ବ୍ୟାଙ୍କଗୁଡ଼ିକ ଗୋଟିଏ ଶାଖାରୁ ଅନ୍ୟ ବ୍ୟାଙ୍କ ଶାଖାକୁ ଓ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଅର୍ଥ ସ୍ଥାନାନ୍ତର କରିଥାନ୍ତି।

(ଖ) ଚେକ୍ ସଂଗ୍ରହ : ଗ୍ରାହକମାନଙ୍କ ଚେକ୍ ସଂଗ୍ରହ କରି ସେମାନଙ୍କୁ ଅର୍ଥ ପ୍ରଦାନ ପାଇଁ ଚେକ୍ ସଂଗ୍ରହ କରେ।

(ଗ) ସମୟାନୁସାରେ ଦେୟ ପ୍ରଦାନ : ପ୍ରଚଳିତ ନିର୍ଦ୍ଦେଶାନୁସାରେ ବ୍ୟାଙ୍କ ବିଦ୍ୟୁତ୍ ବିଲ୍, ପାଣି ଦେୟ ଓ ଫୋନ୍ ବିଲ ନିମନ୍ତେ ସାମୟିକ ଦେୟ ପ୍ରଦାନ କରିଥାଏ।

(ଘ) ବୀମା/ପେନସନ କମ୍ପାନୀମାନଙ୍କ ଦ୍ୱାରା ପ୍ରଚଳିତ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ଅଟଳ ପେନସନ ଯୋଜନାଗୁଡ଼ିକ ବ୍ୟାଙ୍କ ମାଧ୍ୟମରେ ପ୍ରାପ୍ତ ହୋଇଥାଏ।

(ଙ) ଦପ୍ତର କାର୍ଯ୍ୟ ପରିଚାଳନା : ଗ୍ରାହକମାନଙ୍କ ତରଫରୁ ବ୍ୟାଙ୍କ ଅଂଶଧନ ଓ ଋଣପତ୍ର ଆଦି କିଣାବିକା।

(ଚ) ସାମୟିକ ଅର୍ଥ ଆଦାୟ : ଗ୍ରାହକମାନଙ୍କ ତରଫରୁ ବ୍ୟାଙ୍କ ଦରମା, ପେନ୍‌ସନ୍ (ସେବା ନିବୃତ୍ତି ବେତନ), ଲାଭାଂଶ ଓ ଅନ୍ୟାନ୍ୟ ସାମୟିକ ଅର୍ଥ ଆଦାୟ କରିଥାଏ।

(ଛ) ଅନ୍ୟାନ୍ୟ ଆନୁଷ୍ଠାନିକା କାର୍ଯ୍ୟ : ବ୍ୟାଙ୍କର ଗ୍ରାହକମାନଙ୍କ ତରଫରୁ ବ୍ୟାଙ୍କ ତତ୍ତ୍ୱାବଧାରକ, ସଂଚାଳକ, ଉପଦେଷ୍ଟା ଓ କାର୍ଯ୍ୟ ପରିଚାଳକ ଭାବରେ ମଧ୍ୟ କାର୍ଯ୍ୟ ସଂପାଦନ କରିଥାଏ।

୨. ସାଧାରଣ ଉପଯୋଗିତାମୂଳକ କାର୍ଯ୍ୟ

ବ୍ୟାଙ୍କ ଦ୍ୱାରା ପରିଚାଳିତ କେତେକ ଉପଯୋଗୀତାମୂଳକ କାର୍ଯ୍ୟ

(କ) ଟଙ୍କା ଦେବାର ଆଦେଶପତ୍ର ବା ଜମା ହିସାବ ପତ୍ର ପ୍ରଦାନ କରିବା

(ଖ) ସୁରକ୍ଷିତ ସିନ୍ଦୁକ / ଲକର ସୁବିଧା

(ଗ) ଅଂଶଧନର ଦାୟୀ ପତ୍ର ଗ୍ରହଣ କରିବା

(ଘ) ବୈଦେଶିକ ମୁଦ୍ରା ବିନିମୟ

(ଙ) ପ୍ରକଳ୍ପ ରିପୋର୍ଟ

(ଚ) ସାମାଜିକ ଉନ୍ନତିମୂଳକ କାର୍ଯ୍ୟକ୍ରମ

ପଞ୍ଚମ ଅଧ୍ୟାୟ

ସ୍ଥାନୀୟ ସମସ୍ୟା ଚିହ୍ନଟୀକରଣ ଓ ଉଦ୍ଯୋଗ କୌଶଳ

ଅଧିବେଶନ-୧

ସ୍ଥାନୀୟ ସମସ୍ୟା ଚିହ୍ନଟୀକରଣ ଓ ବିଶ୍ଳେଷଣ

ସ୍ରଷ୍ଟାଙ୍କ ସୃଷ୍ଟିରେ ଶ୍ରେଷ୍ଠ ଜୀବ ମନୁଷ୍ୟ, ସମାଜରେ ନିଜର ସ୍ଥିତି ଜାହିର କରିବାପାଇଁ ପ୍ରତି ନିୟମିତ ଚେଷ୍ଟା କରିଥାନ୍ତି। ଏଥିପାଇଁ ବ୍ୟକ୍ତିଗତ ତଥା ସାମାଜିକ ସ୍ତରରେ ଅନେକ ସଂଘର୍ଷ କରିଥାଏ। ଏଣୁ "ଜୀବନର ଅନ୍ୟନାମ ସଂଘର୍ଷ"। ସଂଘର୍ଷମୟ ଜୀବନଯାତ୍ରାରେ ସେ ଅନେକଗୁଡ଼ିଏ ସମସ୍ୟାର ସମ୍ମୁଖୀନ ହୋଇଥାଏ। ଏପରି କୌଣସି ସମସ୍ୟା ନାହିଁ ଯାହାର ସମାଧାନ କରାଯାଇପାରିବ ନାହିଁ। ମାତ୍ର ସବୁ ସମସ୍ୟାର ସମାଧାନ ଏକା ସମୟରେ କରାଯାଇପାରିବ ନାହିଁ। ପ୍ରକୃତ ସମସ୍ୟାକୁ ଚିହ୍ନଟ କରିବା ହିଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ତେଣୁ ନିଜର ତଥା ନିଜ ପାରିପାର୍ଶ୍ୱିକ ପରିବେଶର ସମସ୍ୟାଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଚିହ୍ନଟ କରି ତା'ର କାରଣ ଓ ପ୍ରଭାବଗୁଡ଼ିକ ବିଶ୍ଳେଷଣ କରିବା ଦ୍ୱାରା ସେସବୁ ସମସ୍ୟା ସମାଧାନର ସୂତ୍ର ବାହାରିଥାଏ।

ଉଦ୍ଦେଶ୍ୟ : ଅଂଶଗ୍ରହଣକାରୀମାନେ ସେମାନଙ୍କ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟାଗୁଡ଼ିକୁ ଚିହ୍ନଟ କରିବେ।

ଅଧିବେଶନ ସାରଣୀ

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ବିଷୟକୁ ପ୍ରବେଶ ନିମନ୍ତେ ପ୍ରସ୍ତୁତି	ଖେଳ	୧୦ ମିନିଟ୍
୨.	ଆଞ୍ଚଳିକ ସମସ୍ୟା ବିଷୟରେ ଧାରଣା ଦେବା	ଦଳଗତ ଆଲୋଚନା, ଗପ	୧୦ ମିନିଟ୍
୩.	ସ୍ଥାନୀୟ ସମସ୍ୟାଗୁଡ଼ିକର ଚିହ୍ନଟୀକରଣ	ଦଳଗତ ଆଲୋଚନା	୪୦ ମିନିଟ୍
୪.	ସମସ୍ୟାଗୁଡ଼ିକର ଉପସ୍ଥାପନ	ଦଳଗତ ଆଲୋଚନା	୩୦ ମିନିଟ୍
୫.	ଉପସ୍ଥାପିତ ସମସ୍ୟାଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ସଜାଡ଼ିବ	ଦଳଗତ ଆଲୋଚନା	୩୦ ମିନିଟ୍
ମୋଟ			୬୦ ମିନିଟ୍

ଆବଶ୍ୟକୀୟ ଉପକରଣ :

ହ୍ୱାଇଟ ବୋର୍ଡ଼, ପ୍ରୋଜେକ୍ଟର, ଚାର୍ଟ ପେପର, ମାର୍କର, ସେଲୋଟେପ, ସ୍କେଚ୍ ପେନ୍

ସୋପାନ - ୧ : ବିଷୟକୁ ପ୍ରବେଶ ନିମନ୍ତେ ପ୍ରସ୍ତୁତି

ବିଷୟ ପ୍ରବେଶ ପୂର୍ବରୁ ଅଂଶଗ୍ରହଣକାରୀମାନଙ୍କୁ ଆଲୋଚନା ପାଇଁ ପ୍ରସ୍ତୁତ କରିବା ନିମନ୍ତେ ତାଲିମଦାତା ପ୍ରଥମେ ଏକ ଖେଳ କରାନ୍ତୁ। ଯଦ୍ୱାରା ଅଂଶଗ୍ରହଣକାରୀମାନେ ଶାରୀରିକ ଓ ମାନସିକସ୍ତରରେ ସକ୍ରିୟ ହେବା ସହିତ ସତେଜ ଅନୁଭବ କରିବେ।

ଖେଳର ନିୟମ : ତାଲିମଦାତା ନିମ୍ନରେ ଦିଆଯାଇଥିବା ଗପଟି କହିବେ। ଗପରେ ଥିବା ଚରିତ୍ରଗୁଡିକର ନାମ ଅନୁସାରେ

ଅଂଶଗ୍ରହଣକାରୀମାନଙ୍କୁ କ୍ରମାନ୍ୱୟରେ ସେହି ନାମଗୁଡିକୁ କହିବାକୁ କହିବେ (ଯେମିତି ଦଳ ଗଠନ ସମୟରେ କ୍ରମାନ୍ୱୟରେ ୧, ୨, ୩ କୁହାଯାଏ।) ପ୍ରତ୍ୟେକ ଅଂଶଗ୍ରହଣକାରୀ କହିଥିବା ନାମଟି ମନେ ରଖିଲେ କି ନାହିଁ ପଚାରି ବୁଝନ୍ତୁ। ଚରିତ୍ରଗୁଡିକର ନାମଗୁଡିକୁ କୁହନ୍ତୁ, ସେହି ନାମ କହିଥିବା ଅଂଶଗ୍ରହଣକାରୀମାନଙ୍କୁ ଠିଆ ହେବାପାଇଁ କୁହନ୍ତୁ। ସମସ୍ତେ ନିଜନିଜର ନାମ ମନେ ରଖିବା ପରେ ଗପଟିକୁ କୁହନ୍ତୁ। ଗପ କହିବା ସମୟରେ ତାଲିମଦାତା ଯେଉଁ ନାମଟି କହିବେ ସେତେବେଳେ ସେହି ନାମ ପାଇଥିବା ଅଂଶଗ୍ରହଣକାରୀମାନେ ଠିଆହେବେ ଏବଂ ପରେ ବସିଯିବେ। ଏହିପରି ଗପରେ ଯେତେଥର ସେହି ନାମ ଆସୁଥିବ ସେତେଥର ଅଂଶଗ୍ରହଣକାରୀମାନେ ଠିଆ ହେଉଥିବେ ଏବଂ ବସୁଥିବେ।

ଗପ-୧ : ଭାଲୁମୁଣ୍ଡା ଗାଁର ମିତା, ଗାରିମା, ବଳରାମ ତିନିଜଣ ସାଙ୍ଗ ହୋଇ ଗାଁ ସ୍କୁଲରେ ୫ମ ଯାଏଁ ପାଠ ପଢିଲେ। ତା'ପରେ ଗାରିମା ଓ ବଳରାମ ଅଧିକ ପଢିବା ପାଇଁ ପୋଡାପଦର ଆଶ୍ରମ ସ୍କୁଲରେ ନାଁ ଲେଖାଇଲେ। ମିତାକୁ ତା ବାପ'ମା ଆଉ ପଢିବାକୁ ନଦେଇ ଘରକାମ କରାଇଲେ। ପଢିସାରିବା ପରେ ବଳରାମ ପୋଲିସରେ ଚାକିରୀ କଲା, ଗାରିମା ସ୍କୁଲରେ ଶିକ୍ଷୟିତ୍ରୀ ଚାକିରୀ କଲା।

ଥରେ ପରବ ସମୟରେ ମିତା, ଗାରିବା ଓ ବଳରାମ ଭେଟାଭେଟି ହେଲେ। ମିତା ଏତେଦିନ ପରେ ବଳରାମ ଓ ଗାରିମାକୁ ଦେଖି ବହୁତ ଖୁସିହେଲା। ତିନିହେଁ କିଛି ସମୟ ଗପସପ ହେଲେ। ପରବରୁ ଫେରିବାପରେ ମିତା ମନରେ ସୁଖନାହିଁ, ସେ କେବଳ ଭାବୁଛି ଯେ ଯଦି ତା'ର ବାପ ମା ତାକୁ ପାଠ ପଢେଇଥାନ୍ତେ ତେବେ ସିଏ ବି ଆଜି ଗାରିମା ଓ ବଳରାମ ପରି ନିଜ ଗୋଡରେ ଠିଆ ହୋଇ ପାରିଥାନ୍ତା : ନିଜେ କିଛି ରୋଜଗାର କରୁଥାନ୍ତା।

ଖେଳ ସରିବାପରେ କେମିତି ଲାଗୁଛି ବୋଲି ଅଂଶଗ୍ରହଣକାରୀମାନଙ୍କୁ ପଚାରନ୍ତୁ। ଅଂଶଗ୍ରହଣକାରୀମାନେ ଆଲୋଚନା ପାଇଁ ବର୍ତ୍ତମାନ ପ୍ରସ୍ତୁତ ଅଛନ୍ତି କି ନାହିଁ ଲକ୍ଷ୍ୟ କରନ୍ତୁ। ଯଦି ସେମାନେ ପ୍ରସ୍ତୁତ, ତେବେ ପରବର୍ତ୍ତୀ ସୋପାନକୁ ଯାଆନ୍ତୁ।

ସୋପାନ-୨ : ଆଞ୍ଚଳିକ ସମସ୍ୟା ବିଷୟରେ ଧାରଣା ଦେବା

ଅଂଶଗ୍ରହଣକାରୀମାନେ ଆସିଥିବା ଅଞ୍ଚଳକୁ ଦୃଷ୍ଟିରେ ରଖି ତାଲିମଦାତା ସେହି ଅଞ୍ଚଳର ଏକ ସ୍ଥାନୀୟ ସମସ୍ୟାକୁ ନେଇ ସଂକ୍ଷିପ୍ତ ଗପଟିଏ କୁହନ୍ତୁ।

ଗପ-୨ : ଡଙ୍ଗାଯୋଡି ଗାଁର ବୁରୁଦାର ସ୍ତ୍ରୀ ବୁଦୁନି, ୯ ମାସର ଗର୍ଭବତୀ। ହଠାତ୍ ଦିନେ ବର୍ଷାରାତିରେ ତା'ର ଗର୍ଭ ବେଦନା ଆରମ୍ଭ ହେଲା। ଯେତେବେଳେ ବୁଦୁନିର ଗର୍ଭ ଯନ୍ତ୍ରଣା ଅସହ୍ୟ ହେଲା ସେ ତା'ର ସ୍ୱାମୀ ବୁଦୁଦାକୁ କହିଲା ଆଶାଦିଦିକୁ ଡାକି ଡାକ୍ତରଖାନା ନେବାପାଇଁ। ବୁରୁଦା କହିଲା ରାତିକ ଟିକେ ସମ୍ଭାଳି ଯା, ସକାଳୁ ଆଶାଦିଦିକୁ ଡାକି ଡାକ୍ତରଖାନା ଯିବା। ବୁଦୁନି ଚୁପ ରହିଲା, ହେଲେ ବେଳକୁ ବେଳ ଯନ୍ତ୍ରଣା ଅଧିକ ହେବାରୁ ସେ ବୁରୁଦାକୁ ପୁଣିଥରେ କହିଲା ଆଶାଦିଦିକୁ ଡାକିବାପାଇଁ। ବୁରୁଦା ବାଧ୍ୟ ହୋଇ ଆଶାଦିଦିକୁ ଡାକିଲା। ଆଶାଦିଦି ଆସିବାପରେ ୧୦୮ ଆମ୍ବୁଲାନସ୍‌କୁ ଫୋନ କରି ସେମାନେ ଡାକ୍ତରଖାନା ଯିବାକୁ ବାହାରିଲେ। ତାଙ୍କ ଗାଁ ପାଖରେ ପାହାଡି ନଦୀଟିଏ ଅଛି, ଆମ୍ବୁଲାନସ୍ ଧରିବାକୁ ହେଲେ ନଦୀର ଆରପଟକୁ ଯିବାକୁ ପଡିବ। ବୁରୁଦା ଓ ଆଶାଦିଦି ବୁଦୁନିକୁ ଧରି ନଦୀକୂଳରେ ପହଁଚି ଦେଖିଲେ ନଦୀରେ ପ୍ରଖର ସୁଅ ଏବଂ ପ୍ରବଳ ପାଣି ନଦୀ ଏକୁଳ ସେକୁଳ ଖାଉଛି। ଡଙ୍ଗା ନଦୀର ଆରପଟେ ଅଛି। ବୁରୁଦା ପାଟିକରି ଡାକ ପକାଇଲା, "କିଏ ଅଛ ହୋ, ଡଙ୍ଗା ଏପଟକୁ ଆଣ"। ଆରପଟେ କେହି ନଥିବାରୁ ଡଙ୍ଗା ଆସିପାରିଲାନି। ବୁଦୁନି ସେଇ ନଦୀକୂଳରେ ପିଲାଟିଏ ଜନ୍ମ କରି ବେହୋସ ହୋଇଗଲା।

ବୁରୁଦା ଭାବିଲା ନଦୀ ଉପରେ ଯଦି ପୋଲଟିଏ ଥାଆନ୍ତା ଆଜି ଏ ଅସୁବିଧା ହୋଇନଥାନ୍ତା।

ଗପ ଶେଷରେ ପଚାରନ୍ତୁ ଏହା ଏକ ସମସ୍ୟା କି ? ଯଦି ଅଂଶଗ୍ରହଣକାରୀମାନେ ଏହାକୁ ଏକ ସମସ୍ୟା ଭାବରେ ବିଚାର କରୁଛନ୍ତି ତେବେ ତାଙ୍କ ଅଞ୍ଚଳରେ ଆଉ ସବୁ କଣ ସମସ୍ୟା ରହିଛି ପଚାରି ପରବର୍ତ୍ତୀ ସୋପାନକୁ ଯାଆନ୍ତୁ ।

ତାଲିମଦାତା ପାଇଁ ସୂଚନା - ଉପରେ ଦିଆଯାଇଥିବା ଗପ ଭଳି ସ୍ଥାନୀୟ ସମସ୍ୟାକୁ ନେଇ ଯଥା - କମ ବୟସରେ ପିଲାମାନଙ୍କ ବିବାହ, ବାଳିକାମାନଙ୍କୁ ସ୍କୁଲକୁ ନ ପଠାଇ ଘର କାମ କରାଇବା, ପିଲାଧରିବା, ଗାଈଗୋରୁ, ଛେଳି ଜଗିବା ଇତ୍ୟାଦି କାମ କରାଇବା, ରାସ୍ତା ଘାଟ ଅସୁବିଧା, ଫସଲର ବିକ୍ରିବଟା, ପାନୀୟ ଜଳ, ଜଳସେଚନ ଇତ୍ୟାଦି ଭିତରୁ ତାଲିମଦାତା ଯେ କୌଣସି ଗୋଟିଏକୁ ନେଇ କଥା ବା ଗପଟିଏ କହିପାରିବେ ।

ସୋପାନ-୩ : ସ୍ଥାନୀୟ ସମସ୍ୟାଗୁଡ଼ିକ ଚିହ୍ନଟୀକରଣ

ଏଥିପାଇଁ ଅଂଶଗ୍ରହଣକାରୀମାନଙ୍କୁ ୧ ରୁ ୫ ପର୍ଯ୍ୟନ୍ତ ଗଣିବାକୁ କୁହନ୍ତୁ ଏବଂ ସଂଖ୍ୟା ଅନୁସାରେ ଦଳ ଗଠନ କରନ୍ତୁ । ଦଳ ଗଠନ ହୋଇସାରିବା ପରେ ପ୍ରତ୍ୟେକ ଦଳକୁ ଅଲଗା ଅଲଗା କରି ବସାଇ କେଉଁ ଦଳ କେଉଁ ବିଷୟରେ ଆଲୋଚନା କରିବେ ସେଗୁଡିକୁ ତାଲିମଦାତା ହ୍ୱାଇଟ ବୋର୍ଡରେ ଲେଖି ପ୍ରତି ବୁଝାଇ ଦିଅନ୍ତୁ ।

ଦଳ - ୧ : ପିଲାମାନଙ୍କ ସମସ୍ୟା
ଦଳ - ୨ : ଯୁବକଯୁବତୀମାନଙ୍କ ସମସ୍ୟା
ଦଳ - ୩ : ମହିଳାମାନଙ୍କ ସମସ୍ୟା
ଦଳ - ୪ : ଜୀବନଜୀବିକା ସଂପର୍କିତ ସମସ୍ୟା
ଦଳ - ୫ : ବୃଦ୍ଧବୃଦ୍ଧାମାନଙ୍କ ସମସ୍ୟା
ଦଳ - ୬ : ଗାଁର ଅନ୍ୟାନ୍ୟ ସମସ୍ୟା

ପ୍ରତ୍ୟେକ ଦଳକୁ ଦିଆଯାଇଥିବା ବିଷୟର ସମସ୍ୟାଗୁଡିକୁ କେବଳ ଚିହ୍ନଟ କରି ସେଗୁଡିକର ତାଲିକା କରିବାକୁ କୁହନ୍ତୁ । ଏଥିପାଇଁ ୧୦ ରୁ ୧୫ ମିନିଟ୍ ସମୟ ଦିଅନ୍ତୁ । ଦଳରେ ଆଲୋଚନା କରିବା ସମୟରେ ସମସ୍ତ ଅଂଶଗ୍ରହଣକାରୀମାନେ ଯେପରି ସକ୍ରିୟଭାବରେ ଭାଗନେଇ ଅଂଶଗ୍ରହଣ କରିବେ ସେଥିପ୍ରତି ତାଲିମଦାତା ଧ୍ୟାନ ଦିଅନ୍ତୁ । ସମସ୍ୟାଗୁଡିକୁ ଲେଖିବା ପାଇଁ ପ୍ରତ୍ୟେକ ଦଳକୁ ଚାର୍ଟ ପେପର ଏବଂ ମାର୍କର ଦିଅନ୍ତୁ । ସବୁ ଦଳ ଚାର୍ଟ ପେପରରେ ସମସ୍ୟାଗୁଡିକ ଲେଖିଲେ କି ନାହିଁ ଦେଖନ୍ତୁ । ଆବଶ୍ୟକ ହେଲେ ସଠିକ ଭାବରେ ଲେଖିବା ପାଇଁ ତାଲିମଦାତା ଦଳକୁ କୁହନ୍ତୁ ।

ଛୋଟ ଦଳରେ ଆଲୋଚନା ସରିବାପରେ ପରବର୍ତ୍ତୀ ସୋପାନକୁ ଯାଆନ୍ତୁ ।

ସୋପାନ-୪ : ସମସ୍ୟା ଉପସ୍ଥାପନ

ଚିହ୍ନଟ କରିଥିବା ସମସ୍ୟାଗୁଡିକୁ ଉପସ୍ଥାପନ କରିବାପାଇଁ ତାଲିମଦାତା ପ୍ରତ୍ୟେକ ଦଳକୁ କୁହନ୍ତୁ । ଗୋଟିଏ ଦଳ ଉପସ୍ଥାପନ କରିବାପରେ ଯଦି କୌଣସି ସମସ୍ୟା ରହିଯାଇଥିବ ତେବେ ଅନ୍ୟ ଦଳମାନଙ୍କୁ ସେଥିରେ କିଛି ଯୋଡିବାକୁ କୁହନ୍ତୁ କିମ୍ବା ଉପସ୍ଥାପନ କରାଯାଇଥିବା ସମସ୍ୟା ସଂପର୍କରେ ଯଦି ସହମତି ନଥାଏ ତେବେ ନିଜର ମତାମତ ଦେବାକୁ କୁହନ୍ତୁ । ଏହିପରି ଭାବେ ସମସ୍ତ ଦଳର ଉପସ୍ଥାପନ ଶେଷ କରନ୍ତୁ । ପ୍ରତି ଦଳକୁ ଉପସ୍ଥାପନା ଓ ଆଲୋଚନା ପାଇଁ ୫ ରୁ ୭ ମିନିଟ୍ ସମୟ ଦିଅନ୍ତୁ । ଉପସ୍ଥାପନ ସରିବାପରେ ସମସ୍ୟାଗୁଡିକୁ ସାରାଂଶ କରି କୁହନ୍ତୁ ଓ ପରବର୍ତ୍ତୀ ସୋପାନକୁ ଯାଆନ୍ତୁ ।

ସୋପାନ-୫ : ଉପସ୍ଥାପିତ ସମସ୍ୟାଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ସଜାଡ଼ିବ

- ସମସ୍ୟାଗୁଡ଼ିକୁ ଅଗ୍ରାଧିକାର ଭିତିରେ ସଜାଡିବା
- ତାଲିମଦାତା ନିମ୍ନଲିଖିତ ପ୍ରଶ୍ନଗୁଡିକ ଅଂଶଗ୍ରହଣକାରୀମାନଙ୍କୁ ପଚାରନ୍ତୁ
- ସେମାନେ ଉପସ୍ଥାପନ କରିଥିବା ସମସ୍ତ ସମସ୍ୟାଗୁଡିକ ସମାଧାନ ହେବା ଆବଶ୍ୟକ କି ?
- ଯଦି ହଁ, ତେବେ ସବୁଗୁଡିକ ଏକସଙ୍ଗେ କରିବା ସମ୍ଭବ କି ?
- ଯଦି ନା, ତେବେ କେଉଁଟି ପ୍ରଥମେ କରିବା ?

ସମସ୍ୟାଗୁଡିକର ଗୁରୁତ୍ୱ ଅନୁଯାୟୀ ଅଗ୍ରାଧିକାରଭିତ୍ତିରେ ସଜାଡିବା ପାଇଁ ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ କୁହନ୍ତୁ। କେଉଁଟି ପ୍ରଥମେ ରହିବ ଓ କେଉଁଟି ଶେଷରେ ରହିବ ସେହି ଅନୁସାରେ ନମ୍ବର ଦେବାପାଇଁ ପ୍ରତ୍ୟେକ ଦଳକୁ କୁହନ୍ତୁ।

ପ୍ରତ୍ୟେକ ଦଳ ଚାର୍ଟପେପରରେ ନମ୍ବର କରିସାରିବା ପରେ ଏହାର କାରଣ କ'ଣ ପଚାରନ୍ତୁ। ଅଂଶଗ୍ରହଣକାରୀ ଦେଉଥିବା ମତାମତକୁ ତାଲିମଦାତା ହ୍ୱାଇଟବୋର୍ଡରେ ଲେଖି ରଖନ୍ତୁ।

ଶେଷରେ ଗୁରୁତ୍ୱ ଦେବାର କାରଣଗୁଡିକୁ ବିସ୍ତାରିତ ଭାବରେ ତାଲିମଦାତା ବୁଝାଇ କୁହନ୍ତୁ। ଏ କ୍ଷେତ୍ରରେ ସହମତି ନଆସିପାରେ, କାରଣ ପ୍ରତ୍ୟେକ ବ୍ୟକ୍ତିଙ୍କର ଚିନ୍ତାଧାରା ଭିନ୍ନ - ଏହା ଅଂଶଗ୍ରହଣକାରୀମାନଙ୍କୁ ଜଣାନ୍ତୁ। କିନ୍ତୁ କୌଣସି ସାମୁହିକ କାମ କରିବା ସମୟରେ ସହମତିର ନିତାନ୍ତ ଆବଶ୍ୟକତା ରହିଛି।

ଅଧିବେଶନ-୨

ସମସ୍ୟା ବିଶ୍ଳେଷଣ

ଉଦ୍ଦେଶ୍ୟ :

(୧) ଅଂଶଗ୍ରହଣକାରୀମାନେ ସ୍ଥାନୀୟ ସମସ୍ୟାଗୁଡିକର କାରଣ ଜାଣିବେ ।

(୨) ସମସ୍ୟାଗୁଡିକର ପ୍ରଭାବ ବିଷୟରେ ଜାଣିବାରେ ସକ୍ଷମ ହେବେ ।

ଅଧିବେଶନ ସାରଣୀ

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ସମସ୍ୟାର କାରଣ ଓ ପ୍ରଭାବ	ପ୍ରଶ୍ନୋତ୍ତର	୩୫ ମିନିଟ୍
୨.	ସମସ୍ୟା ବୃକ୍ଷ ତିଆରି ଓ ବିଶ୍ଳେଷଣ	ଦଳଗତ କାର୍ଯ୍ୟ ଓ ବ୍ୟକ୍ତିଗତ ଦାୟୀତ୍ୱ	୪୫ ମିନିଟ୍
୩.	ସମସ୍ୟା ଚକ୍ରର ବିଶ୍ଳେଷଣ ସଜାଡ଼ିବା	ମାନସ ମନ୍ଥନ	୧୦ ମିନିଟ୍
ମୋଟ			**୯୦ ମିନିଟ୍**

ଆବଶ୍ୟକୀୟ ଉପକରଣ :

ହ୍ୱାଇଟ ବୋର୍ଡ଼, ପ୍ରୋଜେକ୍ଟର, ଚାର୍ଟପେପର, ମାର୍କର, ସେଲୋଟେପ, ସ୍କେଚ୍‌ପେନ୍

ସୋପାନ - ୧ : ସମସ୍ୟାର କାରଣ ଓ ପ୍ରଭାବ

ପୂର୍ବ ଆଲୋଚନାକୁ ମନେ ପକାଇବାକୁ ଯାଇ କୁହନ୍ତୁ ଯେ, ଆପଣମାନେ ଚିହ୍ନଟ କରିଥିବା ଗାଁରେ କ'ଣ ସବୁ ସମସ୍ୟା ରହିଛି; ଯେମିତିକି ପାଣି, ସ୍କୁଲ... ଗୋଟେ ଦୁଇଟି ସମସ୍ୟା କହିସାରିବା ପରେ ଅଂଶଗ୍ରହଣକାରୀମାନଙ୍କୁ ପଚାରନ୍ତୁ ଆଉ ସବୁ କ'ଣ ? ଲକ୍ଷ୍ୟ ରଖନ୍ତୁ ଚିହ୍ନଟ ହୋଇଥିବା ସମସ୍ୟାଗୁଡିକ ଅଂଶଗ୍ରହଣକାରୀ କହୁଛନ୍ତି କି ନାହିଁ ।

ସମସ୍ୟା କହି ସାରିବାପରେ ତାଲିମଦାତା ସେଥି ମଧ୍ୟରୁ ଗୋଟିଏ ସମସ୍ୟା (ଯଥା - ବେକାରୀ ସମସ୍ୟା)କୁ ନେଇ ପଚାରନ୍ତୁ ଯେ ଏହି ସମସ୍ୟା ଯୋଗୁ କଣ ଅସୁବିଧା ହେଉଛି ବା ହେବ ? (ଉଲ୍ଲେଖଥାଉକି ଯେ ଏଠାରେ ଅସୁବିଧା ହେଉଛି ପ୍ରଭାବ) ସମସ୍ୟାଟିକୁ ହ୍ୱାଇଟ ବୋର୍ଡ / ଚାର୍ଟ ପେପରର ମଝିରେ ଲେଖି ଅଂଶଗ୍ରହଣକାରୀ ଦେଉଥିବା ଉତ୍ତରଗୁଡିକୁ ସମସ୍ୟାର ଉପରକୁ ଲେଖନ୍ତୁ । ଏହି ଅସୁବିଧା ଯୋଗୁଁ ଆଉ କ'ଣ ଅସୁବିଧା ହୋଇପାରେ ? ଏମିତି ପଚାରି ପଚାରି ପ୍ରତି ଅସୁବିଧାର କାରଣଗୁଡିକ ତା ଉପରକୁ ଲେଖିବେ ।

ଏହାପରେ, ଏହି ସମସ୍ୟାର କାରଣ କ'ଣ ପଚାରନ୍ତୁ ଏବଂ ଉତ୍ତରଗୁଡିକୁ ସମସ୍ୟାର ତଳକୁ ଲେଖନ୍ତୁ । ସବୁ ଉତ୍ତରଗୁଡିକ ଲେଖିସାରିବା ପରେ ପରବର୍ତ୍ତୀ ସୋପାନକୁ ଯାଆନ୍ତୁ ।

ସୋପାନ-୨ : ସମସ୍ୟା ବୃକ୍ଷ ତିଆରି ଓ ବିଶ୍ଳେଷର

ପ୍ରଥମେ ତାଲିମଦାତା ଅଂଶଗ୍ରହଣକାରୀମାନଙ୍କ ସମ୍ମୁଖରେ ଏକ ଗଛର ଚିତ୍ର କରି ଏହାର ଚେର ଓ ଡାଳ ଇତ୍ୟାଦି ପ୍ରଦର୍ଶିତ କରିବେ। ତା'ପରେ ସେ ଗୋଟିଏ ସମସ୍ୟା (ଯଥା: ବେକାରୀ)କୁ ନେଇ ବୃକ୍ଷର ଗଣ୍ଡିରେ ଲେଖି ତା'ର ବିଭିନ୍ନ କାରଣଗୁଡିକୁ ଅଂଶଗ୍ରହଣକାରୀଙ୍କଠାରୁ ପଚାରି ବୁଝି ଗଛର ଚେରଗୁଡିକରେ ଲେଖିବେ। ସେହି କାରଣଗୁଡିକ ଯୋଗୁଁ ସୃଷ୍ଟି ହେଉଥିବା ପ୍ରଭାବଗୁଡିକୁ ଡାଳ ଗୁଡିକରେ ଲେଖିବେ ଏବଂ ସେମାନଙ୍କ ମଧ୍ୟରେ ଆଲୋଚନା କରିବେ।

ସମସ୍ୟାବୃକ୍ଷର ବିଶ୍ଳେଷଣ ପରେ ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ୫ଟି ଦଳରେ ବିଭକ୍ତ କରି ପ୍ରତ୍ୟେକ ଦଳକୁ ଗୋଟିଏ ଲେଖାଏଁ ସମସ୍ୟା ଦେବେ ଏବଂ ସମସ୍ୟା ବୃକ୍ଷ ମାଧ୍ୟମରେ ସମସ୍ୟାଗୁଡିକର କାରଣ ଓ ପ୍ରଭାବ ଦର୍ଶାଇ ଦଳଗତ ଉପସ୍ଥାପନା ପାଇଁ ନିର୍ଦ୍ଦେଶ ଦେବେ।

ସମସ୍ୟାଗୁଡିକ ଯଥା :

୧. ବାଲ୍ୟ ବିବାହ

୨. ନିଶାଦ୍ରବ୍ୟର ବହୁଳ ବ୍ୟବହାର

୩. ପରିବେଶ ପ୍ରଦୂଷଣ

୪. ଅପରାଧ ବୃଦ୍ଧି

୫. ସ୍ୱାସ୍ଥ୍ୟ ସମସ୍ୟା

୬. ଶିକ୍ଷା ସମସ୍ୟା

୭. ଅନ୍ଧବିଶ୍ୱାସ ଇତ୍ୟାଦି

ସୋପାନ-୩ : ସମସ୍ୟା ଚକ୍ରର ବିଶ୍ଳେଷଣ ସଜାଡ଼ିବା

ବାଲ୍ୟ ବିବାହର ଏକ ଉଦାହରଣ ଦେଇ କିପରି ଗୋଟିଏ ସମସ୍ୟା ଯୋଗୁ ଅନେକ ପରିସ୍ଥିତି ଉପୁଜିଥାଏ ବା ପ୍ରଭାବ ପଡିଥାଏ ତାହା ଆଉ ଏକ ସମସ୍ୟାକୁ ଉପୁଯାଇଥାଏ ତାହା ବୁଝାଇ କହିବା ସହିତ ହ୍ୱାଇଟ ବୋର୍ଡରେ ଲେଖିବେ। ପୁନଃର୍ବାର ସେହି ସମସ୍ୟା ବା ପରିସ୍ଥିତିର ପ୍ରଭାବ ଯୋଗୁ ଆଉ ଏକ ସମସ୍ୟା ନୂତନ ସମସ୍ୟା ଦେଖାଦିଏ। ଏହାଦ୍ୱାରା ଜଣେ ସମସ୍ୟା ଚକ୍ରରେ ପଡିଥାଏ। ସମସ୍ୟା ଚକ୍ରରୁ ମୁକ୍ତି ପାଇବାକୁ ହେଲେ କଣ କରିବାକୁ ହେବ ଏ ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କ ସହିତ ଆଲୋଚନା କରନ୍ତୁ। ଏହାପରେ ପରବର୍ତ୍ତୀ ସୋପାନକୁ ଯାଆନ୍ତୁ। (ସମସ୍ୟା ଚକ୍ରର ଏକ ଚିତ୍ର ଦିଆଯିବ)।


ସମସ୍ୟା ଚକ୍ର
ଦାରିଦ୍ରତା
ବେକାରୀ


ସମସ୍ୟା ଚକ୍ର
ପାରିବାରିକ ଅଶାନ୍ତି ଓ ଦୁଃଖ
ବାଲ୍ୟ ବିବାହ
ଅଳ୍ପ ବୟସରେ ଗର୍ଭଧାରଣ
ଅଳ୍ପ ଓଜନର ଶିଶୁ ଜନ୍ମ
ପରିବାରରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ଅଭିବୃଦ୍ଧିରେ ବାଧା
ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ

ଅଧିବେଶନ-୩

ଗୋଷ୍ଠୀ ଜାଗରଣ

ମଣିଷ ଏକ ସାମାଜିକ ପ୍ରାଣୀ। ସମାଜରେ ହିଁ ତା'ର ସ୍ଥିତି, ଅଗ୍ରଗତି। ସାମାଜିକ ଜୀବନରେ ସେ ତା'ର ଚତୁଃପାର୍ଶ୍ୱର ପରିବେଷ୍ଟନୀକୁ ନେଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବା ସହ, ମିଳିତ ଉଦ୍ୟମରେ ସେସବୁର ସମାଧାନ ପାଇଁ ଚେଷ୍ଟିତ ହୋଇଥାଏ। ନିଜ ପରିସରରେ ଉପଲବ୍ଧ ନିଜର ତଥା ଅନ୍ୟମାନଙ୍କର ଜ୍ଞାନ କୌଶଳ ଓ ସ୍ଥାନୀୟ ସମ୍ବଳର ଉପଯୋଗ କରି ମିଳିତ ଉଦ୍ୟମରେ ଏକ ସାମୂହିକ କାର୍ଯ୍ୟର ସୁପରିଚାଳନା ନିମନ୍ତେ ଦକ୍ଷତା ହାସଲ କରିବା ସହିତ ସମସ୍ୟାର ସମାଧାନ କରିବା ଏହି ଅଧିବେଶନର ମୂଳ ଉଦ୍ଦେଶ୍ୟ।

ଉଦ୍ଦେଶ୍ୟ

୧. ଅଧିବେଶନ ଶେଷରେ ଅଂଶଗ୍ରହଣକାରୀମାନେ ଗୋଷ୍ଠୀ ଓ ଗୋଷ୍ଠୀ ଜାଗରଣ ସମ୍ବନ୍ଧରେ ଜାଣିବେ।

୨. ଅଂଶଗ୍ରହଣକାରୀମାନେ ଗୋଷ୍ଠୀ ଜାଗରଣର କୌଶଳଗୁଡିକ ଜାଣିବେ

୩. ସରକାରଙ୍କ ବିଭିନ୍ନ ଯୋଜନା ସହିତ ଗୋଷ୍ଠୀକୁ ଜଡିତ କରାଇବାରେ ସେମାନଙ୍କ ଭୂମିକା ସମ୍ପର୍କରେ ଅବଗତ କରାଇବେ।

୪. ଅଂଶଗ୍ରହଣକାରୀମାନେ ଗୋଷ୍ଠୀ / ସମୁଦାୟର ବିଭିନ୍ନ ସମସ୍ୟାଗୁଡିକୁ ଜାଣିବା ସହିତ ଏବଂ ସେଗୁଡିକର କିପରି ସମାଧାନ ହେବ ସେହି ବିଷୟରେ ଅବଗତ ହେବେ।

ଅଧିବେଶନ ସାରଣୀ

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ଆମେ ଓ ଆମର ଗୋଷ୍ଠୀ	ଖେଳ ଓ ଆଲୋଚନା	୧୦ ମିନିଟ୍
୨.	କାଠହଣା ଚଢ଼େଇ ଓ ଅନ୍ୟାନ୍ୟ ଜୀବଜନ୍ତୁ	ଗଳ୍ପକଥନ ଓ ପ୍ରଶ୍ନୋତ୍ତର	୧୫ ମିନିଟ୍
୩.	ଗୋଷ୍ଠୀ ଜାଗରଣର ବିବିଧ ସୋପାନ	ପିପିଟି ପ୍ରଦର୍ଶନ	୨୦ ମିନିଟ୍
୪.	ଗୋଷ୍ଠୀ ଜାଗରଣ ନିମନ୍ତେ ବିଭିନ୍ନ କାର୍ଯ୍ୟ	ଖେଳ ଓ ଦଳଗତ କାର୍ଯ୍ୟ	୧୫ ମିନିଟ୍
ମୋଟ			**୬୦ ମିନିଟ୍**

ଆବଶ୍ୟକୀୟ ଉପକରଣ :

ମାର୍କର ପେନ୍, ହ୍ୱାଇଟ ବୋର୍ଡ, ଡ୍ରଇଂ ସିଟ, ସ୍କେଚ୍‌ପେନ୍, ଦୁଇଟି ଡଷ୍ଟ ବିନ୍, ଅନ୍ଧ ପୁଟୁଳି ପାଇଁ କପଡା, କାଗଜ ଖଣ୍ଡ / ବଲ୍

ସୋପାନ-୧ : ଆମେ ଓ ଆମର ଗୋଷ୍ଠୀ

ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ସ୍ୱେଚ୍ଛାକୃତ ଭାବରେ ସେମାନଙ୍କର ପସନ୍ଦ, ସେମାନଙ୍କ ପାଖରେ ଥିବା ସମ୍ବଳ ଓ ସମ୍ପଦ ଓ ସେମାନେ କ'ଣ କରିପାରିବେ ଏହି ସବୁ ବିଷୟରେ ସମସ୍ତଙ୍କ ସାମ୍ନାରେ କହିବାକୁ ନିର୍ଦ୍ଦେଶ ଦେବେ।

୧. ସମାନ ଦକ୍ଷତା ଓ ପସନ୍ଦ ରହିଥିବା ଦୁଇଜଣ ଲେଖାଏଁ ଅଂଶଗ୍ରହଣକାରୀ ଅନ୍ୟ ଅଂଶଗ୍ରହଣକାରୀମାନଙ୍କୁ ହାତ ଧରାଧରି ହୋଇ ଗୋଟିଏ ଦଳରେ ବୃତ୍ତାକାର ଭାବରେ ରହିବା ପାଇଁ କହିବେ।

୨. ଏହିପରି ଅନ୍ୟାନ୍ୟ ପସନ୍ଦ / ଦକ୍ଷତା ଥିବା ବିଭିନ୍ନ ଦଳ ତିଆରି କରିବାକୁ କହିବେ।

୩. ଏହାପରେ ତାଲିମଦାତା ପ୍ରତ୍ୟେକ ଦଳକୁ ସେମାନଙ୍କ ମଧ୍ୟରେ କ'ଣ ସମାନତା ଅଛି ଏବଂ ଗୋଷ୍ଠି କ'ଣ ବୋଲି ସମସ୍ତଙ୍କୁ ବୁଝାଇବାକୁ କହିବେ।

ସୋପାନ-୨ : କାଠ ହଣା ଚଢ଼େଇ ଓ ଅନ୍ୟାନ୍ୟ ଜୀବଜନ୍ତୁ (ପଶୁ ଓ ପକ୍ଷୀ)

ତାଲିମଦାତା ହ୍ୱାଇଟ୍‌ବୋର୍ଡରେ ଗଳ୍ପର ମୁଖ୍ୟ ଚରିତ୍ରଗୁଡିକୁ ଦର୍ଶାଇ ଅଂଶଗ୍ରହଣକାରୀମାନଙ୍କୁ କହିବେ। ସେ ଜଙ୍ଗଲ ପାଞ୍ଚ ଜଣ ଅଧିବାସୀ କିପରି ବନୀକରଣ ମାଧ୍ୟମରେ ଜଙ୍ଗଲକୁ ରକ୍ଷା କଲେ।

ଗଳ୍ପ : ଏକଦା ଗୋଟିଏ ଜଙ୍ଗଲରେ ସମସ୍ତ ଜୀବଜନ୍ତୁ ମିଳିମିଶି ଖୁସିରେ ରହୁଥିଲେ। ଖଣି ଖନନ, ଶିଳ୍ପାୟନ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଙ୍ଗଲ ଧୀରେ ଧୀରେ ନଷ୍ଟ ହେବାକୁ ଲାଗିଲା। ଏହି ଅବସ୍ଥାରେ ବହୁତ ପ୍ରାଣୀ ଓ ପକ୍ଷୀ ଜଙ୍ଗଲ ଛାଡିଦେଲେ ଏବଂ ବାକିମାନଙ୍କୁ ବହୁତ କଷ୍ଟରେ ସେଠାରେ ଫୁଲ, ଫଳ ଓ ଅମୃତଜାନ ବିନା ବଞ୍ଚିବାକୁ ପଡିଲା। ଗୋଟେ ଦିନ କାଠହଣା ପକ୍ଷୀ ଖାଦ୍ୟ ଖୋଜିବା ପାଇଁ ବାହାରିଲା ବେଳକୁ ତା'ର ପୁରୁଣା ସାଙ୍ଗମାନଙ୍କ ସହିତ ଦେଖା ହେଲା ଓ ତା'ର ଭଲମନ୍ଦ ପଚାରିଲା। କାଠହଣା ବହୁତ ଦୁଃଖର ସହିତ ସେମାନଙ୍କୁ ଖାଦ୍ୟ ବିନା ଆଉ କେତେ ଦିନ ସେ ବଞ୍ଚିବ ବୋଲି କହିଲା। ମା'ଙ୍କର ମଧ୍ୟ ଗତ ଚାରିଦିନ ହେଲା କିଛି ଖାଇନାହିଁ ବୋଲି କହିବା ସହିତ ଏଭଳି ଘୋର ଖାଦ୍ୟାଭାବ ପରିସ୍ଥିତିରେ କିପରି ବଞ୍ଚିବେ ବୋଲି ଆଶଙ୍କା ପ୍ରକାଶ କଲା। ହାତୀ ମଧ୍ୟ ଅନୁରୂପ ଅବସ୍ଥା ବର୍ଣ୍ଣନା କରି ଆଗାମୀ ପିଢ଼ୀଙ୍କ ଅବସ୍ଥା କ'ଣ ହେବ ? ସେ ବିଷୟରେ ଚିନ୍ତା ପ୍ରକଟ କଲା। କାଠହଣା ଚଢ଼େଇ, ଗୁଣ୍ଡୁଚିମୂଷା ଓ ମାଙ୍କଡ ଜଙ୍ଗଲ ଓ ଆଗାମୀ ପିଢୀର ସୁରକ୍ଷା ପାଇଁ କିଛି କରିବେ ବୋଲି ନିଷ୍ପତ୍ତି ନେଲେ। କିନ୍ତୁ କିପରି ସେମାନେ ଏହିକାମ କରିପାରିବେ ? କାରଣ ୧୦ ବର୍ଷ ହେବ ଜଙ୍ଗଲରେ କୌଣସି ଗଛର ମଞ୍ଜି ନାହିଁ। ଗୁଣ୍ଡୁଚିମୂଷା ଟିକେ ଚିନ୍ତା କରି କହିଲା ଦୂର ଜଙ୍ଗଲରେ ଥିବା ତା'ର ଗୋଟେ ସାଙ୍ଗ ଶୁଆ ତାଙ୍କ ଜଙ୍ଗଲରୁ ମଞ୍ଜି ଆଣି ଦେଇପାରିବ।

ସାଙ୍ଗ ମିଳିମିଶି ଗୋଟିଏ ମଞ୍ଜି ଆଣି ଅତି ଯତ୍ନର ସହିତ ଲଗାଇଲେ। କାଠହଣା ଚଢ଼େଇ ତା'ର ତୀକ୍ଷ୍ଣ ଥଣ୍ଟରେ ମାଟିକୁ ହାଲକା କଲା, ହାତୀ ଶୁଣ୍ଡରେ ପାଣି ଦେଲା ଓ ମାଙ୍କଡ ଜଗିଲା। ସେମାନଙ୍କ ମିଳିତ ଉଦ୍ୟମରେ ମଞ୍ଜିରୁ ଗଜା ହୋଇ ନୂଆ ଚାରାରୁ ଛୋଟ ଗଛରେ ପରିଣତ ହେଲା। ଏହାପରେ ସେମାନେ ଗୋଟିଏ ଗଛରେ ସେମାନଙ୍କ ଆବଶ୍ୟକତା ପୂରଣ ହେବ ନାହିଁ। ତେଣୁ ଶୁଆକୁ ଅନୁରୋଧ କରି ଅଧିକ ମଞ୍ଜି ଆଣିବା ପାଇଁ କହିବା ସହିତ ଅନ୍ୟ ପଶୁ ଓ ପକ୍ଷୀମାନଙ୍କୁ ମଧ୍ୟ ଗଛ ଲଗାଇବାରେ ସହଯୋଗ କରିବାକୁ କୁହାହେଲା। ସେମାନେ ମିଳିମିଶି ଗଛ ଲଗାଇବାରେ ଲାଗିପଡିଲେ। କିଛିଦିନ ପରେ ଶୁଷ୍କ ଜଙ୍ଗଲଟି ସବୁଜିମାରେ ଭରିଗଲା। ସେମାନଙ୍କର ମିଳିତ ଉଦ୍ୟମରେ ଫୁଲ, ଫଳ, ଖାଦ୍ୟ, ଅମୃତଜାନ ପାଇଁ ହସଖୁସିରେ ପୁଣି ଥରେ ଦିନ କାଟିବାକୁ ଲାଗିଲେ।

ଗଳ୍ପ ଶେଷରେ ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ପଶୁପକ୍ଷୀମାନେ କିପରି ଜଙ୍ଗଲକୁ ରକ୍ଷା କଲେ ପଚାରିବେ। ବନୀକରଣ କରିବାର ଚିନ୍ତାଧାରାଟି କେଉଁଠୁ ଓ କିପରି ଆସିଲା ସେ ବିଷୟ ଆଲୋଚନା କରିବେ। କରିବାରେ କେଉଁ କେଉଁ କୌଶଳଗୁଡ଼ିକ ସହାୟକ ହୋଇଥିଲା ଅଂଶଗ୍ରହଣକାରୀମାନଙ୍କଠାରୁ ପଚାରିବୁଝି ହ୍ୱାଇଟ୍‌ବୋଡ଼ରେ ଲେଖିବେ। ଏହାପରେ ଗୋଷ୍ଠୀ ଜାଗରଣ କ'ଣ ବୁଝାଇବେ।

ସୋପାନ-୩ : ଗୋଷ୍ଠୀ ଜାଗରଣର ବିବିଧ ସୋପାନ

ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ୫ କିମ୍ବା ୬ଟି ଦଳରେ ବିଭକ୍ତ କରି ପ୍ରତ୍ୟେକ ଦଳକୁ ଗୋଟିଏ ଗୋଟିଏ ସମସ୍ୟା ଦେବେ। (ଉଦାହରଣ ସ୍ୱରୂପ ଗାଁ ପରିଷ୍କାର ପରିଚ୍ଛନ୍ନତା, ଅଧାରୁ ପାଠ ଛାଡିବା ସମସ୍ୟା ଇତ୍ୟାଦି) ଏବଂ ପ୍ରତ୍ୟେକ ଦଳକୁ ଗୋଷ୍ଠୀ ଜାଗରଣ କରିବାର କି କି ପଦକ୍ଷେପ ନେବେ ସେଗୁଡିକୁ ଚାର୍ଟ ପେପରରେ ସଜାଇ ଲେଖିବାକୁ ଦେବେ। ଏଥିପାଇଁ ପ୍ରତ୍ୟେକ ଦଳକୁ ଦଳଗତ ଆଲୋଚନା ଓ ଉପସ୍ଥାପନ ପାଇଁ ୧୫ ମିନିଟ ସମୟ ଦିଆଯିବ।

ସୋପାନ-୪ : ଗୋଷ୍ଠୀ ଜାଗରଣ ନିମନ୍ତେ ବିଭିନ୍ନ କାର୍ଯ୍ୟ

ଖେଳ :

(୧) ଅଂଶଗ୍ରହଣକାରୀଙ୍କୁ ତାଲିମଦାତା ଦୁଇଟି ଦଳରେ ବିଭକ୍ତ କରି ସେମାନଙ୍କର ଦଳପତି ବାଛିବେ।

(୨) ଦଳପତିଙ୍କୁ ଛାଡି ଓ କିଛି ଦର୍ଶକଙ୍କୁ ଛାଡି ଅନ୍ୟ ସମସ୍ତଙ୍କ ଆଖିରେ ଅନ୍ଧପୁଟୁଳି ବନ୍ଧା ହେବାକୁ ତାଲିମଦାତା ନିର୍ଦ୍ଦେଶ ଦେବେ।

(୩) ଏହାପରେ ଦୁଇ ଦଳର ଅଂଶଗ୍ରହଣକାରୀମାନେ ପଛକୁ ପଛ କାନ୍ଧକୁ କାନ୍ଧ ଧରାଧରି ହୋଇ ସମାନ୍ତରାଳରେ ଅଲଗା ଛିଡା ହେବାକୁ କହିବେ ଏବଂ ଦଳପତିମାନେ ଧାଡିର ଶେଷରେ ଛିଡା ହେବାକୁ କହିବେ।



(୪) ପ୍ରଥମେ ଛିଡା ହୋଇଥିବା ଅଂଶଗ୍ରହଣକାରୀ ଦୁଇଜଣକୁ ଦୁଇଟା ବଲ ଦେବେ।

(୫) ଦଳପତିମାନେ କଥା ନ କହି (ବାଚନିକ ଯୋଗାଯୋଗ ବିନା ସମ୍ମୁଖରେ ଥିବା ଅଂଶଗ୍ରହଣକାରୀଙ୍କ କାନ୍ଧରେ ହାତଦ୍ୱାରା ଚାପଦେଇ ବାର୍ତ୍ତାଟିକୁ ପ୍ରଥମ ଅଂଶଗ୍ରହଣକାରୀ ପର୍ଯ୍ୟନ୍ତ ପହଞ୍ଚାଇବେ ଯେପରିକି ବଲ୍‌ଟି ଡଷ୍ଟବିନ୍‌ରେ ପଡିପାରିବ।

(୬) ଖେଳ ସମୟରେ ଭାଗ ନ ନେଇଥିବା ଅଂଶଗ୍ରହଣକାରୀମାନେ କଥାବାର୍ତ୍ତା ନ କରି ତାଳି ଓ ଏଭଳି ଭାବେ ଦୁଇଦଳ ଏକା ସାଙ୍ଗେ ଖେଳଟିକୁ ଖେଳିବେ।

(୭) ଖେଳ ଆରମ୍ଭ ହୋଇଗଲେ ଡଷ୍ଟବିନର ସ୍ଥାନ ପରିବର୍ତ୍ତନ କରିଦେବେ।

(୮) ଯଦି କୌଣସି ଦଳ ସଫଳ ହେଲେ ତାଲିମଦାତା ଖେଳଟିକୁ ବନ୍ଦ ଅନ୍ଧପୁଟୁଳି ଖୋଲି ନିଜ ନିଜ ସ୍ଥାନରେ ବସିବାକୁ କହିବେ।

(୯) ଗୋଟିଏ ଦଳର ସଫଳତା ଓ ଅନ୍ୟ ଦଳର ବିଫଳତା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବେ

(୧୦) ଏହାପରେ ତାଲିମଦାତା ଗୋଷ୍ଠୀ ଜାଗରଣ ପାଇଁ ଗୋଷ୍ଠୀ ଜାଗରଣକାରୀଙ୍କ ପ୍ରମୁଖ ଭୂମିକା ଏବଂ ବିଭିନ୍ନ ପ୍ରକାରର କୌଶଳ ବିଷୟରେ ଆଲୋଚନା କରିବେ।

ଶେଷରେ ତାଲିମଦାତା ନିଜେ ଓ ଅଂଶଗ୍ରହଣକାରୀମାନେ ବାସ କରୁଥିବା ଗୋଷ୍ଠୀ ସମ୍ବନ୍ଧରେ ଆଲୋଚନା କରିବେ।

ସମସ୍ୟାବୃକ୍ଷର ବିଶ୍ଳେଷଣ ପରେ ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ୫ଟି ଦଳରେ ବିଭକ୍ତ କରି ପ୍ରତ୍ୟେକ ଦଳକୁ ଗୋଟିଏ ଲେଖାଏଁ ସମସ୍ୟା ଦେବେ ଏବଂ ସମସ୍ୟା ବୃକ୍ଷ ମାଧ୍ୟମରେ ସମସ୍ୟାଗୁଡ଼ିକର କାରଣ ଓ ପ୍ରଭାବ ଦର୍ଶାଇ ଦଳଗତ ଉପସ୍ଥାପନ ପାଇଁ ନିର୍ଦ୍ଦେଶ ଦେବେ।

ସମସ୍ୟାଗୁଡ଼ିକ ଯଥା :

୧. ବାଲ୍ୟ ବିବାହ

୨. ନିଶାଦ୍ରବ୍ୟର ବହୁଳ ବ୍ୟବହାର

୩. ପରିବେଶ ପ୍ରଦୂଷଣ

୪. ଅପରାଧ ବୃଦ୍ଧି

୫. ସ୍ୱାସ୍ଥ୍ୟ ସମସ୍ୟା

୬. ଶିକ୍ଷା ସମସ୍ୟା

୭. ଅନ୍ଧବିଶ୍ୱାସ ଇତ୍ୟାଦି।

ବାଲ୍ୟବିବାହର ଏକ ଉଦାହରଣ ଦେଇ କିପରି ଗୋଟିଏ ସମସ୍ୟା ଯୋଗୁ ଯେଉଁ ପରିସ୍ଥିତି ଉପୁଜିଥାଏ ବା ପ୍ରଭାବ ପଡିଥାଏ ତାହା ଆଉ ଏକ ସମସ୍ୟାକୁ ଉପୁଯାଇଥାଏ ତାହା ବୁଝାଇ କହିବା ସହିତ ହ୍ୱାଇଟ ବୋର୍ଡରେ ଲେଖିବେ। ପୁନଃର୍ବାର ସେହି ସମସ୍ୟା ବା ପରିସ୍ଥିତିର ପ୍ରଭାବ ଯୋଗୁ ଆଉ ଏକ ସମସ୍ୟା ନୂତନ ସମସ୍ୟା ଦେଖାଦିଏ। ଏହାଦ୍ୱାରା ଜଣେ ସମସ୍ୟା ଚକ୍ରରେ ପଡିଥାଏ। ସମସ୍ୟା ଚକ୍ରରୁ ମୁକ୍ତି ପାଇବାକୁ ହେଲେ କଣ କରିବାକୁ ହେବ ପଚାରନ୍ତୁ। ଏହାପରେ ପରବର୍ତ୍ତୀ ସୋପାନକୁ ଯାଆନ୍ତୁ। (ସମସ୍ୟା ଚକ୍ରର ଏକ ଚିତ୍ର ଦିଆଯିବ)

ଅଧିବେଶନ-୪

ଉଦ୍ୟୋଗୀର ଲକ୍ଷଣ

ସାଂପ୍ରତିକ ଏକବିଂଶ ଶତାବ୍ଦୀରେ ଭାରତ ପରି ଜନସଂଖ୍ୟା ବହୁଳ ଦେଶରେ ନିଯୁକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା। ଏହି ସମସ୍ୟାର ଆନୁସଙ୍ଗିକ ପରିସ୍ଥିତି ଯଥା ଶିକ୍ଷା, ବିଜ୍ଞାନ, ବୈଷୟିକ ଜ୍ଞାନ ଏବଂ ନିଯୁକ୍ତି ସୁଯୋଗ ଇତ୍ୟାଦିକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ ଏହାର ସମାଧାନ ସହଜସାଧ୍ୟ ନୁହେଁ। ଏହି ପରିପ୍ରେକ୍ଷୀରେ କ୍ଷୁଦ୍ରଉଦ୍ୟୋଗ, ଗ୍ରାମ୍ୟ ଉଦ୍ୟୋଗ ତଥା କୁଟୀର ଉଦ୍ୟୋଗ ସମ୍ବନ୍ଧୀୟ ଆଲୋଚନା ଏବଂ ଯୁବ ସମାଜକୁ ଏହି ଦିଗରେ ଉତ୍ସାହିତ କରିବା ଅତ୍ୟନ୍ତ ଅପରିହାର୍ଯ୍ୟ। ଯୁବ ସମାଜରେ ଏହି ଉଦ୍ୟୋଗ କୌଶଳକ୍ଷମତା ଅଭିବୃଦ୍ଧି ହୋଇପାରିଲେ ଏହା ବହୁମୁଖୀ ଉପାଦେୟତା ପ୍ରଦାନ କରିପାରିବେ। ଫଳରେ ଯୁବ ସମାଜ ନିଜେ ନିଜର ଆତ୍ମନିଯୁକ୍ତିର ପନ୍ଥା ଖୋଜିପାରିବ। ନିଜେ ଆତ୍ମନିର୍ଭରଶୀଳ ହେବା ସହିତ ନିଜର ଅନ୍ୟାନ୍ୟ ସ୍ଥାନୀୟ ଲୋକମାନଙ୍କୁ ନିଯୁକ୍ତିର ସୁଯୋଗ ମଧ୍ୟ ପ୍ରଦାନ କରିପାରିବେ। ଏହାସହିତ ସ୍ଥାନୀୟ ଉତ୍ପାଦକ ଦ୍ରବ୍ୟର ସଦୁପଯୋଗ ହୋଇପାରିବ। ତେଣୁ ଆଗାମୀ ସମୟରେ ଏକ ସଫଳ, ସକ୍ଷମ ଏବଂ ସମୃଦ୍ଧଶାଳୀ ଯୁବ ସମାଜର ପ୍ରତିଷ୍ଠା ପାଇଁ ସେମାନଙ୍କ ମଧ୍ୟରେ ଉଦ୍ୟୋଗ କୌଶଳ ପ୍ରଶିକ୍ଷଣର ଆବଶ୍ୟକତାକୁ ଅନୁଭବ କରି ନିମ୍ନଲିଖିତ ତାଲିମ ବିଷୟର ବିବେଚନା କରାଯାଇଅଛି। ଏହାଦ୍ୱାରା ଅଂଶଗ୍ରହଣକାରୀମାନେ ଜଣେ ଉଦ୍ୟୋଗ କିଏ ହେଇପାରିବ ଏବଂ ଜଣେ ଉଦ୍ୟୋଗୀର କ'ଣ ସବୁ ଲକ୍ଷଣ ଓ ଗୁଣାବଳୀ ରହିବା ଆବଶ୍ୟକ, ସେ ସମ୍ପର୍କରେ ଜ୍ଞାନ ଆହରଣ କରିପାରିବେ। ଜଣେ ସଫଳ ଉଦ୍ୟୋଗୀ ହେବାପାଇଁ ନିଜକୁ କିପରି ଜଣେ ପ୍ରସ୍ତୁତ କରିପାରିବ ସେ ସମ୍ବନ୍ଧୀୟ ପ୍ରଶିକ୍ଷଣ ମଧ୍ୟ ଏହାର ଅର୍ନ୍ତଭୁକ୍ତ। ଏକ ଉଦ୍ୟୋଗୀକରଣ ବ୍ୟବସାୟ ଯୋଜନା କିପରି କରି ହେବ ତାହା ମଧ୍ୟ ଏହି ତାଲିମ ପାଠ୍ୟକ୍ରମର ଅନ୍ୟ ଏକ ବିଷୟ ରୂପେ ଅର୍ନ୍ତଭୁକ୍ତ ହୋଇଅଛି।

ଉଦ୍ଦେଶ୍ୟ : ଅଂଶଗ୍ରହଣକାରୀକୁ ଉଦ୍ୟୋଗୀର ଲକ୍ଷଣ ସମ୍ପର୍କରେ ହୃଦୟଙ୍ଗମ କରାଇବା।

ଅଧିବେଶନ ସାରଣୀ

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ଗ୍ରାମାଞ୍ଚଳରେ ମିଳୁଥିବା ବିଭିନ୍ନ ପଦାର୍ଥ ଏବଂ ସ୍ଥାନ ବିଷୟରେ ଜାଣିବା	ଆଲୋଚନା	୧୫ ମିନିଟ୍
୨.	ବିଭିନ୍ନ ଉତ୍ପାଦନ ଭିତ୍ତିକ ଉଦ୍ୟୋଗିକରଣ ସମ୍ବନ୍ଧରେ ଜାଣିବା	ଚିତ୍ର ଉତ୍ତୋଳନ ଉପସ୍ଥାପନା	୧୫ ମିନିଟ୍
୩.	ଅନୁଷ୍ଠାନ ଗୁଡ଼ିକ ସ୍ଥାପିତ ହୋଇଥିବା ବ୍ୟକ୍ତିଙ୍କ ବିଷୟରେ ବୁଝିବା	ଉପସ୍ଥାପନା ଓ ଆଲୋଚନା	୧୦ ମିନିଟ୍
୪.	ସଫଳ ଉଦ୍ୟୋଗୀଙ୍କ ପାଇଁ ଗୁଣାବଳୀ	ଉପସ୍ଥାପନା	୨୦ ମିନିଟ୍
ମୋଟ			୬୦ ମିନିଟ୍

ଆବଶ୍ୟକୀୟ ଉପକରଣ :

ପ୍ରୋଜେକ୍ଟର, ଚାର୍ଟ ପେପର, ପେନ୍, ଫ୍ଲିପ୍ କାର୍ଡ଼, ବ୍ୟକ୍ତିଗତ କମ୍ପ୍ୟୁଟର, ଉପସ୍ଥାପନା ବିଷୟଗତି କ୍ଷୁଦ୍ର ଚଳଚ୍ଚିତ୍ର।

ସୋପାନ - ୧ : ଗ୍ରାମାଞ୍ଚଳରେ ମିଳୁଥିବା ବିଭିନ୍ନ ପଦାର୍ଥ ଏବଂ ସ୍ଥାନ ବିଷୟରେ ଜାଣିବା

ତାଲିମଦାତା ଅଂଶଗ୍ରହଣକାରୀମାନଙ୍କ ସମ୍ମୁଖରେ ଏକ କାଗଜ ଡବା ପ୍ରସ୍ତୁତ କରି ରଖିବେ। ସେହି କାଗଜ ଡବା ମଧ୍ୟରେ ଛୋଟ ଛୋଟ ଖଣ୍ଡ କାଗଜ ରହିଥିବ। ସେହି କାଗଜଗୁଡ଼ିକରେ କେତେକରେ ବିଭିନ୍ନ ପ୍ରକାର ଉପଲବ୍ଧ ପଦାର୍ଥର ନାମ ଲେଖା ରହିଥିବ। ଅନ୍ୟ କେତେକ କାଗଜରେ ଏହି ପଦାର୍ଥଗୁଡ଼ିକ ଉପଲବ୍ଧ ଦୋକାନ ବା ସ୍ଥାନର ନାମ ଲେଖାଯାଇଥିବ। ଦୁଇପ୍ରକାର ଲେଖାଯାଇଥିବା କାଗଜର ସଂଖ୍ୟା ସମାନ ହେବା ଆବଶ୍ୟକ।

ଅଂଶଗ୍ରହଣକାରୀମାନେ ଗୋଟିଏ ଗୋଟିଏ କାଗଜ ନେଇ ସେମାନଙ୍କର ଦୁଇଜଣିଆ ଗ୍ରୁପ ତିଆରି କରିବେ। ଯାହାକି ପଦାର୍ଥ ଏବଂ ମିଳୁଥିବା ସ୍ଥାନ ବା ଦୋକାନର ନାମକୁ ମିଶାଇ ହୋଇପାରିବ। ପରବର୍ତ୍ତୀ ସମୟରେ ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ପଚାରି ଆଲୋଚନା କରିବାପାଇଁ କହିବେ। ଯେପରିକି :

ପ୍ରଶ୍ନ ୧ : ତୁମର ଗାଁ ପାଖ ବଜାରରେ କି ପ୍ରକାର ଦୋକାନ ସବୁ ରହିଛି ?

ପ୍ରଶ୍ନ ୨ : କେତେ ବର୍ଷ ଧରି ସେ ଦୋକାନ ସେବାରେ ରହିଆସୁଅଛି ?

ପ୍ରଶ୍ନ ୩ : ସେମାନଙ୍କ ମଧ୍ୟରୁ କାହାର ସେହିଭଳି ଦୋକାନ ନିଜ ଅଞ୍ଚଳ ବାହାରେ ରହିଛି କି ?

ପ୍ରଶ୍ନ ୪ : ଗାଁ ବାହାରେ ଏହିଭଳି ଦୋକାନ କରିବାର କିଛି କାରଣ ରହିଛି କି ?

ସୋପାନ - ୨ : ବିଭିନ୍ନ ଉତ୍ପାଦନ ଭିତ୍ତିକ ଉଦ୍ୟୋଗିକରଣ ସମ୍ବନ୍ଧରେ ଜାଣିବା

ତାଲିମଦାତା ପ୍ରୋଜେକ୍ଟର ମାଧ୍ୟମରେ ଅଂଶଗ୍ରହଣକାରୀମାନଙ୍କୁ ସମ୍ମୁଖରେ ଏକ ଚିତ୍ର ଉତ୍ତୋଳନ କରି ଉପସ୍ଥାପନ କରିବେ। ଏହି ଚିତ୍ର ମାଧ୍ୟମରେ ଅଂଶଗ୍ରହଣକାରୀମାନେ ଏକ ନିର୍ଦ୍ଦିଷ୍ଟ ଉତ୍ପାଦନଭିତ୍ତିକ ଦୁଇଟି ଭିନ୍ନ ଭିନ୍ନ ଉଦ୍ୟୋଗୀକରଣ ସମ୍ପର୍କରେ ବୁଝିପାରିବେ। ଏହା ଜଣେ ସ୍ଥାନୀୟ ବ୍ୟବସାୟୀ ଦ୍ୱାରା ଏବଂ ନିର୍ଦ୍ଦିଷ୍ଟ କମ୍ପାନୀ ଦ୍ୱାରା ସ୍ଥାପିତ ହୋଇଥିବା ଦୋକାନ ମଧ୍ୟରେ ପ୍ରଭେଦକୁ ଉପସ୍ଥାପନ କରୁଥିବ। ଯେପରିକି ସ୍ଥାନୀୟ ଜୋତାଦୋକାନ ଏବଂ ବାଟା କମ୍ପାନୀର ଜୋତା ଦୋକାନ, ସ୍ଥାନୀୟ କୁକୁଡ଼ା ମାଂସ ବିକ୍ରୟ ଦୋକାନ ଏବଂ କେ.ଏଫ୍.ସି କମ୍ପାନୀର ଦୋକାନ। ସ୍ଥାନୀୟ ତେଜରାତି ଦୋକାନ ଏବଂ ବିଗ୍ ବାସ୍କେଟ କମ୍ପାନୀ ତରଫରୁ ସ୍ଥାପିତ ହୋଇଥିବା ଦୋକାନ, ସ୍ଥାନୀୟ ବ୍ୟବସାୟୀଙ୍କ ଦ୍ୱାରା ସ୍ଥାପିତ ପରିବା ଦୋକାନ ଏବଂ ରିଲାଏନ୍ସ କମ୍ପାନୀ ଦ୍ୱାରା ସ୍ଥାପିତ ରିଲାଏନ୍ସ ଫ୍ରେସ ଇତ୍ୟାଦି, ଚିତ୍ରଗୁଡ଼ିକ ପ୍ରଦର୍ଶିତ ହେବା ପରେ ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ପଚାରିବେ।

ପ୍ରଶ୍ନ ୧ : ପ୍ରତ୍ୟେକ ଦୁଇଟି ଲେଖାଏଁ ଦୁଇପ୍ରକାର ବିକ୍ରୟ କେନ୍ଦ୍ର ମଧ୍ୟରେ କ'ଣ ପାର୍ଥକ୍ୟ ଉପଲବ୍ଧ କରୁଅଛ ?

ପ୍ରଶ୍ନ ୨ : ସେମାନଙ୍କ ମଧ୍ୟରେ କ'ଣ ସବୁ ପ୍ରଭେଦ ରହିଅଛି ?

ସୋପାନ-୩ : ଅନୁଷ୍ଠାନ ଗୁଡ଼ିକ ସ୍ଥାପିତ ହୋଇଥିବା ବ୍ୟକ୍ତିଙ୍କ ବିଷୟରେ ବୁଝିବା

- ଅଂଶଗ୍ରହଣକାରୀମାନେ ସେମାନଙ୍କର ମତଗୁଡ଼ିକ ଉପସ୍ଥାପନ କରିବା ପରେ ତାଲିମଦାତା ଏକ ସାରାଂଶମୂଳକ ଆଲୋଚନା ରଖିବେ। ଏହି ଆଲୋଚନା ମାଧ୍ୟମରେ ଅଂଶଗ୍ରହଣକାରୀମାନେ ନିମ୍ନଲିଖିତ ବିଷୟଗୁଡ଼ିକ ସମ୍ପର୍କରେ ଜାଣିପାରିବେ। ଯେପରିକି ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ସ୍ଥାପିତ ଏବଂ ପରିଚାଳିତ ଦୋକାନଗୁଡ଼ିକର ମାଲିକ ନିଜେ ଜଣେ ବ୍ୟକ୍ତି।

- ଏହି ଦୋକାନଟି ନିଜେ ବ୍ୟକ୍ତିଙ୍କ ଦ୍ୱାରା ସ୍ଥାପିତ ହୋଇଥିବ ବା ବଂଶାନୁକ୍ରମିକ ଭାବେ ବ୍ୟକ୍ତି ସେହି ଦୋକାନରେ ମାଲିକ ହୋଇଥିବେ ।
- ସେହି ବ୍ୟକ୍ତିଙ୍କ ନିମନ୍ତେ ଦୋକାନଟି ଜୀବିକା ଉପାର୍ଜନର ଏକମାତ୍ର ପନ୍ଥା ହୋଇଥିବ ।
- ଅନ୍ୟାନ୍ୟ ସ୍ଥାନରେ ଏହି ଦୋକାନର କୌଣସି ଶାଖା ସ୍ଥାପିତ ହୋଇଥିବ ।
- ଏହି ବ୍ୟବସାୟକୁ ବର୍ଦ୍ଧିତ କରିବା ପାଇଁ ବ୍ୟକ୍ତି ମଧ୍ୟରେ ସେଭଳି କୌଣସି ପ୍ରକାର ଚିନ୍ତାଧାରାର ପରିକଳ୍ପନା ନଥିବ । ସେ ଏକ ପାରମ୍ପରିକ ରୀତିରେ କେବଳ କିଛି ଉପାର୍ଜନ କରିବା ଉଦ୍ଦେଶ୍ୟରେ ଦୋକାନଟିକୁ କାର୍ଯ୍ୟକାରୀ କରୁଥିବେ । ଜିଲ୍ଲା, ରାଜ୍ୟ ବା ଦେଶ ସ୍ତରରେ ଏହି ବ୍ୟବସାୟକୁ ବଢ଼ାଇବାର କୌଣସି ଲକ୍ଷ୍ୟ ନ ଥିବ ।

ଅନ୍ୟ ପକ୍ଷରେ କେ.ଏଫ୍.ସି, ରିଲାଏନ୍ସ ଫ୍ରେସ, ବିଗ୍ ବଜାର ଇତ୍ୟାଦି ବ୍ୟବସାୟ କେନ୍ଦ୍ର କବିତା ଜୀବିକା ଉପାର୍ଜନର କେନ୍ଦ୍ର ନୁହେଁ । ଅନ୍ୟାନ୍ୟ ସ୍ଥାନରେ ଏହାର ବିଭିନ୍ନ ଉପ ବ୍ୟବସାୟ କେନ୍ଦ୍ର ବା ଶାଖା କେନ୍ଦ୍ରମାନ ରହିଛି । ଏଗୁଡ଼ିକର ନିଜସ୍ୱ କିଛି ସ୍ୱତନ୍ତ୍ର ବ୍ୟବସାୟିକ ନିୟମଶୈଳୀ ମଧ୍ୟ ରହିଛି । ଏହାର ପ୍ରତ୍ୟେକ ସମୟରେ ଅଧିକରୁ ଅଧିକ ଶାଖା କେନ୍ଦ୍ରର ପ୍ରତିଷ୍ଠା ପାଇଁ ନୂତନ ପରିକଳ୍ପନାର ପ୍ରସ୍ତୁତି ମଧ୍ୟ ରହିଥାଏ । ସାଂପ୍ରତିକ ସମାଜର ଚାହିଦା ଓ ରୁଚିକୁ ନେଇ ଏମାନେ ନିଜର ବ୍ୟବସାୟିକ ପଦ୍ଧତିକୁ ପରିବର୍ତ୍ତନ କରିଥାନ୍ତି । ଏମାନେ ପାରମ୍ପରିକ ରୀତିରେ ବ୍ୟବସାୟ କରିନଥାନ୍ତି ।

ସୋପାନ-୪ : ସଫଳ ଉଦ୍ୟୋଗୀଙ୍କ ପାଇଁ ଗୁଣାବଳୀ

ଅଂଶଗ୍ରହଣକାରୀମାନେ କ'ଣ ଶିକ୍ଷାଲାଭ କଲେ । ଉପରୋକ୍ତ ଆଲୋଚନା ପରେ ଅଂଶଗ୍ରହଣକାରୀମାନଙ୍କର ଅନୁଭବ ଏବଂ ମତାମତ ଜାଣିବା ପାଇଁ ତାଲିମଦାତା ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ପଚାରିବେ, ଯେପରିକି

- କାହାକୁ ଜଣେ ସଫଳ ଉଦ୍ୟୋଗୀ କହିବ ।
- ପାରମ୍ପରିକ ଧରାବନ୍ଧା ପଦ୍ଧତିରେ ବ୍ୟବସାୟିକ ଉଦ୍ୟୋଗ ସଫଳ ହୋଇପାରିବ କି ?
- ବ୍ୟବସାୟକୁ ବଢ଼ାଇବା, ନୂତନ ଶାଖା ପ୍ରତିଷ୍ଠା କରିବା, ଅଧିକରୁ ଅଧିକ ଲୋକମାନଙ୍କୁ ନିଯୁକ୍ତି ଦେବା ଏହିସବୁ ଦିଗରେ ଜଣେ ଉଦ୍ୟୋଗୀ ଉଦ୍ୟମ କରିବା ଆବଶ୍ୟକ କି ?
- ଜଣେ ସଫଳ ଉଦ୍ୟୋଗୀର କ'ଣ ସବୁ ଲକ୍ଷଣ ହୋଇପାରିବ ?

ପରବର୍ତ୍ତୀ ସମୟରେ ତାଲିମଦାତା ଏହାର ଏକ ସାରାଂଶମୂଳକ ଆଲୋଚନା କରିବେ ।

କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ନିଜର ଆବଶ୍ୟକୀୟ ଅର୍ଥ ଉପାର୍ଜନ କରିବା ସହିତ ଏକ ଦୂରଦୃଷ୍ଟି ସମ୍ପନ୍ନ ହୋଇଥାନ୍ତି, ସେମାନଙ୍କର ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରହିଥାଏ । ବ୍ୟବସାୟକୁ ଏକ ନିର୍ଦ୍ଦିଷ୍ଟ ଉନ୍ନତିମୂଳକ ସ୍ତରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ବିଶେଷ ଗୁରୁତ୍ୱ ଦେଇଥାନ୍ତି । ସେମାନଙ୍କୁ ଆମେ ସଫଳ ଉଦ୍ୟୋଗୀ ବୋଲି କହିପାରିବା । ଏମାନଙ୍କ ମଧ୍ୟରେ "କିଛି କରି ଦେଖାଇବାର" ଏକ ନିରବଚ୍ଛିନ୍ନ ଉଦ୍ୟମ ପରିଲକ୍ଷିତ ହୋଇଥାଏ । ଉଦ୍ୟମୀ, କଠିନ ପରିଶ୍ରମୀ, ସ୍ୱାଧୀନ ଚେତା, ସ୍ଫୁର୍ତ୍ତିଶୀଳ, ସୃଜନଶୀଳ, ଦାୟିତ୍ୱ ସମ୍ପନ୍ନ, ନିରବିଚ୍ଛିନ୍ନ ପ୍ରୟାସ ସମସ୍ୟାକୁ ସମ୍ମୁଖୀନ କରିବା ଇତ୍ୟାଦି ଏହି ସଫଳ ଉଦ୍ୟୋଗୀମାନଙ୍କର ବ୍ୟକ୍ତିତ୍ୱର ଲକ୍ଷଣ ସମୂହ ଅଟେ ।

ଏହି ଲକ୍ଷଣଗୁଡ଼ିକୁ ତଳକୁ ତଳ ଲେଖି ପ୍ରୋଜେକ୍ଟର ମାଧ୍ୟମରେ ଅଂଶଗ୍ରହଣକାରୀମାନଙ୍କୁ ସମ୍ମୁଖରେ ଉପସ୍ଥାପନ କରିବେ ।

ଉଦ୍ୟମୀ : ଜଣେ ସଫଳ ଉଦ୍ୟୋଗୀ ନିଜର ଉଦ୍ୟୋଗର ପ୍ରତିଷ୍ଠା ନିମନ୍ତେ ନିରବଚ୍ଛିନ୍ନ ଉଦ୍ୟମ କରିଥାନ୍ତି। ଅର୍ଥାତ୍ ସେମାନଙ୍କ ମଧ୍ୟରେ ସ୍ୱୟଂ ପରିଚାଳିତ ଏକ ତ୍ୟାଗର ଲକ୍ଷ୍ୟ କରାଯାଏ। କିଛି କରି ଦେଖାଇବାର ଇଚ୍ଛା ଏମାନଙ୍କ ମଧ୍ୟରେ ପ୍ରବଳ ରହିଥାଏ।

କଠିନ ପରିଶ୍ରମୀ : ଜଣେ ସଫଳ ଉଦ୍ୟୋଗୀ ଏକ ସ୍ୱୟଂଚାଳିତ କଠିନ ପରିଶ୍ରମ କରୁଥିବା ବ୍ୟକ୍ତି ଅଟନ୍ତି। ସୀମା ବହିର୍ଭୂତ ଅଧିକ ସମୟ ପର୍ଯ୍ୟନ୍ତ କାମ କରିବାପାଇଁ ଏମାନେ ମନା କରନ୍ତି ନାହିଁ।

ସମସ୍ୟା ସମ୍ମୁଖୀନ ହେବା : ଏମାନେ ସମସ୍ତପ୍ରକାର ସମସ୍ୟା ଏବଂ ଅସୁବିଧାକୁ ସମ୍ମୁଖୀନ କରିବା ପାଇଁ ପ୍ରସ୍ତୁତ ରହିଥାନ୍ତି। ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତିକୁ ସାମନା କରିବାର କ୍ଷମତା ଏମାନଙ୍କ ମଧ୍ୟରେ ରହିଥାଏ। ଏମାନେ ଯେକୌଣସି ଅସୁବିଧା ମଧ୍ୟରେ ନିଜ ଲକ୍ଷ୍ୟରୁ ବିଚ୍ୟୁତ ହୁଅନ୍ତି ନାହିଁ। ଅତିଶୀଘ୍ର ଭାବେ ଉପସ୍ଥିତ ପରିସ୍ଥିତି ସହିତ ନିଜକୁ ଖାପ ଖୁଆଇ ନିଷ୍ପତ୍ତି ନେବାରେ ଅଭ୍ୟସ୍ତ ରହିଥାନ୍ତି। ଆର୍ଥିକ ସମସ୍ୟା ଏମାନଙ୍କ ପାଇଁ ସମସ୍ୟା ହୁଏନାହିଁ। ଏମାନେ ବ୍ୟାଙ୍କ ଋଣ ନେଇ ଉଦ୍ୟୋଗକୁ ବଢ଼ାଇବା ପାଇଁ କୁଣ୍ଠାବୋଧ କରନ୍ତି ନାହିଁ।

ସ୍ୱାଧୀନ ଚେତା : ଏହିପରି ବ୍ୟକ୍ତିମାନେ ସ୍ୱାଧୀନ ଚିନ୍ତାସମ୍ପନ୍ନ ହୋଇଥାନ୍ତି। ଏମାନେ ଅନେକ ଲୋକମାନଙ୍କଠାରୁ ବିଭିନ୍ନ ମତାମତ, ଦୃଷ୍ଟିକୋଣ, ଉପଦେଶ ଚିନ୍ତାଧାରାକୁ ଗ୍ରହଣ କରିଥାନ୍ତି। କିନ୍ତୁ ଶେଷରେ ନିଜର ବିଚାର ଅନୁଯାୟୀ ନିଜର ସ୍ୱତନ୍ତ୍ର ନିଷ୍ପତ୍ତି ନେଇଥାନ୍ତି। ନିଜ ନିଷ୍ପତ୍ତିର ମାଲିକ ନିଜେ ହୁଅନ୍ତି। ଉଦାହରଣ ସ୍ୱରୂପ ଧୀରୁଭାଇ ଅମ୍ବାନି ନିଜେ ସ୍ୱତନ୍ତ୍ର ଭାବେ ନିଜ ଭାଇଠାରୁ ଅଲଗା ହୋଇ ନିଜର ନୂଆ ବ୍ୟବସାୟ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଲେ।

ସ୍ଫୁର୍ତ୍ତିଶୀଳ : ଏମାନେ ବିଶେଷ ସ୍ଫୁର୍ତ୍ତିଶୀଳ ବ୍ୟକ୍ତିତ୍ୱ ସମ୍ପନ୍ନ ବ୍ୟକ୍ତି ଅଟନ୍ତି। ସମୟ ସୀମାକୁ ଅତିକ୍ରମ କରି କଠିନ ପରିଶ୍ରମୀ କରିବାପାଇଁ ଏମାନେ ସବୁବେଳେ ସକ୍ରିୟ ଭାବେ ପ୍ରସ୍ତୁତ ରହିଥାନ୍ତି। ନିଜେ ପରିଶ୍ରମ କରିବା ସହିତ ଅନ୍ୟମାନଙ୍କୁ ପରିଶ୍ରମ କରିବା ପାଇଁ ମଧ୍ୟ ଉତ୍ସାହିତ କରିଥାନ୍ତି।

ସୃଜନଶୀଳ : ସୃଜନଶୀଳତା ଏମାନଙ୍କ ବ୍ୟକ୍ତିତ୍ୱର ଅନ୍ୟ ଏକ ଲକ୍ଷଣ। ଏହା ଏମାନଙ୍କୁ ଅନ୍ୟାନ୍ୟ ଉଦ୍ୟୋଗୀମାନଙ୍କୁ ଭିନ୍ନ ବୋଲି ପ୍ରମାଣିତ କରିଥାଏ। ଏମାନେ ଏକ ଧରାବନ୍ଧା ପାରମ୍ପରିକ ରୀତିରେ ଉଦ୍ୟମ କରିବା ପାଇଁ ପସନ୍ଦ କରନ୍ତି ନାହିଁ।

ନିରବଚ୍ଛିନ୍ନ ପ୍ରୟାସ : ଉନ୍ନତି ବା ଅଗ୍ରଗତିର ପଥରେ ଆସୁଥିବା ସମସ୍ତ ପ୍ରତିବନ୍ଧକ ଏବଂ ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ଏମାନେ ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଥାନ୍ତି। ଲକ୍ଷ୍ୟରେ ନ ପହଞ୍ଚିବା ପର୍ଯ୍ୟନ୍ତ ଏମାନେ ବିଶ୍ରାମ ନିଅନ୍ତି ନାହିଁ ବା କ୍ଲାନ୍ତି ଅନୁଭବ କରି ନଥାନ୍ତି।

ଦାୟିତ୍ୱ ସମ୍ପନ୍ନ : ଏମାନେ ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତିତ୍ୱର ଅଧିକାରୀ ହୋଇଥାନ୍ତି। ଏମାନେ ନିଜ ନିଜର ଜୀବିକା ଉପାର୍ଜନର ଦାୟିତ୍ୱ ଗ୍ରହଣ କରିବା ସହିତ ଅନ୍ୟାନ୍ୟ ବ୍ୟକ୍ତି ଏବଂ କର୍ମଚାରୀମାନଙ୍କୁ ଉପାର୍ଜନ ପ୍ରଦାନ କରିବା ଏବଂ ଯୋଗାଇ ଦେବାର ଦାୟିତ୍ୱ ଗ୍ରହଣ କରିଥାନ୍ତି। ଦାୟିତ୍ୱ ସମ୍ପନ୍ନତା ଏମାନଙ୍କ ସଫଳତାର ମୁଖ୍ୟ ଚାବିକାଠି।

ଲକ୍ଷ୍ୟ ସମ୍ପନ୍ନ : ଲକ୍ଷ୍ୟହୀନ ବ୍ୟକ୍ତି ଶୀଘ୍ର ନିଜ ଉଦ୍ୟମରୁ ବିଚ୍ୟୁତ ହୋଇଥାନ୍ତି। କିନ୍ତୁ ଏହି ସଫଳ ଉଦ୍ୟୋଗୀମାନେ ଦୃଢ଼ ଲକ୍ଷ୍ୟ ସମ୍ପନ୍ନ ବ୍ୟକ୍ତିତ୍ୱର ଅଧିକାରୀ ହୋଇଥାନ୍ତି। ଯେ କୌଣସି ପ୍ରତିକୂଳ ପରିସ୍ଥିତିରେ ଲକ୍ଷ୍ୟରୁ ବିଚ୍ୟୁତ ହୁଅନ୍ତି ନାହିଁ। ନିର୍ଦ୍ଦିଷ୍ଟ ସମୟ ରୀତିରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବାପାଇଁ ଏମାନେ ଦୃଢ଼ ପରିକର ରହିଥାନ୍ତି।

ଉଦ୍ଦେଶ୍ୟମୂଳକ : ଏମାନେ ସମସ୍ତ କାର୍ଯ୍ୟକୁ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟର ଆଧାର ଉପରେ କାର୍ଯ୍ୟକାରୀ କରିଥାନ୍ତି।

ଅଧିବେଶନ-୫

ସଫଳ ଉଦ୍ୟୋଗୀର ଲକ୍ଷଣ ଓ ଗୁଣାବଳୀ

ଉଦ୍ଦେଶ୍ୟ : ଅଂଶଗ୍ରହଣକାରୀମାନଙ୍କୁ ସଫଳ ଉଦ୍ୟୋଗୀର ଲକ୍ଷଣ ଓ ଗୁଣାବଳୀ ସମ୍ପର୍କରେ ଜଣାଇବା ।

- ସଫଳ ଉଦ୍ୟୋଗୀ ହେବାପାଇଁ ଆବଶ୍ୟକୀୟ ଦିଗ ପ୍ରତି ଅଂଶଗ୍ରହଣକାରୀମାନଙ୍କୁ ସୂଚନା ପ୍ରଦାନ କରିବା, ଦିଗଗୁଡିକ ଯଥାକ୍ରମେ (ଦୂରଦୃଷ୍ଟି, ବ୍ୟବସାୟିକ ନୀତି, ମାନବ ସମ୍ବଳ, ଅର୍ଥନୈତିକ ପଦ୍ଧତି, ଯୋଗାଯୋଗ, ସୃଜନଶୀଳତା, ଗରାଖର ଯତ୍ନ ଇତ୍ୟାଦି ।
- ଜଣେ ଉଦ୍ୟୋଗୀ ସଫଳତା ହାସଲ କରିବା ପାଇଁ ଆବଶ୍ୟକୀୟ ଗୁଣାବଳୀଗୁଡ଼ିକୁ କିପରି ଅଭିପ୍ସା କରାଯାଇପାରିବ । ଏହି ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ସଚେତନ କରାଇବା
- ଅଂଶଗ୍ରହଣକାରୀମାନଙ୍କଠାରୁ ବିଭିନ୍ନ ମତାମତ ପ୍ରଦାନ କରିବାପାଇଁ ଉତ୍ସାହିତ କରାଇବା । ଯାହାଫଳରେ କି ଉଦ୍ୟୋଗୀକରଣ ପ୍ରତି ସେମାନେ ଅନୁପ୍ରାଣିତ ହୋଇପାରିବେ ।

ଆବଶ୍ୟକୀୟ ଉପକରଣ : ଚାର୍ଟ ପେପର, କଲମ, ହ୍ୱାଇଟ୍ ବୋର୍ଡ଼

ଅଧିବେଶନ ସାରଣୀ

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ସଫଳ ଉଦ୍ୟୋଗୀଙ୍କର ଜୀବନୀ ଗଳ୍ପ କହିବା	ଆଲୋଚନା	୩୦ ମିନିଟ୍
୨.	ସଫଳ ଉଦ୍ୟୋଗୀଙ୍କ ପାଇଁ ଗୁଣାବଳୀ	ଉପସ୍ଥାପନା	୩୦ ମିନିଟ୍
ମୋଟ			୬୦ ମିନିଟ୍

ସୋପାନ-୧ : ସଫଳ ଉଦ୍ୟୋଗୀଙ୍କର ଜୀବନୀ ଗଳ୍ପ କହିବା

- ତାଲିମଦାତା ଜଣେ ସଫଳ ଉଦ୍ୟୋଗୀଙ୍କର ଜୀବନୀ ଗଳ୍ପ ଅଂଶଗ୍ରହଣକାରୀମାନଙ୍କୁ କହିବେ କିମ୍ବା
- ପରବର୍ତ୍ତୀ ପର୍ଯ୍ୟାୟରେ ଅଂଶଗ୍ରହଣକାରୀମାନଙ୍କୁ ୪ଟିରୁ ୫ଟି ଦଳରେ ବିଭକ୍ତ କରିବେ ।
- ପ୍ରତ୍ୟେକ ଦଳକୁ ଜଣେ ସଫଳ ଉଦ୍ୟୋଗୀ ହେବାପାଇଁ କ'ଣ ସମସ୍ତ ଜ୍ଞାନ .... କରିବା ଆବଶ୍ୟକ, ତାଙ୍କ ପାଖରେ ଆବଶ୍ୟକୀୟ କୌଶଳ ଏବଂ କିପରି ମନୋବୃତ୍ତି ସମ୍ପନ୍ନ ବ୍ୟକ୍ତି ହେବା ଦରକାର ଏ ସମ୍ପର୍କରେ ଆଲୋଚନା କରିବା ପାଇଁ ପ୍ରତ୍ୟେକ ଦଳକୁ ୧୫/୨୦ ମିନିଟ୍ ସମୟ ପ୍ରଦାନ କରାଯିବ ।
- ପ୍ରତ୍ୟେକ ଦଳ ସେମାନଙ୍କ ମତାମତଗୁଡ଼ିକୁ ପୃଥକ୍ ଭାବେ ଉପସ୍ଥାପନ କରିବେ ।
- ଉପସ୍ଥାପନା ପରେ ତାଲିମଦାତା ପୃଥକ୍ ପୃଥକ୍ ଭାବେ ଆବଶ୍ୟକୀୟ ଜ୍ଞାନ, କୌଶଳ ବା ଦକ୍ଷତା ଏବଂ ମନୋବୃତ୍ତି ସମ୍ପର୍କରେ ଆଲୋଚନା କରିବେ ।
- ତାଲିମଦାତା ଜଣେ ସଫଳ ଉଦ୍ୟୋଗୀର କେତେକ ଆବଶ୍ୟକୀୟ ଗୁଣାବଳୀ ସମ୍ପର୍କରେ ଆଲୋଚନା କରିବେ ।

ଯେପରିକି :

- ଉଦ୍ୟମ ପ୍ରତି ଐକାନ୍ତିକ ଦୃଢ଼ ଆଗ୍ରହ ପୋଷଣ
- ନିଜର ଏବଂ ଅନ୍ୟମାନଙ୍କ ମନକୁ ପ୍ରଭାବିତ କରିବା ।
- ଆତ୍ମବିଶ୍ୱାସ, ଶୃଙ୍ଖଳିତ, କଠିନ ପରିଶ୍ରମୀ ଏବଂ ଉତ୍ସର୍ଗିକୃତ ମନୋଭାବ ।
- କୌଣସି ପରିବର୍ତ୍ତିତ ପରିସ୍ଥିତିକୁ ସହଜରେ ଗ୍ରହଣ କରିବା ।
- କର୍ମଚାରୀମାନଙ୍କୁ ପରିଚାଳନା କରିବା ।
- ବିଫଳତାକୁ ସକାରାତ୍ମକ ମନୋଭାବ ନେଇ ଗ୍ରହଣ କରିବା ।
- ଗ୍ରାହକମାନଙ୍କୁ ପ୍ରଭାବିତ କରିବା ଏବଂ ସେମାନଙ୍କୁ ପ୍ରଭାବିତ କରିବା ।
- ନୂଆ ନୂଆ ପରିବର୍ତ୍ତନକୁ ଆପଣେଇବା ଏବଂ ଏହାକୁ ପ୍ରୟୋଗ କରିବାର କ୍ଷମତା ରଖିବା ।

ସର୍ବୋପରି ଜଣେ ସଫଳ ଉଦ୍ୟୋଗୀ ଜଣେ ନେତୃତ୍ୱ ସମ୍ପନ୍ନ ବ୍ୟକ୍ତି ଅଟନ୍ତି ।

ସୋପାନ-୨ : ସଫଳ ଉଦ୍ୟୋଗୀଙ୍କ ପାଇଁ ଗୁଣାବଳୀ

ଆଲୋଚନାର ପରବର୍ତ୍ତୀ ସମୟରେ ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ୩ଟି ଦଳରେ ବିଭକ୍ତ କରିବେ । ପୃଥକ୍ ପୃଥକ୍ ଦଳ ଜଣେ ସଫଳ ଉଦ୍ୟୋଗୀ ହେବାପାଇଁ ଆବଶ୍ୟକୀୟ Knowledge (ଜ୍ଞାନ), Skill (ଦକ୍ଷତା) attitude (ମନୋଭାବ) କ୍ରମରେ ଗୋଟିଏ ଗୋଟିଏ ବିଭାଗକୁ ନେଇ ପ୍ରାୟ ୧୦ଟି ବା (ଦଳର ସଂଖ୍ୟା ଅନୁଯାୟୀ) ଲେଖାଏଁ ବିଷୟର ନାମକୁ ଏକ ଏକ ରଙ୍ଗୀନ କାର୍ଡ଼ରେ ଲେଖିବେ । ଲେଖି ସାରିବା ପରେ କାର୍ଡ଼ଗୁଡ଼ିକୁ ଜଣେ ଜଣଙ୍କର ପଛ ପଟରେ ଅଠାରେ ଲଗାଇବ । ତାଲିମଦାତା ଗୋଟିଏ ପରେ ଗୋଟିଏ ଦଳକୁ ଡାକିବେ । ଅଂଶଗ୍ରହଣକାରୀମାନେ ଅର୍ଦ୍ଧ ଗୋଲାକାରରେ ଦର୍ଶକମାନଙ୍କ ଆଡକୁ ପଛ କରି ସଜାଇ ହୋଇ ଠିଆହେବେ ।

ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କୁ ଖେଳିବାର ଅନୁଭୂତି ପ୍ରଦାନ କରିପାରିବ । ଏହା ସହିତ

- ଉତ୍ପାଦନ ଏବଂ ବଜାର ସମ୍ପର୍କରେ ଆବଶ୍ୟକୀୟ ଉପଯୁକ୍ତ ଏବଂ ସମୟ ଉପଯୋଗୀ ଜ୍ଞାନ ଆହରଣ କରିବାର ଅଭ୍ୟାସ ।
- ଆର୍ଥିକ ପରିଚାଳନା
- ଫଳପ୍ରଦ ଯୋଜନା ପ୍ରସ୍ତୁତ କରିବା
- ଆବଶ୍ୟକୀୟ ଏବଂ ଉପଯୁକ୍ତ ଲୋକ ସମ୍ପର୍କ
- କଠିନ ଏବଂ ସମସ୍ୟାମୂଳକ ପରିସ୍ଥିତିକୁ ସମ୍ମୁଖୀନ କରିବା
- ଲକ୍ଷ୍ୟ ନିଷ୍ଠ ହେବା
- ଦୀର୍ଘସ୍ଥାୟୀ ପୁଞ୍ଜି ବିନିଯୋଗ ସମ୍ପର୍କୀୟ ନିଷ୍ପତ୍ତି ଗ୍ରହଣ କରିବା ।
- ଲୋକ ସମ୍ପର୍କ ପ୍ରତିଷ୍ଠା କରିବା

- ବିକ୍ରି ସମ୍ବନ୍ଧୀୟ ଜ୍ଞାନ
- ଶିଖିବାର ମନୋବୃତ୍ତି ରଖିବା।
- ଆର୍ଥିକ ବୃଦ୍ଧି କରିବା
- ନିଜକୁ ଚାପମୁକ୍ତ ରଖିବା
- ଉତ୍ପାଦନକ୍ଷମ ମନୋବୃତ୍ତି ସୃଷ୍ଟି କରିବା
- ଉଦ୍ୟୋଗୀ ବନ୍ଧୁମାନଙ୍କ ସହିତ ସମ୍ପର୍କ ସୃଷ୍ଟି କରିବା
- ନିଜର କ୍ଷମତା ଏବଂ ଦୁର୍ବଳତା ସମ୍ପର୍କରେ ଦୃଢ଼ ଅନୁଭବ ରଖିବା
- ପ୍ରଭାବଶାଳୀ ଏବଂ ଦକ୍ଷ ଲୋକମାନଙ୍କୁ ନିଜ ସହିତ ସାମିଲ କରାଇବା।
- ନୂଆ ନୂଆ ଲୋକମାନଙ୍କୁ ନିଜ ଦଳରେ ମିଶାଇବା ଏବଂ ସେମାନଙ୍କୁ ଶିଖାଇବା।

ଅଂଶଗ୍ରହଣକାରୀ ପୃଥକ୍ ଭାବେ ଏବଂ ସ୍ପଷ୍ଟଭାବେ ଉପରୋକ୍ତ ଦିଗଗୁଡ଼ିକୁ ମନେ ରଖିବେ ଏବଂ ହୃଦୟଙ୍ଗମ କରିବେ।

ଅଧିବେଶନ-୬

ଉଦ୍ୟୋଗଭିତ୍ତିକ ବ୍ୟବସାୟିକ ଯୋଜନା ପ୍ରସ୍ତୁତି

ଉଦ୍ଦେଶ୍ୟ : ଅଂଶଗ୍ରହଣକାରୀମାନଙ୍କୁ ଉଦ୍ୟୋଗଭିତ୍ତିକ ବ୍ୟବସାୟିକ ଯୋଜନା ସମ୍ପର୍କରେ ଜଣାଇବା ।

ଅଧିବେଶନ ସାରଣୀ

ସୋପାନ	ବିଷୟ	ପ୍ରଣାଳୀ	ସମୟ
୧.	ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ୪ଟିରୁ ୫ଟି ଦଳରେ ବିଭକ୍ତ କରିବେ	ଆଲୋଚନା	୩୦ ମିନିଟ୍
୨.	ଦଳଗତ ଉପସ୍ଥାପନା	ଉପସ୍ଥାପନା	୩୦ ମିନିଟ୍
ମୋଟ			**୬୦ ମିନିଟ୍**

ସୋପାନ-୧ : ତାଲିମଦାତା ଅଂଶଗ୍ରହଣକାରୀମାନଙ୍କୁ ୪ଟିରୁ ୫ଟି ଦଳରେ ବିଭକ୍ତ କରିବେ

- ପରବର୍ତ୍ତୀ ସମୟରେ ପ୍ରତ୍ୟେକ ଦଳକୁ ୧୦ ମିନିଟ୍ ସମୟ ପ୍ରଦାନ କରିବେ । ପ୍ରତ୍ୟେକ ଦଳ ଆଲୋଚନା କରି ପ୍ରଥମେ କେଉଁ ଉଦ୍ୟୋଗ ପ୍ରତିଷ୍ଠା କରିବେ ତାହା ସ୍ଥିର କରିବେ । ଆଲୋଚନା ସମୟରେ ନିଜ ଅଞ୍ଚଳର ସାମାଜିକ, ପରିବେଶଗତ, କୃଷି ଉତ୍ପାଦନ, ନିଜ ସମାଜର ଅଧିବାସୀମାନଙ୍କୁ ଆଗ୍ରହ ଏବଂ କୌଶଳଗତ ଦକ୍ଷତାକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେବାପାଇଁ ତାଲିମଦାତା ନିର୍ଦ୍ଦେଶ ଦେବେ ।
- ନିଷ୍ପତ୍ତି ସ୍ଥିର ହୋଇସାରିବା ପରେ ଏକ ଯୋଜନା ପ୍ରସ୍ତୁତ କରିବାପାଇଁ ତାଲିମଦାତା ୨୦ ମିନିଟ୍ ସମୟ ପ୍ରଦାନ କରିବେ ।
- ଯୋଜନା ପ୍ରସ୍ତୁତି ସମୟରେ ନିମ୍ନଲିଖିତ କ୍ରମରେ ଯୋଜନା ଉପସ୍ଥାପନା କରିବା ପାଇଁ ତାଲିମଦାତା ନିର୍ଦ୍ଦେଶ ଦେବେ ।
- ଉପସ୍ଥାପନା ପାଇଁ ଅଂଶଗ୍ରହଣକାରୀମାନେ ପେପର ବୋର୍ଡ଼, ଚାର୍ଟ ପେପର ଇତ୍ୟାଦି ବ୍ୟବହାର କରିପାରିବେ ।

ବିଷୟଗୁଡ଼ିକ ନିମ୍ନକ୍ରମେ :

୧. **ଉତ୍ପାଦନ :** ଉଦ୍ୟୋଗ ସ୍ଥାପନ କ୍ରମେ ସେମାନେ କ'ଣ ଉତ୍ପାଦନ କରିବାକୁ ଚାହାଁନ୍ତି ।

୨. **ବଜାର :** ବର୍ତ୍ତମାନ ବଜାରର ପ୍ରତିଯୋଗୀ ପରିସ୍ଥିତି କିପରି । ଗ୍ରାହକମାନଙ୍କର ଚାହିଦା କ'ଣ ଅଛି । ବର୍ତ୍ତମାନ କେଉଁ ରୁଚିକୁ ପ୍ରାଧାନ୍ୟ ପ୍ରଦାନ କରାଯାଉଛି ।

୩. କେତେ ପରିମାଣ ଅର୍ଥର ବିନିଯୋଗର ଆବଶ୍ୟକ ରହିଛି । ଏହା ମଧ୍ୟରୁ କେତେ ପୁଞ୍ଜି (Capital) ଭାବେ ବିନିଯୋଗ ହେବ ଏବଂ କେତେ ପରିଚାଳନା ପାଇଁ ବିନିଯୋଗ ହେବ ।

୪. ଆନୁସଙ୍ଗିକ ଆବଶ୍ୟକତା ଯେପରିକି, ଉପଯୁକ୍ତ ଭୂମି, ପ୍ରସ୍ତୁତକାରୀ ଗୃହ ବା ବିଭାଗ, ଯନ୍ତ୍ରପାତି, ସଂରକ୍ଷଣ ଗୃହ, ଶକ୍ତି ଉତ୍ପାଦକ ଗୃହ ଇତ୍ୟାଦି ।

୫. **ଗ୍ରାହକମାନଙ୍କର ଦାବୀ :** ଗ୍ରାହକମାନଙ୍କର ଆବଶ୍ୟକତା କ'ଣ ରହିଛି । ସେମାନଙ୍କର କେଉଁ ପ୍ରକାର ଉତ୍ପାଦନରେ ରୁଚି ରହିଛି । କେତେ ପରିମାଣରେ ଉତ୍ପାଦନ ଏବଂ ଯୋଗାଣରେ ଭାରସାମ୍ୟ ରହିପାରିବ ।

୬. **ସମ୍ବଳ :** ଆର୍ଥିକ ସମ୍ବଳ, ମାନବ ସମ୍ବଳ ଏବଂ କଞ୍ଚାମାଲ କେଉଁଠାରୁ ଆସିବ । ଆର୍ଥିକ ସମ୍ବଳ ଋଣ ଆକାରରେ ହେଲେ ଏହାର ସୁଧ କିପରି ଦେବାକୁ ହେବ ।

କେଉଁ ପ୍ରକାର ମାନବ ସମ୍ବଳର ଆବଶ୍ୟତା ରହିଛି ।

କଞ୍ଚାମାଲ କେଉଁଠାରୁ ସଂଗ୍ରହ ହେବ

ଯାନ୍ତ୍ରିକ ବ୍ୟବସ୍ଥା କ'ଣ ଓ କିପରି ହେବ

କାର୍ଯ୍ୟକାରୀ ଦଳ : କାର୍ଯ୍ୟକାରୀ ଦଳ କିପରି ପ୍ରସ୍ତୁତ ହେବ । କିଏ କିଏ ସଭ୍ୟ ରହିବେ । ଦଳ କେଉଁପ୍ରକାର ହେବ ଏବଂ କେଉଁ କେଉଁ ବିଭାଗରେ ବିଭକ୍ତ ହେବ । ଯେପରିକି, ପରିଚାଳନା ବିଭାଗ, କାର୍ଯ୍ୟକାରୀ ବିଭାଗ, ବଜାର ଏବଂ ବିକ୍ରୟ ବିଭାଗ, ପ୍ରକ୍ରିୟାକରଣ ବିଭାଗ, ମାନବ ସମ୍ବଳ ପରିଚାଳନା ବିଭାଗ । ଏହି ସମସ୍ତ ବିଭାଗ ପାଇଁ କେଉଁ ପ୍ରକାର ଯୋଗ୍ୟତା ଏବଂ ଅନୁଭୂତି ସମ୍ପନ୍ନ ହେବା ଆବଶ୍ୟକ । ଏହା ସ୍ଥିର କରାଯାଇ ଏକ ନିର୍ଦ୍ଦିଷ୍ଟ ନିୟମାବଳୀ ଏବଂ ଯୋଜନା ପ୍ରସ୍ତୁତ ହେବ ।

ପରିଚାଳନା : ଏହାର ମୁଖ୍ୟ ପରିଚାଳକ କିଏ ହୋଇପାରିବ । ମୁଖ୍ୟ କାର୍ଯ୍ୟ କ'ଣ ହେବ । ଅନ୍ୟାନ୍ୟ ସହଯୋଗୀ କାର୍ଯ୍ୟକ୍ରମ କିପରି ହେବ, ସମୟସୀମା ନିର୍ଦ୍ଧାରଣ, କାର୍ଯ୍ୟଭାର କ'ଣ ରହିବ, କିଏ କ'ଣ କରିବ, ବିନିଯୋଗ ଓ ଉତ୍ପାଦନ କ'ଣ କିପରି ହେବ, ଏହାର ଏକ ବିସ୍ତୃତ ବିବରଣୀ ପ୍ରସ୍ତୁତ କରିବା ।

ଯାନ୍ତ୍ରିକ ବା ବୈଷୟିକ ଦିଗ : କ'ଣ କ'ଣ ଯାନ୍ତ୍ରିକ ଉପକରଣର ଆବଶ୍ୟକ ହେବ । ଏହା କେଉଁଠାରୁ କ୍ରୟ ହେବ । ଏହାକୁ ପରିଚାଳନା କିଏ କରିବ ଏବଂ କିପରି ହେବ, ଏହାର ରକ୍ଷଣାବେକ୍ଷଣା ଦାୟିତ୍ୱରେ କିଏ ରହିବେ ।

ପରିଚାଳନା : ମୁଖ୍ୟ ପରିଚାଳନା ଦାୟିତ୍ୱ କିଏ ଗ୍ରହଣ କରିବେ । ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ କିଏ ରହିବେ । ପରିମାଣ ଏବଂ ଗୁଣାତ୍ମକ ମାନ କିଏ ତଦାରଖ କରିବେ । ଉତ୍ପାଦନ ଏବଂ ପରିଚାଳନାକୁ କିଏ ନିୟନ୍ତ୍ରଣ ଏବଂ ତଦାରଖ କରିବେ ।

ଆଲୋଚନା ସମୟରେ ତାମିଲଦାତା ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିବେ । ପ୍ରତ୍ୟେକ ଯେପରି ଆଗ୍ରହ ସହିତ ଅଂଶଗ୍ରହଣ କରିବେ, ତାହାର ଅନୁଧ୍ୟାନ କରିବେ । ଦଳଗୁଡ଼ିକୁ ପୃଥକ ପୃଥକ ଭାବେ ପରିଦର୍ଶନ କରି ସାହାଯ୍ୟ ପ୍ରଦାନ କରିବେ ।

ସୋପାନ-୨ : ଦଳଗତ ଉପସ୍ଥାପନା

- ଦଳଗତ ଆଲୋଚନାର ପରବର୍ତ୍ତୀ ସମୟରେ ପୃଥକ ପୃଥକ ଦଳରେ ଆସି ଉପସ୍ଥାପନ କରିବେ ।
- ଉପସ୍ଥାପନ ସମୟରେ ଅନ୍ୟାନ୍ୟ ଦଳ ସେମାନଙ୍କର ମତାମତ ପ୍ରଦାନ କରିବେ ।
- ଉପସ୍ଥାପନ କରୁଥିବା ଦଳ ସେମାନଙ୍କର ଅନୁଭବ, ଅନୁଭୂତି ବାଣ୍ଟିପାରିବେ । କୌଣସି ବିଷୟରେ ସନ୍ଦେହ ଥିଲେ ଆଲୋଚନା ପାଇଁ ଉପସ୍ଥାପନ କରିପାରିବେ ।

ତାଲିମଦାତାଙ୍କ ପାଇଁ

ପ୍ରଶିକ୍ଷଣ ସମୟରେ ଅଂଶଗ୍ରହଣକାରୀମାନେ କିପରି ଆଗ୍ରହପୂର୍ଣ୍ଣ ଭାବରେ ସଙ୍କୋଚ, ପ୍ରତିବନ୍ଧକ ବ୍ୟତୀତ ଆଲୋଚନାରେ ଅଂଶଗ୍ରହଣ କରିବେ ସେଥିପ୍ରତି ତାଲିମଦାତା ଧ୍ୟାନ ଦେବେ। ପ୍ରଶିକ୍ଷଣ କକ୍ଷକୁ ଆସିବା ପୂର୍ବରୁ ତାଲିମଦାତା ନିଜକୁ ବିଭିନ୍ନ ବିଷୟରେ ପ୍ରସ୍ତୁତ କରିବା ଆବଶ୍ୟକ ଯେପରିକି ଅଂଶଗ୍ରହଣକାରୀ କେଉଁ ଅଞ୍ଚଳରୁ ଆସିଛନ୍ତି, ସେଠାର ସାମାଜିକ, ଅର୍ଥନୈତିକ ଅବସ୍ଥିତି କିପରି, କେଉଁ କେଉଁଠାରେ ସଫଳ ଉଦ୍ୟୋଗ ସବୁ ରହିଛି। କ'ଣ, କିପରି ଏବଂ ଉଦ୍ୟୋଗୀ ସମ୍ପର୍କରେ। କେଉଁ ବ୍ୟାଙ୍କରୁ କେତେ ପରିମାଣରେ ଋଣ ମିଳୁଛି। ସମସ୍ତ ଆଲୋଚନା, ଉଦାହରଣ ଏବଂ ଉପସ୍ଥାପନ ବାସ୍ତବ ଧର୍ମୀ ଏବଂ ପ୍ରୟୋଗାତ୍ମକ ହେବା ଆବଶ୍ୟକ।

ଶିକ୍ଷଣୀୟ ଫଳାଫଳ

- ପ୍ରଶିକ୍ଷଣ ଶେଷରେ ଅଂଶଗ୍ରହଣକାରୀମାନେ ଜଣେ ଜଣେ ଉଦ୍ୟୋଗୀ ହେବାପାଇଁ ମାନସିକ ପ୍ରସ୍ତୁତି କରିପାରିବେ।
- ଉଦ୍ୟୋଗଭିତ୍ତିକ ଯୋଜନା, ପ୍ରସ୍ତୁତି ଏବଂ ପ୍ରତିଷ୍ଠା ସମ୍ପର୍କୀୟ ଏକ ସ୍ପଷ୍ଟ ସୂଚନା ସଂଗ୍ରହ କରିପାରିବେ।
- ସର୍ବୋପରି ନିଜକୁ ନିଯୁକ୍ତିକ୍ଷମ ଏବଂ ଉତ୍ପାଦନକ୍ଷମ କରିବାର ପନ୍ଥା ନିର୍ଦ୍ଧାରଣ କରିବାକୁ ସକ୍ଷମ ହେବା ସହିତ ନିଜ ଅଞ୍ଚଳ ପାଇଁ ଆର୍ଥିକ ଉପାର୍ଜନର ପନ୍ଥାର ମଧ୍ୟ ପରିକଳ୍ପନା କରିବାକୁ ସକ୍ଷମ ହୋଇପାରିବେ।

ଉଦୟ
UDAY

ଉଦୟ ପରିକଳ୍ପନା 'ଗ୍ରାମୀଣ ବିଦ୍ୟୁତକରଣ ନିଗମ' (REC), 'ଜାତିସଂଘ ଜନସଂଖ୍ୟା ପାଣ୍ଠି' (UNFPA) ଏବଂ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସେସ୍ (KISS)ର ଏକ ମିଳିତ ଉଦ୍ୟମ। ଓଡିଶାର ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳରେ ଥିବା ଉପେକ୍ଷିତ ଜନଜାତି ସମୁଦାୟର ଯୁବ ମାନଙ୍କର ସମୁଦାୟକୁ ବୁଝି ଏହାର ସମାଧାନ କରିବା ଏହି ପରିକଳ୍ପନାର ଲକ୍ଷ।

ଉଦୟର ପରିସର

ସିଧା ହିତାଧିକାରୀ : କୋରାପୁଟ, ମାଲକାନଗିରି ଓ ରାୟଗଡା ଜିଲ୍ଲାରୁ ୧୦୦୦ ଯୁବ ବର୍ଗ, ଯେଉଁ ମାନଙ୍କ ବୟସ 18 ରୁ 30 ବର୍ଷ ମଧରେ ହୋଇଥିବ ଏବଂ ଏମାନଙ୍କ ମଧରୁ ଅତି କମରେ ଏକ ତୃତୀୟାଂଶ ମହିଳା ହୋଇଥିବେ।

ପରିକଳ୍ପନାର ଉଦ୍ଦେଶ୍ୟ

- କୌଶଳ ଶିକ୍ଷା ଦ୍ୱାରା ଯୁବ ମାନଙ୍କ ଦକ୍ଷତା ବୃଦ୍ଧି କରାଇବା ।
- ଏମାନଙ୍କର ନେତୃତ୍ୱରେ ବିକାଶ କରିବା ଏବଂ ଏମାନଙ୍କୁ ସଂଗଠିତ କରାଯାଇ ନିଜ ଅଞ୍ଚଳର ସାମାଜିକ ବିକାଶ କାର୍ଯ୍ୟରେ ଯୋଗଦାନ ପାଇଁ ସହାୟତା କରିବା ।
- ସରକାରୀ ପ୍ରକଳ୍ପ ଏବଂ ଉଦ୍ୟମ ଗୁଡିକରୁ ପ୍ରଦତ ସୁବିଧା ସୁଯୋଗ ଗୁଡିକ ପାଇବା ପାଇଁ ସଚେତନତା ସୃଷ୍ଟି କରିବା ତଥା ସରକାରୀ ବିଭାଗ ତଥା ଅନୁଷ୍ଠାନ ମାନଙ୍କ ସହିତ ସଂଯୁକ୍ତ କରିବା ପାଇଁ ପଥ ସୁଗମ କରିବା ।
- ସମୁଦାୟର ଅନ୍ୟ ଯୁବକ ମାନଙ୍କ ମଧରେ ପରିବର୍ତ୍ତନର ତରଙ୍ଗ ଉଦ୍ରେକ କରିବା ।

ଉଦୟ
UDAY

Mission UDAY, is aimed at building young leaders from tribal and most vulnerable regions of the state who can become change agents in their communities. The project will encompass training, capacity building and mentoring support so that Youth are able to connect their communities to various welfare programmes, take up social issues and positively influence peers. Mission UDAY aims to;

- Enable youth from the most vulnerable communities access leadership and skill training
- Engage young people in social-development processes, through mentoring support
- Facilitate access to government programmes and schemes, by creating awareness among youth, establishing linkages to government departments and institutes
- Trigger a ripple effect by enabling the champions of change connect other youth in their communities to various welfare programmes

Joint Collaboration..



କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍

କିଟ୍ କ୍ୟାମ୍ପସ୍-୧୦, ଭୁବନେଶ୍ୱର-୭୫୧୦୨୪

ଫୋନ୍ : ୦୬୭୪-୬୦୧୦୦୦୧

e-mail : info@kiss.ac.in, web : www.kiss.ac.in